୭୯ତମ ସ୍ୱାଧୀନତା ଦିବସ ଅବସରରେ 'ସକାଳ' ପରିବାର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ।

ସ୍ୱାଧୀନତା ଦିବସ ଉପଲକ୍ଷେ ୧୫ ତାରିଖ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ (ରବିବାର) ପ୍ରକାଶ ପାଇବ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

୭୯ତମ ସ୍ୱାଧୀନତା ଦିବସ

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR •VOLUME- 43 •ISSUE-52 •FRIDAY •15 AUGUST 2025 •PAGE-14 •₹ 6.00

•ବର୍ଷ-୪୩ •ସଂଖ୍ୟା-୫୨ •ଶୁକ୍ରବାର •୧୫ ଅଗଷ୍ଟ ୨୦୨୫ •ପୃଷ୍ଠା-୧୪ •ଟ.୬.୦୦

DADLS-41



## ୭୯ତମ ସ୍ୱାଧୀନତା ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା

## ବିକଶିତ ଭାରତ@୨୦୪୭ ମାର୍ଗରେ ଓଡ଼ିଶାର ସମାବେଶୀ ବିକାଶ

### ସୁରକ୍ଷିତ ହେଉଛି ଓଡ଼ିଆ ଅସ୍ମିତା, ବିକଶିତ ହେଉଛି ଐତିହ୍ୟ

ପୁରୀର ପ୍ରସିଦ୍ଧ 'ସାହିଯାତ'କୁ ମିଳିଛି **୧୭ ଲକ୍ଷ** ଟଙ୍କାର ଅନୁଦାନ

'ବରପୁତ୍ର ଐତିହ୍ୟ ଗ୍ରାମ' ଯୋଜନାର ଶୁଭାରମ୍ଭ

### ସଶକ୍ତ ମହିଳା, ବିକଶିତ ଓଡ଼ିଶା

'ସୁଭଦ୍ରା' ଯୋଜନାରେ **୧ କୋଟି** ମହିଳା ଉପକୃତ, କୋଟିଆ ପଞ୍ଚାୟତରୁ ୧୭୮୩

**୧୭ ଲକ୍ଷ** 'ଲକ୍ଷପତି ଦିଦି' ସୃଷ୍ଟି କରି ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### କୃଷି ଓ କୃଷକଙ୍କ କଲ୍ୟାଣରେ ସମର୍ପିତ ଲୋକଙ୍କ ସରକାର

ଗୋପାଳକଙ୍କୁ ପ୍ରୋତ୍ସାହିତ କରୁଛି 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'

'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ' ଯୋଜନାରେ **୧୧୭ ପ୍ରକାର** କୃଷି ଉଦ୍ୟୋଗ ପାଇଁ **୧ କୋଟି** ଟଙ୍କା ଯାଏଁ ରିହାତି

### ଲୋକଙ୍କ ସରକାରରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ

### ସୁଲଭ ଓ ସୁରକ୍ଷିତ ଯାତାୟାତ ଏବଂ ଉନ୍ନତ ପରିବହନ ଓ ପର୍ଯ୍ୟଟନ ବ୍ୟବସ୍ଥା

ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ

ସୁବର୍ଣ୍ଣପୁରରୁ-ପୁରୁଣାକଟକକୁ ରେଳ ସଂଯୋଗ

୧୦୦ ଗୋଟି ଇ-ବସ୍ ସେବାର ଶୁଭାରମ୍ଭ

### ଲୋକଙ୍କ ସରକାରରେ ସାମାଜିକ ସୁରକ୍ଷାକୁ ପ୍ରାଧାନ୍ୟ

କାର୍ଯ୍ୟରତ ପଞ୍ଚାୟତିରାଜ ପ୍ରତିନିଧିଙ୍କ ମୃତ୍ୟୁରେ **୨ ଲକ୍ଷ** ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଓ ଅକ୍ଷମତା କ୍ଷେତ୍ରରେ **୧ ଲକ୍ଷରୁ ୨ ଲକ୍ଷ** ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା

ପରିମଳ (ସ୍ୱରେଜ ଓ ସେପ୍‌ଟିକ୍ ଟାଙ୍କି ସଫେଇ) କର୍ମଚାରୀଙ୍କ ପାଇଁ **୧୦ ଲକ୍ଷ** ଟଙ୍କାର ଜୀବନ ବୀମା, କର୍ମକ୍ଷେତ୍ରରେ ଜୀବନହାନି ହେଲେ **୩୦ ଲକ୍ଷ** ଟଙ୍କାର ସହାୟତା ରାଶି

### ସବୁ ଜିଲ୍ଲାରେ ଶିଳ୍ପ, ସବୁ ଜିଲ୍ଲାରେ ଉଦ୍ୟୋଗୀ

ଘରୋଇ ପୁଞ୍ଜିନିବେଶରେ ଦେଶରେ ଓଡ଼ିଶା ୧ ନମ୍ବର ୨୦୨୫ ଏପ୍ରିଲରୁ ଜୁନ ମଧ୍ୟରେ ସାରା ଦେଶର ମୋଟ ଘରୋଇ ପୁଞ୍ଜିନିବେଶର ୪୦% ଓଡ଼ିଶାରେ

DMF ପାଣ୍ଠି ସଂଗ୍ରହରେ ମଧ୍ୟ ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### ଲୋକଙ୍କ ସରକାରରେ ସୁଶାସନ ଓ ସୁରକ୍ଷାକୁ ପ୍ରାଧାନ୍ୟ, ନ୍ୟାୟିକ ବ୍ୟବସ୍ଥା ସୁଦୃଢ଼

ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ସରକାରଙ୍କ 'ଶୂନ୍ୟ ସହନଶୀଳ' ନୀତି ଅବଲମ୍ବନ ପ୍ରଶସ୍ତ କରୁଛି ସୁଶାସନ ଓ ଗରିବ କଲ୍ୟାଣ

ଲୋକଙ୍କ ସରକାରରେ ସୁଦୃଢ଼ ହେଉଛି ସହାୟତା ବ୍ୟବସ୍ଥା, ଜରୁରୀକାଳୀନ ପ୍ରଶମନ ପାଇଁ 'ଡାଏଲ ୧୧୨ ଯୋଜନା'ର ସମ୍ପ୍ରସାରଣ

### ଯୁବ ସଶକ୍ତିକରଣ ପାଇଁ ଉତ୍ସର୍ଗୀକୃତ ଲୋକଙ୍କ ସରକାର

ସରକାରୀ ଚାକିରି ଆବେଦନ ବୟସ ସୀମା **୩୨ ରୁ ୪୨** କୁ ବୃଦ୍ଧି

ଗତ ଏକ ବର୍ଷରେ ବିଭିନ୍ନ ସରକାରୀ ପଦବୀରେ ମିଳିଛି **୨୮ହଜାର**ରୁ ଅଧିକ ନିଯୁକ୍ତି, ଚଳିତବର୍ଷ ଆଉ **୪୦ ହଜାର** ସରକାରୀ ଚାକିରୀ ଦେବାର ଲକ୍ଷ୍ୟ

### ଜନଜାତି ଉନ୍ନତିରେ ଲୋକଙ୍କ ସରକାର

'ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା'ରେ **୩ ଲକ୍ଷ** ଯୋଗ୍ୟ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମିଳୁଛି ବାର୍ଷିକ **୫ ହଜାର** ଟଙ୍କା

'ଆମେ ପଢ଼ିବା ଆମ ଭାଷାରେ' ଯୋଜନାରେ **୧୭ଟି** ଆଦିବାସୀ ଭାଷାରେ ମିଳୁଛି ମାତୃଭାଷା ଆଧାରିତ ପ୍ରାଥମିକ ଶିକ୍ଷା

### ସୁଦୃଢ଼ ହେଉଛି ଶିକ୍ଷା ବ୍ୟବସ୍ଥା ସୁନିଶ୍ଚିତ ହେଉଛି ଭବିଷ୍ୟତ

ଗୁଣାତ୍ମକ ଶିକ୍ଷାର ସୁନିଶ୍ଚିତତା ପାଇଁ ପ୍ରଥମ ପର୍ଯ୍ୟାୟରେ **୮୩୫** 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ'

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ 'ମାଗଣା ଛାତ୍ରାବାସ ସୁବିଧା'

### ବିକଶିତ ଓଡ଼ିଶା ପାଇଁ ବିକଶିତ ଗାଁ ଓ ସମୃଦ୍ଧ ସହର

'ପିଏମ୍-ଆବାସ' ଓ 'ଅନ୍ତ୍ୟୋଦୟ ଗୃହ ଯୋଜନାରେ **୨.୭୫ ଲକ୍ଷ** ଲୋକଙ୍କୁ ମିଳିଛି ପକ୍କା ଘର

ମହାନଗର ନିଗମରେ ପରିଣତ ହେବ ପୁରୀ ପୌରପାଳିକା

### ପରିବେଶ ଅନୁକୂଳ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି ଲୋକଙ୍କ ସରକାର

ଅକ୍ଷୟ ଶକ୍ତି ବ୍ୟବହାରରେ ଅଗ୍ରଣୀ ଓଡ଼ିଶା

ସୌରଶକ୍ତିସମ୍ପନ୍ନ ହୋଇଛି **୭୦୩ଟି** ସରକାରୀ କୋଠା

### ଲୋକଙ୍କ ସରକାରରେ ସୁନିଶ୍ଚିତ ହେଉଛି ଛାତ୍ରୀଙ୍କ ସୁରକ୍ଷା

ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା, ଆତ୍ମରକ୍ଷା ଓ ସଶକ୍ତିକରଣ ସୁନିଶ୍ଚିତତା ପାଇଁ ଐତିହାସିକ ପଦକ୍ଷେପ 'ଶକ୍ତିଶ୍ରୀ'

ଛାତ୍ରୀଙ୍କ ସାଥି 'ଶକ୍ତିଶ୍ରୀ ମୋବାଇଲ ଆପ୍'

### ଓଡ଼ିଆ ଅସ୍ମିତାର ପରିଚୟ ବୁଣାକାରଙ୍କୁ ମିଳୁଛି ସମ୍ମାନ

ଓଡ଼ିଶାରେ ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ 'ଓଡ଼ିଶା ଟେକ୍ସ-୨୦୨୫'ରେ **୧୭୦**ରୁ ଅଧିକ ଉଦ୍ୟୋଗପତିଙ୍କ ସହିତ **୩୩ ଏମଓୟୁ** ସ୍ୱାକ୍ଷରିତ, **୮ ହଜାର କୋଟି** ପୁଞ୍ଜି ନିବେଶ ପ୍ରସ୍ତାବ ପ୍ରାପ୍ତ-**୫୩,୩୦୦** ନିଯୁକ୍ତି ସୁଯୋଗ ସୃଷ୍ଟି

### ଲୋକଙ୍କ ସରକାରରେ ତ୍ୱରାନ୍ୱିତ ହେଉଛି ସାମଗ୍ରିକ ବିକାଶଧାରା

ଦୁର୍ଗମ ତଥା ପଛୁଆ ଅଞ୍ଚଳର ଉତ୍ପାଦକୁ ରାଜ୍ୟ ଓ ଜାତୀୟସ୍ତରରେ ପ୍ରୋତ୍ସାହିତ କରିବ 'ଆକାଂକ୍ଷା ହାଟ'

'ଡିଜିଟାଲ ଇ-ମାର୍କେଟ ପ୍ଲେସ'ରେ ଉପଲବ୍ଧ ହେବ ଆକାଂକ୍ଷୀ ଜିଲ୍ଲାର ଉତ୍ପାଦ

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/0954/2526

# ଭିସୁଟ୍‌ରେ 'ଇଭଲ୍‌ଭ ଡିଜାଇନ୍ ୨.୦'




ସମ୍ବଲପୁର,୧୪।୮ (ସମିସ) : ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍), ବୁର୍ଲା ସହଯୋଗରେ ଦୁଇ ଦିନିଆ ଡିଜାଇନ୍ କର୍ମଶାଳା ଇଭଲ୍‌ଭ ଡିଜାଇନ୍ ୨.୦ ଆୟୋଜିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଭିସୁଟ୍ କୁଳପତି ପ୍ରଫେସର ଡ. ଦୀପକ କୁମାର ସାହୁ ମୁଖ୍ୟ ଅତିଥି ଏବଂ କୁଳସଚିବ ପ୍ରଦୀପ ଡାଙ୍ଗ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସ୍ୱପ୍ନଦତ୍ତ ମହାନ୍ତି; ଆଇଆଇଏ ଓଡ଼ିଶା ଚାପ୍ଟରର ଭାଇସ୍-ଚେୟାରପର୍ସନ ମୌସୁମୀ ନନ୍ଦ; ଆଇଆଇଏ ସମ୍ବଲପୁର ସବ-ସେଣ୍ଟରର ଚେୟାରପର୍ସନ ଗିରିଧର ଅଗ୍ରୱାଲ; ଆଇଆଇଏ ସମ୍ବଲପୁର ସବ-ସେଣ୍ଟରର ଭାଇସ୍-ଚେୟାରପର୍ସନ ନବୀନ ପନସାରୀ ଏବଂ ଭିସୁଟ୍ ସ୍ଥାପତ୍ୟ ବିଭାଗ ମୁଖ୍ୟ ଡଃ ଭାରତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ଆଇଟି ରାଉରକେଲା, ପିଲୁ ମୋଡି କଲେଜ ଅଫ୍ ଆର୍କିଟେକ୍‌ଚର, କିଟ୍ ସ୍କୁଲ ଅଫ୍ ଆର୍କିଟେକ୍‌ଚର, ବିଶ୍ୱବିଦ୍ୟାଳୟ, ଓୟୁଟିଆର୍ ଏବଂ ଭିସୁଟ୍ ନିଜସ୍ୱ ଆର୍କିଟେକ୍‌ଚର ବିଭାଗ ସମେତ ରାଜ୍ୟର ପ୍ରମୁଖ ସ୍ଥାପତ୍ୟ ପ୍ରତିଷ୍ଠାନଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

**ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ଡ୍ରେସକୋଡ୍ ଜାରିକଲା ଭିସୁଟ୍**

# ଡ୍ରେସକୋଡ୍ ଶୃଙ୍ଖଳାର ଆଧାର: କୁଳପତି

ସମ୍ବଲପୁର, ୧୪।୮ (ସମିସ)

ବୈଷୟିକ ଅନୁଷ୍ଠାନ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ୨୦୨୫-୨୬ ଶିକ୍ଷାବର୍ଷରୁ ଯୁଜି ଛାତ୍ରଛାତ୍ରୀଙ୍କ ପାଇଁ ଡ୍ରେସକୋର୍ଡ ଜାରି କରିଛି। ଅଗଷ୍ଟ ଶେଷସୁଦ୍ଧା ଏହାର ଅନୁପାଳନ ପାଇଁ ଛାତ୍ରଛାତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଭିସୁଟ୍ କୁଳସଚିବ ଜାରି କରିଥିବା ନୋଟିସରେ ଉଲ୍ଲେଖ କରାଯାଇଛି ଯେ, ସମସ୍ତ ପ୍ରଥମ ବର୍ଷ ଛାତ୍ରଛାତ୍ରୀ (ପିଜି ଓ ପିଏଚ୍‌ଡି ବ୍ୟତୀତ)ଙ୍କ ସକାଶେ ବିଶ୍ୱବିଦ୍ୟାଳୟର ୟୁନିଫର୍ମ ଡ୍ରେସ୍‌କୋର୍ଡ ଜାରି କରାଯାଇଛି। ବାଳକମାନଙ୍କ ପାଇଁ ଏହା 'ଫର୍ମାଲ ପ୍ୟାଣ୍ଟ ଓ ସାର୍ଟ' ହୋଇଥିବାବେଳେ ଝିଅମାନଙ୍କ ପାଇଁ 'ଫର୍ମାଲ ପ୍ୟାଣ୍ଟ ଓ ସାର୍ଟ' କିମ୍ବା 'ୱେଷ୍ଟକୋଟ୍ ସହିତ ସଲୱାର-କମିଜ' ପିନ୍ଧି ପାରିବେ। ସୁରକ୍ଷା କାରଣରୁ ଓଢ଼ଣୀ ବା ଦୁପଟ୍ଟାକୁ ଅନୁମତି ଦିଆଯାଇନାହିଁ। ପ୍ୟାଣ୍ଟ ଓ ୱେଷ୍ଟକୋଟ୍‌ର ସମାନ କପଡ଼ା ରହିଛି। ପ୍ୟାଣ୍ଟ, ସାଲୱାର ଓ ୱେଷ୍ଟକୋଟ୍‌ର ରଙ୍ଗ ନେଭି ବ୍ଲ୍ୟୁ ଏବଂ ସାର୍ଟର ରଙ୍ଗ ସ୍କାଏ ବ୍ଲ୍ୟୁ ରହିବ। ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ କହିଛନ୍ତି, ଡ୍ରେସକୋଡ୍ ହେଉଛି ଶୃଙ୍ଖଳାର ଆଧାର। ଏହାହେଲେ ସମସ୍ତେ ଯାଉସ୍ୟାଉ ପୋଷାକ ନପିନ୍ଧି ଫର୍ମାଲ ପୋଷାକ ପିନ୍ଧିବେ। ଏହାଦ୍ୱାରା ଧନୀ ଗରିବର ତାରତମ୍ୟ ରହିବ ନାହିଁ। ବାହାରିଆ ପିଲା ଆସିଲେ ସେମାନେ ଜଣାପଡ଼ିବେ।

କ୍ୟାମ୍ପସ୍ ଇଣ୍ଟର୍‌ଭିଉ ପାଇଁ ଆସୁଥିବା ନିଯୁକ୍ତିଦାତା ଓ ଅନ୍ୟମାନେ ମଧ୍ୟ ପ୍ରଭାବିତ ହେବେ। ଆମ ଅନୁଷ୍ଠାନର ପିଲା ବାହାରକୁ ଯାଉଛନ୍ତି, ସେତେବେଳେ ଜଣାପଡ଼ିବ ଏବଂ ଆବଶ୍ୟକସ୍ଥଳେ କର୍ତ୍ତୃପକ୍ଷଙ୍କୁ ସାଧାରଣ ଲୋକେ ସୂଚନା ଦେଇପାରିବେ। ପିଲାଙ୍କ ସୁରକ୍ଷା ଓ ନିରାପତ୍ତା ଦୃଷ୍ଟିରୁ ଡ୍ରେସକୋଡ୍ ଆବଶ୍ୟକ। ଏହା ଏକ ସକାରାତ୍ମକ ପଦକ୍ଷେପ। ସମ୍ପ୍ରତି ଯୁଜି ପ୍ରଥମ ବର୍ଷ ପ୍ରାୟ ୧୩୦୦ ଛାତ୍ରଛାତ୍ରୀ ଆଡମିଶନ ନେଉଥିବାବେଳେ ଚାରିବର୍ଷ ପରେ ସମଗ୍ର ବିଶ୍ୱବିଦ୍ୟାଳୟ ଗୋଟିଏ ଡ୍ରେସ କୋଡ୍‌ରେ ଉଦ୍‌ଭାସିତ ହେବ ବୋଲି ସେ କହିଛନ୍ତି। କୁଳସଚିବ ପ୍ରଦୀପ ଡାଙ୍ଗ କହିଛନ୍ତି, ଡ୍ରେସ କୋଡ୍ କପଡ଼ାର ନମୁନା ନୋଟିସ ବୋର୍ଡରେ ଡିସ୍‌ପ୍ଲେ କରାଯାଇଛି। ଏହା ପାଖାପାଖି ମ୍ୟାଚ୍ କରିବା କଥା। ଛାତ୍ରଛାତ୍ରୀମାନେ ଯେକୌଣସି ଦୋକାନରୁ ଆଣିପାରିବେ, ମାସ ଶେଷସୁଦ୍ଧା ତାହାକୁ ଲାଗୁ କରିବାପାଇଁ ନୋଟିସ ଜାରି କରିଛୁ।

## ବିଶ୍ୱସାହିତ୍ୟ ସହ ତୁଳନୀୟ 'ଗଙ୍ଗାଧର ସାହିତ୍ୟ'



ସମ୍ବଲପୁର, ୧୪।୮ (ସମିସ) : ସରକାରୀ ମହିଳା ମହାବିଦ୍ୟାଳୟର ସାହିତ୍ୟ ସଂସଦ ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟିକ ଡ. ଗୌରୀଦାସ ପଧାନ ଯୋଗ ଦେଇଥିଲେ। ଅଧ୍ୟକ୍ଷା ପ୍ରଫେସର ମେହେର ସ୍ୱାଗତ ସମ୍ଭାଷଣ ପ୍ରଦାନ ପୂର୍ବକ ଗଙ୍ଗାଧର ମେହେରଙ୍କ ଜୀବନର କିୟଦଂଶ ଉପରେ ଆଲୋକପାତକରି କବି ବିଷାଦବୋଧ ମଧ୍ୟରେ ବି କବିତ୍ୱ ଜାଗରଣ କରିବାରେ ସମର୍ଥ ହେଉଥିଲେ ବୋଲି କହିବାସହ କବିଙ୍କ ବ୍ୟକ୍ତିତ୍ୱର ଏହି ବିରଳ ବିରୋଧାଭାସକୁ ସେ ଉଜାଗର କରିଥିଲେ। ମୁଖ୍ୟବକ୍ତା ଡ. ପଧାନ ଗଙ୍ଗାଧର କାବ୍ୟର ବୈଶିଷ୍ଟ୍ୟ ଆକଳନ ପୂର୍ବକ କହିଥିଲେ ଯେ ମହାଥା ବିନୋବା ଭାବେ ଗଙ୍ଗାଧର ସାହିତ୍ୟ ଶ୍ରବଣକରି ଏହା ଯେକୌଣସି ବିଶ୍ୱସାହିତ୍ୟ ସହିତ ତୁଳନୀୟ ବୋଲି କହିଥିଲେ। ଏଣୁ ଆଜିର ଛାତ୍ରୀଛାତ୍ରମାନେ ଏହାର ମର୍ମ ବୁଝିପାରିଲେ ଆଗାମୀ ସମାଜ ପାଇଁ ଯୋଗ୍ୟ ହୋଇପାରିବେ। କାର୍ଯ୍ୟକ୍ରମକୁ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ପରିଚାଳନା କରିଥିବାବେଳେ ସାହିତ୍ୟ ସଂସଦର ଉପସଭାପତି ଅଧ୍ୟାପକ ଅଖିଳ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀମାନେ ଗଙ୍ଗାଧର ସଙ୍ଗୀତ ଗାନ କରିଥିଲେ। ସାହିତ୍ୟ ସଂସଦର ଅନ୍ୟତମ ସଭ୍ୟ ପ୍ରଫେସର ରମେଶ ଚନ୍ଦ୍ର ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ଝାଡ଼େଶ୍ୱରୀ କଲେଜ ଛାତ୍ରଛାତ୍ରୀଙ୍କ ସ୍ମାରକପତ୍ର



ସମ୍ବଲପୁର, ୧୪।୮ (ସମିସ) : ରାଜ୍ୟରେ ବଢ଼ୁଥିବା ମହିଳା ବିରୋଧୀ ହିଂସା ବିରୋଧରେ ତଥା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥା ବିରୋଧରେ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଉଥିବା ପରିପ୍ରେକ୍ଷୀରେ ଆଜି ଧମାସ୍ଥିତ ମା' ଝାଡ଼େଶ୍ୱରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ ସହ ଧମା ଥାନା ଇନଚାର୍ଜ ସୁଦର୍ଶନ ପଣ୍ଡାଙ୍କ ଜରିଆରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଛାତ୍ର ବିଜେଡି ସମ୍ବଲପୁର ଜୋନ ଉପସଭାପତି ଦେବଜ୍ୟୋତି ପଟ୍ଟନାୟକ, ଛାତ୍ର ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଚୁମନ ପ୍ରଧାନ, ଯୁବ ବିଜେଡି ଉପସଭାପତି ସୁମିତ ପଟେଲ, ଯୁବ ବିଜେଡି ସମ୍ପାଦକ ସୁରଜ ଅଗ୍ରୱାଲ, ସମ୍ପାଦକ ଦେବାଶିଷ ସାହୁ, ଚିତ୍ତରଞ୍ଜନ ବାଗ, ସ୍ୱରାଜ ମିଶ୍ର, ଆର୍ଯ୍ୟନ ବହିଦାର, ଅସିତ ସାହୁ, ନିପନ ମିଶ୍ର, ତନ୍ମୟ ନାୟକ, ଲକ୍ଷ୍ମୀପ୍ରିୟା ସାହୁ, ଆଲୋକ ପଟେଲ, ତରଣୀ ଭୋଇ, ଓମ୍ ବରର୍ଡ଼ି, ଶିବପ୍ରସାଦ ମେହେର, ଜ୍ୟୋତିର୍ମୟୀ ବାଗ, ଇନ୍ଦ୍ରାଣୀ ଭୋଏ, ନମିତା ମେହେର, ଜିତୁ ଦଣ୍ଡସେନା, ରୋହିତ ପୋଢ଼, ଆଶିଷ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର; ୫୦ ୟୁନିଟ୍ ସଂଗ୍ରହ



ସମ୍ବଲପୁର, ୧୪।୮ (ସମିସ) : ବଡ଼ବଜାର ପଠାନପଡା ସ୍ଥିତ ମସଜିଦ ନିକଟରେ ହଜରତ ସୟଦ ମେହେବୁବ ଅଲ୍ଲୀ ଶାହ ବାବାଙ୍କ ୫୦ତମ ଉର୍ସ ଅବସରରେ ଏକ ରକ୍ତଦାନ ଶିବିର ପଠାନପଡା ଉର୍ସ କମିଟି ପକ୍ଷରୁ ଆୟୋଜିତ ହୋଇଯାଇଛି।

କ୍ଷେତରାଜପୁର ଭାରପ୍ରାପ୍ତ ଥାନାଧିକାରୀ ଅନିଲ ପ୍ରଧାନ, ଚିକିତ୍ସକ ଡା. ଏଲ୍.କେ ରତ, ସାହିତ୍ୟିକ ଡ. ଶ୍ୟାମସୁନ୍ଦର ଧର, ଚିକିତ୍ସକ ଡା. ଆର୍‌ସି ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସମସ୍ତ ରକ୍ତଦାତା ମାନଙ୍କୁ ଉର୍ସ କମିଟି ପକ୍ଷରୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ବଡ଼ବଜାର ପଠାନପଡା ହଜରତ ସୟଦ ମେହେବୁବ ଅଲ୍ଲୀ ଶାହ ବାବା ଉର୍ସ କମିଟି ପକ୍ଷରୁ ପ୍ରଥମକରି ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିବାବେଳେ ସୋସିଆଲ ଷ୍ଟାର କ୍ଲବ ସଦସ୍ୟମାନେ ସହଯୋଗ କରିଥିଲା।

ଡା. କଳ୍ପେଶ କକ୍କଡ଼ ଓ ଟେକନିସିଆନ ମାନେ ଶିବିର ପରିଚାଳନା କରିଥିଲେ। ଉର୍ସ କମିଟିର ଇନାୟତୁଲ୍ଲା ଖାନ, ଏମ୍‌ଡି ରହିମ ଖାନ, ଏମ୍‌ଡି ଅଲିମ, ମୁନ୍ନା, ଏମ୍‌ଡି ପରଭେଜ ଖାନ, ସମିର ଖାନ, ଅମିନ ଖାନ, ମୋବିନ ଖାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୋସିଆଲ ଷ୍ଟାର କ୍ଲବର ଏମ୍‌ଡି ମକବୁଲ, ମାନସ ରଞ୍ଜନ ପାଢ଼ୀ, ଏମ୍‌ଡି ମୁକ୍ତାର ପ୍ରମୁଖ ସହଯୋଗ କରିଥିଲେ।

## ଏସ୍‌ଏମ୍‌ସି ଅଗୋଚରରେ ଡ୍ରେସ୍ କିଣା ଅଭିଯୋଗ

ସମ୍ବଲପୁର,୧୪।୮ (ସମିସ): ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ ଡ୍ରେସ୍ କିଣା ଯାଇଥିବା ପ୍ରକ୍ରିୟାରେ ସ୍କୁଲ ପରିଚାଳନାକୁ ସୂଚନା ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଆଜି ରେଙ୍ଗାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଚାଳନା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାସ୍ତରୀୟ କମିଟି(ଡିଏଲସି)ର କାମକୁ ନିନ୍ଦା କରାଯାଇଛି। ଏ ନେଇ ଡିଏଲସି ଅଧ୍ୟକ୍ଷ ତଥା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ରେଙ୍ଗାଲି ବ୍ଲକ ଶିକ୍ଷାଅଧିକାରୀଙ୍କ ଜରିଆରେ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁସାରେ, ସମସ୍ତ ଡ୍ରେସ କିଣା ପ୍ରକ୍ରିୟା ଡିଏଲସି ସମ୍ବଲପୁର ଦ୍ୱାର କରାଯାଇଛି, ହେଲେ ଏସ୍‌ଏମସିକୁ ଏ ନେଇ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ଏବେ ସ୍କୁଲରେ ଡ୍ରେସ ଦେଇ ଏହାକୁ ବଣ୍ଟନ କରିବାକୁ ରେଙ୍ଗାଲି ବ୍ଲକ ଶିକ୍ଷା କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିଛି। ଏଥି ପାଇଁ ସ୍କୁଲ ପରିଚାଳନାର କ୍ଷମତା ଓ ମାନସମ୍ମାନ କ୍ଷୁର୍ଣ୍ଣ ହୋଇଥିବା ଅଭିଯୋଗ ହୋଇଛି।

## ବେପରୁଆ ଗାଡ଼ି ଚାଳକଙ୍କ କଟିବ ଫାଇନ

**୪ଟି ସ୍ଥାନରେ କାର୍ଯ୍ୟକ୍ଷମ ହେଲା ଟ୍ରାଫିକ୍ ସିଗନାଲ୍**

ସମ୍ବଲପୁର,୧୪।୮ (ସମିସ): ବେପାରୁଆ ଗାଡ଼ି ଚାଳକଙ୍କ କଟିବ ଫାଇନ। ଟ୍ରାଫିକ କର୍ମଚାରୀ ନଥିଲେ ନିୟମ ଉଲଂଘନକାରୀ ହେବେ ସାବାଡ଼। ପ୍ରାରମ୍ଭିକ ପର୍ଯ୍ୟାୟରେ ୩ଟି ସ୍ଥାନରେ ଆଜିଠୁ କାର୍ଯ୍ୟକ୍ଷମ ହୋଇଛି ଟ୍ରାଫିକ୍ ସିଗନାଲ୍ ଲାଇଟ୍। ଲକ୍ଷ୍ମୀଟକିଜ, ମୁଦିପଡ଼ା, ରେମେଡ଼ ଏବଂ ଜିଲ୍ଲା ସ୍କୁଲ ଛକରେ ପ୍ରାଥମିକ ପର୍ଯ୍ୟାୟରେ ଏହା ଲାଗୁ ହୋଇଛି। ପର୍ଯ୍ୟାୟକ୍ରମେ ଜେଲଛକ୍, ଧନୁପାଲି ଛକ, ଚର୍ଚ୍ଚଛକରେ କାର୍ଯ୍ୟକାରୀ ହେବ। ଏହାସହ ସିସିଟିଭି କ୍ୟାମେରା ନଜରରେ ରହିବ। ବିନା ହେଲମେଟରେ ବାଇକ୍ ଚଳାଇବା, ଗୋଟିଏ ଗାଡ଼ିରେ ଦୁଇରୁ ଅଧିକ ବସିବା ଏବଂ ଭୁଲ ରାସ୍ତାରେ ଆସୁଥିବା ଚାଳକଙ୍କର ଏଥର ଚାଲାଣ କଟିବ। ସହରରେ ଦୁର୍ଘଟଣାକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ବୋଲି ଟ୍ରାଫିକ୍ ଡିଏସ୍‌ପି କହିଛନ୍ତି।

## ନାବାଳିକାଙ୍କୁ ଅସଦାଚରଣ କରି ଯୁବକ ଗିରଫ

ସମ୍ବଲପୁର,୧୪।୮ (ସମିସ): ନାବାଳିକାକୁ ଅସଦାଚରଣ ଅଭିଯୋଗରେ ଜଣେ ଯୁବକକୁ ବାନ୍ଧିଛି ଧନୁପାଲି ପୁଲିସ। ସେ ହେଲେ ଭତ୍ରା ଅଞ୍ଚଳର ଅନୀଲ ବେହେରା(୨୪)। ଅନୀଲ ନାବାଳିକାଙ୍କ ଅସଦାଚରଣ କରିଥିବା ଗତକାଲି ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କଫ୍‌ସିରପ ଜବତ, ଦୁଇ ଗିରଫ

ସମ୍ବଲପୁର,୧୪।୮ (ସମିସ): ଟାଉନଥାନା ପୁଲିସ ଚଢ଼ଉ କରି ସାହୁ କଲୋନୀ ସ୍ଥିତ ଶୌଚାଳୟରୁ ବିପୁଳମାତ୍ରାରେ କଫସିରପ ଓ ଅନ୍ୟାନ ନିଶା ସାମଗ୍ରୀ ଜବତ କରିଛି। ଏଥିରେ ଅଇଁଠାପାଲି ଥାନା କରମଟୋଲିର ଅଭିମନ୍ୟୁ ସାହୁ(୨୪) ଓ ଭାନର ଖଡ଼ିଆ(୩୨)କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨୭୦ ବୋତଲ କଫସିରପ, ୯ଟି ପାଉଚ ମଦ ସହ ଅନ୍ୟାନ ସାମଗ୍ରୀ ଜବତ କରିଛି।

## ହୀରାକୁଦ ଜଳସ୍ତର ୬୧୩.୫୪ ଫୁଟ୍

ସମ୍ବଲପୁର, ୧୪।୮ (ସମିସ): ଗୁରୁବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୫୪ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩୯,୭୯୧ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚେନାଲ ଦେଇ ୩୫,୨୧୪ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୩୬୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୭.୫୪ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୬.୪୧ ମିମି ବର୍ଷା ହୋଇନଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୪.୨୫ ଫୁଟ୍ ରହିଥିଲା।

## ୧୬ରେ ନୂଆଁଖାଇ ଲଗ୍ନ ନିର୍ଦ୍ଧାରଣ

ସମ୍ବଲପୁର, ୧୪।୮ (ସମିସ) : ଆସନ୍ତା ୧୬ ତାରିଖ ଦିନ ସମ୍ବଲପୁରଠାରେ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ଓ ବ୍ରହ୍ମପଣ୍ଡିତ ମହାସଭା ପକ୍ଷରୁ ଆସନ୍ତା ନୂଆଁଖାଇ ସକାଶେ ଲଗ୍ନ ନିର୍ଦ୍ଧାରଣ କରାଯିବ। ମା' ସମଲେଶ୍ୱରୀଙ୍କ ରାଶି, ନକ୍ଷତ୍ର ଅନୁଯାୟୀ ପଣ୍ଡିତ ମହାସଭାର ପଣ୍ଡିତମାନେ ବସି ଲଗ୍ନ ନିର୍ଣ୍ଣୟ କରିଥାନ୍ତି। ଏହି ଅନୁଯାୟୀ ସମ୍ବଲପୁର ଜିଲ୍ଲା ସମେତ ବିଭିନ୍ନ ଅଞ୍ଚଳରେ ନବାନ୍ନ ଭକ୍ଷଣ କରାଯାଇଥାଏ।

ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ସଭାପତି ସରୋଜ ଦଳପତ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ପରମ୍ପରା ଅନୁଯାୟୀ ଜନ୍ମାଷ୍ଟମୀ ପରଦିନ ଅର୍ଥାତ୍ ନନ୍ଦୋତ୍ସବ ଦିନ ଶ୍ରୀ ଶ୍ରୀ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ, ଝାଡୁଆପଡ଼ା, ସମ୍ବଲପୁର ତରଫରୁ ଆସନ୍ତା ୧୬ ଅଗଷ୍ଟ ଶନିବାର ଅପରାହ୍ନ ସାଢ଼େ ୪ଟା ସମୟରେ ନୂଆଁଖାଇ ଲଗ୍ନ ନିର୍ଦ୍ଧାରଣ ହେବ। ଲଗ୍ନ ନିର୍ଦ୍ଧାରଣ ପରେ ପଣ୍ଡିତ ଓ ଟ୍ରଷ୍ଟ ସଦସ୍ୟମାନେ ମା' ସମଲେଶ୍ୱରୀଙ୍କ ମନ୍ଦିର ଯାଇ ଲଗ୍ନ ପତ୍ର ମା'ଙ୍କଠାରେ ଅର୍ପଣ କରିବେ।

## ଚୋରି ଗାଡ଼ି ଜବତ, ୨ ଗିରଫ



ସମ୍ବଲପୁର,୧୪।୮ (ସମିସ): ହୀରାକୁଦ ପୁଲିସ ଚୋରି ଗାଡ଼ି ଜବତ କରିବା ସହ ଦୁଇ ଅଭିଯୁକ୍ତକୁ ଗିରଫ କରିଛି। ସେମାନେ ହେଲେ ବରେଇପାଲି ଥାନା ଦୁଆନପାଲିର ଜିତେନ ଜମିଦାର(୧୯) ଓ ହୀରାକୁଦ ଥାନା ଟାଙ୍କିପଡ଼ାର ମହେଶ ସିଂ ଓରଫ ମହେଶ୍ୱର(୧୩)। ହୀରାକୁଦର ରବୀନ୍ଦ୍ର କୁମାର ରାଣାଙ୍କ ପିକଅପ୍ ଗତ ୧୨ ତାରିଖ ବିଳମ୍ବିତ ରାତିରେ ଘର ସମ୍ମୁଖରୁ ଚୋରି ହୋଇଥିଲା। ହୀରାକୁଦ ପୁଲିସରେ ଅଭିଯୋଗ ପରେ ତଦନ୍ତ କରି ୩୬ ଘଣ୍ଟାରେ ଗାଡ଼ିକୁ ଉଦ୍ଧାର କରିଥିଲା। ଏହା ସହ ବ୍ୟବହୃତ ବାଇକ୍‌କୁ ମଧ୍ୟ ଜବତ କରିଛି। ଅଭିଯୁକ୍ତ ମହେଶ୍ୱର ନାମରେ ପୂର୍ବରୁ ହୀରାକୁଦ ଥାନାରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଦ୍ୱୟକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ସୁନା ଅଳଙ୍କାର ଚୋରି ଅଭିଯୋଗରେ ଜଣେ ଗିରଫ

ସମ୍ବଲପୁର,୧୪।୮ (ସମିସ): ସୁନା ଅଳଙ୍କାର ଚୋରି ଅଭିଯୋଗରେ ଜଣକୁ ଗିରଫ କରିଛି ବୁର୍ଲା ପୁଲିସ। ସେ ହେଉଛି ବୁର୍ଲା ଥାନା ତେଲଗୁପଡ଼ାର ମହେଶ କୁମାର ସାହୁ ଓରଫ ଲକି(୨୩)। ଘରୁ ବିଳମ୍ବିତ ରାତିରେ ଦୁଇଥର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଛି। ସେମାନଙ୍କ ନିକଟରୁ ଚୋରି ହୋଇଥିବା ଅଳଙ୍କାର ଉଦ୍ଧାର କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।







## ନେଟ୍‌ୱାର୍କ ପାଇଁ ଜାତୀୟ ରାଜପଥ ଅବରୋଧ

**● ମୋବାଇଲ ଭାଙ୍ଗି ଅଭିନବ ପ୍ରତିବାଦ**

ରେଢ଼ାଖୋଲ,୧୪।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଅଧୀନ ନାକଟିଦେଉଳ ବ୍ଲକ୍ ଅଧୀନ ଘୋଷରାମାଳ ପଞ୍ଚାୟତବାସୀ ମୋବାଇଲ ସେବା ପାଇଁ ଗୁରୁବାର ରେଢ଼ାଖୋଲ ସହରର ସ୍ଥାନୀୟ କଲେଜ ଛକ ନିକଟରେ ୫୫ ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଘୋଷରାମାଳ ପଞ୍ଚାୟତ ଏବଂ ପଞ୍ଚାୟତର ପ୍ରାୟ ୨୦ ଟି ଗାଁର ଗ୍ରାମବାସୀ ମୋବାଇଲ ସେବାରୁ ବଞ୍ଚିତ ରହିଛନ୍ତି। ପଞ୍ଚାୟତର ଲାଣ୍ଡିମାଳ ଗାଁରେ ଏକ ବିଏସ୍‌ଏନ୍‌ଏଲ୍ ଟାୱାର ରହିଛି। କିନ୍ତୁ ଟାୱାର ଟି କାର୍ଯ୍ୟକ୍ଷମ ହେଉ ନ ଥିବାରୁ ବିଭାଗୀୟ ଅଧିକାରୀ ତଥା ପ୍ରଶାସନ ଅଧିକାରୀ ମାନଙ୍କୁ ବାରମ୍ବାର ଲିଖିତ ଅଭିଯୋଗ ଜଣାଇବା ସତ୍ତ୍ୱେ ଗ୍ରାମବାସୀଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁ ନ ଥିଲେ। ତେଣୁ ବାଧ୍ୟ ହୋଇ ଶତାଧିକ ସଂଖ୍ୟାରେ ପଞ୍ଚାୟତବାସୀ ଆଜି ରେଢ଼ାଖୋଲ ଆସି ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣାସ୍ଥଳକୁ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହାନ୍ତ, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଏସଡିପିଓ ପ୍ରଶାନ୍ତ କୁମାର ମେହେର, ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହାସହ ବିଏସ୍‌ଏନ୍‌ଏଲ୍ ଅଧିକାରୀ ଓ ଅନ୍ୟ ପ୍ରଶାସନ ଅଧିକାରୀମାନେ ଗ୍ରାମବାସୀ ମାନଙ୍କ ସହିତ ମୋବାଇଲ ସେବା ଯୋଗାଇ ଦେବାକୁ ଘୋଷରାମାଳ ପଞ୍ଚାୟତକୁ ଯିବା ସହିତ ମୋବାଇଲ ସେବା ଦେବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।





# ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ: ୨ ଗିରଫ

ଜୟପୁର,୧୪।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁର ମହିଳାଥାନା ପୁଲିସ ପକ୍ଷରୁ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଦୁଷ୍କର୍ମ ଅଭିଯୋଗରେ ଦୁଇଟି ପୃଥକ ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲଣ କରାଯାଇଛି। ଦୁଇ ଅଭିଯୁକ୍ତ ହେଲେ ବୋରିଗୁମ୍ମା ଥାନା ଜୟନ୍ତୀଗିରି ଗ୍ରାମର କାର୍ତ୍ତିକ ପରଜା (୧୮) ଏବଂ ଜୟପୁର ସଦରଥାନା ବୈରାଗୀମଠ ଗ୍ରାମର ଉଦ୍ଧବ ଖିଲ। ମହିଳା ଥାନା ପୁଲିସ ସୂଚନା ଅନୁଯାୟୀ ପ୍ରଥମ ଘଟଣାରେ ଅଭିଯୁକ୍ତ କାର୍ତ୍ତିକ ସ୍ଥାନୀୟ ଅଞ୍ଚଳ ଜଣେ ୧୬ ବର୍ଷିୟା ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଗତ ୭ ମାସ ହେଲାଣି ବାରମ୍ବାର ଦୁଷ୍କର୍ମ କରିଥିଲେ। ନାବାଳିକା ୫ ମାସର ଗର୍ଭବତୀ ଅଛନ୍ତି। ଏଥିନେଇ ଗ୍ରାମରେ ସମାଧାନ ନେଇ ଆଲୋଚନା ହୋଇଥିଲା। କିନ୍ତୁ ସମାଧାନ ହୋଇନଥିବା ବେଳେ ନାବାଳିକା ଏବଂ ତାଙ୍କ ପରିବାରକୁ ପାଲଟା ଧମକଚମକ ଦେଉଥିବା ନେଇ ନାବାଳିକାଙ୍କ ମା ମହିଳା ଥାନାରେ ଲିଖିତ ଅଭିଯୋଗ କ୍ରମେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲଣ କରାଯାଇଛି। ସେହିପରି ଦ୍ୱିତୀୟ ଘଟଣାରେ ଜୟପୁର ସଦରଥାନା ବୈରାଗିମଠର ଅଭିଯୁକ୍ତ ଉଦ୍ଧବ ଖିଲ (୨୮) ଗତ କିଛି ବର୍ଷ ପୂର୍ବେ ଉକ୍ତ ଗ୍ରାମର ଜଣେ ୧୭ ବର୍ଷ ନାବାଳିକାଙ୍କୁ ପ୍ରେମ କରୁଥିଲେ। ଏହିପରି ବିବାହ ପ୍ରଲୋଭନ ଦେଖାଇ ଶାରରୀକ ସମ୍ପର୍କ ରଖିଥିଲେ। ବର୍ତ୍ତମାନ ଅଭିଯୁକ୍ତ ଅନ୍ୟଜଣେ ଝିଅଙ୍କୁ ପ୍ରେମ କରୁଥିବା ବେଳେ ତାଙ୍କୁ ବିବାହ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏଥିନେଇ ନାବାଳିକାକୁ ଅଭିଯୁକ୍ତ ଯୁବକ ପାଲଟା ଧମକଚମକ ଦେଇଥିଲେ। ଶେଷରେ ନାବାଳିକାଙ୍କ ପରିବାର ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକାରିଣୀଙ୍କୁ ଏତଲାକୁ ଭିତ୍ତି କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲଣ କରିଥିବା ନେଇ ମହିଳା ଥାନା ଅଧିକାରୀ ଆଶ୍ରିତା ଖାଲ୍କୋ ପ୍ରକାଶ କରିଛନ୍ତି।

# ଅବକାରୀ ଚଢ଼ଉ, ବିପୁଳ ମଦ ଜବତ



ନବରଙ୍ଗପୁର,୧୪।୮ (ସମିସ): ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀ ଏବଂ ଅବକାରୀ ଥାନା କର୍ମଚାରୀମାନଙ୍କୁ ନେଇ ଏକ ଟିମ୍ ଗଠନ କରି ନବରଙ୍ଗପୁର ଜିଲ୍ଲା ଖାତିଗୁଡା ଥାନା ଅନ୍ତର୍ଗତ ଲଙ୍ଗଲ ଅଟଲ ଗ୍ରାମରେ ଚଢ଼ଉ କରାଯାଇଥିଲା। ଭୀମ ଚୌଧୁରୀଙ୍କ ନିକଟରୁ ୪୦ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଥିବା ବେଳେ ନବରଙ୍ଗପୁର ଥାନା ଅନ୍ତର୍ଗତ ସୁରୁଗୁଡା ଗ୍ରାମର ଡାଳିମ୍ବ ବିଶୋଇଙ୍କ ନିକଟରୁ ୧୧ ଲିଟର ୯୭୫ ମିଲି ବିଆର୍ ଜବତ କରାଯାଇଛି। ୪ ଲିଟର ୩୨୦ ମିଲି ବିଦେଶୀ ମଦ ଓ ପୋଚ ୪୫୦ ଲିଟର ଜବତ କରାଯାଇଛି। ଦୁଇ ଅଭିଯୁକ୍ତଙ୍କୁ ନବରଙ୍ଗପୁର ଏସଡିଜେଏମ ଅଦାଲତରେ ହାଜର କରାଯାଇଛି ଏବଂ ଏହି ଚଢ଼ଉ ସମୟରେ ରଞ୍ଜୀ ଜାନି, ରେଶମା ସୁନା ଓ ଅକ୍ରମ୍ ଖାନ୍ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରି ଥିବା ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ସୂଚନା ଦେଇଛନ୍ତି।

# ବିଧାୟକଙ୍କ ସୀମାନ୍ତ ଅଞ୍ଚଳ ଗସ୍ତ

**● କଲେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି**

ନନ୍ଦପୁର ,୧୪।୮ (ସମିସ): ପଟାଙ୍ଗୀ ନିର୍ବାଚନ ମଣ୍ଡଳୀର ତିନୋଟି ବ୍ଲକର ବିକାଶ ଓ ଉନ୍ନତି ନେଇ ବିଧାୟକ ଶ୍ରୀ କାଡ଼ାମଙ୍କ ବଡ଼ ପ୍ରୟାସ ଆରମ୍ଭ କରିଛନ୍ତି । ବର୍ତ୍ତମାନ ତିନୋଟି ବ୍ଲକର ପ୍ରତି ଗ୍ରାମପଞ୍ଚାୟତରେ ବିଧାୟକଙ୍କ ଦ୍ୱାରା ଅଭିଯୋଗ ଶୁଣାଣି ହୋଇଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ନୂଆ ଆଶା ସଂଚାର ସୃଷ୍ଟି ହୋଇଛି। ଗତ ତିନି ଦିନ ହେବ ବିଧାୟକ ଶ୍ରୀ କାଡ଼ାମ ମାରାଥନ ଗସ୍ତକରି ନନ୍ଦପୁର ବ୍ଲକର ବିଲାପୁଟ, ବାଡେଲ, ଗଲୁରୁ, ପାଣ୍ଟଲୁଙ୍ଗ ଗ୍ରାମପଞ୍ଚାୟତରେ ଅଭିଯୋଗ ଶୁଣାଣି କରି ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଲୋକଙ୍କ ସମସ୍ୟା ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ଦୁର୍ଗାପ୍ରସାଦ ଦୋରାଙ୍କ ଅଧ୍ୟକ୍ଷତାରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଧ୍ରୁବରାଜ ମୁର୍ମୁ, ସିଡିପିଓ ମିନତି ବାଳାପଟ୍ଟନାୟକ, ଏବିଇଓ ମୁମତାଜ ଗମାଙ୍ଗ, ଏଇଇ ଯଶକେତନ ବେହେରା, ସରପଞ୍ଚ ତୁଳା ହଂଶାଙ୍କ ସହ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ ଯୋଗ ଦେଇଥିଲେ। ଏହି ଅବସରରେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ନିଜ ପ୍ରତିନିଧି ଦଳ ସହ ପହଞ୍ଚି ମୁଖ୍ୟ ଅତିଥି ଭାବେ ମଞ୍ଚାସୀନ ହୋଇ ଲୋକଙ୍କ ଅଭିଯୋଗ ସମୂହ ଶୁଣିବା ସହ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ସମାଧାନ ଲାଗି ପଦକ୍ଷେପ ନେବାଲାଗି ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ମାନଙ୍କ ଭିତରେ କଂଗ୍ରେସ ବିଧାୟକ ପ୍ରତିନିଧି କାମେଶ କାମୁଡି, ଯୁବନେତା ନୀଳାମ୍ବର ହଂସା, ମଦନ ହାଡ ପୁଟିଆ, ରାମକୃଷ୍ଣ ପଡ଼ାଲ, ସଞ୍ଜୀବ ଖରା, ଭୁବନ ଆସନ ଧାରୀ, ବ୍ଲକ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

**● ନିଖୋଜ ନାବାଳକଙ୍କ ପତ୍ତା ପାଉନି ପୋଲିସ**

# ପୁଣି ଥାନା ଦ୍ୱାରସ୍ଥ ହେଲେ ପରିବାର ଲୋକେ



ବୈପାରିଗୁଡ଼ା, ୧୪।୮ (ସମିସ): ବୈପାରିଗୁଡା ବ୍ଲକ ଟେଣ୍ଡକାପଦର ଗ୍ରାମର ନିଲୁ ସାନ୍ତାଙ୍କ ନାବାଳକ ପୁଅ ଭଗବାନ ସାନ୍ତା (୧୪) ନିଖୋଜ ଥିବା ନେଇ ରାମଗିରି ଫାଣ୍ଡିରେ ଏତଲା ଦିଆଯାଇଥିଲା। ହେଲେ ନିଖୋଜ ଏତଲାର ୧୬ ଦିନ ପରେ ମଧ୍ୟ ପୁଲିସର ହାତ ଖାଲି । ଆଜି ପୁଣି ଥରେ ବୈପାରୀଗୁଡା ଥାନା ଦ୍ୱାରସ୍ତ ହୋଇଛନ୍ତି ନାବାଳକଙ୍କ ପରିବାର ଲୋକେ। ପରିବାର ଲୋକଙ୍କ ସୂଚନା ଅନୁଯାଇ, ଗତ ଜୁଲାଇ ୨୯ ତାରିଖ ଦିନ ସକାଳ ୯ଟା ବେଳେ ରାମଗିରି ସେଲୁନକୁ ଚୁଟି କାଟିବାକୁ ବାହାରିଥିଲେ ନାବାଳକ। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନଫେରିବାରୁ ଘର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ବହୁ ଖୋଜାଖୋଜି ପରେ ନମିଳିବାରୁ ରାମଗିରି ଫାଣ୍ଡିରେ ପୁଅ ଭଗବାନ ନିଖୋଜ ଥିବା ନେଇ ବାପା ନିଲୁ ସାନ୍ତା ଏତଲା ଦେଇଥିଲେ। କିନ୍ତୁ ଏତଲାର ୧୬ ଦିନ ପରେ ମଧ୍ୟ ରାମଗିରି ଫାଣ୍ଡି ପୁଲିସ୍ କୌଣସି ପଦକ୍ଷେପ ନନେବାରୁ ନିରାଶ ହୋଇ ଆଜି ବୈପାରିଗୁଡା ଥାନାର ଦ୍ୱାରସ୍ଥ ହୋଇଥିଲେ ପରିବାର ଲୋକେ। ଗାଁ ଲୋକଙ୍କ ଅଭିଯୋଗ ପରେ ବୈପାରିଗୁଡା ଥାନା ଆଇଆଇସି ରଶ୍ମି ରଂଜନ ପ୍ରଧାନ କହିଛନ୍ତି ଯେ, ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଭଗବାନଙ୍କୁ ଖୋଜିବା ପାଇଁ ରାୟଗଡ଼ା ପଠାଯିବ।

# ୫୦ ପ୍ରତିଶତ ଜଳିଯାଇ ଛଟପଟ ହେଉଛି କୁନି ଝିଅ



ଲକ୍ଷ୍ମୀପୁର,୧୪।୮ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ତଳକାଇପଦର ମୀନ ହିକକାଙ୍କ ଦୁଇ ବର୍ଷର ଝିଅ ନିଆଁରେ ୫୦ ପ୍ରତିଶତ ଜଳିଯାଇ ଛଟପଟ ହେଉଛି। ମା ବାପା ଝିଅର ଛଟପଟ ଆଖି ଆଗରେ ଦେଖୁଛନ୍ତି । କିନ୍ତୁ କିଛି କରି ପାରୁ ନାହାଁନ୍ତି। କାରଣ ଅର୍ଥ ସାଜିଛି ବାଧକ। ଅର୍ଥାଭାବ ଯୋଗୁଁ କୌଣସି ଏକ ଉଚ୍ଚ ଚିକିତ୍ସା ପାଇଁ ନେଇ ପାରୁ ନାହାଁନ୍ତି। ପ୍ରଥମିକ ଚିକିତ୍ସା ସମୟରେ ଡାକ୍ତର ବ୍ରହ୍ମପୁର କିମ୍ବା କଟକ ଭଳି ବଡ ମେଡ଼ିକାଲକୁ ନେଇ ଚିକିତ୍ସା କରିବାକୁ ପରାମର୍ଶ କରି ଥିଲେ। କିନ୍ତୁ ଆର୍ଥିକ ସ୍ଥିତି ଠିକ୍ ନଥିବା କାରଣରୁ ଦୁଇ ବର୍ଷର ଝିଅ କୁ ଘରେ ପକାଇ ରଖିଛନ୍ତି। ଗତ ମଙ୍ଗଳବାର ଦିନ ମା’ ଦାନାଇ ହିକକା ଝିଅକୁ ଚାଷ ଜମିର କୁଡ଼ିଆରେ ଛାଡି କାଠ ସଂଗ୍ରହ କରିବାକୁ ଯାଇଥିଲା। ବର୍ଷା କାରଣରୁ ଥଣ୍ଡା ହେଉ ଥିଲା। କୁଡ଼ିଆରେ ଥିବା କାଠ ଚୁଲି ନିଆଁରେ ସେକ ନେଉ ଥିବା ସମୟରେ ଝିଅର ପୋଷାକରେ ନିଆଁ ଲାଗି ଯାଇଥିଲା। ବାପା ଓ ମା ଦୌଡ଼ି ଆସି ନିଆଁ ଲିଭେଇ ଥିଲେ। କିନ୍ତୁ ସେତିକି ସମୟ ମଧ୍ୟରେ ଝିଅ ଅଧାରୁ ଅଧିକ ପୋଡି ହୋଇଯାଇଥିଲା। ସଙ୍ଗେ ସଙ୍ଗେ ଝିଅକୁ ଲକ୍ଷ୍ମୀପୁର ଡାକ୍ତରଖାନା ଓ ପରେ ଗୁରୁତର ଥିବାରୁ କୋରାପୁଟ ଏସେଲେନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। କୋରାପୁଟରେ କିଛିଦିନ ଚିକିତ୍ସା ପରେ ଡାକ୍ତର ବ୍ରହ୍ମପୁର ନେବା ପାଇଁ କହିଥିଲେ କିନ୍ତୁ ଆର୍ଥିକ ସ୍ତିତି ଠିକ ନଥିବା କାରଣରୁ ଝିଅ କୁ ନିଜ ଘରକୁ ନେଇ ଯାଇ ଥିଲେ। ଖବର ପାଇବା ପରେ ବିଡ଼ିଓ ଗୁରେଶ୍ୱର ଭୋଇ ଝିଅର ସମସ୍ତ ଚିକିତ୍ସା ବ୍ୟବସ୍ଥା କରାଯିବ। ତାଙ୍କ ସ୍ୱାସ୍ଥ୍ୟ ବୀମା କାର୍ଡ ଥିଲେ ଭଲ କଥା, ନଚେତ ରେଡକ୍ରସ ଜରିଆରେ ତୁରନ୍ତ ଚିକିତ୍ସା କରାଯିବା ବୋଲି ସେ କହିଛନ୍ତି।

# ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ ପରୀକ୍ଷା ଶୁଭାରମ୍ଭ



ବନ୍ଧୁଗାଁ,୧୪।୮ (ଇମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଇନ୍‌ଚାର୍ଜ ଡା. ରଶ୍ମି ରଞ୍ଜନ ସାମଲଙ୍କ ଉପସ୍ଥିତିରେ ଡା. ନବ କିଶୋର କୁଣ୍ଡୁଙ୍କ ଦ୍ୱାରା ନୂତନ ଅଲଟ୍ରାସାଉଣ୍ଡ ପରୀକ୍ଷା କେନ୍ଦ୍ର ଶୁଭାରମ୍ଭ କରାଯାଇଛି। ବ୍ଲକରେ ୧୩ ପଞ୍ଚାୟତ ୧୭୨ଟି ଗ୍ରାମ ସୀମାନ୍ତ ଆନ୍ଧ୍ରପ୍ରଦେଶକୁ ଲାଗି ରହିଛି। ବ୍ଲକରେ ୩ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥିବା ବେଳେ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସ୍ୱାସ୍ଥ୍ୟସେବା ପାଇବା ପାଇଁ ୩ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଛାଡିଦେଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତି ମାସରେ ୩ ରୁ ୪ ହଜାର ଲୋକ ଆସି ଚିକିତ୍ସିତ ହେଉଛନ୍ତି। ସରକାରଙ୍କ ତରଫରୁ ଗୋଷ୍ଠୀ ସ୍ୱାସ୍ଥ୍ୟରେ ଅତି ସୁନ୍ଦର ଭାବରେ ସମସ୍ତ ବ୍ୟବସ୍ଥା ଥାଇ ନିର୍ମିତ ହୋଇଛି। ବର୍ତ୍ତମାନ ସ୍ୱାସ୍ଥ୍ୟ କେନ୍ଦ୍ରରେ ୫ ଜଣ ଡାକ୍ତର ରହି ସ୍ୱାସ୍ଥ୍ୟ କେନ୍ଦ୍ରର ପରିବେଶ ସୁସ୍ଥ ରଖିବା ସହିତ ଉତ୍ତମ ଚିକିତ୍ସା ସେବା ଯୋଗାଇ ଆସୁଛନ୍ତି। ଏତେ ସବୁ ଚିକିତ୍ସା ସେବା ମଧ୍ୟରେ ଆଜି ପୁଣି ଏକ ନୂତନ ଆଲଟ୍ରା ସାଉଣ୍ଡ ପରୀକ୍ଷାକୁ ଡ଼ା ନବ କିଶୋର କୁଣ୍ଡୁଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା। ୪୦ ଜଣ ଗର୍ଭବତୀଙ୍କୁ ଡ଼ା କୁଣ୍ଡୁଙ୍କ ଦ୍ୱାରା ଅଲ୍ଟ୍ରାସାଉଣ୍ଡ ପରୀକ୍ଷା କରି ଏହି ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି। ଡ. କୁଣ୍ଡୁ ଜୁଲାଇ ମାସ ୩୧ ରେ ଅବସର ଗ୍ରହଣ କରିଥିଲେ। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଡ଼ା କୁଣ୍ଡୁଙ୍କୁ ପୁନର୍ବାର ଦାୟିତ୍ୱ ଦେଇଛନ୍ତି। ଆମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡ଼ା କୁଣ୍ଡୁ ପ୍ରତି ସପ୍ତାହର ଗୁରୁବାର ଦିନ ରହି ଗର୍ଭବତୀ ମହିଳା ମାନଙ୍କୁ ମାଗଣା ଅଲଟ୍ରା ସାଉଣ୍ଡ ପରୀକ୍ଷା ଯୋଗାଇ ଦେବେ। ସରକାରଙ୍କ ତରଫରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଲଟ୍ରା ସାଉଣ୍ଡ ପରୀକ୍ଷା ସେବା ଯୋଗାଇ ଶୁଭାରମ୍ଭ କରି ଥିବାରୁ ବ୍ଲକର ସମସ୍ତ ଜନସାଧାରଣ ଧନ୍ୟବାଦ ଜଣାଇଛନ୍ତି।

# ସେମିଳିଗୁଡା ମହାବିଦ୍ୟାଳୟରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ସେମିଳିଗୁଡା, ୧୪।୮ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟରେ ସ୍?ାଧୀନତା ଦିବସ ପାଳନ ଅବସରରେ ହର୍ ଘର୍ ତ୍ରିରଙ୍ଗା କାର୍ଯକ୍ରମ ଅନୁଯାୟୀ ଏକ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ଝାନ୍‌ସୀ ସିଂହଙ୍କ ଅଧ୍ୟକ୍ଷତାରେ ତିରିଶ ଫୁଟର ଜାତୀୟ ପତାକା ଓ ତିନିଶହରୁ ଅଧିକ ଜାତୀୟ ପତାକା ସସମ୍ମାନେ ମହାବିଦ୍ୟାଳୟ ଠାରୁ ବାହାରି ସେମିଳିଗୁଡା ସହର ପରିକ୍ରମା କରି ପୁନଃ ମହାବିଦ୍ୟାଳୟ ପରିସରକୁ ପ୍ରତ୍ୟାବର୍ତ୍ତନ ହୋଇଥିଲା। ଏହି କାର୍ଯ୍ୟକ୍ରମ ଆୟୋଜନରେ ସ୍କାଉଟ୍ ଗାଇଡ୍ ୟୁନିଟ୍ ଲିଡର୍ ରତ୍ନମଣି କହଁର, ନିରଞ୍ଜନ ପୋଡ଼, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀ ସ୍ନିଗଧା ପଟ୍ଟନାୟକ, ଡ. ରମେଶ କୁମାର ମଲ୍ଲିକ ଓ ରେଡ୍ କ୍ରସର ସ୍ୱେଚ୍ଛାସେବୀଙ୍କ ସମେତ ହଜାରରୁ ଉର୍ଦ୍ଧ ଛାତ୍ରଛାତ୍ରୀ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପରିଚାଳନା ସମିତିର ପୂର୍ବତନ ସଦସ୍ୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ପ୍ରକାଶ ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଦେବରାଜ ନାୟକ,ଡ. ଗୀତା ପଟ୍ଟନାୟକ, ହରପ୍ରସାଦ ପତି, ସୁରେଶ ପାଇକରାୟ, ପ୍ରେମାନନ୍ଦ ରାଉତ, ଅଲେଖ ପ୍ରସାଦ ପଣ୍ଡା, ଡ. ପ୍ରୀତିସ ବେହେରା, ଅସିତ୍ କୁମାର ମିଶ୍ର, ଅମିତ ଦାସ, ଜୋସ୍ନା ଦାସ, ରିଶବିତା ଖୋସଲା, ଦିଗେଶ୍ୱରୀ ଶିଖା, ବବିତା ମିଶ୍ର, ସୁମିତ୍ରା ଗିରି, ପୂର୍ଣ୍ଣିମା ଗିରି, ସଂଗୀତା ଦାସ, ହରେକୃଷ୍ଣ ସାହୁ, ବିନୋଦ ଲେଙ୍କା, ବିନୟ ପଣ୍ଡା, ମଧୁସ୍ମିତା ମହାରଣା, ମନିଷା ବେହେରା, ପିଙ୍କୀ ଜୈନ, ଆରତୀ ପ୍ରଧାନ, ରଶ୍ମିତା ସାହୁ , ରୋନାଲି ନାୟକ, ଅମିଶା ପାଢ଼ୀ ପ୍ରମୁଖ ଯୋଗଦେଇ ବିଶାଳ ଶୋଭାଯାତ୍ରାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ସିଆରପିଏଫ୍ ପକ୍ଷରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

ନବରଙ୍ଗପୁର,୧୪।୮ (ସମିସ): ନବରଙ୍ଗପୁର ଜିଲ୍ଲାରେ ଅବସ୍ଥାପିତ ୧୨ ବାଟାଲିୟନ ସିଆରପିଏଫ ପକ୍ଷରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ବାଇକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରା ସିଆରପିଏଫ୍ ୧୨ ବାଟାଲିଅନ କମାଣ୍ଡାଣ୍ଟ ଏନକେକେ ପ୍ରସାଦ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ନବରଙ୍ଗପୁର ୧୨ ବାଟାଲିଅନ ସିଆରପିଏଫ୍ କ୍ୟାମ୍ପସ ନିକଟରୁ ବାହାରି ସମ୍ପୂର୍ଣ୍ଣ ନବରଙ୍ଗପୁର ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ଟୁଆଇସି ରାଜେଶ କୁମାର ସୋଲାଙ୍କି, ଡେପୁଟି କମାଣ୍ଡେଣ୍ଟ ରାଜୀବ କୁମାର, ଇନ୍ସପେକଟର ପ୍ରଦୀପ କୁମାର ସାହୁ, ଅଧିନସ୍ଥ ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖଙ୍କ ସମେତ ସମସ୍ତ ଯବାନ ଏବଂ ନବରଙ୍ଗପୁରର ବହୁ ଜନସାଧାରଣ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।

# କୋଷାଗୁମୁଡ଼ାରେ ତ୍ରିରଙ୍ଗା ଶୋଭାଯାତ୍ରା

କୋଷାଗୁମୁଡା,୧୪।୮ (ସମିସ) : ନବରଙ୍ଗପୁର କୋଷାଗୁମୁଡା ବ୍ଲକରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ନୋଡାଲ ହାଇସ୍କୁଲର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ବ୍ଲକ ଷ୍ଟାଫଙ୍କ ମିଳିତ ସହଯୋଗରେ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଗ୍ରାମ ପରିଭ୍ରମଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀ ସବୁଘରେ ତ୍ରିରଙ୍ଗା, ସବୁଘରେ ସ୍ୱଚ୍ଛତା ବ୍ୟାନର ସହ ପ୍ରଥମେ ବିଦ୍ୟାଳୟ ପରିସର ଠାରୁ ରାଜଚଉଁରୀଆ ମନ୍ଦିର ଛକ ଗ୍ରାମ ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସାଂସଦ ପ୍ରତିନିଧି, ବିଦ୍ୟାଳ ର ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କ ଉତ୍ସାହିତ ପାଇଁ ପ୍ୟାରେଡ଼ ଡ୍ରମ ବଜାଇବା ସହ ତ୍ରିରଙ୍ଗା ହାତରେ ଧରି ପରିକ୍ରମା କରିଥିଲେ। ଅନ୍ୟ ପକ୍ଷରେ ସାଂସଦ ପ୍ରତିନିଧିଙ୍କ ତତ୍ତ୍ୱାବଧାନରେ ସମସ୍ତ ଭାରତୀୟ ଜନତା ପାର୍ଟିର ସଦସ୍ୟ ଏବଂ ସାଧାରଣ ଜନତା ଏହି ରାଲିରେ ସାମିଲ ହୋଇଥିଲେ।

# ପୂର୍ବତନ ସରପଞ୍ଚଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ପୋଡ଼ାଗଡ଼,୧୪।୮ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଏ ମାଲକାନଗିରି ପଞ୍ଚାୟତର ପୂର୍ବତନ ସରପଞ୍ଚ ବୈଦନାଥ କୁଲଦୀପଙ୍କ ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତ ସମ୍ମୁଖରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ପଞ୍ଚାୟତ ସଭାଗୃହରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସ୍ଥାନୀୟ ସରପଞ୍ଚ କୁମୁଟି ଜାନି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ରୂପକ ତୁରୁକ୍। ଏହି ସଭାରେ ସ୍ୱର୍ଗତ ବାଇଦ ନାଥ କୁଲଦୀପ ସରପଞ୍ଚ ଥିବା ସମୟରେ ଅନେକ ଜନହିତକ କର୍ଯ୍ୟ କରିଥିବା ବକ୍ତା କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ସ୍ୱର୍ଗତ କୁଲଦୀପଙ୍କ ବଡ଼ପୁଅ ଦେବେନ୍ଦ୍ର କୁଲଦୀପ, ବୋହୂ ମଧୁସ୍ମିତା ସେମର୍ଲିଆ, ରାଜେନ୍ଦ୍ର କୁଲଦୀପ ଜିଲ୍ଲା ପରିଷଦ ସଭ୍ୟ ସେନାପତି, ଶାଉନ୍ତା ରମେଶ ଖରା ଦୈତାରୀ ଗଉଡ ପ୍ରମୁଖ ଉପସ୍ଥିତ ଥିଲେ। ମାଲକାନଗିରି ପଞ୍ଚାୟତର ପ୍ରତ୍ୟେକ ଗ୍ରାମର ବୟୋଜ୍ୟେଷ୍ଠ ଲୋକ ଉପସ୍ଥିତ ଜଣାପଡ଼ିଛି।

# ଅଲେଖ ଧର୍ମାବଲମ୍ବୀଙ୍କ ନୂଆଁଖାଇ ପର୍ବ



କୋଷାଗୁମୁଡା, ୧୪।୮ (ସମିସ):ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ବାଙ୍କୁଲୀ ସଦର ପଞ୍ଚାୟତ ଠାରେ ଅଲେଖ ଧର୍ମାଲମ୍ବୀ ମାନଙ୍କ ନୂଆଁଖାଇ ପର୍ବ ପାଳନ ହୋଇଯାଇଛି। ଏଥିରେ ଭଣ୍ଡିମାଲ, କଚେଗୁଡା, ଦେଓଗାଁ, ଗୋଟିବେଡ଼ା,ଫାପୁଣି, କୋଟାଗାଁ, ଖୁନା, ଗ୍ରାମର ବକଲଧାରୀ ମହିମା ସମାଜର ଭକ୍ତମାନେ ସପରିବାର ଯୋଗଦେଇ ନବାନ୍ନ ପ୍ରସାଦ ସେବନ କରିଥିବା ଦେଖିବାକୁ ମିଳିଛି। ଶ୍ରାବଣ ମାସ ଶୁକ୍ଳ ପକ୍ଷର ତ୍ରୟୋଦଶୀ ତିଥିରେ ମହିମା ଭକ୍ତ ଅଖଣ୍ଡ ବ୍ରହ୍ମଧୂନି ଓ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯିବା ସହିତ ଭକ୍ତଗଣ ରାତ୍ରରେ ଉଜାଗର ରହି ମହିମା ନାମ ସଂକୀର୍ତ୍ତନ କରିଥିଲେ। ପୁଣି ଚତୁର୍ଦ୍ଦଶୀ ତିଥିରେ ଭୋର ସକାଳୁ ମହିମା ଗୋସ୍ୱାମୀଙ୍କୁ ପଞ୍ଚାମୃତ ପଣା ଓ ନବାନ୍ନ ଅର୍ପଣ କରି ସାରିବା ପରେ ଡମ୍ବରୁଧର ବାବା, ଭକ୍ତ ମାନଙ୍କୁ ନବାନ୍ନ ଭୋଗ ବାଣ୍ଟିଥିଲେ। ଡମ୍ବରୁ ବାବାଙ୍କ ଠାରୁ ଦୀକ୍ଷା ଗ୍ରହଣ କରିଥିବା ଦଶରୁ ଅଧିକ ଗ୍ରାମର ସମସ୍ତ ଭକ୍ତମାନେ ମଧ୍ୟ ଏହି ନୂଆଁଖାଇ ଉତ୍ସବରେ ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ଏହି ପର୍ବରେ ଉପସ୍ଥିତ ଥିବା ସାଧୁସନ୍ତ ଓ ଭକ୍ତ ଗଣ ମାନଙ୍କ ମଧ୍ୟରେ, ସାଧୁ ଦୟାନନ୍ଦ ଦାସ, ଅନନ୍ତରାମ ଭକ୍ତ, ଲଛିମଧର ଅଧିକାରୀ, ଗୁରୁବାରୁ ଭକ୍ତ, ବୁଦୁରା ବଡ଼ ବାଇ, ମୋହେନ୍ଦ୍ର ଭକ୍ତ, ଦଶମୁ ଭକ୍ତ ଏହି ନବାନ୍ନ ନୂଆଁଖାଇ ପର୍ବରେ ସବୁ ଭକ୍ତ ବୃନ୍ଦ ଉପସ୍ଥିତ ରହ ଡମ୍ବରୁ ବାବାଙ୍କୁ ସହଯୋଗ କରିବା ସହ ବାବାଙ୍କ ଆଶୀର୍ବାଦ ଲାଭ କରିଥିଲେ।

# ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

ଲକ୍ଷ୍ମୀପୁର, ୧୪।୮ (ସମିସ): ଗୁରୁବାର ଦିନ ଲକ୍ଷ୍ମୀପୁର ମହାବିଦ୍ୟାଳୟ ପକ୍ଷରୁ ହର ଘର୍ ତ୍ରିରଙ୍ଗା ଓ ତ୍ରିରଙ୍ଗା ପଦଯାତ୍ରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଅଧ୍ୟକ୍ଷ ବିଜୁ ମୁଦୁଲିଙ୍କ ଦ୍ୱାରା ଏହି କାର୍ଯକ୍ରମ ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ ଅଧ୍ୟକ୍ଷ ଗିରିଜା ଚୌଧୁରୀ ଏବଂ ବରିଷ୍ଠ ଅଧ୍ୟାପକ ଡ. ଜଗନ୍ନାଥ ରଥ ଯୋଗ ଦେଇଥିଲେ। କାର୍ଯକ୍ରମଟି ମହାବିଦ୍ୟାଳୟ ଠାରୁ ଆରମ୍ଭ କରାଯାଇ ଲକ୍ଷ୍ମୀପୁର ବଜାର ଓ ଆମ୍ବେଦକର ଛକ ପର୍ଯ୍ୟନ୍ତ ପଦଯାତ୍ରାରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା ସାମିଲ ହୋଇଥିଲେ। ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମଟି ଜାତୀୟ ସେବା ଯୋଜନା ଦ୍ୱାରା ଆୟୋଜନ କରାଯାଇଥିଲା। ଏହାକୁ ପରିଚାଳନା କରିଥିଲେ ଜାତୀୟ ସେବା ଯୋଜନା ଅଧିକାରୀ ଦୁର୍ଯ୍ୟୋଧନ ସାହୁ। ସହଯୋଗ କରିଥିଲେ ମହାବିଦ୍ୟାୟର ଅଧ୍ୟାପିକା ତିଲୋତ୍ତମା ପଟ୍ଟନାୟକ। ସନ୍ତୋଷିନୀ ଦାସ, ମହିମାରାଣୀ ରାଜୁ , ଜେ କେ ପଟ୍ଟନାୟକ, ସଙ୍ଗୀତା ନାଗ, ଅଙ୍କିତା ୱାଡେକା, ଅଧ୍ୟାପକ ବବଲୁ ବେନ୍ୟା, ରମାକାନ୍ତ ଖରା , ଆମ୍ରି ହିକକା, ଏଙ୍କେଶ ଖୋରା, କୃଷ୍ଣଚନ୍ଦ୍ର ବିଶୋଇ, ଏକାଦଶ ଟାକ୍ରୀ ହରିଶ୍ ଚନ୍ଦ୍ର ବିଶୋଇ , ଭଜରାଜ୍ ବିଶୋଇ, ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଏସ୍‌ବିଆଇର ପରିପୂର୍ଣ୍ଣ ଅଭିଯାନ କାର୍ଯ୍ୟକ୍ରମ



ପାପଡାହାଣ୍ଡି,୧୪।୮ (ସମିସ): ବୁଧବାର ଦିନ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ମୋକିଆ ପକ୍ଷରୁ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ଡଙ୍ଗରା ପଞ୍ଚାୟତ ଠାରେ ଜନ ସୁରକ୍ଷା ଯୋଜନା ଅଧୀନରେ ଗ୍ରାମ ପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆରବିଆଇ ନିର୍ଦ୍ଦେଶ ମୁତାବକ ବ୍ୟାଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ପ୍ରତେକ ଜିଲ୍ଲାରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଜନ ସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ କିପରି ଖାତା ଖୋଲିବା, ନିଷ୍କ୍ରିୟ ହୋଇଥିବା ଖାତାର ପୁନଃ ପ୍ରମାକରଣ ,ଆର୍ଥିକ ଯୋଜନା କିପରି ପ୍ରସ୍ତୁତି କରିବା ସହ ସଂଚୟ ଓ ନିବେଶ କିପରି କରିବେ ସେ ନେଇ କହିଥିଲେ। ସାଇବର ସିକ୍ୟୁରିଟି, ଡିଜିଟାଲ ବ୍ୟାଙ୍କିଙ୍ଗ,ବିଭିନ୍ନ ପ୍ରକାର ଠକେଇ, ଋଣ ସମ୍ବନ୍ଧରେ ଏବଂ ବ୍ୟାଙ୍କରେ ଅଭିଯୋଗ ସମାଧାନର ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଗୋପାଳକୃଷ୍ଣ ପଣ୍ଡା, ମୋକିଆ ଏସ୍‌ବିଆଇ ବ୍ୟାଙ୍କ ମ୍ୟାନେଜର ବିଶ୍ୱ ବାରିକ, ସ୍ଥାନୀୟ ସରପଞ୍ଚ,ପିଇଓ, ଧାନ ଫାଉଣ୍ଡେସନ ସିଏଫଏଲ କୋର୍ଡିନେଟର, ପାପଡାହାଣ୍ଡି ଆସୋସିଏଟ ଅନିଲ ପ୍ରଭାତ ଭତ୍ରା, ଏମମ୍‌ବିକେ , ସିଆରପି, ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ରହିଥିଲେ।

# ନିଶାମୁକ୍ତ ଭାରତ ଗଠନ ନେଇ ସଚେତନତା

ନବରଙ୍ଗପୁର,୧୪।୮ (ସମିସ): ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ମାଲେଶ୍ୱରୀ ସାହୁ ସଭାପତିତ୍ୱ କରି ଦେଶ କିପରି ନିଶାମୁକ୍ତ ହୋଇପାରିବ ସେ ବିଷୟରେ ଛାତ୍ରୀଙ୍କୁ ବୁଝାଇଥିଲେ। ଏହି ଅବସରରେ ଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଛାତ୍ରୀ ଏବଂ କର୍ମଚାରୀଙ୍କ ଦ୍ୱାରା ନିଶା ନିବାରଣ କରି ସମାଜକୁ ରୋଗ ମୁକ୍ତ କରିବା ନିମନ୍ତେ ଶପଥ ପାଠ କରାଯାଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟିକୁ ଶିକ୍ଷା ବିଭାଗ ଅଧ୍ୟାପିକା ଶ୍ରୀମତୀ ତାରାନୁମ ଆରା ପରିଚାଳନା କରିବା ସହିତ ନିଶାର ଭୟାବହତା ବିଷୟରେ ଛାତ୍ରୀଙ୍କୁ ବୁଝାଇଥିଲେ।

## ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ କୋଠା ନିମ୍ନମାନର ଅଭିଯୋଗ

# ପାଣିରେ ପଡିଲା ୪୫ ଲକ୍ଷ ଟଙ୍କା

ନନ୍ଦପୁର, ୧୪।୮ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଅଧିନସ୍ଥ ଖୁର୍ଜୀ ଗ୍ରାମପଞ୍ଚାୟତରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କୋଠା ନିର୍ମାଣରେ ମହା ଅନିୟମିତ ସହ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ସୂଚନା ଅନୁସାରେ, ଗତ ଦୁଇ ବର୍ଷ ହେବ ନନ୍ଦପୁର ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତମାନଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଆର୍ଥିକ ମଞ୍ଜୁରୀରେ ରାଜସ୍ୱ ନିରୀକ୍ଷକଙ୍କ ବାସଗୃହ ଓ କାର୍ଯ୍ୟାଳୟ କୋଠା ନିର୍ମାଣ ଆରମ୍ଭ ହୋଇଥିବା ବେଳେ ଏହାର ବ୍ୟତିକ୍ରମ ଦେଖାଦେଇଛ ଖୁର୍ଜୀ ପଞ୍ଚାୟତରେ। ପଞ୍ଚାୟତର ଗାଲପୁଟ ଠାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟଳୟ କୋଠା ନିର୍ମାଣ ହୋଇଥିବା ବେଳେ ଅଧାପନ୍ତରିଆ ସାଙ୍ଗକୁ ନିମ୍ନମାନର କାର୍ଯ୍ୟ ହୋଇଥିବା ଦେଖା ଦେଇଛି । ସରକାରକା ମାଲ ଦିରିଆ ମେଦାଲ୍ ଭଳି ୪୫ ଲକ୍ଷ ଟଙ୍କା ପାଣିରେ ବୁଡ଼ିବାକୁ ବସିଛି। ଖବରରୁ ଜଣାପଡିଛି, ଠିକାଦାରଙ୍କ ଅବହେଳା ଯୋଗୁଁ କାର୍ଯ୍ୟ ସମ୍ପୂର୍ଣ୍ଣ



**● ଠିକାଦାରଙ୍କ ବିରୋଧରେ ମାମଲା ରୁଜୁ ପାଇଁ ଦାବି**

ନ ହେବା ଏବଂ ନିମ୍ନମାନ କାର୍ଯ୍ୟ ହୋଇ ପଡ଼ି ରହିଛି। ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ବିଭାଗ ପାଖରେ ସବୁ ସୂଚନା ରହିଛି, ଠିକାଦାରଙ୍କୁ ମଧ୍ୟ ତାଗିଦ କରାଯାଇଛି ବୋଲି କହିଛନ୍ତି ବିଭାଗୀୟ ଯନ୍ତ୍ରୀ। ଖୁବ୍ ଶୀଘ୍ର କାର୍ଯ୍ୟ ଆରମ୍ଭ କରି କୋଠା ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

# ଅଲଟ୍ରାଟେକ ସିମେଣ୍ଟ କାରଖାନା ସଂପ୍ରସାରଣ ପାଇଁ ସର୍ବସାଧାରଣ ଜନଶୁଣାଣି

ଝାରସୁଗୁଡ଼ା/କିର୍ମିରା,୧୪।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ଓ ତହସିଲ ଅଧୀନ ଅର୍ଡା ଧୁତରା ଗାଁ ସ୍ଥିତ ଝାରସୁଗୁଡ଼ା ଅଲଟ୍ରାଟେକ ସିମେଣ୍ଟ ୱାର୍କସ ୟୁନିଟ ଠାରେ ନୂତନ ୩.୦ ନିୟୁତ ଟିପିଏ ସ୍ଥାପନ ଦ୍ୱାରା ସିମେଣ୍ଟ ଉତ୍ପାଦନ କ୍ଷମତାକୁ ୫.୧ ନିୟୁତ ଟିପିଏକୁ ବୃଦ୍ଧି କରିବା ଯୋଜନା ହେଉଛି। ଏଥି ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ମନ୍ତ୍ରଣାଳୟର ଅନୁମତି ଆବଶ୍ୟକ ହେଉଥିବା ବେଳେ ସର୍ବସାଧାରଣ ଜନ ଶୁଣାଣି ହୋଇଛି। ଝାରସୁଗୁଡ଼ା ଜିଲ୍ଲା ଅର୍ଡା ମୌଜା ସ୍ଥିତ ୦.୮୦ ଏକର ଅଞ୍ଚଳ ଗୋଚର କିସମ ଜମିରେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନିକ ଅଧିକାରୀ ଏଡିଏମ କିଶୋର ଚନ୍ଦ୍ର ସ୍ୱାଇଁ ଓ ଆଞ୍ଚଳିକ ପ୍ରଦୂଷଣ ବିଭାଗୀୟ ଅଧିକାରୀ ହିରଣ୍ୟ ନାୟକଙ୍କ ସାମୁଖ୍ୟରେ ଏହି ଜନଶୁଣାଣି ହୋଇଥିଲା। ଶୁଣାଣିରେ ଅର୍ଡା, ଧୁତରା, ଚମ୍ପାପଡା, ସିଆଲରମା, ବନ୍ଧପାଲି, ପୁଢ଼େଇଡିହି, ଭୂର୍ଷିମାଲ, ସାରସପାଲି ତଥା ଆଖପାଖ ଅଞ୍ଚଳର ଜନପ୍ରତିନିଧି, ବୁଦ୍ଧିଜୀବୀ, ଶିକ୍ଷାବିତଙ୍କ ସହ ଶତାଧିକ ଜନସାଧାରଣ ସାମିଲ ଥିଲେ। କାର୍ଯ୍ୟକ୍ରମରେ ଅର୍ଡା ସରପଞ୍ଚ ବିଣାପାଣୀ ପୋଡ, ପୂର୍ବତନ ସରପଞ୍ଚ ଅଶ୍ୱିନୀ ଦଣ୍ଡପାଟ, ପୂର୍ବତନ କିର୍ମିରା ବ୍ଲକ୍ ଉପାଧ୍ୟକ୍ଷ ଗୋପାଳ କଳାର, ବନ୍ଧପାଲି ସରପଞ୍ଚ ତପି ମରେଇ, ଅଲଟ୍ରାଟେକ କାରଖାନା କର୍ମଚାରୀ ସଂଘ ସଭାପତି ସନ୍ତୋଷ ବାଗ, ଆଞ୍ଚଳିକ ବିକାଶ ପରିଷଦ ଅଧ୍ୟକ୍ଷ ଦୁଃଖବନ୍ଧୁ ବାଗ, ସିଆଲରମା ଗାନ୍ଧି କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ପଦ୍ମଲୋଚନ ବୁଦୁଲା, ଶିକ୍ଷାବିତ ଗିରିଧାରୀ ପଟେଲ ପ୍ରମୁଖଙ୍କ ସହ ବହୁ ବ୍ୟକ୍ତି କାରଖାନା ସଂପ୍ରସାରଣ ସମ୍ବନ୍ଧରେ ମନ୍ତବ୍ୟ ଦେଇଥିଲେ। ଅର୍ଦ୍ଧାଧିକ ବ୍ୟକ୍ତି କାରଖାନା ସଂପ୍ରସାରଣ ସପକ୍ଷରେ ମତ ଦେଇଥିଲେ। ତେବେ ୧୯୮୯ରେ ପୂର୍ବତନ କଂଗ୍ରେସ ବିଧାୟକ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଦ୍ୱାରା ପ୍ରତିଷ୍ଠିତ ଲାର୍ସ ନ ଟୁର୍ବୋ (ଏଲଏଣ୍ଟି) ସିମେଣ୍ଟ କାରଖାନା ଦ୍ୱାରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ସମ୍ଭାବ୍ୟ ଉନ୍ନତି ହୋଇ ପାରି ନାହିଁ ବୋଲି ମତ ପ୍ରକାଶ ପାଇଥିଲା। ପୂର୍ବରୁ ଏଲଏଣ୍ଡଟି ଏବେ ଅଲଟ୍ରାଟେକ ସିମେଣ୍ଟ କାରଖାନା ହୋଇଛି। ଝାରସୁଗୁଡ଼ା ଜିଲ୍ଲା ସହର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗଢ଼ି ଉଠୁଥିବା ଅନେକ କଳକାରଖାନା ଯୋଗୁଁ ମାଟି, ପାଣି, ପବନ ପ୍ରଦୂଷଣ ହେଉଛି। ଏକ୍ଷେତ୍ରରେ ଲୋକଙ୍କୁ ବିଶୁଦ୍ଧ ଜଳ, ବୃକ୍ଷରୋପଣ, ଛାତ୍ରଛାତ୍ରୀଙ୍କ ଶିକ୍ଷା ବ୍ୟବସ୍ଥାର ସୁଧାର ସହ ଅଲଟ୍ରାଟେକ କାରଖାନାର ସଂପ୍ରସାରଣ ସମୟରେ ସ୍ଥାନୀୟ ନିଯୁକ୍ତି ପ୍ରତି ଧ୍ୟାନ ଦେବାକୁ ମତ ପ୍ରକାଶ ପାଇଥିଲା।

# ବ୍ରଜରାଜନଗରରେ ତ୍ରିରଙ୍ଗା ଯାତ୍ରା



ଝାରସୁଗୁଡ଼ା,୧୪।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନେତୃତ୍ୱରେ ଝାରସୁଗୁଡ଼ା ଜିଲ୍ଲା ଗାନ୍ଧୀ ଛକରୁ ବ୍ରଜରାଜନଗର କଲେଜ ଯାଏଁ ଭବ୍ୟ ତ୍ରିରଙ୍ଗା ଯାତ୍ରା ହୋଇଥିଲା। ଗାନ୍ଧୀ ଛକ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶତାଧିକ ଲୋକଙ୍କ ଗହଣରେ ବାଇକ ରାଲି କରାଯାଇଛି। ହାତରେ ପତାକା ଧରି ଭାରତ ମାତାର ଜୟଗାନ କରି ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିବା ବୀର ମାନଙ୍କୁ ସ୍ମରଣ କରାଯାଇଛି। ସେହିପରି 'ମାଙ୍କ ନାମରେ ଗଛଟିଏ' କାର୍ଯ୍ୟକ୍ରମ ମାଧ୍ୟମରେ ଚାରାରୋପଣ କରାଯାଇଛି। ତ୍ରିରଙ୍ଗା ଯାତ୍ରା ଏବଂ ଚାରାରୋପଣ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା, ଯୁବ, ବୟସ୍କ ସାମିଲ ହୋଇଥିଲେ।

# ଝାରସୁଗୁଡ଼ା ଜିଲ୍ଲା ତରଫରୁ ନିଯୁକ୍ତି ସୁଯୋଗ

ଇବଥର୍ମାଲ,୧୪।୮ (ସମିସ): ଝାରସୁଗୁଡା ଜିଲ୍ଲାପାଳଙ୍କ ଅଭିନବ ପ୍ରୟାସରେ ଦଶମ ଏବଂ ଦ୍ୱାଦଶଶ୍ରେଣୀ ପରେ ପାଠପଢ଼ା ବନ୍ଦ କରିଥିବା ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ଦେବାପାଇଁ ବନ୍ଧବାହାଲ ହାଇସ୍କୁଲରେ ଗୁରୁବାର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ଖଣିଜ ପାଣ୍ଠିରୁ ଷ୍ଟେଟ ଇନ୍‌ଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜେମେଣ୍ଟ ବଲାଙ୍ଗିର ସହ ସହମତିରେ ସେହି ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ଏବଂ ଡିପ୍ଲୋମା କୋର୍ସ କରାଇବା ନିଯୁକ୍ତି ଯୋଗ୍ୟ କରିବାକୁ ପ୍ରୟାସ କରାଯାଇଛି। ବଲାଙ୍ଗିରର ହୋଟେଲ ମ୍ୟାନେଜେମେଣ୍ଟ ପ୍ରତିଷ୍ଠାନରୁ ରଞ୍ଜନ ସ୍ୱାଇଁ ଓ ବିଜୟ ବେହେରା ଆସି ପରାମର୍ଶ ଦେଇଥିଲେ। ଲଖନପୁର ବ୍ଲକ୍‌ର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହେମସାଗର ଚୌଧୁରୀ ଛାତ୍ରଛାତ୍ରୀଙ୍କୁ ଏହାର ସୁଯୋଗ ନେବାପାଇଁ କହିଥିଲେ। କାଉନସେଲିଂରେ ଲଖନପୁର ବ୍ଲକ୍‌ରୁ ମୋଟ ୨୪ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ନିଜ ଅଞ୍ଚଳର ଶିକ୍ଷକ ଶିକ୍ଷୟିତ୍ରୀ ସିଆରସିସି ମାନଙ୍କ ଯୋଗାଯୋଗରେ ଛାତ୍ରଛାତ୍ରୀ ଓ ଅଭିଭାବକ ଅଭିଭାବିକା ଯୋଗ ଦେଇଥିଲେ। ବନ୍ଧବାହାଲ ହାଇସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷ ବଳିଆର ସିଂ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ସିଆରସିସି ତୀର୍ଥବାସୀ ପଧାନ ପରିଚାଳନା କରିଥିଲେ। ଭିକମପାଲି ସିଆରସିସି ମନୋହର ଧନ୍ୟବାଦ ଅର୍ପଣ କରିଥିଲେ।

# ବସୁନ୍ଧରା ନଦୀ ଉଦ୍ଧାର, ଅନ୍ୟ ସମସ୍ୟା ନେଇ ଉପଜିଲ୍ଲାପାଳଙ୍କ ସହ ବୈଠକ

ଝାରସୁଗୁଡ଼ା,୧୪।୮ (ସମିସ)



ରାଜପୁର ପଞ୍ଚାୟତ ସମେତ ଅଞ୍ଚଳର ଜୀବନରେଖା କୁହାଯାଉଥିବା ବସୁନ୍ଧରା ନଦୀ ଧୀରେ ଧୀରେ ନିଜର ସତ୍ତା ହରାଇବାକୁ ବସିଲାଣି। ଏହାକୁ ନେଇ ରାଜପୁର ସରପଞ୍ଚ ସରସ୍ୱତୀ ନାୟକଙ୍କ ସମେତ ରାଜପୁର, ବଘରାଚକା, ଆର କଣ୍ଟାପାଲି ଗ୍ରାମବାସୀ ଏବଂ ସ୍ଥାନୀୟ ସଚେତନ ନାଗରିକ ପ୍ରଶାସନ ନିକଟରେ ଅନେକ ଦିନ ଧରି ଅଭିଯୋଗ କରି ଆସୁଛନ୍ତି। ସ୍ଥାନୀୟ ଜନସାଧାରଣ ବସୁନ୍ଧରା ନଦୀର ସମସ୍ୟା ସହିତ ପ୍ରଦୂଷଣ ଏବଂ ଏନଟିପିସି ଦରଲିପାଲି ଓ ବିଭିନ୍ନ କମ୍ପାନୀର ଭାରୀଯାନ ଓ ବାଲି ଚୋରାଚାଲାଣ ନେଇ ବାରମ୍ବାର ଅଭିଯୋଗ କରିଛନ୍ତି। ସମସ୍ୟାର ସମାଧାନ ପାଇଁ ଗୁରୁବାର ଉପଜିଲ୍ଲାପାଳ ଅଧ୍ୟକ୍ଷତାରେ ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, ସୁପ୍ରିଟେଣ୍ଡିଙ୍ଗ ଇଞ୍ଜିନିୟର ମେନ ଡ୍ୟାମ ବୁର୍ଲା, ଝାରସୁଗୁଡା ତହସିଲଦାର, ଆର୍ଟିଓ ଝାରସୁଗୁଡା, ଆଞ୍ଚଳିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଝାରସୁଗୁଡା ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜପୁର ପଞ୍ଚାୟତ ଦେଇ ଯାଉଥିବା ଦୁଇଟି ନଦୀ ବସୁନ୍ଧରା ଓ ଇବ ନଦୀ ଅଟେ। ଏହି ଦୁଇ ନଦୀ ମଧ୍ୟରୁ ବସୁନ୍ଧରା ନଦୀରେ କ.ଖ.ଗ. ନାମ ଦେଇ ଲିଜ ଦିଆ ଯାଇଥିଲା। ଯେଉଁଥିରୁ ବେଆଇନ ଭାବେ ବାଲି ଉଠାଣ ହେଉଥିବା ନେଇ ଅଭିଯୋଗ ରହିଛି। ଯାହା ଦ୍ୱାରା ନଦୀ ମଝିରେ ଟାପୁ ପରି ଘଞ୍ଚ ଜଙ୍ଗଲ ହୋଇଛି। ନଦୀରେ ମଧ ଘଞ୍ଚ ଜଙ୍ଗଲ ହୋଇ ବସୁନ୍ଧରା ନଦୀର ଜଳ ପ୍ରବାହକୁ ବାଧିତ କରୁଛି। ଦିନକୁ ଦିନ ବସୁନ୍ଧରା ନଦୀର ଧାର କମିବାକୁ ବସିଲାଣି। ଏଣୁ ଉଭୟ ନଦୀରୁ ଟାପୁ ପରି ଥିବା ମାଟି ଓ ଘଞ୍ଚ ଜଙ୍ଗଲକୁ ସଫା କରିବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ହୋଇଆସୁଛି। ଗୁରୁବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏନେଇ ବୈଠକ ହୋଇଥିଲା। ସମସ୍ତ ବିଭାଗର ମିଳିତ କମିଟି ନଦୀର ଅବସ୍ଥା ସମ୍ପର୍କରେ ପରିଦର୍ଶନ କରିବା ସହିତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି।

ଏହା ସହିତ ବେଆଇନ ଭାରୀଯାନ ଚଳାଚଳକୁ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଝାରସୁଗୁଡା ଆର୍ଟିଓ ପ୍ରତିଶ୍ରୁତି ଦେଇଥିବା ରାଜପୁର ସରପଞ୍ଚ ସରସ୍ୱତୀ ନାୟକ ସୂଚନା ଦେଇଛନ୍ତି। ବୈଠକରେ ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, ନାଏବ ସରପଞ୍ଚ କୌଶଲ୍ୟା ଦେହୁରୀ, ପୂର୍ବତନ ସମିତି ସଭ୍ୟ ଗଣେଶ ରାମ ବାଗ, ପ୍ରବୀଣ ଦେଓ, ଗଦାଧର ରାୟ, ସୁଜାତା ପାଟଯୋଶୀ, ସୁବ୍ରତ ସେଠ, ୱାର୍ଡ ସଭ୍ୟା ଜେମା ମଲ୍ଲିକ, ସୁଶୀଲ ବେହେରା, ମମତା ମେହେରଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ବ୍ରଜରାଜନଗର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ଝାରସୁଗୁଡା,୧୪।୮ (ସମିସ): ଅଞ୍ଚଳର ସର୍ବ ବୃହତ୍ ଉଚ୍ଚ ଶିକ୍ଷାନୁଷ୍ଠାନ ବ୍ରଜରାଜନଗର ମହାବିଦ୍ୟାଳୟର ୪୮ ତମ ପ୍ରତିଷ୍ଠା ଦିବସ ଗୁରୁବାର ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ମହାସମାରୋହ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ବିଜୟ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଓଡ଼ିଶା ରାଜସ୍ୱ ଓ ବିପର୍ଯ୍ୟୟ ପରଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ଡ.ଋତୁପର୍ଣ୍ଣା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ପ୍ରତିଷ୍ଠା ଦିବସ ସମାରୋହରେ ସମ୍ମାନିତ ଅତିଥି ଭାବେ ଏମସିଏଲ ଇବ ଭ୍ୟାଲି ଏରିଆ ମହା ପ୍ରବନ୍ଧକ ଜିତେନ୍ଦ୍ର ତିୱାରୀ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ତରଫରୁ ଯୁକ୍ତ ତିନି ପରୀକ୍ଷାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଶିକ୍ଷା ସମ୍ମାନ ବିଭାଗରେ ଟପ୍ପର କରିଥିବା ରାକ୍ଷୀ କଣ୍ଟା ଏବଂ ଯୁକ୍ତ ଦୁଇ ପରୀକ୍ଷାରେ କଳା, ବିଜ୍ଞାନ ଏବଂ ବାଣିଜ୍ୟରେ କୃତିତ୍ୱ ଅର୍ଜନ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଟହଲୁ ସାହୁ, ପ୍ରଫେସର ପ୍ରତାପ ବେହେରା, ଡ.ବିଶ୍ୱଜିତ ଖମାରୀ, ସମୀର ରଞ୍ଜନ ନାୟକଙ୍କ ସମେତ ବ୍ରଜରାଜନଗର ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଡ.ପୁଷ୍ପାଞ୍ଜଳି ସାହୁ ତଥା ଅଧ୍ୟାପକ ଲୁଗୁ ଚରଣ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମର କରାଯାଇଥିଲା। ମନ୍ତ୍ରୀ ଶ୍ରୀ ପୂଜାରୀ ଏବଂ ସମ୍ମାନିତ ଅତିଥି ବୃକ୍ଷରୋପଣ କରିଥିଲେ। ପ୍ରାଧ୍ୟାପକ ତଥା ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ସୁପ୍ରକାଶ ଚୌଧୁରୀ, ପ୍ରାଧ୍ୟାପକ ଭାଗିରଥି ତ୍ରିପାଠୀ, ସଞ୍ଜୀବ ନାୟକ, ବିକ୍ରମ ପ୍ରଧାନ, ଅଧ୍ୟାପିକା ଲଳିତା ପ୍ରଧାନ, ପଦ୍ମାବତୀ ମହାପାତ୍ର, ଦୀପିକା କେରକେଟା, ଶ୍ୟାମା ଯାଦବ, ସସ୍ମିତା ତ୍ରିପାଠୀ, ନଗମା ନିଶା ନନ୍ଦ, ଚାନ୍ଦିନୀ ବିଶ୍ୱାଳ, ଅଧ୍ୟାପକ ଶ୍ରୀକର ଭୋଇ, ବିକାଶ ନାୟକ, ଅଜୟ ଦୀପ, ସୁମିତ ତିର୍କି, ଅନୁପ ଗୁଲସନ ଲାକ୍ରା, ସୌମ୍ୟରଞ୍ଜନ ସାହୁ, ଡ.ହରିଶ ଭଟ୍ଟର, ଡ.ହରି ଶଙ୍କର ପାଣ୍ଡେ, ଶିବା ତ୍ରିବେଦୀ, ଡିକେ ସୂତାର, ଏନଜି ପଣ୍ଡା, ଆଶିଷ ଅବସ୍ଥି, ମନୋଜ ପାଟ୍ଟଯୋଶୀ, ପ୍ରକାଶ ପଟ୍ଟନାୟକ, ସମେତ ଅନ୍ୟାନ୍ୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀଙ୍କ ସହଯୋଗ ରହିଥିଲା।

# ଜମେରା ଇବ୍ ଘାଟରୁ ବାଲି ଚୋରି

ଝାରସୁଗୁଡ଼ା,୧୪।୮ (ସମିସ): ଝାରସୁଗୁଡ଼ା ଜିଲ୍ଲାରେ ବାଲି ମାଫିଆ ବେଲଗାମ ହୋଇଛନ୍ତି। ଦିନରାତି ବେଆଇନ ଭାବେ ବାଲି ଚୋରି କରୁଛନ୍ତି। ଝାରସୁଗୁଡ଼ା ସଦର ବ୍ଲକ୍ ଜମେରା ସ୍ଥିତ ଇବ ନଦୀ ଘାଟରୁ ପ୍ରତିଦିନ ଶହ ଶହ ଟ୍ରିପ ବାଲି ଚୋରି ହେଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ନିଲାମ କରାଯାଇ ନ ଥିବା ଏହି ବାଲିଘାଟ ରାଜ୍ୟ ସରକାରଙ୍କ ଖଣି ବିଭାଗ ପାଖରେ ରହିଛି। ହେଲେ ବାଲି ମାଫିଆ ମାନେ ଦିନରାତି ନଦୀ ଭିତରେ ଜେସିବି ଏବଂ ହାଇୱା ଲଗାଇ ଶହ ଶହ ଟ୍ରିପ ବାଲି ନିର୍ଭୟରେ ଚୋରି କରିବା ସହ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଏହି ବାଲି ଚୋରି ଯୋଗୁଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେଉଛି। ଇବ ନଦୀ ସହ ଲଇକେରା ବ୍ଲକ୍‌ର ତେଲେନ ନଦୀର ବିଭିନ୍ନ ଘାଟରୁ ବାଲି ଚୋରି ହେଉଥିବା ବେଳେ ତେଲେନ ନଦୀର ରେଙ୍ଗାଲିମାଲ ଭୁଲିଆଡିହି ଅଞ୍ଚଳରୁ ବହୁ ମାତ୍ରାରେ ବାଲି ଚୋରି ହେଉଥିବା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି।

# ବିଭାଜନ ବିଭୀଷିକା ସ୍ମୃତି ଦିବସ

ଝାରସୁଗୁଡ଼ା,୧୪।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ପୌରପରିଷଦ କଲ୍ୟାଣ ମଣ୍ଡପରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ବିଜେପି ସଭାପତି ରଘୁନନ୍ଦନ ପଣ୍ଡା, ପ୍ରମୋଦ ସେନାପତି, ମୋନାଲିସା ମୋଦକ, ସଞ୍ଜୟ ସିଂ, ତପନକାନ୍ତ ଜେନା ପ୍ରମୁଖଙ୍କ ସହ ବିଜେପି କର୍ମୀ ଏବଂ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

# ଜାଲ୍ ଦସ୍ତଖତରେ ଟଙ୍କା ଉଠାଣ, ୨ ଗିରଫ

ଝାରସୁଗୁଡ଼ା,୧୪।୮ (ସମିସ): ଚେକ୍‌ରେ ଜାଲ ଦସ୍ତଖତ କରି ଟଙ୍କା ଉଠାଣ ଅଭିଯୋଗରେ ଦୁଇ ଜଣ ଅଭିଯୁକ୍ତଙ୍କୁ ରେଙ୍ଗାଲି ପୁଲିସ ଗୁରୁବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ଝାରୁପଡ଼ାର ବନିତା ନାଏକ ଏବଂ ଭେଡେନର ଉଦିତ ବାଗ ବୋଲି ପୁଲିସ ସୂଚନା ଦେଇଛି। ପଲସଦା ଜିପିଏଲଏଫରେ ମହିଳା ଏସଏଚଜି ଗ୍ରୁପ ଗୁଡିକୁ ଋଣ ଦେବା ପାଇଁ ସରକାରଙ୍କ ପକ୍ଷରୁ ଆସୁଥିବା ଟଙ୍କା ମଧ୍ୟରୁ ୨୯ ଲକ୍ଷ ୬୨ ହଜାର ୬୧୦ ଟଙ୍କା ଅଭିଯୁକ୍ତମାନେ ଜାଲ ଦସ୍ତଖତରେ ଉଠାଣ କରିଥିଲେ। ଏନେଇ ପଲସଦା ଜିପିଏଲଏଫର ସଭାପତି ମମତା ପଟୁଆ ଗତ ୧୩ ତାରିଖ ରେଙ୍ଗାଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ପଲସଦା ଜିପିଏଲଏଫରେ ୬୫ଟି ଏସଏଚଜି ଗ୍ରୁପ ଥିବା ବେଳେ ୨ଟି ଆକାଉଣ୍ଟ ରହିଛି। ଆକାଉଣ୍ଟ ନମ୍ବର (୦୦୦୦୦୧୨୦୬୧୦୩୯୫୭୪) ଓ (୦୦୦୦୦୮୪୦୪୩୨୮୮୧୫୨)ରେ ଏସଏଚଜି ଗ୍ରୁପ ଗୁଡିକ ପାଇଁ ଋଣ ରାଶି ଆସିଥାଏ। ଏହି ଆକାଉଣ୍ଟ ଗୁଡିକର ତଦାରଖ କରିବା ପାଇଁ ଝାରୁପଡା ଗାଁର ବିନିତା ନାଏକଙ୍କୁ ବ୍ଲକ୍ ପକ୍ଷରୁ ୨୦୨୧ ମସିହାରେ ଏମବିକେ ଭାବେ ନିଯୁକ୍ତି ଦିଆଯାଇଥିଲା। ସେହିଦିନ ଠାରୁ ଜିପିଏଲଏଫର ସମସ୍ତ କାଗଜପତ୍ର, ଚେକ ବୁକ, ସିଲ ମୋହର ବନିତାଙ୍କ ପାଖରେ ରହୁଥିଲା। ଏହାର ସୁଯୋଗ ନେଇ ବନିତା ଏବଂ ତାଙ୍କର ସାଥି ମାନେ ଜାଲ ଦସ୍ତଖତ କରି ଚେକ୍ ମାଧ୍ୟମରେ ୨୯ ଲକ୍ଷ ୬୨ ହଜାର ୬୧୦ ଟଙ୍କା ଉଠାଣ କରିଥିଲେ। ଟଙ୍କା ଉଠାଣ ନେଇ ଜିପିଏଲର ସଦସ୍ୟମାନେ ବ୍ୟାଙ୍କ ନିକଟରରୁ ଜାଣିବା ପରେ ରେଙ୍ଗାଲି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ବନିତା ଏବଂ ତାଙ୍କ ସହଯୋଗୀ ଉଦିତଙ୍କୁ ଗିରଫ କରିଛି।

# ସିମ୍ କାର୍ଡ ଫେରାଇବା ବାହାନାରେ ଡାକି ମହିଳାଙ୍କୁ ଦୁଷ୍କର୍ମ

ରିଆମାଳ,୧୪।୮ (ସମିସ): ରିଆମାଳ ବ୍ଲକ୍ କୁଣ୍ଢେଇଗୋଳା ଥାନା ଅଞ୍ଚଳରେ ଜଣେ ୩୫ ବର୍ଷୀୟ ବିବାହିତା ମହିଳାଙ୍କୁ ସିମକାର୍ଡ ଫେରାଇବା ବାହାନାରେ ଡାକି ଦୁଷ୍କର୍ମ କରିବା ଅଭିଯୋଗରେ ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ବଡଛାପଲ ଗାଁର ମୋହନ କିଷାନ(୩୫) ବୋଲି ଜଣାପଡ଼ିଛି। ମୋହନ ଉକ୍ତ ଥାନା ଅଞ୍ଚଳର ଜଣେ ବିବାହିତ ମହିଳାଙ୍କ ନିକଟରୁ ସିମ୍ କାର୍ଡ ଆଣି ବ୍ୟବହାର କରୁଥିଲେ। ଗତ ଅଗଷ୍ଟ ୯ ତାରିଖ ଦିନ ମଧ୍ୟାହ୍ନ ସମୟରେ ନିକଟସ୍ଥ ଜଙ୍ଗଲକୁ ସିମ୍ କାର୍ଡ ଫେରାଇ ଦେବାକୁ କହି ମହିଳାଙ୍କୁ ଡାକିଥିଲା। ମହିଳା ଜଣଙ୍କ ଆସିବାରୁ ତାଙ୍କୁ ଦୁଷ୍କର୍ମ କରିଥିବା ମହିଳା ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କୁଣ୍ଢେଇଗୋଳା ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରି ସମସ୍ତ ପ୍ରମାଣପତ୍ର ପାଇବା ପରେ ମୋହନକୁ ଗିରଫ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଆଜି କୋର୍ଟ ଚାଲାଣ କରାଯାଇଛି।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଂସ୍କୃତ ଦିବସ

ବରଗଡ଼,୧୪।୮ (ସମିସ)

ଖୁଣ୍ଟପାଲି ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରମଣୀ ରଞ୍ଜନ ରାଉତଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ସଂସ୍କୃତ ଦିବସ ପାଳିତ ହୋଇଛି। ସଂସ୍କୃତ ଶିକ୍ଷକ ମହେନ୍ଦ୍ର ସେଠଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ହିମାଂଶୁ ପଧାନ, ଲକ୍ଷ୍ମଣ ମାଝୀ, ଚଂଚୁରାଣୀ ପାତ୍ର, ସୁଜାତା ସାହୁ, ନିଶି ଭୋଇ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସଂସ୍କୃତ ଦିବସ ତଥା ସଂସ୍କୃତ ସପ୍ତାହ ପାଳନ ସମ୍ପର୍କରେ ବକ୍ତବ୍ୟ ରଖି 'ସଂସ୍କୃତ ଭାଷା ବଞ୍ଚିଲେ, ସଂସ୍କୃତ ବଞ୍ଚିବ ବୋଲି କହିଥିଲେ। ସମ୍ଭାଷଣରେ ଲକି ଖମାରୀ, ପ୍ରିତମ ସାହୁ, ପୂଜା ମାଝୀ ଏବଂ ସଂଗୀତରେ ରୀତା ସାହୁ, ପ୍ରିତମ ସାହୁ ଏବଂ ଲକି ଖମାରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶ୍ଳୋକ ଆବୃତ୍ତିରେ ଲୁସି ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଶେଷରେ ଶିକ୍ଷକ ନିଶି ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ବରଗଡ଼:** ବରଗଡ଼ର ସର୍ବ ପୁରାତନ ବିଦ୍ୟାଳୟ ଜର୍ଜ ହାଇସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶଙ୍କ ସଭାପତିତ୍ୱରେ ସଂସ୍କୃତ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ସୁରେଶ ଦାଶ ଏହାର ପରିଚାଳନା କରିଥିବା ବେଳେ



ସଂସ୍କୃତ ଶିକ୍ଷୟିତ୍ରୀ ମଧୁମିତା ପୁରୋହିତ ଦେବ ଭାଷା ସଂସ୍କୃତର ମହନିୟତା ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସଞ୍ଜୁବାଳା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

**ବରଗଡ଼:** ସଂସ୍କୃତ ସପ୍ତାହ ପାଳନ ଅବସରରେ ରାଣା ପ୍ରତାପ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତ ସୁରକ୍ଷା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସଙ୍କୀର୍ତ୍ତନ ପରିଷଦର ଅଧ୍ୟକ୍ଷ ଗୁରୁ ପ୍ରମୋଦ ଦାଶ ଯୋଗ ଦେଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଛାତ୍ରଛାତ୍ରୀ ଭଟଲି ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ବାହାରି ସଂସ୍କୃତ ଭାଷା ସୁରକ୍ଷା ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ନଗର ପରିକ୍ରମା କରିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ବକ୍ତା ଭାବେ ସଂସ୍କୃତି ସଂସ୍କୃତ ସୁରକ୍ଷା ମଞ୍ଚ ଆବାହକ କପିଳ ବାଗ ଯୋଗଥିଲେ। ବିଶିଷ୍ଟ ଅତିଥି ଡ.ଡୋଳାମଣି ଶତପଥୀ, ଶିକ୍ଷୟିତ୍ରୀ ଗୀତା ଜାଲ, ବବିତା ନାଏକ, ତପସ୍ୱିନୀ ତ୍ରିପାଠୀ ଭାରତୀ ସେଟ୍ ନନ୍ଦିତା ସାହୁ,



ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା 'ନିଶା ନିବାରଣମ୍' ସଂସ୍କୃତ ନାଟକ ମଞ୍ଚସ୍ଥ ହୋଇଥିଲା। ନାଟକରେ ଛାତ୍ରୀ ଶାଲିନୀ ସା, ରିତିକା ସା, ମୁସ୍କାନ ସା, ଶିମ୍ରନ ବେହେରା, ସିମ୍ରନମାଲି, କ୍ରିଷ୍ଟିନା ମେହେର, ଚିନ୍ମୟୀ ନାଏକ, ସୌମ୍ୟା ରଥ, ଆସ୍ଥା ଭିତିରିଆ, ସୌଦାମିନି ଗଡ଼ତିଆ, କୃତ୍ତିକା ବେହେରା, ପିହୁ ଦୀପ ପ୍ରମୁଖ ଅଭିନୟ କରିଥିଲେ। ସଂସ୍କୃତ ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ପଦ୍ମପୁର:** ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳନ କରାଯାଇଛି। ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ସଂସ୍କୃତ ଅଧ୍ୟାପକ ପ୍ରଭାତ ମହାପାତ୍ର ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ସୁରେଶ ଚନ୍ଦ୍ର ଚୌହାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ଖୁସବୁ ବରିହା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷୟିତ୍ରୀ ରବୀନା ପଧାନ, ମନୀଷା ଭୋଇ, ବୃନ୍ଦାବତୀ ସାହୁ, ସୁରେଶ ଚନ୍ଦ୍ର ଚୌହାନ, ସଭାପତି ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ସଂସ୍କୃତ ଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ପ୍ରଭାତ ମହାପାତ୍ର ସଂସ୍କୃତ ଭାଷାକୁ ଜୀବିତ ରଖିବା ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ କରିଥିଲେ। ସଂସ୍କୃତ ଦିବସ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଶିକ୍ଷୟିତ୍ରୀ ପୂଜାରାଣୀ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ। ବିଦ୍ୟାଳୟର ଜ୍ୟୋତ୍ସ୍ନାରାଣୀ ସାହୁ, ମାନସରଞ୍ଜନ ଶତପଥୀ, ସଂଯୁକ୍ତା ଭୋଇ, ପ୍ରଭାତୀ ପଟ୍ଟନାୟକ, ମମତା ମିଶ୍ର, ନିଳୀମାରାଣୀ ମହାନ୍ତି, ସୁଷମା ଦାଶ, ଦୁଷ୍ମନ୍ତ ଛତର, କମଳା କୁମ୍ଭାର, ପ୍ରଭାସିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

**ପଦ୍ମପୁର:** ମହିଳା ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା କଳ୍ପନାରାଣୀ ନାଥ ଏଥିରେ ସଭାପତିତ୍ୱ କରିଥିଲେ। ସଂସ୍କୃତ ବିଭାଗର ମୁଖ୍ୟ ସରିତାରାଣୀ ପ୍ରଧାନ ସଂସ୍କୃତ ଭାଷା ସବୁ ଭାଷାର ଜନନୀ ବୋଲି କହିଥିଲେ। ଅଧ୍ୟାପକ ଅନିଲ ପୁରୋହିତ ସଂସ୍କୃତ ଭାଷା କେବଳ ପଣ୍ଡିତ ମାନଙ୍କର ଭାଷା ନୁହଁ, ଏହା ଏକ ସାର୍ବଜନୀନ ଭାଷା ବୋଲି କହିଥିଲେ। ପ୍ରଥମ ବର୍ଷର ଛାତ୍ରୀ ରୁନୁ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅନିଲ ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ।

**ଆମ୍ବାଭୋନା:** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ଜନତା ହାଇସ୍କୁଲ ଭୁକ୍ତାରେ ବିଦ୍ୟାଳୟ ସ୍ତରୀୟ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଓ ଶିକ୍ଷକ ଶ୍ରୀପତି ସାହୁଙ୍କ ସଂଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଶ୍ରୀ ସାହୁ ଓ ସଞ୍ଜୟ ଖମାରୀ ସମସ୍ତ ଭାଷା ସଂସ୍କୃତ ଭାଷାରୁ ଉଦ୍ଭୃତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆୟୋଜିତ ଶ୍ଲୋକ ଆବୃତ୍ତି ପ୍ରତିଯୋଗିତାରେ ନୀହାରିକା ସାହୁ, ଜାଗୃତି ପଟେଲ ଏବଂ ପ୍ରିୟଦର୍ଶନୀ ଦେହେରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଂସ୍କୃତ ନୃତ୍ୟଗୀତ ମାଧ୍ୟମରେ ବିଜିତା ସାହୁ, ରୋଶନୀ ସା, ରୋଶନୀ ପଟେଲ୍ ଓ ହୀନା ସା ଅଭିନୟ କରିଥିଲେ। ସମସ୍ତ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଂସ୍କୃତ ସପ୍ତାହ ଉପଲକ୍ଷେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଈଶ୍ୱର ପ୍ରଧାନ, ତେଜରାମ ସା, ଆଶୁତୋଷ ଭୋଇ, ବୋଧରାମ ବିଶ୍ୱାଳ, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ପ୍ରଶାନ୍ତ ମହାପାତ୍ର, ପଦ୍ମଲୋଚନ ବିଶି, ଈଶ୍ୱର ପଧାନ, ଶିକ୍ଷୟିତ୍ରୀ ରାଜ ଭୁଏ ଏବଂ ଅନୀତା ପଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ସଞ୍ଜୟ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଦହିତା:** ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ ଦହିତା ଠାରେ ସଂସ୍କୃତ ସପ୍ତାହର ଉଦ୍‌ଯାପନୀ ଉତ୍ସବ ପ୍ରଧାନଶିକ୍ଷକ କ୍ଷୀରସିନ୍ଧୁ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୱାନ ଆଚାର୍ଯ୍ୟ କୃଷ୍ଣଦେବ ଶାସ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍କୃତ ଶିକ୍ଷକ ତ୍ରିଲୋକେଶ ବରିହାଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଅତିଥି ଆଚାର୍ଯ୍ୟ ଶାସ୍ତ୍ରୀଙ୍କ ପୌରୋହିତ୍ୟରେ, ପ୍ରଧାନ ଶିକ୍ଷକଙ୍କ ଉପସ୍ଥିତିରେ ସଂସ୍କୃତ ଶିକ୍ଷକ ବରିହା କର୍ତ୍ତା ଭାବେ ରହି ଏକ ଯଜ୍ଞ



ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଅଞ୍ଜଳି ବେହେରା, ପୂଜା ସାହୁ, ମନୀଷା ବେଶ୍ରା, କ୍ଷୀରୋଦ୍ର ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଧାନଶିକ୍ଷକ ଆଚାର୍ଯ୍ୟଙ୍କୁ ଧନ୍ୟବାଦ ଅର୍ପଣ ସହ କୃତଜ୍ଞତା ଜ୍ଞାପନ କରିଥିଲେ। ଶିକ୍ଷକ କିଶୋର କୁମ୍ଭାର, ଦୀପକ ସିଂ ବରିହା, ପୁରନ୍ଦର ଭୋଇ, କସ୍ତୁଭମ୍ ମିଶ୍ର, ତୁଷାର ରଞ୍ଜନ ପାଣିଗ୍ରାହୀ, ଶିକ୍ଷୟିତ୍ରୀ ରେବତୀ ବିଶି, ସୋନାଲିକା ଶବରଙ୍କ ସମେତ ପୂରନ୍ ବାଗ ଭାଇ ଓ ପାଚିକା ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ସୋହେଲା:** ସୋହେଲା ମହାବିଦ୍ୟାଳୟ ପରିସରରେ ସଂସ୍କୃତ ସପ୍ତାହ ପାଳିତ ହୋଇଛି। ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ଡ.ରମେଶ ଚନ୍ଦ୍ର ସୂପକାରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ମେଲଛାମୁଣ୍ଡା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ମହେଶ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରେମଚାନ୍ଦ ଦୁଆନ ଅତିଥି ପରିଚୟ ଓ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ରୀ ନିମା କାଣ୍ଡ ଏବଂ ଶ୍ରାବଣୀ ବୁଡେକ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। କଲେଜ ଅଧ୍ୟକ୍ଷ ଡ.ରବୀନ୍ଦ୍ର ମିଶ୍ର ଛାତ୍ରଛତ୍ରୀଙ୍କୁ ସଂସ୍କୃତ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପିକା ମୌସୁମୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଚକ୍ଷୁ ଚିକିତ୍ସାଳୟରେ ଲାୟନ୍ସ କ୍ଲବ୍ ପକ୍ଷରୁ ଖାଦ୍ୟ ବଣ୍ଟନ

ବରଗଡ଼, ୧୪।୮ (ସମିସ): ବରଗଡ଼ ଲ'କଲେଜ ନିକଟସ୍ଥ ଲାୟନ୍ସ ଚକ୍ଷୁଚିକିତ୍ସାଳୟରେ ରୋଗୀ ମାନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଏହା ପୂର୍ବରୁ ସକାଳ ଜଳଖିଆ ମଧ ବଣ୍ଟନ କରାଯାଇଥିଲା। କ୍ଲବ୍ ପକ୍ଷରୁ ମଲ୍ଲିକାର୍ଜୁନ ରାଓ ନିଜର ଜନ୍ମ ଦିବସ ଉପଲକ୍ଷେ ଏହାର ଆୟୋଜନ କରିଥିଲେ। ଏଥିରେ ଦୀପକ ବଲୋଦିଆ, ବୟନିକା ଡାଇରେକ୍ଟର ସଞ୍ଜୟ ମେହେର, ପ୍ରତାପ ନାଏକ, ମନୋଜ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ଅଭୟ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ରୋଟାରୀ କ୍ଲବ୍ ଅଫ୍ ବରଗଡ଼ ସେଣ୍ଟ୍ରାଲ୍‌ର 'ଷ୍ଟେ ଫିଟ୍, ଷ୍ଟେ ହେଲ୍‌ଦି' କାର୍ଯ୍ୟଶାଳା

ବରଗଡ଼, ୧୪।୮ (ସମିସ): ବରଗଡ଼ ରୋଟାରୀ କ୍ଲବ୍ ଅଫ୍ ବରଗଡ଼ ସେଣ୍ଟ୍ରାଲ୍‌ର ପକ୍ଷରୁ 'ଷ୍ଟେ ଫିଟ୍, ଷ୍ଟେ ହେଲ୍‌ଦି' ବିଷୟରେ କାର୍ଯ୍ୟଶାଳାର ଆୟୋଜିତ ହୋଇଯାଇଛି। ଏଥିରେ ୫୦ରୁ ଅଧିକ ଲୋକ ସମ୍ମିଳିତ ହେଇଥିଲେ। କାର୍ଯ୍ୟଶାଳାରେ ସର୍ଟିଫାଇଡ ଏଡଭାନ୍ସଡ୍ ଫିଜିକାଲ୍ ଟ୍ରେନର୍ ଓ ନ୍ୟୁଟ୍ରିସନିଷ୍ଟ ବୈଲୋଚନ ସ୍ୱାସ୍ଥ୍ୟରକ୍ଷା ପାଇଁ ପ୍ରୟୋଜନୀୟ ଉପାୟ, ପୋଷଣ ସମ୍ବନ୍ଧୀୟ ପରାମର୍ଶ ଓ ଫିଟ୍‌ନେସ୍‌ର ଗୁରୁତ୍ୱ ବିଷୟରେ ଆଲୋଚନା କଲେ। କାର୍ଯ୍ୟକ୍ରମଟି ହୋଟେଲ୍ ଗଣପତିରେ ଅନୁଷ୍ଠିତ ହୋଇଥିଲା। କ୍ଲବ୍‌ର ଅଧ୍ୟକ୍ଷ ଆଶିଷ ଫସାରି, ସଚିବ ସୁମନ ସାଉଡିଆ, ସନ୍ଦୀପ ସାଉଡିଆ, ଅମିତ ଅଗ୍ରୱାଲ, ସଞ୍ଜୀବ ଆଶିଷଙ୍କ ସହିତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଛାତ୍ର କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର

ବରଗଡ଼, ୧୪।୮ (ସମିସ): ୭୯ ତମ ସ୍ୱାଧୀନତା ଦିବସ ଉପଲକ୍ଷେ ବରଗଡ଼ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ପଞ୍ଚାୟତ କଲେଜ ପରିସର ପାଖରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ବରଗଡ଼ର ଯୁବନେତା ନିପନ ଦାସ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ରକ୍ତଭଣ୍ଡାରରେ ରକ୍ତର ଘୋର ଅଭାବକୁ ଦୃଷ୍ଟିରେ ରଖି ଛାତ୍ର କଂଗ୍ରେସ ରାଜ୍ୟ ଉପସଭାପତି ଗୌରବ ପତି ଆଜାଦଙ୍କ ନେତୃତ୍ୱରେ ଓ ସଦସ୍ୟଙ୍କ ସହଯୋଗରେ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ପଞ୍ଚାୟତ କଲେଜର ବହୁ ଛାତ୍ର ରକ୍ତ ଦାନ କରିଥିଲେ। ମୋଟ ୬୦ ୟୁନିଟ ରକ୍ତ ସଂଗୃହିତ ହୋଇ ବରଗଡ଼ ରକ୍ତଭଣ୍ଡାରକୁ ପଠାଯାଇଥିଲା।

# ପଶ୍ଚିମୋତ୍କଳ କର୍ମକାଣ୍ଡୀୟ ସମିତି ବୈଠକ

ବରଗଡ଼, ୧୪।୮ (ସମିସ): ସ୍ଥାନୀୟ ଗୌରୀ ଶଙ୍କର ମନ୍ଦିର ପରିସରରେ ବରଗଡ଼ ପଶ୍ଚିମୋତ୍କଳ କର୍ମକାଣ୍ଡୀୟ ସମିତିର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସମସ୍ତ ବ୍ଲକର ସଭ୍ୟମାନେ ତଥା ବ୍ଲକ ସଭାପତି ଓ କାର୍ଯ୍ୟକାରୀଣି ସଭ୍ୟମାନେ ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଜିକାରେ ପର୍ବପର୍ବାଣି ଗୁଡିକର ପାଳନର ତାଳମେଳ ରହୁ ନଥିବାରୁ ପଣ୍ଡିତମାନଙ୍କ ଦ୍ୱାରା ଆଗାମୀ ଜନ୍ମାଷ୍ଟମୀ, ପୁଅ ଜିଉନ୍ତିଆ ଓ ଦୁର୍ଗାପୂଜାର ସମୟ ନିର୍ଘଣ୍ଟ ତଥା ସନ୍ଧିପୂଜାର ସଠିକ ସମୟ ନିର୍ଦ୍ଧାରଣ କରି ଲଗ୍ନ ପ୍ରସ୍ତୁତ କରାଯାଇଥିଲା। ସମିତିର ସମସ୍ତ ପଣ୍ଡିତ ଏହି ସମୟ ସାରିଣୀ ଅନୁସାରେ ପୂଜା କରିବା ପାଇଁ ସର୍ବସମ୍ମତି କ୍ରମେ ସ୍ୱୀକୃତ ହୋଇଥିଲା। ଆଗାମୀ ସେପ୍ଟେମ୍ବର ୮ ତାରିଖରୁ ୩ଦିନ ପର୍ଯ୍ୟନ୍ତ ସମିତିର କର୍ମକାଣ୍ଡ ସଂକ୍ରାନ୍ତିୟ ପ୍ରଶ୍ନୋତ୍ତର କର୍ମଶାଳା କରିବା ପାଇଁ ଘୋଷଣା କରାଯାଇଥିଲା। ସଭାପତି ପଣ୍ଡିତ କୀର୍ତ୍ତି ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏବଂ ଜୟଦେବ ପଣ୍ଡା ସଞ୍ଚାଳନରେ ସଭା ହୋଇଥିଲା। ସଭାରେ ପଣ୍ଡିତ ରଘୁ ନନ୍ଦନ ବର୍ଡିଆ, ପଣ୍ଡିତ ନରେଶ ମିଶ୍ର, ପଣ୍ଡିତ କିଶୋର ଦାଶ, ପଣ୍ଡିତ ନୀଳମଣି ମିଶ୍ର, ପଣ୍ଡିତ ସୁରେଶ ଦାଶ, ପଣ୍ଡିତ ଉପେନ୍ଦ୍ର ଦେବତା, ପଣ୍ଡିତ ରାଜେଶ ମିଶ୍ର, ପଣ୍ଡିତ ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପଣ୍ଡିତ ଅତ୍ରାହି ଭଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

**ମେଲଛାମୁଣ୍ଡା ପୁଲିସର ବର୍ବରତା**

# ୫ ଦିନ ଧରି ଯୁବକଙ୍କୁ ଥାନାରେ ନିର୍ଯାତନା

ବରଗଡ଼, ୧୪।୮ (ସମିସ)

ସାରା ଦେଶ ୭୯ ତମ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତ ହେଉଛି। ଦେଶରୁ ଇଂରେଜ ଚାଲି ଯାଇଛନ୍ତି ସତ କିନ୍ତୁ କିଛି ଖାକି ପୋଷାକଧାରୀ ଆଜି ବି ଇଂରେଜ ଭଳି ବ୍ୟବହାର କରୁଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ବରଗଡ଼ ଜିଲ୍ଲା ଅଧୀନ ମେଲଛାମୁଣ୍ଡା ଥାନା ପରିସରରେ ଦେଖିବାକୁ ମିଳିଛି। ଗତ ୫ ଦିନ ହେଲା ଜଣେ ଯୁବକକୁ ଥାନାରେ ବେଆଇନ ଭାବେ ଅଟକ ରଖି ମେଲଛାମୁଣ୍ଡା ପୁଲିସ ନିର୍ଯାତନା ଦେଉଛି। ବରଗଡ଼ ଜିଲ୍ଲା ଭଟଲି ଥାନା ଅଧୀନ ନୂଆପାଲି ଗାଁର ବନବାସ ପଧାନଙ୍କ ପୁଅ ହେଉଛନ୍ତି ଅନିଲ ପଧାନ (୩୦)। ଗତ ୬ ବର୍ଷ ତଳେ ମେଲଛାମୁଣ୍ଡା ଥାନା ଅଧୀନ ଘେଁସ ବେହେରାପାଳିର ଜଣେ ଯୁବତୀଙ୍କୁ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିଥିଲେ। ତେବେ କୌଣସି କାରଣ ବଶତଃ ବିବାହର ୪ ମାସ ପରେ ଯୁବତୀ ଜଣକ ନିଜ ବାପ ଘରକୁ ଚାଲି ଯାଇଥିଲେ। ଅନିଲ ବାରମ୍ବାର ନିଜ ସ୍ତ୍ରୀ ଗୀତାଞ୍ଜଳି ଭୋଇଙ୍କୁ ଘରକୁ ଫେରାଇ ଆଣିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ଶେଷରେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟର ଆଦେଶ କ୍ରମେ ଗତ ବର୍ଷ ଡିସେମ୍ବର ମାସରେ ଝିଅ ଘର ଲୋକେ ଆସି ବିବାହ ସମୟରେ ଝିଅ ଆଣିଥିବା ସମସ୍ତ ଆସବାବପତ୍ର

**କାନ୍ଦି କାନ୍ଦି ଅଭିଯୋଗ କଲେ ବୃଦ୍ଧା ମା'**

ସାଙ୍ଗରେ ନେଇ ଯାଇଥିଲେ। ତେବେ ଅନିଲ ଘରର ଏକମାତ୍ର ପୁଅ ଅଟନ୍ତି ଏବଂ ଘରେ ଜମିବାଡି କିଛି ନାହିଁ। ଅନ୍ୟ ପାଖରେ ମୂଲ ଲାଗି ଆଣୁଥିବା ସ୍ୱଳ୍ପ ପାରିଶ୍ରମିକରେ ପରିବାର ଚଳେ। ଏମିତି ପରିସ୍ଥିତିରେ ଅନିଲ ବାହାରକୁ ରୋଜଗାର କରିବାକୁ ଯିବା ସମୟରେ ଘରେ ବୃଦ୍ଧ ବାପା, ମା'ଙ୍କୁ ମୁଠେ ଖାଇବାକୁ ଦେବା ପାଇଁ କେହି ନାହାନ୍ତି। ସେପଟେ ସ୍ୱାମୀ ସ୍ତ୍ରୀଙ୍କ ସମ୍ପର୍କକୁ ନେଇ ଆଗକୁ କୌଣସି



ସମ୍ଭାବନା ନ ଦେଖି, ଗତ କିଛି ମାସ ତଳେ ଅନିଲ ଅନ୍ୟତ୍ର ବାହା ହୋଇଥିଲେ। ମାତ୍ର ଏହି ଖବର ପାଇବା ପରେ ପୂର୍ବ ସ୍ତ୍ରୀଙ୍କ ଘର ଲୋକେ ମେଲଛାମୁଣ୍ଡା ଥାନାରେ ଅଭିଯୋଗ କରିଥିବା କହି ଗତ ୯ ତାରିଖ ପୁଲିସ ଗାଁକୁ ଯାଇ ଅନିଲଙ୍କୁ ଉଠାଇ ଆଣିଥିଲା। ଆଜି ୫ ଦିନ ବିତି ଯାଇଥିଲେ ସୁଦ୍ଧା ମେଲଛାମୁଣ୍ଡା ପୁଲିସ ଅନିଲଙ୍କୁ କୋର୍ଟଚାଲାଣ କରୁନାହିଁ କି ଛାଡୁ ମଧ ନାହିଁ। ଥାନାରେ ବେଆଇନ ଭାବେ ଅଟକ ରଖି ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଉଥିବା ବିଷୟରେ କାନ୍ଦି କାନ୍ଦି ଅଭିଯୋଗ କରିଛନ୍ତି ଅନିଲଙ୍କ ମାଁ ସନ୍ତୋଷିନୀ ପଧାନ। ଏନେଇ ମେଲଛାମୁଣ୍ଡା ଥାନା ଅଧିକାରୀ ସୁବାଷ ରାଇଗୁରୁଙ୍କୁ ଯୋଗାଯୋଗ କରିଥିଲେ ହେଁ କୌଣସି ଉତ୍ତର ମିଳି ନଥିଲା। ଜଣେ ବ୍ୟକ୍ତିଙ୍କୁ ଗିରଫ କରିବାର ୨୪ ଘଣ୍ଟା ମଧ୍ୟରେ କୋର୍ଟ ଚାଲାଣ କରିବାର ଆଇନ ରହିଥିଲେ ମଧ କେଉଁ ଉଦ୍ଦେଶ୍ୟ ନେଇ ଆଇନ ଭାଙ୍ଗି ଅନୀଲଙ୍କୁ ପୁଲିସ ଅଟକ ରଖିଛି ତାହା ତଦନ୍ତ ସାପେକ୍ଷ ଅଟେ। ନିୟମ ଅନୁସାରେ କୌଣସି ବ୍ୟକ୍ତିଙ୍କୁ ବେଆଇନ ଭାବେ ଅଟକ ରଖିବା ଆଇନ ଅନୁଯାୟୀ ଅପରାଧ ଅଟେ। ଏହାର ବିରୁଦ୍ଧାଚରଣ କଲେ ପୁଲିସ ବିରୋଧରେ ମଧ ଅପରାଧିକ ମାମଲା ରୁଜୁ କରାଯାଇ ପାରିବ ବୋଲି ବରିଷ୍ଠ ଆଇନଜୀବୀ ଲିପସିତ ମିଶ୍ର ମତ ରଖିଛନ୍ତି।

# ମହାବିଦ୍ୟାଳୟରେ 'ହର୍ ଘର୍ ତ୍ରିରଙ୍ଗା' ଶୋଭାଯାତ୍ରା

ଗାଇସିଲେଟ, ୧୪।୮ (ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ.ଜୟକେତନ ତ୍ରିପାଠୀଙ୍କ ମାର୍ଗଦର୍ଶନ ଓ ଖେଳ ଶିକ୍ଷକ ହେମନ୍ତ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ହୋଇଯାଇଛି। ଏହି ଅବସରରେ ବିଶାଳ ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ଡାକ୍ତରଖାନା, ବସଷ୍ଟାଣ୍ଡ, ସହିଦ ଛକ ଦେଇ ପରିକ୍ରମା କରିଥିଲା। ପ୍ରାୟ ୭୦୦ରୁ ଅଧିକ ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ପତାକା ନେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମହାବିଦ୍ୟାଳୟର ପ୍ରାଧ୍ୟାପକ ମନୋଜ ପଣ୍ଡା, ପ୍ରଦୀପ ପଧାନ, ଅରୁଣ ପାଣିଗ୍ରାହୀ, ନାରାୟଣ ମିଶ୍ର, ଉମାକାନ୍ତ ସାହୁ, ଅଧାପକ ବାଚସ୍ପତି ପଧାନ, ମାନସ ଦାଶ, ପ୍ରତୀକ୍ଷା ଡନସନା, ବୀଣାପାଣି ତାଣ୍ଡି, ନମିତା ସାହୁଙ୍କ ସହିତ ସମସ୍ତ ଅଧାପକ, ଅଧାପିକା, କର୍ମଚାରୀବୃନ୍ଦ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ସ୍ଥାନୀୟ ବ୍ଲକ ଉନ୍ନୟନ ଅଧିକାରୀ ଭୀଷ୍ମଦେବ ମାଝୀ, ଥାନାଧିକାରୀ ଶଶିଭୂଷଣ ମିଶ୍ର, ଥାନା ଏଏସ୍‌ଆଇ ରିତାଞ୍ଜଳି ଖମାରୀ ପ୍ରମୁଖ ଯୋଗ ଦେଇଥିଲେ। ସଂସ୍କୃତ ବିଭାଗ ଆନୁକୂଲ୍ୟରେ ସଂସ୍କୃତ ସପ୍ତାହ ସମାରୋହ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ.ଜୟକେତନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ମୁଖ୍ୟ ନାରାୟଣ




ମିଶ୍ରଙ୍କ ପରିଚାଳନାରେ ହୋଇଥିବା ସଭାରେ ଅତିଥି ଭାବେ ପ୍ରାଧ୍ୟାପକ ମନୋଜ ପଣ୍ଡା, ପ୍ରଦୀପ ପଧାନ ଓ ଖେଳ ଶିକ୍ଷକ ହେମନ୍ତ ପଣ୍ଡା ଯୋଗଦେଇ ସଂସ୍କୃତ ଭାଷାର ମହତ୍ତ୍ୱ ଓ ତାର ପ୍ରସାରଣ ପାଇଁ ଉଦବୋଧନ ଦେଇଥିଲେ। ଅଧାପିକା ନମିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରଛାତ୍ରୀ ସଂସ୍କୃତ କବିତା ଆବୃତ୍ତି ଓ ଶ୍ଳୋକ ଉଚ୍ଚାରଣ କରି ପୁରସ୍କୃତ ହୋଇଥିଲେ। ପରିଶେଷରେ ଅଧାପିକା ସୋନାଲିକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଡିଗ୍ରୀ ମହାବିଦ୍ୟାଳୟରେ ଅଙ୍ଗଦାନ ଉପରେ କାର୍ଯ୍ୟକ୍ରମ

ବରଗଡ଼, ୧୪।୮ (ସମିସ): ସ୍ଥାନୀୟ ଟ୍ରଷ୍ଟ ଫଣ୍ଡ ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ଅଙ୍ଗଦାନ ଦିବସ ଉପଲକ୍ଷେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ.ସରୋଜ ଦେବତା ଏଥିରେ ସଭାପତିତ୍ୱ କରିଥିଲେ। ମଞ୍ଚାସୀନ ଅତିଥି ଭାବେ ପ୍ରତିଦିନର ଜିଲ୍ଲା ପ୍ରତିନିଧି ତୁଳସୀ ଚରଣ ଦାଶ ଯୋଗ ଦେଇ ନିଜେ ଶରୀର ଓ ଚକ୍ଷୁ ଦାନ କରିଥିବା କଥା କହିବା ସହ ଅନ୍ୟମାନଙ୍କୁ ଅଙ୍ଗଦାନ କରିବାକୁ ପରାମର୍ଶ ଦେଇଥିଲେ। ମୃତ୍ୟୁ ପରେ ଶରୀର ସମ୍ପୂର୍ଣ୍ଣ ଅଦରକାରୀ ହୋଇଥାଏ। ଆଧୁନିକ ଯୁଗରେ ଆଜି ମଧ ଲୋକେ ଧାର୍ମିକ ଅବଧାରଣାର ବଶବର୍ତ୍ତୀ ହୋଇ ଶରୀର ଦାନ କରି ନଥାନ୍ତି। ଏଥିପାଇଁ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ମଣିଷ ଶରୀରକୁ ନେଇ ପାଠ ପଢ଼ିବାରେ ଅନେକ ଅସୁବିଧା ସୃଷ୍ଟି ହେଉଛି। ଏଥିପାଇଁ ରୋଟରାକ୍ଟ କ୍ଲବ୍ ଅଫ୍ ୟୁଥ ଅରଗାନ ଡୋନେସନ ଆୱାରନେସ (ୟୋଡା) ନୂଆଦିଲ୍ଲୀର ସଭାପତି ରୋଜାଲିନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତେ ଶରୀର ଦାନ କରି ନିଜକୁ ଅମର ରଖିବା ପାଇଁ ପରାମର୍ଶ ଦେଇଥିଲେ। ଶରୀର ଦାନ କ୍ଷେତ୍ରରେ ଅନ୍ୟ ଦେଶ ତୁଳନାରେ ଭାରତ ବହୁ ତଳେ ରହିଛି। ତେଣୁ ବ୍ୟାପକ ଜନ ଜାଗରଣ ସୃଷ୍ଟି କରିବାକୁ ସୁଶ୍ରୀ ଦାଶ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରିଥିଲେ। ମାତ୍ର ୨୦ ବର୍ଷର ଝିଅ ସୁଶ୍ରୀ ଦାଶ ନିଜେ ଅଙ୍ଗଦାନ କରିଥିବା ପ୍ରକାଶ କରିଥିଲେ। ଅଧାପିକା ସୁଷମା ପଣ୍ଡା ଚକ୍ଷୁ ଦାନ କରିବା ପାଇଁ ସମ୍ମତି ପ୍ରଦାନ କରିଥିଲେ। ମାଳବିକା ମିଶ୍ର, ଅପର୍ଣ୍ଣା ସାହୁ, ବିଦ୍ୟୁତ ପ୍ରଭା କ୍ଷେତୀ, ଯାଦବ ପ୍ରଧାନ, ବିରେନ୍ଦ୍ର ସାହୁ, ସଙ୍ଗୀତା ଦାଶ, ପ୍ରଜ୍ଞାରାଣୀ ସାହୁ, ମାମି ସାହୁ ପ୍ରମୁଖ ଅଧାପକ ଅଧାପିକାମାନେ ସହଯୋଗ କରିଥିଲେ। ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଛାତ୍ରୀ ଦୀଶା ବାରିକ କ୍ଲବ୍‌ର ନୂତନ ସଦସ୍ୟତା ଗ୍ରହଣ କରିଥିଲେ। ପ୍ରାୟ ୨୫୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଅଧାପକ ସୁନୀଲ ଅବସ୍ଥି ମଞ୍ଚ ପରିଚାଳନା କରିଥିବା ବେଳେ ଅଧାପିକା ନମିତା ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ନିଷ୍ଠା ପରିବାର ପକ୍ଷରୁ ରକ୍ତଦାନ ଶିବିର

ଥୁଆପାଲି, ୧୪।୮ (ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ମହାନଦୀ ଫିଲିଂ ଷ୍ଟେସନ, କେଶରୀ ପାଲି, ମହୁଲପାଲି ଠାରେ ସମ୍ପୂର୍ଣ୍ଣ ଶରୀର ଦାନ କରିଥିବା ସ୍ୱର୍ଗତ ଚମ୍ପାବତୀ ପ୍ରଧାନଙ୍କ ଶ୍ରାଦ୍ଧ ଦିବସ ଓ ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ନିଷ୍ଠା ପରିବାର ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ସ୍ୱର୍ଗତ ପ୍ରଧାନ ଦମ୍ପତିଙ୍କ ଝିଅ ଜ୍ୱାଇଁ ନଳିନୀ ପ୍ରଧାନ ଓ ମହେଶ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରର ଶୁଭାରମ୍ଭ କରିଥିଲେ। ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ୫୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଭେଡେନ ଟିହୀଙ୍କି ପାଲିର ସ୍ୱର୍ଗତ ଗଙ୍ଗାଧର ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ସ୍ୱର୍ଗତ ଚମ୍ପାବତୀ ପ୍ରଧାନ ଅନ୍ଧତ୍ୱ ଦୂରୀକରଣ ପାଇଁ ଚକ୍ଷୁ ଦାନ ତଥା ଡାକ୍ତରୀ ଶିକ୍ଷାର ବିକାଶ ପାଇଁ ସମ୍ପୂର୍ଣ୍ଣ ଶରୀର ଦାନ କରିଛନ୍ତି। ସ୍ୱର୍ଗତ ପ୍ରଧାନଙ୍କ ସୁପୁତ୍ର ରମେଶ ପ୍ରଧାନ ଓ ଉମେଶ ପ୍ରଧାନ, ପରିବାର ବର୍ଗ, ଶୁଭେଚ୍ଛୁ ମାନେ ରକ୍ତଦାନ କରିଥିଲେ। ନିଷ୍ଠା ପରିବାରର ପ୍ରତିଷ୍ଠା ସଦସ୍ୟ ତଥା ସଭାପତି ଅଶ୍ୱିନୀ ତ୍ରିପାଠୀ, ଉପ ସଭାପତି ସଚି ପଣ୍ଡା, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁ, ଜୟନ୍ତ ପ୍ରଧାନ, ଝସ କେତନ ସାହୁ, ରାତ୍ର ପ୍ରଧାନ, ହେମାଞ୍ଚଲ ସାହୁ ଓ ଅନ୍ୟାନ୍ୟ ବହୁ ସଦସ୍ୟ ମାନେ ଶିବିର ପରିଚାଳନା କରିଥିଲେ।

# ମହିଳାଙ୍କ ଚକ୍ଷୁ ଦାନ କଲା ପରିବାର



ଅତାବିରା, ୧୪।୮ (ସମିସ): ଅତାବିରା ନିବାସୀ ବ୍ୟବସାୟୀ ସତ୍ୟନାରାୟଣ ଅଗ୍ରୱାଲଙ୍କ ମା' ରାଧାବାଳା ଅଗ୍ରୱାଲ (୮୨)ଙ୍କ ନିଧନ ପରେ ମା'ଙ୍କ ଚକ୍ଷୁଦାନ କରିଛନ୍ତି ପରିବାର ଲୋକେ। ବାର୍ଦ୍ଧକ୍ୟ ହେତୁ ଯୋଗୁଁ ଦୀର୍ଘ ଦିନ ହେଲା ଚିକିତ୍ସିତ ହେଉଥିଲେ। ବୁଧବାର ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ତୁରନ୍ତ ଭୁବନେଶ୍ୱର ଏଲଭି ପ୍ରସାଦ ହସ୍ପିଟାଲକୁ ଯୋଗାଯୋଗ କରିଥିଲେ। ଚକ୍ଷୁ ବିଭାଗର ଏକ ଟିମ୍ ଆସି ରାଧାବାଲାଙ୍କ ଚକ୍ଷୁକୁ ସଫଳ ଭାବେ ଚକ୍ଷୁ ବ୍ୟାଙ୍କକୁ ନେଇଥିଲେ। ମୃତ ରାଧାବାଲାଙ୍କ ଅତାବିରା ସ୍ଥିତ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା।

# ଫାଇଲେରିଆ ସଚେତନତା ଓ ଔଷଧ ସେବନ

ଅମ୍ବାଭୋନା, ୧୪।୮ (ସମିସ)

ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ମୁଖ୍ୟ ଡ.ପୀତବାସ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଭୁକ୍ତା ମହାତ୍ମାଗାନ୍ଧୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭୁକ୍ତାର ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ରୀତାଞ୍ଜଳି ମିଶ୍ର ଯୋଗଦେଇ ଫାଇଲେରିଆର ଲକ୍ଷଣ ଓ ନିରାକରଣ ପାଇଁ ସାମୂହିକ ଔଷଧ ସେବନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଧ୍ରୁବ ଚରଣ ସା, ଅଧାପକ ଜଗଦିଶ ନାଏକ, ଜୟନ୍ତ ବାରିକ, ସୁରଜ ପଟେଲ, ଚିନ୍ମୟ ପ୍ରଧାନ, ତାରାକାନ୍ତି




ସାହୁ, ସୁଧାରାଣୀ ବେହେରା, ଦେବକିଂତା ମେହେର, ସୁଜାତା ସା, ଲିପିକା ସାହୁ, ଅନୁପମା ପଧାନ, ପ୍ରଶାନ୍ତ ସାହୁ, ଭରତ ବିଶି, ଶୁଭେନ୍ଦୁ ପ୍ରକାଶ ସାହୁ, ସ୍ୱାସ୍ଥ୍ୟ ପରିଦର୍ଶକ ଗୋବିନ୍ଦ ପଧାନ, ପ୍ରମୁଖ ଉପସ୍ଥିତ ଥିଲେ। ଔଷଧ ସେବନ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରମୋଦା ମଲ୍ଲିକ, ଚନ୍ଦ୍ରମା କୁମ୍ଭୀର, ଆଶା କର୍ମୀ ଉତ୍ତରା ସିଦାର, ପଦ୍ମାବତୀ ସାହୁ ଓ ଅଙ୍ଗନବାଡି କର୍ମୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ୫୯୨ ଜଣ ଛାତ୍ରଛାତ୍ରୀଙ୍କୁ ଫାଇଲେରିଆ ଔଷଧ ଖୁଆଯାଇଥିଲା।

**ବରପାଲି:** ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ଫାଇଲେରିଆ ନିରାକରଣ ସଚେତନତା ଓ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଓଡ଼ିଆ ବିଭାଗ ମୁଖ୍ୟ ତଥା ଯୁବ ରେଡକ୍ରସ କାଉନସିଲର ଅଧାପକ ଯତୀନ୍ଦ୍ର ସାହୁଙ୍କ ଦ୍ୱାରା ପରିଚାଳିତ ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ଓ ସହକର୍ମୀ ବୃନ୍ଦ ଔଷଧ ସେବନ କରିବା ସହ ଛାତ୍ରୀ ମାନେ ଔଷଧ ସେବନ କରିଥିଲେ। ଓଡିଆ ଅଧାପିକା ପିଙ୍କି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆଁଖାଇ ଉପଲକ୍ଷେ ଚେସ୍ ପ୍ରତିଯୋଗିତା

ପଦ୍ମପୁର, ୧୪।୮ (ସମିସ): ଏବିସିଡି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଦ୍ମପୁର ଆନୁକୂଲ୍ୟରେ ଆଗାମୀ ଅଗଷ୍ଟ ୧୭ ସକାଳ ୯ ଟାରୁ ଆରବି ହାଇସ୍କୁଲରେ ଦିନିକିଆ ଚେସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଫିଡେ ନିୟମ ଅନୁସାରେ ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ବିଜୟୀ ମାନଙ୍କୁ ନୂଆଖାଇ ଦିନ ପୁରସ୍କୃତ କରାଯିବ। ପ୍ରତିଯୋଗିତା ପାଇଁ ପ୍ରବେଶିକା ଦେୟ ୧୦୦ ଟଙ୍କା ରଖାଯାଇଛି। ଆଗ୍ରହୀ ଖେଳାଳି ୯୯୩୭୪୫୭୪୩୩ ବା ୯୪୩୭୩୯୩୭୩୬ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଗଙ୍ଗାଧର ମେହେର ବିଦ୍ୟାଳୟରେ ସ୍କାଉଟ୍ ଗାଇଡ୍ ଦୀକ୍ଷାନ୍ତ ପର୍ବ

ଦହିତା, ୧୪।୮ (ସମିସ): ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ ଦହିତାରେ ପ୍ରଧାନଶିକ୍ଷକ କ୍ଷୀରସିନ୍ଧୁ ସୁନାଙ୍କ ସଭାପତିତ୍ୱରେ ସ୍କାଉଟ୍, ଗାଇଡ୍ ମାନଙ୍କ ଦୀକ୍ଷାନ୍ତ ପର୍ବ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରୀତମ ମେହେର, ପଦ୍ମପୁର, ସମ୍ମାନିତ ଅତିଥି ଭାବେ ଉପେନ୍ଦ୍ର ପଟେଲ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ, ସ୍କାଉଟ୍ ମାଷ୍ଟର ବିଶ୍ୱନାଥ ସାହୁ, ପାଇକମାଳ, ସ୍କାଉଟ୍ ଟ୍ରେନିଂ କମିଶନର୍ ସୁଦର୍ଶନ ମହାକୁର ମୁନିକେଲ, ସ୍କାଉଟ୍ ମାଷ୍ଟର ଅକ୍ଷୟ ସାହୁ ଝେଙ୍ଗନାଡିହି, ଗାଇଡ୍ କ୍ୟାପ୍ କେନ୍ ନମିତା ସାହୁ ପାଇକମାଳ, ସୁରେନ୍ଦ୍ର ପାଣିଗ୍ରାହୀ ଦହିତା ଯୋଗ ଦେଇଥିଲେ। ମିଳିତ ଭାବେ ସ୍କାଉଟ୍ ଗାଇଡ୍ ପତାକା ଉତ୍ତୋଳନ ପରେ ବିଶ୍ୱନାଥ ସାହୁ ଦୀକ୍ଷାନ୍ତ ପର୍ବର ଶପଥ ପାଠ କରାଇଲେ। ଟ୍ରେନିଂ କମିଶନର୍ ସୁଦର୍ଶନ ମହାକୁର ଏହାକୁ ପରିଚାଳନା କରିଥିଲେ। ଅତିଥି ମାନେ ସ୍କାଉଟ୍ ଗାଇଡ୍ ମାନଙ୍କୁ ସ୍କାର୍ଫ ସହିତ ମେମ୍ବରସିପ୍ ବେଙ୍ଗ ପ୍ରଦାନ କରି ମିଷ୍ଟାନ୍ନ ସେବନ କରାଇଥିଲେ। କ୍ୟାପ୍‌ଟେନ୍ ସୋନାଲିକା ଶବର ଓ ମାଷ୍ଟର ତ୍ରିଲୋକେଶ ବରିହା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିକ୍ଷକ କ୍ଷୀରୋଦ୍ର ନାଥ ସାହୁ, କିଶୋର କୁମ୍ଭାର, ଦୀପକ୍ ସିଂ ବରିହା, ପୁରନ୍ଦର ଭୋଇ, ଶିକ୍ଷୟିତ୍ରୀ ଭାନୁମତୀ କଳାହାରୀ, ପୂଜା ସାହୁ, ଅଞ୍ଜଳି ବେହେରା, ରେବତୀ ବିଶି, ମନିଷା ବେଶ୍ରା ଓ ପୁରନ୍ ଭାଇ ସହଯୋଗ କରିଥିଲେ। ବୀର ବାଦ୍ୟ ରଚନାରେ ତାଳେ ମୁସ୍କାନ ବାଗଙ୍କ କଲର୍ ପାର୍ଟି କମାଣ୍ଡିରେ ମୁଖ୍ୟ ଅତିଥିଙ୍କୁ ପ୍ରଧାନଶିକ୍ଷକ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ପ୍ରିତମ ମେହେର ଛାତ୍ରଛାତ୍ରୀଙ୍କୁ ଦେଶ ସେବାରେ ବ୍ରତୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ଗାଇଡ୍ କ୍ୟାପଟେନ୍ ସୋନାଲିକା ବିଦ୍ୟାଳୟ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟରେ ଲୋକନୃତ୍ୟ ପ୍ରତିଯୋଗିତା




ବରଗଡ଼, ୧୪।୮ (ସମିସ): ବରଗଡ଼ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟ ସ୍ଥିତ ଅଡିଟୋରିୟମଠାରେ ଦଳଗତ ସମ୍ବଲପୁରୀ ଲୋକନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ସମୁଦାୟ ୮ଟି ଦଳକୁ ନେଇ ଆୟୋଜିତ ପ୍ରତିଯୋଗିତାରେ ନୃତ୍ୟଗୁରୁ ପ୍ରକାଶ ପଣ୍ଡାଙ୍କ ଦ୍ୱାରା ନିର୍ଦ୍ଦେଶିତ ସିଏଚ୍‌ଏସ୍‌ସି ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ବିଜୟ ଲାଭ କରିଥିଲେ। କାର୍ଯ୍ୟକ୍ରମରେ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଡି.ମୂରଲୀ କ୍ରୀଷ୍ଣା, ଡାଇରେକ୍ଟର ଡ.ସମରେନ୍ଦ୍ରନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର୍ ସେକେଣ୍ଡାରୀ ଅଧକ୍ଷ ଚିତରଞ୍ଜନ ପତି, ବିକାଶ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ନାରାୟଣ ରଥ, ବିକାଶ ଆବାସିକ ବିଦ୍ୟାଳୟର ଉପାଧକ୍ଷ ପ୍ରଦୀପ ସାହୁ, ଉପାଧକ୍ଷ ଡ.ମନୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତି ପ୍ରତିଯୋଗିତାରେ ବିଚାରକ ଭାବେ ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ ଓ ଜୟନ୍ତ ମେହେର ଉପସ୍ଥିତ ଥିଲେ।

# ଦହିତା ମହାବିଦ୍ୟାଳୟରେ ସ୍ୱଭାବ କବିଙ୍କ ଜୟନ୍ତୀ

ଦହିତା, ୧୪।୮ (ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ନିକଟସ୍ଥ ବୁଦ୍ଧଦେବ ମେହେର ଉଚ୍ଚ ମାଧମିକ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧକ୍ଷ ରାଜେଶ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅଞ୍ଚଳ ମହାବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପକ ଡ.ସରୋଜ ନାୟକ ମୁଖ୍ୟଅତିଥି ତଥା ବକ୍ତା ଭାବେ ଯୋଗ ଦେଇଥିଲେ। ଅଧାପକ ସୁଶାନ୍ତ ମିଶ୍ର ଗଙ୍ଗାଧର ସାହିତ୍ୟର ପ୍ରାସଙ୍ଗିକତାକୁ ଆଲୋକପାତ କରିଥିଲେ। ଅଧାପକ ଲମ୍ବୋଦର ତାଣ୍ଡି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧାପକ ଶୃତଘନ ପ୍ରଧାନ, ପ୍ରିୟରଞ୍ଜନ ସାହୁ, ନାରାୟଣ ହୋତା, ରାଜେଶ ଥନାପତି, ରତିକାନ୍ତ ସୁଆର, କୃପାସିନ୍ଧୁ ପୋଢ଼, ସୁବଳ ସାହୁ, ମାନଭଞ୍ଜନ ହୋତା ପ୍ରମୁଖ ଉପସ୍ଥିତ ଥିଲେ।




Lunching of Zoom 125, Courtesy Soumik Hero, Jajpur Road

# ବାପ ପେଟକୁ କଇଁଚିରେ ଭୁସି ପୁଅ ଗିରଫ



କୋଷାଗୁମୁଡା,୧୪।୮ (ସମିସ): ମଦ ପିଇ ଯୁବକ କଇଁଚିକୁ ନିଜ ବାପାର ପେଟରେ ଭୁଶି ଜେଲ ଯାଇଛି। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ଥାନା ଅନ୍ତର୍ଗତ ନେଙ୍ଗାନାଲ ଗ୍ରାମର ରାଜେଲ ଭତ୍ରା(୨୬) ନିଜ ବାପା ମନବୋଧ ଭତ୍ରା(୫୦)ଙ୍କ ପେଟକୁ ୧୨ ତାରିଖ ଦିବା ୨ଟା ସମୟରେ ଭୁଶି ଦେଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ କୋଷାଗୁମୁଡା ମେଡିକାଲ ଏବଂ ପରେ ନବରଙ୍ଗପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣଶ ଘଟଣା ପରେ ଯୁବକ ଫେରାର ହୋଇଥିଲା। ଏହି ଘଟଣା ଦିନ ପରିବାର ପକ୍ଷରୁ କୋଷାଗୁମୁଡା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା। ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ, ଏସଆଇ କୂଳଭୂଷଣ ନାୟକଙ୍କୁ ଘଟଣା ର ତଦନ୍ତଅଧିକାରୀ ରୂପେ ଦାୟିତ୍ୱ ଦେଇଥିଲେ। ଏସଆଇ କୂଳଭୂଷଣ ନାୟକ ଥାନା କେସ ନମ୍ବର ୧୬୨/୨୫ରେ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଥିଲେ। ଆଜି ଅଭିଯୁକ୍ତକୁ ଗିରଫ କରି କୋଷାଗୁମୁଡା ମେଡ଼ିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରି ନବରଙ୍ଗପୁର କୋର୍ଟ ଚାଲାଣ କରାଯାଇଛି ବୋଲି ଏସଆଇ ଶ୍ରୀ ନାୟକ ସୂଚନା ଦେଇଛନ୍ତି।

# ମହୁଲ ବୋଝେଇ ପିକ୍‌ଅପ୍ ଜବତ: ୨ ଗିରଫ

କୋଷାଗୁମୁଡ଼ା,୧୪।୮ (ସମିସ): ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରତାପ ଦାସଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ଦିନ କୋଡ଼ିଙ୍ଗା ଅବକାରୀ ଦୋଳ ବକଟିଗୁଡା ଗ୍ରାମ ନିକଟରେ ବାଇକ୍ ଦ୍ୱାରା ମଦ ଚୋରା ଚାଲାଣ ବେଳେ ଧରାପଡ଼ିଛି। କୋଷାଗୁମୁଡାରୁ ଗୋଟିଏ ମହୁଲ ବୋଝେଇ ପିକ୍‌ଅପ୍ ଭ୍ୟାନକୁ ଜବତ କରାଯାଇଛି। ଏହି ଚଢ଼ଉରେ କୋଡ଼ିଙ୍ଗା ଅବକାରୀ ଓଆଇସି ଦେଶରାଜ ସୁନା, ଏଏସଆଇ ହାଲଦାର ଜାନି, ରମେଶ ଲାଲ ପ୍ରଧାନ, ପ୍ରମୋଦ ବାଘ, ଆକାଶ ଶବର ଓ ନବରଙ୍ଗପୁର ମୋବାଇଲ ୟୁନିଟ୍‌ର ବୃନ୍ଦାବନ ମଣ୍ଡଳଙ୍କ ଟିମ ସହ ମିଳିତ ଭାବେ ସାମିଲ ହୋଇଥିଲେ। ବକଟିଗୁଡା ନିକଟରୁ ଏହି ଚୋରା ଚାଲାଣକାରୀ ଧନେଶ୍ୱର ବିଶୋଇଙ୍କ ଠାରୁ ହିରୋ ଡିଲକ୍ସ ବାଇକ ସହ ପ୍ରାୟ ୪୦ଲିଟର ଦେଶୀ ମଦ ଜବତ କରିବାରେ ସଫଳ ହୋଇଥିଲେ। ସେଭଳି କୋଷାଗୁମୁଡାର ଅର୍ବିନ୍ଦ ମେହେତାଙ୍କ ମହୁଲ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନରେ ପ୍ରାୟ ୧୧୧୮ କେଜି ମହୁଲ ଫୁଲକୁ ଜବତ କରାଯାଇଛି। ଏଥିରେ ପ୍ରାୟ ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରି ଅବକାରୀ ଥାନାରେ ଦୁଇଟି ମାମଲା ରୁଜୁ କରି ନବରଙ୍ଗପୁର କୋର୍ଟ ଚାଲାଣ କରାଯାଇଥିବା କୋଡ଼ିଙ୍ଗା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

● ଆବାସ ଯୋଜନା ପାଇଁ ବାଲି ସଙ୍କଟ

# ପ୍ରଶାସନର ଦୋମୁହାଁ ନୀତି ନେଇ ପ୍ରଶ୍ନବାଚୀ

ଖଇରପୁଟ, ୧୪।୮ (ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଗ୍ରାମାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହିତ ବିଭିନ୍ନ ସରକାରୀ ନିର୍ମାଣ କାମ ପାଇଁ ବାଲି ସମସ୍ୟା ଦିନକୁ ଦିନ ଗୁରୁତର ହୋଇପଡୁଛି। ଗାଁଗୁଡ଼ିକରେ ଆବାସ ନିର୍ମାଣ ପାଇଁ ବାଲି ବୋଝେଇ ଆଣୁଥିବା ଛୋଟ ଟ୍ରାକ୍ଟର ଗୁଡ଼ିକୁ ରାଜସ୍ୱ ବିଭାଗର ଅଧିକାରୀମାନେ ଅଟକାଉଥିବା ଅଭିଯୋଗ ଉଠିଛି। ଗ୍ରାମବାସୀଙ୍କ ପ୍ରଶ୍ନ ପୂର୍ବରୁ ଯେତେବେଳେ ଆବାସ ଯୋଜନା ଓ ସରକାରୀ କୋଠା ନିର୍ମାଣ ପାଇଁ ବାଲି ଯାନବାହନକୁ ଛାଡ଼ ଦେବାକୁ ନିର୍ଦ୍ଦେଶ ରହିଥିଲା, ତେବେ କାହା ନିର୍ଦ୍ଦେଶରେ ଏହା କାର୍ଯ୍ୟକାରୀ ହେଉଛି। ଅନ୍ୟପଟେ, ମଡ଼କାପଦର ଓ ବଡଡୁରାଲ ଅଞ୍ଚଳ ମାର୍ଗରେ ଜିଲ୍ଲା ବାହାରକୁ ବଡ଼ ଟିପ୍ପର ଯାନରେ ବାଲି ଚୋରାଚାଲାଣ ହେଉଥିବା ବେଳେ ପ୍ରଶାସନ ନିରବ ରହୁଛି। କିନ୍ତୁ ଛୋଟ ଛୋଟ ଟ୍ରାକ୍ଟର ପଛରେ ପଡ଼ି ବାଲି ବୋଝାକୁ ଜବତ କରିବାରେ ଅଧିକ ସକ୍ରିୟତା ଦେଖାଯାଉଛି। ଗୋବିନ୍ଦପାଲି ପଞ୍ଚାୟତର ଅନେକ ଲୋକ ବାଲି ପାଇ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଗୋବିନ୍ଦପାଲି ବାଲି ଘାଟ କୁ ଗଲେ ସେଠାକାର ନିକଟସ୍ଥ ଗାଁ କମଳାପଦର ଗ୍ରାମବାସୀ ପ୍ରତି ଟ୍ରାକ୍ଟର ପିଛା ୨୦୦ ଟଙ୍କା ଦାବି କରି ନେଉଛନ୍ତି। ଯାହାର ସିଧାସଳଖ ପ୍ରଭାବ ଗରିବ ହିତାଧିକାରୀଙ୍କ ଉପରେ ପଡୁଛି। ଅନ୍ୟ କେଉଁ ଆଖପାଖ ନଦୀରୁ ବାଲି ନେଲେ ସ୍ଥାନୀୟ ଲୋକେ ବାଲି ନେବାକୁ ଦେଉନାହାନ୍ତି। ଟ୍ରାକ୍ଟର ମାଲିକ ମାନେ ମଧ୍ୟ ବହୁ ହନ୍ତସନ୍ତ ହେଉଛନ୍ତି। ଏଠାରେ ପ୍ରଶ୍ନଉଠୁଛି କେଉଁ ଅଧିକାରରେ କମଳାପଦର୍ ଗ୍ରାମବାସୀ ଗାଡ଼ି ପିଛା ୨୦୦ ଟଙ୍କା ନେଉଛନ୍ତି। ପୁଲିସ ସେମାନଙ୍କ ବିରୋଧରେ କାହିଁକି କାର୍ଯାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ବିଭିନ୍ନ ମହଲରୁ ପ୍ରଶ୍ନ କରାଯାଉଛି। ଯଦି ଏହି ପରିସ୍ଥିତି ଲାଗିରହେ ତେବେ ଆଗାମୀ ଦିନରେ ଖଇରପୁଟ ବ୍ଲକରେ ଆବାସ ଯୋଜନା ଓ ଅନ୍ୟାନ୍ୟ ସରକାରୀ ନିର୍ମାଣ କାମ ଧୀରଗତି ହୋଇଯିବ ବୋଲି ମତ ପ୍ରକାଶ ପାଉଛି।

# ସବୁଠି ହେଲା ସଫେଇ କାର୍ଯ୍ୟକ୍ରମ

ପଡିଆ, ୧୪।୮ (ସମିସ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ସ୍ୱଚ୍ଛତା ସପ୍ତାହ ପାଳନ କରାଯାଇଛି। ଏଥିପାଇଁ ଅଗଷ୍ଟ ୮ ତାରିଖ ଠାରୁ ୧୫ ତାରିଖ ମଧ୍ୟରେ ପ୍ରତ୍ୟେକ ଗ୍ରାମର ଅଙ୍ଗନବାଡି କେନ୍ଦ୍ରଠାରୁ ଆରମ୍ଭ କରି ବ୍ଲକସ୍ତରୀୟ ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ସ୍ଥାନୀୟ ଜନସାଧାରଣଙ୍କ ସହ ମିଶି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପରିସର, ଶିକ୍ଷା ଅନୁଷ୍ଠାନ, ଖୋଲା ସ୍ଥାନ, ଧାର୍ମିକ ସ୍ଥଳ ସମେତ ବିଭିନ୍ନ ଗୋଷ୍ଠୀ ବ୍ୟବହୃତ ସ୍ଥାନ ଗୁଡିକୁ ସଫେଇ କରାଯାଇଥଲା। ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନି କୁମାର ମହାପାତ୍ରଙ୍କ ନେତୃତ୍ୱରେ ପଡିଆ ବ୍ଲକର ଆଠଗୋଟି ପଞ୍ଚାୟତର ୪୪ ଟି ରାଜସ୍ୱ ଗ୍ରାମ ଅନ୍ତର୍ଗତ ପ୍ରାୟ ୧୨୦ ଟି ଅଙ୍ଗନବାଡି କେନ୍ଦ୍ର, ୩୪ଟି ସ୍କୁଲରେ ସଫେଇ କରାଯାଇଥିବା ଜଣାପଡିଛି। ଏହି ସ୍ଥାନ ଗୁଡିକୁ ସଫେଇ କରାଯିବା ପରେ ଓଡିଶା ଜୀବିକା ମିଶନର ମହିଳା ମାନେ 'ଏକ୍ ପେଡ଼ ମା' କେ ନାମ" କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାୟ ୧୮ ହଜାରରୁ ଅଧିକ ଚାରାରୋପଣ କରିଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମକୁ ବ୍ଲକ ସ୍ତରରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ବିଆରସି ଚୀନାମ ପ୍ରଶାନ୍ତ ପରିଚାଳନା କରୁଥିବା ବେଳେ ଓଡ଼ିଶା ଜୀବିକା ମିଶନର ଅମିତ କୁମାର ନମଦାସ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ମାନେ ସହଯୋଗ କରିଥିବା ଜଣାପଡିଛି।

# ଜିଲ୍ଲା କିଷାନ କଂଗ୍ରେସର କୃଷକ ସାଂଗଠନିକ ସଭା



ରାୟଗଡ଼ା,୧୪।୮ (ସମିସ): ରାୟଗଡ଼ା ଜିଲ୍ଲା କିଷାନ କଂଗ୍ରେସ କମିଟି ସଭାପତି ଗଙ୍ଗା ଆଚାରୀଙ୍କ ସଭାପତିତ୍ୱରେ ସ୍ଥାନୀୟ କଂଗ୍ରେସ ଭବନ ଠାରେ ଓଡିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯିବା ସହ କୃଷକ ସାଂଗଠନିକ ସଭା ଅନୁଷ୍ଠିତ ହୋଇଥିଲା। ନବ ନିଯୁକ୍ତ ଓଡିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ସାହୁଙ୍କୁ ଜିଲ୍ଲା କିଷାନ କଂଗ୍ରେସ କମିଟି ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ସଭାରେ ଜିଲ୍ଲାରେ କିଭଳି କିଷାନ କଂଗ୍ରେସ ଆହୁରି ସୁଦୃଢ ହେବ ଏବଂ କୃଷକମାନେ ସେମାନଙ୍କର ଉଚିତ ଅଧିକାର ପାଇପାରିବେ ସେ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ରାୟଗଡ଼ା ବିଧାୟକ କାଡ୍ରକା ଆପାଲାସ୍ୱାମୀ, ଜିଲ୍ଲା କଂଗ୍ରେସ ସଂଯୋଜକ ଦୁର୍ଗା ପ୍ରସାଦ ପଣ୍ଡା, ସୁନୀଲ ଚନ୍ଦ୍ର ପଣ୍ଡା, ଗାଡିଗା ବାଚେଲି, ଦେବେନ୍ଦ୍ର ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




# ଜିଲ୍ଲା କଂଗ୍ରେସର ମଶାଲ ଶୋଭାଯାତ୍ରା



ରାୟଗଡ଼ା,୧୪।୮ (ସମିସ ): ରାୟଗଡ଼ା ଜିଲ୍ଲା କଂଗ୍ରେସ ସଂଯୋଜକ ଦୁର୍ଗା ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ବିଜେପିର ଭୋଟ ଚୋରିକୁ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ଗୁରୁବାର ସଂଧ୍ୟରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ଏମପି ସପ୍ତଗିରି ଶଙ୍କର ଉଲାକା ଓ ରାୟଗ?। ବିଧାୟକ ଆପଲସ୍ୱାମୀ କାଡ୍ରାକାଙ୍କ ସମେତ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ। ସ୍ଥାନୀୟ କଂଗ୍ରେସ ଭବନ ଠାରୁ ମଶାଲ ଶୋଭାଯାତ୍ରାରେ ବାହାରି ମୁଖ୍ୟ ବଜାର ଦେଇ ତହସିଲ ଛକ ନିକଟସ୍ଥ ଡ଼ଃ. ଭୀମାରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ମଙ୍ଗରାଜ, ଯୁବ କଂଗ୍ରେସ ଜିଲ୍ଲା ସଭାପତି ମୋହନ ନାଏକ, ଉପସଭାପତି ଅସଲାମ୍ ଖାନ, ବରିଷ୍ଠ ନେତା ପାର୍ଥ ବର୍ଦ୍ଧନ, କିଷାନ କଂଗ୍ରେସ ନେତା ଏମ.ଗଙ୍ଗାଧର ଆଚାରି, ଏମପିଙ୍କ ପିଏ ବାପି ପଟ୍ଟନାୟକ, ସମିତି ସଭ୍ୟ ଭୂଷଣ ବିଡିକା, ହୁତାଶନ ନାଏକ, ହରିଶ ପଟନାୟକ, ବାଦଲ ମହାନ୍ତି, କିଲି ଗାନ୍ଧୀଙ୍କ ସମେତ ଜିଲ୍ଲାର ବହୁ ସଂଖ୍ୟାରେ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

ମାଲକାନଗିରି, ୧୪।୮ (ସମିସ): ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ବସ୍‌ଷ୍ଟାଣ୍ଡ ଠାରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ହର ଘର ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପ ଜିଲ୍ଲାପାଳ ଅଶ୍ୱିନ ଏଏଲ୍, ପିଏ ଆଇଟିଡିଏ ହଳଧର ଶବର, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରମିଳା ମାଝୀ, ପୌର ପରିଷଦ ନିର୍ବାହୀ ଅଧିକାରୀଓ ରାଜୀବ ଲୋଚନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୧୦୦ ମିଟର ଲମ୍ବର ତ୍ରିରଙ୍ଗା ପତାକା ଧରି ପଦଯାତ୍ରା କରାଯାଇଥିଲା। ସଂସ୍କୃତି ଭବନ ଠାରେ ଦେଶାତ୍ମବୋଧକ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଲୋକ ପ୍ରତିନିଧି, ଛାତ୍ରୀଛାତ୍ର, ଜିଲାସ୍ତରୀୟ ଅଧିକାରୀ, ଏବଂ ଅବକାରୀ, ବିଏସଏଫ୍ ଯବାନ ଓ ପୋଲିସ ବିଭାଗର କର୍ମଚାରୀ, ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ।

# ବ୍ଲକ୍‌ସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା

ବିଷମ କଟକ,୧୪।୮ (ସମିସ): ରାୟଗଡା ଜିଲ୍ଲା ବିଷମ କଟକ ନିର୍ବାଚନ ମଣ୍ଡଳୀର ବିଜେପି ଦଳ ପକ୍ଷରୁ ବ୍ଲକସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଜାଦି କା ଅମୃତ ମହୋତ୍ସବ ତଥା ଘରେ ଘରେ ତ୍ରିରଙ୍ଗା ଅଭିଯାନ ପାଳନ ହୋଇଛି। ବିଷମକଟକ ବ୍ଲକ ଅନ୍ତର୍ଗତ ହାଟ ମୁନିଗୁଡା ସଦର ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବିଜେପି ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବାଦଲ କୁମାର ରଣାଙ୍କ ଆନୁକୁଲ୍ୟରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ଘର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦ ବିଷମ କଟକ ଉପଖଣ୍ଡ ସଭାପତି ସୁଦର୍ଶନ କୁଶୁଲିଆ, ରବି ହିକକା, ରୋହିତ ଦଣ୍ଡସେନା, ରାମ ଉର୍ଲକ, ଅନିଲ କୁମାର ସାହୁ, ସଦାନନ୍ଦ ସାହୁ, ନାଗେଶ୍ୱର ରାଓ, ରବୀନ୍ଦ୍ର ନାଥ କବୀର ଓ ଅଙ୍ଗଦ ଟାକ୍ରିଙ୍କ ଉପସ୍ଥିତି ଥିଲେ।

# ଚିତ୍ରକୋଣ୍ଡାରେ ହର ଘର ତିରଙ୍ଗା କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୧୪।୮ (ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମା ଠାରେ ହର ଘର ତିରାଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। "ହର ଘର ତିରଙ୍ଗା, ହର ଘର ସ୍ୱଚ୍ଛତା' କାର୍ଯ୍ୟକ୍ରମ କରାଯାଇଛି। ଗୋଷ୍ଠୀଗତ ସଫେଇ, ସ୍ୱଚ୍ଛତା ସଚେତନତା, ଭିତ୍ତିଭୂମି ସଫେଇ କାର୍ଯ୍ୟକ୍ରମ କରାଯାଉଛି। ଆଜି ଚିତ୍ରକୋଣ୍ଡା ପଞ୍ଜାବୀ ଛକ୍ ଠାରୁ ଆରମ୍ଭ କରି ଚିତ୍ରକୋଣ୍ଡା ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ପଦଯାତ୍ରା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଡିଓ ପ୍ରିତା କୁମାର, ତହସିଲଦାର ନଟବର ଗରଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସରକାରୀ ସ୍ନାତକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଆଦର୍ଶ ସ୍କୁଲର ଛାତ୍ରଛାତ୍ରୀ, ଜିଲ୍ଲା ପ୍ରଶିକ୍ଷଣ ଅନୁଷ୍ଠାନର ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ସାମାଜିକ କର୍ମୀ, ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ୟୁଥ୍ କ୍ଲବ ସଦସ୍ୟ ଏହି କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିଲେ।

# ଚୋରି ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡ

ରାୟଗଡା,୧୪।୮ (ସମିସ): ଏକ ଚୋରି ମାମଲାର ବିଚାରଣା କରି ଆଜି ରାୟଗଡ଼ା ଏସ୍‌ଡିଜେଏମ୍ ବର୍ଷା ଦାସ ୩ ଜଣ ଚୋରି ଅଭିଯୁକ୍ତଙ୍କୁ ୩ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ସୂଚନା ମୁତାବକ, ଗତ ଫେବୃଆରୀ ୫ ତାରିଖ ସଂଧାରେ ରାୟଗଡ଼ାର ବ୍ୟବସାୟୀ ଟି.ଗୋରୀ ଶଙ୍କରଙ୍କର ଏକ ସ୍କୁଟି ଓ ୮ ଲକ୍ଷ ଟଙ୍କା ସ୍ଥାନୀୟ ନ୍ୟୁ କଲୋନୀରୁ ଚୋରି ହୋଇଥିଲା। ସେ ଏ ନେଇ ରାୟଗଡ଼ା ଟାଉନ ଥାନାରେ ଏକ ଏତଲା ଦେଇଥିଲେ । ପୁଲିସ ଏକ ମାମଲା ରୁଜୁ କରି ଏହାର ତଦନ୍ତ କରି ଭିମୁଡୁ ହୁଇକା, କିଶୋର ମାଣ୍ଡାଙ୍ଗି ଓ ଇନ୍ଦୁ କାଡ୍ରାକାଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲା। ସେମାନଙ୍କ ପାଖରୁ ଏକ ଲକ୍ଷ ୭୭ ହଜାର ଟଙ୍କା, ସ୍କୁଟି ସହ ଅନ୍ୟାନ୍ୟ ଜିନିଷପତ୍ର ଜବତ କରିଥିଲା ପୁଲିସ। ଏହି ମାମଲାରେ ୬ ଜଣଙ୍କ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତି କରି ବିଚାରପତି ବର୍ଷା ଦାସ ୩ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜୋରିମାନା ଶୁଣାଇଛନ୍ତି। ଜରିମାନା ଅନାଦେୟରେ ଆଉ ୬ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ଏହି ମାମଲା ସରକାରୀ ଓକିଲ ସଚିଦାନନ୍ଦ ଖାଡ଼ଙ୍ଗା ପରିଚାଳନା କରିଥିଲେ।

# ପ୍ରଧାନ ଶିକ୍ଷକଙ୍କ ପରଲୋକ



ଗୁଡାରୀ,୧୪।୮ (ସମିସ): ଗୁଡାରୀ ଏସ୍‌ଏସ୍‌ଡି ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋଜ ଗମାଙ୍ଗ (୪୮) ଙ୍କ ପରଲୋକ ଘଟିଛି। ସ୍ୱର୍ଗତ ଗମାଙ୍ଗ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ଏହି ଦୁଃଖଦ ଖବର ଶୁଣିବା ପରେ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ରଛାତ୍ରୀ ମର୍ମାହତ ହୋଇଛନ୍ତି। ବିଶାଖାପାଟଣାରେ ଚିକିତ୍ସା ସମୟରେ ତାଙ୍କର ଦେହାନ୍ତ ହୋଇଛି।

# ସେମିଲିଗୁଡ଼ା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




ସେମିଲିଗୁଡ଼ା,୧୪।୮ (ସମିସ): କୋରାପୁଟ ଜିଲ୍ଲା ସେମିଲିଗୁଡା ମହାବିଦ୍ୟାଳୟର ୪୦ତମ ପ୍ରତିଷ୍ଠା ଦିବସ ସମାରୋହର ଉଦଯାପନୀ ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍‌ସୀ ସିଂହଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ପରିଚାଳିତ ହୋଇଥିଲା। ଡ. ଗୀତା ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହାୟକ ପ୍ରାଧ୍ୟାପିକା ଡ. କାକୋଲି ବାନାର୍ଜୀ ଓ ସହାୟକ ପ୍ରାଧ୍ୟାପକ ପ୍ରସଂଜିତ୍ ସିହ୍ନା ମହାବିଦ୍ୟାଳୟର ବିଜ୍ଞାନ, କଳା ଓ ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରାରା ପ୍ରଦର୍ଶିତ ହୋଇଥିବା ବିଜ୍ଞାନ ପ୍ରଦର୍ଶନୀକୁ ଉଚ୍ଚ ପ୍ରଶଂସା କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ଓ ଗବେଷଣା କରିବା ନିମନ୍ତେ ଆଗେଇ ଆସିବା ପାଇଁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିବା ଡ.ସେମିଲିଗୁଡା ପ୍ରେସ କ୍ଲବ ସଭାପତି ଅଜୟ ସାହୁ, ସାମ୍ବାଦିକ ମନୋଜ ପଟ୍ଟନାୟକ, ଶେଖ୍ ଇବ୍ରାହିମ୍, ଅବସରପ୍ରାପ୍ତ ଅଧ୍ୟାପକ ଉମା ଶଙ୍କର ପାତ୍ର , ସେଇକ୍ ଏବ୍ରହିମ୍,"ସେମିଲିଗୁଡା ମାହାବିଦ୍ୟାଳୟର ଇତିହାସ ଓ ଚାଳିଶ ବର୍ଷର ଜୟଯାତ୍ରାକୁ ଉତଥାପନ କରିବା ସହ ପ୍ରତିଷ୍ଠାତା କୃଷ୍ଣ ସିଂହଙ୍କ ନେତୃତ୍ୱରେ ଏଭଳି ଏକ ଶିକ୍ଷାନୁଷ୍ଠାନ ସ୍ଥାପନ କରି ଏ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିଥିବାରୁ ସଦାସର୍ବଦା ସ୍ମରଣୀୟ ବୋଲି ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଅଧ୍ୟାପକ ଦେବରାଜ ନାୟକ, ଡ. ଗୀତା ପଟ୍ଟନାୟକ, ହରପ୍ରସାଦ ପତି, ସୁରେଶ ପାଇକରାୟ, ପ୍ରେମାନନ୍ଦ ରାଉତ, ଅଲେଖ ପ୍ରସାଦ ପଣ୍ଡା, ଡ. ପ୍ରୀତିସ ବେହେରା, ଅସିତ୍ କୁମାର ମିଶ୍ର, ଅମିତ ଦାସ, ଜୋସ୍ନା ଦାସ, ରିଶବିତା ଖୋସଲା, ଦିଗେଶ୍ୱରୀ ଶିଖା, ବବିତା ମିଶ୍ର, ସୁମିତ୍ରା ଗିରି, ପୂର୍ଣ୍ଣିମା ଗିରି, ସଂଗୀତା ଦାସ, ହରେକୃଷ୍ଣ ସାହୁ ବିନୋଦ ଲେଙ୍କା, ବିନୟ ପଣ୍ଡା, ମଧୁସ୍ମିତା ମହାରଣା, ମନିଷା ବେହେରା, ପିଙ୍କୀ ଜୈନ, ଆରତୀ ପ୍ରଧାନ, ରଶ୍ମିତା ସାହୁ ରୋନାଲି ନାୟକ, ଅମିଶା ପାଢ଼ୀ ପ୍ରମୁଖଙ୍କ ଉପସ୍ଥିତିରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଜାତୀୟ ସଙ୍ଗୀତ ଗାନ କରାଯାଇ ଉଦ୍‌ଯାପନ କାର୍ଯ୍ୟକୁ ସମାପ୍ତ କରାଯାଇଥିଲା।

# ଆତ୍ମହତ୍ୟା ରୋକିବାକୁ ସଚେତନତା

କୋରୁକୋଣ୍ଡା/ବାଲିମେଳା,୧୪।୮ (ସମିସ): ରାଜ୍ୟରେ ଅ।।ହତ୍ୟା ଦିନକୁ ଦିନ ବଢୁଥିବା ବେଳେ ଏହାକୁ ରୋକିବା ନିମନ୍ତେ ଆଜି ଓରକେଲ ଏବଂ କୋରୁକୋଣ୍ଡା ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ବାଲିମେଳା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ କୋରୁକୋଣ୍ଡା ବ୍ଲକ ଏମଭି-୩୪ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଓରକେଲ ଥାନାଧିକାରୀ ଧୀରେନ ପଟ୍ଟନାୟକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏମଭି-୩୪ ସରକାରୀ ଉଚ୍ଚ ବିଦ୍ୟାଳୟରେ ଥାନାଧିକାରୀ ହିମାଂଶୁ ଶେଖର ବାରିକ ଯୋଗଦେଇଥିଲେ। ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଶିଳା କୁମାରୀ ହିଆଲ, କୋରୁକୋଣ୍ଡା ସିଡ଼ିପିଓ ରେଖାରାଣୀ ବାରି ଙ୍କ ସମେତ ଉଭୟ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ।



Lunching of Zoom 125, Courtesy Soumik Hero, Jajpur Road

# ଦେଶାତ୍ମବୋଧ ସ୍ଲୋଗାନରେ କମ୍ପିଲା ରାସ୍ତା

କୋମନା,୧୪।୮(ସମିସ): ନୂଆପଡ଼ ଜିଲ୍ଲା କୋମନା ବ୍ଲକ୍ ପ୍ରଶାସନ ପକ୍ଷରୁ ଗୁରୁବାର ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଡିଓ ସର୍ବେଶ୍ୱର ଜାଲଙ୍କ ନେତୃତ୍ୱରେ ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ଅତିରିକ୍ତ ବିଡ଼ିଓ ଭକ୍ତବନ୍ଧୁ ବୁଡ଼େକ, କୋମନା ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଭେଲା ସରପଞ୍ଚ ବିମଲ ଯୋଶୀ, ମାନିଗୁଡା ସରପଞ୍ଚ ବିରାଟ ବାଗ, କୁରେଶ୍ୱର ସରପଞ୍ଚ ସତ୍ୟବାନ ସାହୁ, ରଜନା ସରପଞ୍ଚ ଖୀରସିନ୍ଧୁ ଭୋଇଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଙ୍ଗନବାଡି କର୍ମୀ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କୋମନା ନୂତନ ବ୍ଲକ କାର୍ଯ୍ୟାଳୟରୁ ପୁରୁଣା ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ତ୍ରିରଙ୍ଗା ଧରି ଧରି ସମସ୍ତେ ପଦଯାତ୍ରା କରିଥିଲେ। ସେହିପରି କୋମନା + ୨ କଲେଜର ୫ ଶହରୁ ଅଧିକ ଛାତ୍ରଛାତ୍ରୀ ତ୍ରିରଙ୍ଗା ଧରି କୋମନା ସହରର ପ୍ରତ୍ୟେକ ଗଳିକନ୍ଦିରେ ହର୍ ଘର୍ ତ୍ରିରଙ୍ଗା ଉତ୍ସବ ପାଳନ ପାଇଁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଦୀପକ ଦାସଙ୍କ ନେତୃତ୍ୱରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ସାମିଲ ହୋଇଥିଲେ।

**କେସିଙ୍ଗା:** କେସିଙ୍ଗା ବ୍ଲକ୍ ଗୁର୍ଜିମୁଣ୍ଡା ମାଁ ଯୋଗମାୟା ପୀଠରୁ କାଣ୍ଡେଲ ଗ୍ରାମ ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ଶୋଭାଯାତ୍ରା ବାହାରିଥିଲା। ଏହି ଅବସରରେ ଦେଶ ପାଇଁ ବଳିଦାନ ଦେଇଥିବା ବୀର ଶହୀଦ ହେମନ୍ତ ମାଝୀ ଏବଂ କାଣ୍ଡେଲସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଝସକେତନ ସାହୁ, ମୁନା ସ୍ୱାଇଁ, ଶଶାଙ୍କ ଶେଖର ମହଲା, ପ୍ରତାପ ବାଗ, ଅଶୋକ ପୋଢ଼, ଧନେଶ୍ୱର ସାହୁ, କୁଞ୍ଜବିହାରୀ ସାହୁ, ଅକ୍ଷୟ ରଣା, ପ୍ରଭାତ ବିଶି, ସୁବାଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**କୋକସରା:** କୋକସରା ବ୍ଲକ ଆମପାଣି ପଞ୍ଚାୟତର ବିରିମୁହାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଈଶ୍ୱରୀ ପ୍ରସାଦ ଅଗସ୍ତିଙ୍କ ଅଧ୍ୟକ୍ଷତାରେ ଏକ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା ସହ ଜନସାଧାରଣଙ୍କୁ ତ୍ରିରଙ୍ଗା ଯାତ୍ରାକୁ ନେଇ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ସଦସ୍ୟା ତଥା ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଭାକର ଖଟୁଆ ଏବଂ ପଙ୍କଜ ପରିଜା ସହଯୋଗ କରିଥିଲେ।

**ଲାଞ୍ଜିଗଡ:** ଭାରତର ୭୯ତମ ସ୍ୱାଧୀନତା ଦିବସ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଘରେ ଘରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାରା ଦେଶ ଆଜି ଏକଜୁଟ ହୋଇଛି ତ୍ରିରଙ୍ଗା ପତାକା ତଳେ ଦେଶପ୍ରେମର ମହାମନ୍ତ୍ର ଉଚ୍ଚାରଣ କରିବା ପାଇଁ। ଏବେ ସମସ୍ତଙ୍କ ହାତରେ ତ୍ରିରଙ୍ଗା ଓ ମୁହଁରୁ ଶୁଭୁଛି ଭାରତ ମାତା କୀ ଜୟର ଧ୍ୱନି। ଏହି ପରିପେକ୍ଷୀରେ ଗୁରୁବାର ଲାଞ୍ଜିଗଡ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା କରାଯାଇଛି। ଏହା ଲାଞ୍ଜିଗଡ଼ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଆସିଥଲା। ପୂଜାର୍ଚ୍ଚନା କରିବା ପରେ ପୁଣି ବ୍ଲକ୍ କାର୍ଯ୍ୟାଳୟକୁ ଫେରିଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ଶଶାଙ୍କ ପାତ୍ର, ରମେଶ ମାଝୀ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର, ଏପିଓ ସଞ୍ଜିତ ପରଡ଼ା, ବ୍ଲକ୍ ମଙ୍ଗଳ ଅଧିକାରୀ ପଙ୍କଜ ବଳିଆର ସିଂ, ତୋଫାନ ସୁନାନୀ, ନରେନ୍ଦ୍ର ବେହେରା, ତୁଳସୀ ମାଝୀ, ପ୍ରଭୁ ରଞ୍ଜନ ସାମଲ, ଗୌତମ ନାଗ, ସୁବାଷ ଅଗ୍ରୱାଲ, ସଞ୍ଜୟ ସାହୁ, ଲକ୍ଷ୍ମୀଧର ସନ୍ତୋଷ ରାୟ, ଅନନ୍ତରାମ ପ୍ରଧାନୀ, ତ୍ରିନାଥ ପାତ୍ର, ଭାଗିରଥି ଧଙ୍ଗଡ଼ା ମାଝୀ, ଖୁସି ରାମ ଗୌଡ଼, ଦେବ ପଟେଲ, ମିଳନ ମହାପାତ୍ର, ଭକ୍ତ ଦୋରା, ଦେବରାଜ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ସ୍କୁଲର ଶିକ୍ଷକ, ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ବ୍ଲକସ୍ତରୀୟ କର୍ମଚାରୀଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ।

**ମ.ରାମପୁର:** କଳାହାଣ୍ଡି ଜିଲ୍ଲା ମ.ରାମପୁରରେ ବିଜେପି ତରଫରୁ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଦୁଇ ଦିନ ଧରି ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମ ଦିବସରେ ଖ୍ରୀଷ୍ଟଦତ୍ତ ରାଉତଙ୍କ ନେତୃତ୍ୱରେ ଉର୍ଲଦାନୀ ପଞ୍ଚାୟତର ରଙ୍ଗାପଦରଠାରୁ ଆରମ୍ଭ ହେଇ ଉର୍ଲଦାନୀ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଦ୍ୱିତୀୟ ଦିବସରେ ଯଜ୍ଞସେନ ପଣ୍ଡାଙ୍କ ନେତୃତ୍ୱରେ ମ.ରାମପୁର ଅଞ୍ଚଳରେ ଏହି ତ୍ରିରଙ୍ଗା ଯାତ୍ରା ସମାପନ ହେଇଥିଲା। ପଦ୍ମଲୋଚନ ମିଶ୍ର, ସଂଯୁକ୍ତା ସିଂହଦେଓ, ଖୁସିରାମ ସାହୁ, ପ୍ରଶାନ୍ତ ତ୍ରିପାଠୀ, ପ୍ରତାପ ଚନ୍ଦ୍ର ରଣା, ବିଜୟ ମହାଖୁଡ଼, ଦିବାକର ବାଗ, ଫକୀର ରଣା, ମୋହନ ମନହୀରା, ଜୟ ପାତ୍ର, ଦେବଦତ୍ତ ପ୍ରହରାଜ, ଦିଲୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଡୁଙ୍ଗୁରିପାଲି:** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲିରେ ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଓ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରବୀର ସାହୁଙ୍କ ନେତୃତ୍ୱରେ ଏହି ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶିଶୁ ମନ୍ଦିର ଛକରୁ ବାଇକ୍ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଡୁଙ୍ଗୁରିପାଲି ମୁଖ୍ୟ ରାସ୍ତା ଦେଇ ସହର ପରିକ୍ରମା କରିବା ପରେ ସହଲାଠାରେ ସମାପନ ହୋଇଥିଲ। ହେମନ୍ତ ବିଶ୍ୱାଳ, ପ୍ରକାଶ ସାହୁ, ଚନ୍ଦ୍ର କେତୁ ମହାଲିଙ୍ଗ, ମଦନ ଗଡତିଆ, ଗଣେଷ ମାଝୀ, ବସନ୍ତ ପତି, ଖେମାନିଧି ମେହେର, ଚକ୍ର ମନହିରା, ଦୁର୍ଯ୍ୟୋଧନ ପୋଢ଼, ଅଣାକାର ବିଶେଶ୍ୱର, ଅକ୍ଷୟ ପଧାନ, ସରୋଜ ପାଣ୍ଡେ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

**ସୁବଳୟା:** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର କଳାପଥର ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ ଓ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ପଧାନ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନିଶାର ଭୟାବହତା ଉପରେ ସେ ସଚେତନତା ସୃଷ୍ଟି କରିଥିଲେ। ନିଶାମୁକ୍ତ ଭାରତ ଗଢିବା ଅଭିଯାନରେ ସାମିଲ ହୋଇ ଭାରତକୁ ଏକ ବିକଶିତ ରାଷ୍ଟ୍ର ଭାବେ ଗଢି ତୋଳିବାକୁ ସେ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ଏକ ଶପଥ ପାଠ କରାଯାଇଥିଲା। ସେହିଭଳି ଛାତ୍ରଛାତ୍ରୀଙ୍କ ମଧ୍ୟରେ ରେଙ୍ଗାଲି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଦେବଯାନୀ ମେସୁଆ, ଶାନ୍ତନୁ ପଧାନ, ଶିବବ୍ରତ କର୍ଣ୍ଣ, ବିପିନ କଳତା, ରିଙ୍କି ଗଡୁଆ, ଅବନ୍ତି ନାଏକ, ସଞ୍ଜୟ କର୍ଣ୍ଣ, ବସୁଦେବ ରଣା, ବ୍ରଜ ମହାକୁର ପ୍ରମୁଖ ସହଯୋଗ କରିଥିଲେ।




## ଶିକ୍ଷକ କୃଷ୍ଣ ବାଘଙ୍କ ପରଲୋକ



ତରଭା,୧୪।୮(ସମିସ): ତରଭା ସରକାରୀ ବାଳକ ହାଇସ୍କୁଲର ପ୍ରାକ୍ତନ ଶିକ୍ଷକ କୃଷ୍ଣ କୁମାର ବାଘ (୮୨) ଆଉ ନାହାନ୍ତି। ସମ୍ବଲପୁରର ଏକ ଘରୋଇ ଡାକ୍ତରଖାନାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସୋନପୁର ରାମେଶ୍ୱର ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ପ୍ରଶାନ୍ତ ମୁଖାଗ୍ନି ଦେଇଥିଲେ।

## କାର୍‌କୁ ଘୋଷାଡି ନେଲା ଟ୍ରକ୍

ବିନିକା,୧୪।୮(ସମିସ): ବିନିକା-ରାମପୁର ମୁଖ୍ୟ ରାସ୍ତାର ସିଂଘିଯୁବା ହାଇସ୍କୁଲ ଛକଠାରେ ଗୁରୁବାର ଅପରାହ୍ନରେ ଦୁର୍ଘଟଣା ଘଟିଛି। ଏକ କାରକୁ ପଛପଟୁ ଗୋଟିଏ ଟ୍ରକ୍ ଧକ୍କା ଦେଇ କିଛି ଦୂର ଘୋଷାଡି ନେଇଥିଲା। ଏହା ଫଳରେ କାରଟି ଭାଙ୍ଗି ରୁଜି ଯାଇଛି। କାର୍ ଚାଳକ କିନ୍ତୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କାରଟି ସୋନପୁର ପଟରୁ ରାମପୁର ପଟକୁ ଯାଉଥିଲା। ଏହି ସମୟରେ କାରର ପଛେ ପଛେ ଏକ ଟ୍ରକ ମଧ୍ୟ ଦ୍ରୁତ ଗତିରେ ଯାଉଥିଲା। ସିଂହିଯୁବା ଛକ ନିକଟରେ ଟ୍ରକଟି କାରକୁ ଧକ୍କା ଦେଇ ଘୋଷାଡି ନେଇଥିଲା।

## ଇନୋଭେସନ ଆଣ୍ଡ ଷ୍ଟାର୍ଟଅପ୍ ପ୍ରତିଯୋଗିତା

ସୁବଳୟା,୧୪।୮(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମହାବିଦ୍ୟାଳୟରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ସହଯୋଗରେ ଗୁରୁବାର ଇନୋଭେସନ ଆଣ୍ଡ ଷ୍ଟାର୍ଟଅପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କିଶୋର ହୋତା, ମତ୍ସ୍ୟ ଚାଷ ପ୍ରଶିକ୍ଷକ ସୁଶୀଲ ପାଣିଗ୍ରାହୀ, ପଦାର୍ଥ ବିଜ୍ଞାନର ଅଧ୍ୟାପିକା ସୁପ୍ରଭା ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ମାଧବ ପଧାନ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଜିତେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ନରେନ୍ଦ୍ର ଝା, ନିତାରାଣୀ ପଧାନ, ପ୍ରଭାତ ପୁରୋହିତ, ଦୀପକ ଟପ୍ପୋ, ସିଦ୍ଧେଶ୍ୱର ତ୍ରିପାଠୀ, ମାଳତୀ ନାଏକ, ବିଦ୍ୟୁତ ପ୍ରଭା ରଥ, ସୋନାଲି ମହାକୁର, ପୂଜାରାଣୀ ମେହେର ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।

## ବାର୍‌ହା ମୃତଦେହ ଜବତ

କେସିଙ୍ଗା,୧୪।୮(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବନଖଣ୍ଡ ବତିଯୋର ନିକଟରୁ ଏକ ବାର୍‌ହା ମୃତଦେହ ମିଳିଛି। ବିଦ୍ୟୁତ୍ ତାର ଲଗାଇ ମରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବନ ବିଭାଗ ବାର୍‌ହା ମୃତଦେହ ଜବତ କରିଛି। ଏହାସହ ସେଠାରୁ ଏ ବାଇକ୍ ମଧ୍ୟ ଜବତ କରିଛି। ବ୍ୟବଚ୍ଛେଦ ପାଇଁ ପଶୁ ଚିକିତ୍ସାଳୟ ପଠାଇ ତଦନ୍ତ ଜାରି ରହିଥିବା ବନ ବିଭାଗ କହିଛି।

## ରାଜ୍ୟସ୍ତରୀୟ ଚେସ୍ ଚାମ୍ପିଅନସିପ ଉଦ୍‌ଘାଟିତ

ବୌଦ୍ଧ,୧୪।୮୨୫(ସମିସ): ବୌଦ୍ଧ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲରେ ୬୫ତମ ଷ୍ଟେଟ ସିନିଅର ଫିଡେ ରେଟିଂ ଚେସ ଚାମ୍ପିଅନସିପ-୨୦୨୫ ଉଦ୍‌ଘାଟିତ ହୋଇଛି। ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଏବଂ ଅଲ୍ ଓଡିଶା ଚେସ୍ ଆସୋସିଏସନ ସହାୟତାରେ ବୌଦ୍ଧ ଜିଲ୍ଲା ଚେସ୍ ଆସୋସିଏସନ ଦ୍ୱାରା ଆୟୋଜିତ ଏହି ଚାମ୍ପିଅନସିପରେ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ସର୍ବ ଭାରତୀୟ ଚେସ୍ ଫେଡେରେସନର ତତ୍ତ୍ୱାବଧାନରେ ଅଗଷ୍ଟ ୧୪ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଚେସ୍ ଚାମ୍ପିଅନସିପର ଉଦ୍‌ଘାଟନୀ ଉତ୍ସବରେ କଣ୍ଟାମାଳ ବିଧାୟକ କହ୍ନେଇ ଚାରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ଚେସ୍ ସଂଘ ଉପ ସଭାପତି ଶଙ୍କର ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବୌଦ୍ଧ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲ ଅଧ୍ୟକ୍ଷା ସସ୍ମିତା ସେନାପତି, ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ଦାଶ, ଅନ୍ତର୍ଜାତୀୟ ଆର୍ବୀଟର ସୁରେଶ ସାହୁ ଯୋଗ ଦେଇଥିଲେ। ବୌଦ୍ଧ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲ ଉପାଧ୍ୟକ୍ଷ ସତ୍ୟନାରାୟଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବୌଦ୍ଧ ଜିଲ୍ଲା ଚେସ ସଙ୍ଘ କୋଷାଧ୍ୟକ୍ଷ ନିରୋଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଚାମ୍ପିଅନସିପରେ ୧୨୧ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ୫୦ରୁ ଅଧିକ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରର ରେଟେଡ଼ ଖେଳାଳି ଭାଗ ନେଇଛନ୍ତି। ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ଆର୍ବୀଟର ସୁରେଶ ଚନ୍ଦ୍ର ସାହୁ, ସନ୍ତୋଷ ମହାପାତ୍ର, ପିଙ୍କି ମହାପାତ୍ର ପରିଚାଳନା କରୁଛନ୍ତି।

## ୧୨୧ତମ ଶିକ୍ଷା ଚେତନା ଅଭିଯାନ

ଭବାନୀପାଟଣା,୧୪।୮(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍ ଦାସିଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ ତରଫରୁ ୧୨୧ତମ ଶିକ୍ଷା ଚେତନା ଅଭିଯାନ ଅନୁଷ୍ଠିତ ହେଇଯାଇଛି। ଦାସିଗାଁ ସରପଞ୍ଚ ପ୍ରମୋଦିନୀ ପ୍ରହରାଜ ସଭାପତିତ୍ୱ କରିଥିଲେ। ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସମିତି ସଭ୍ୟ ସୌମେନ୍ଦ୍ର ମୁଣ୍ଡ, ଉଦ୍ଧବ ଚରଣ ସାହୁ, ନାରାୟଣ ପାଢ଼ୀ, ଶିକ୍ଷାବିତ ଲିଙ୍ଗରାଜ ମିଶ୍ର, ବସନ୍ତ ନାଏକ, ସାମ୍ବାଦିକ ସୁନ୍ଦର ମୋହନ ଛତ୍ରିଆ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବଡତ୍ୟା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ମଦନ ମୋହନ ମୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବିନାଶ ମୁଣ୍ଡ ପରିଚାଳନା କରିଥିବା ବେଳେ ବିଚାରକ ଭାବେ ଆଦିତ୍ୟ ପଣ୍ଡା ଓ ଗଣକ ଭାବେ ପବିତ୍ର ସରବାଙ୍ଗ ଦାୟିତ୍ୱ ନିର୍ବାହ କରିଥିଲେ। ଶିକ୍ଷକ ପ୍ରଜେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।









## ଯୁବମାଳ ଗାଁରେ କଙ୍ଗାରୁ କୋର୍ଟ; ୨ ଗିରଫ



ସଇଁତଲା, ୧୪।୮(ସମିସ): ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ଭନ୍ଦ୍ରା ପଞ୍ଚାୟତ ଯୁବମାଳ ଗାଁରେ କଙ୍ଗାରୁ କୋର୍ଟ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ବାନ୍ଧିଲା ସଇଁତଲା ପୁଲିସ। ଅଭିଯୁକ୍ତ ମାନେ ହେଲେ ଯୁବାମାଳ ଗାଁର ଜଗନ୍ନାଥ ଭୋଇ ଓ ଖଗେଶ୍ୱର ଭୋଇ। ସୂଚନା ଅନୁସାରେ ସାମାନ୍ୟ ଝଗଡ଼ାକୁ କେନ୍ଦ୍ରକରି ହାତଗୋଡ଼ ବାନ୍ଧି ଯୁବକକୁ ଆକ୍ରମଣ କରିଥିଲେ। ଗୁରୁତର ଯୁବକକୁ ଉଦ୍ଧାରକରି ବଲାଙ୍ଗିର ଭୀମଭୋଇ ମେଡିକାଲରେ ଭର୍ତ୍ତିକରି ଚିକିତ୍ସା କରାଯାଇ ଥିଲା। ମାଡ଼ ଖାଇଥିବା ବ୍ୟକ୍ତି ଦୁର୍ବାଦଳ ଭୋଇଙ୍କୁ ଏବେବି ବଲାଙ୍ଗିର ଡାକ୍ତର ଖାନାରେ ଚିକିତ୍ସା କରାଯାଉଛି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## କ୍ଲଷ୍ଟରସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା

ଦେଓଗାଁ, ୧୪।୮(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ପଞ୍ଚାୟତ ମୁଖ୍ୟାଳୟରେ ଗୁରୁବାର କ୍ଲଷ୍ଟରସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ହାଇସ୍କୁଲର ପ୍ରଧାନଶିକ୍ଷକ ଅମ୍ବରିଶ ଭୋଇଙ୍କ ଆବାହକତ୍ୱରେ ତଥା ସିଆରସିସି ସୁଶାନ୍ତ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନେ ହାଇସ୍କୁଲରୁ ଜାତୀୟ ପତାକା ଧରି ସ୍ୱାଧୀନତାର ବାର୍ତ୍ତାଦେଇ ଦେଓଗାଁ ଓ କଛାରପାଲି ଗ୍ରାମ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଏବିଇଓ ଚୈତନ୍ୟ ଧରୁଆ ଉପସ୍ଥିତ ଥିବାବେଳେ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟରୁ ୩୬୭ ଜଣ ଛାତ୍ରଛାତ୍ରୀ ଓ ୨୭ ଜଣ ଶିକ୍ଷକ, ଶିକ୍ଷୟତ୍ରୀ ଯୋଗଦେଇଥିଲେ।

## ନୂତନ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା



ମୁରିବାହାଲ, ୧୪। ୮(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନାରେ ନୂତନ ଥାନା ଅଧିକାରୀ ଭାବରେ ସନାତନ ସାହୁ ଯୋଗଦାନ କରିଛନ୍ତି। ଶ୍ରୀ ସାହୁ ଏହା ପୂର୍ବରୁ ବଲାଙ୍ଗିର ଜିଲ୍ଲା ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଥିଲେ। ଅଞ୍ଚଳରେ ଅପରାଧ ରୋକିବା ଓ ଦାଦନ ଚାଲାଣ ଉପରେ ଗୁରୁତ୍ୱ ଦେବେ ବୋଲି ଶ୍ରୀ ସାହୁ ପ୍ରକାଶ କରିଥିଲେ। ମୁରିବାହାଲ ବ୍ଲକ ସାମ୍ବାଦିକ ସଂଘ ତରଫରୁ ଶ୍ରୀ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁରିବାହାଲ ସାମ୍ବାଦିକ ସଂଘର ମୁଖ୍ୟ ଉପଦେଷ୍ଟା ଶ୍ରୀବତ୍ସ ବେହେରା, ସଭାପତି ସୁବ୍ରତ ମହାକୁର, ଉପାସଭାପତି କେଦାର ବଡ଼ଜେନା, ସମ୍ପାଦକ ସୁଦାମ ବଘାର, ପ୍ରଫୁଲ୍ଲ ବଘାର, ଅବିନାଶ ଭୋଇ, ଅମରେଶ ମାଝୀ, ଲକ୍ଷ୍ମୀକାନ୍ତ ଧରୁଆ ପ୍ରମୁଖ ଶ୍ରୀ ସାହୁଙ୍କୁ ସହଯୋଗ ଓ ସମର୍ଥନ ରହିବ ବୋଲି ସଙ୍ଘର ବରିଷ୍ଠ ଉପଦେଷ୍ଟା ଶ୍ରୀବତ୍ସ ବେହେରା ପ୍ରତିଶ୍ରୁତି ଦେଇଥିଲେ।

## ଡ୍ୟାମ୍ ତଳେ ମନ୍ଦିର ପାଇଁ ଦସ୍ତଖତ ଅଭିଯାନ



ବଲାଙ୍ଗିର, ୧୪।୮(ସମିସ): ଶ୍ରାବଣମାସ ତ୍ରୟୋଦଶୀ ଏବଂ ଚତୁର୍ଦ୍ଦଶୀରେ ବନଦୁର୍ଗା ମହୋତ୍ସବ କମିଟି ତରଫରୁ ଲୋୟର ସୁକତେଲ ଡ୍ୟାମ୍ ତଳେ ବାବା ବର୍ଫାନୀଙ୍କ ନାମରେ ମହାଦେବ ମନ୍ଦିର ନିର୍ମାଣ ନିମନ୍ତେ ୧୦୮ ପୃଷ୍ଠା ବିଶିଷ୍ଟ ଦସ୍ତଖତ ଅଭିଯାନ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଏହି ପ୍ରକଳ୍ପ ନିର୍ମାଣରେ ୨୯ ଖଣ୍ଡ ଗାଁ ସମ୍ପୂର୍ଣ୍ଣ ଅବା ଆଂଶିକ ପ୍ରଭାବିତରେ ଦେବା ଦେବୀ ମନ୍ଦିର ସମ୍ପୂର୍ଣ୍ଣ ଜଳବନ୍ଦିରେ ରହିଛନ୍ତି। କିଛି ଦେବା ଦେବି ବିସ୍ଥାପିତ ହେଲେ। ଏହି ଅବସରରେ ଲୋୟର ସୁକତେଲକୁ ଆସୁଥିବା ବିସ୍ତାପିତ ଏବଂ ସହରର ବିଭିନ୍ନ ଜାଗାରୁ ଆସୁଥିବା ଲୋକଙ୍କ ପାଇଁ ବିସ୍ତାପିତମାନେ ମନ୍ଦିର ସ୍ଥାପନ ପାଇଁ ସଂକଳ୍ପ ନେଇଛନ୍ତି। ଏନେଇ ବାରପୁଡୁଗିଆରୁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ଜିଲ୍ଲାସାରା ଅଭିଯାନ କରିବା ପାଇଁ କମିଟି ନିଷ୍ପତ୍ତି ନେଇଛି। ଏହି କାର୍ଯ୍ୟକ୍ରମରେ ଜୟକୃଷ୍ଣ ମିଶ୍ର, ସଞ୍ଜୟ ଗଡ଼ତ୍ୟା, କୈଳାସ ଚନ୍ଦ୍ର ସିଂଦେଓ, ନରେନ୍ଦ୍ର ବିଶି, ବିକାଶ ରଞ୍ଜନ ରଥ, ଦେବାଶିଷ ଦାଶ, ସଞ୍ଜୟ ନାୟକ, ସଦାନନ୍ଦ ମହଲା, ବିଜୟ ମହଲା ପ୍ରମୁଖ ନେତୃତ୍ୱ ନେଇଛନ୍ତି। ନରେନ୍ଦ୍ର ସାହୁ, ସୌମେନ୍ଦ୍ର ପରିଚ୍ଛା, ମନୋଜ ମହାନ୍ତି, ଆକାଶ ମିଶ୍ର, କମଲ ଅଗ୍ରୱାଲ, ଗୋପାଳଜୀ ପାଣିଗ୍ରାହୀ, ଘାସିରାମ ବେହେରା, ଲୋକନାଥ କୁମୁରା ପ୍ରମୁଖ ଯୋଗ ଦେଇଥିଲେ।

### ଅମଲାଙ୍କୁ ରାଜସ୍ୱ ମନ୍ତ୍ରୀଙ୍କ କାର୍ଯ୍ୟାନୁଷ୍ଠାନ ଚେତାବନୀ

# ଆନ୍ଦୋଳନ ତୀବ୍ର କରିବାକୁ ସଂଘର ଚେତାବନୀ

ବଲାଙ୍ଗିର, ୧୪।୮ (ସମିସ)

ରାଜସ୍ୱ ଅମଲା ସଂଘ ଆନ୍ଦୋଳନ ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଥିବାବେଳେ ବଲାଙ୍ଗିର ଜିଲ୍ଲାରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଗତ ଚାରିଦିନ ହେଲା ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଅମଲା ଆନ୍ଦୋଳନ ଚଳାଇଥିବାବେଳେ ଏପର୍ଯ୍ୟନ୍ତ ସରକାରୀସ୍ତରରେ କୌଣସି ଆଲୋଚନା ହୋଇନାହିଁ। ତେବେ ଆଲୋଚନା ବଦଳରେ ରାଜସ୍ୱ ମନ୍ତ୍ରୀ ଦେଇଥିବା ଅମଲାମାନଙ୍କୁ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିବା ବେଳେ ଏହି ଆନ୍ଦୋଳନର ଆଗାମୀ ରୂପରେଖକୁ ନେଇ ପ୍ରଶ୍ନ ଉଠିଛି। ତେବେ କାର୍ଯ୍ୟାନୁଷ୍ଠାନ ଭୟରେ ଅମଲା ସଙ୍ଘ ନୀରବ ରହିବ ନା ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର ହେବ ତାକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ଏହି ସବୁ ଭିତରେ କିନ୍ତୁ ବିଭିନ୍ନ ସରକାରୀ ବିଭାଗର କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇପଡ଼ିଛି। ଗୋଟିଏ ପଟେ ସଂଘ ନିଜ ଜିଦ୍‌ରେ ଅଟଳ ଥିବା ବେଳେ ଅନ୍ୟପଟେ



ରାଜସ୍ୱ ମନ୍ତ୍ରୀଙ୍କ କାର୍ଯ୍ୟାନୁଷ୍ଠାନ ଚେତାବନୀ ଯୋଗୁଁ ସଂଘ ଆହୁରି ପ୍ରତିକ୍ରିୟା ପ୍ରକାଶ କରିଛି। ମନ୍ତ୍ରୀ ଅମଲାମାନଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଂ କରିବା ସହ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ଆନ୍ଦୋଳନ ବନ୍ଦ ହେବନାହିଁ ବୋଲି ସଙ୍ଘ ଚେତାବନୀ ଦେଇଛି। ବଲାଙ୍ଗିର ଜିଲ୍ଲା ସଂଘ ସମ୍ପାଦକ ରତିକାନ୍ତ ପୁରୋହିତଙ୍କ କହିବା ଅନୁସାରେ ସରକାର ସଂଘ ସହ ଆଲୋଚନା କରିବା ବଦଳରେ ଚେତାବନୀ ଦେଇ ସ୍ୱର ଚାପିବାକୁ ଉଦ୍ୟମ କରୁଥିବା ପ୍ରକାଶ କରିଛନ୍ତି। ଅମଲାମାନଙ୍କ ପ୍ରତି କରାଯାଉଥିବା ଅବିଚାର ବିରୋଧରେ ଲୋକଙ୍କ ସମର୍ଥନ ଯୋଗାଡ କରିବ ପାଇଁ ୧୮ ତାରିଖ ରେ ବଲାଙ୍ଗିର ସହରରେ ଏକ ଶୋଭାଯାତ୍ରା କରାଯିବ ଓ ଏହା ସହିତ ଆବଶ୍ୟକ ହେଲେ ଆଗାମୀ ଦିନରେ ଅମଲାମାନେ ଆମରଣ ଅନଶନ କରିବାକୁ ବାଧ୍ୟ ହେବେ ବୋଲି ମଧ୍ୟ ସଂଘର ଜିଲ୍ଲା ଗଣମାଧ୍ୟମ ସମ୍ପାଦକ ଜ୍ୟୋତି ପ୍ରକାଶ ସାହୁ କହିଛନ୍ତି। ଚତୁର୍ଥ ଦିନରେ ମଧ୍ୟ ବଲାଙ୍ଗିର ଅମଲାମାନେ ଜିଲ୍ଲାପାଳ ଅଫିସ୍ ଆଗରେ ଧାରଣା ଦେବା ସହ ଦଶ ଦଫା ପୂରଣ କରିବାକୁ ଦାବି କରିଥିଲେ। ସରକାର ପ୍ରଶାସନ ବ୍ୟବସ୍ଥାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଅମଲାମାନଙ୍କୁ ଚେତାବନୀ ନ ଦେଇ ଦାବି ସବୁପୂରଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ ନଚେତ୍ ସଂଘ ଆନ୍ଦୋଳନକୁ ଆହୁରି ଜୋରଦାର କରିବ ବୋଲି ଜିଲ୍ଲା ସଭାପତି ପ୍ରଭାତ କୁମାର ମଲ୍ଲିକ ପ୍ରତିକ୍ରିୟା ରେ କହିଛନ୍ତି।

## ଟିଟିଲାଗଡ଼ରେ ଚାଷୀ ଆତ୍ମହତ୍ୟା ; ଶବ ରଖି ରାସ୍ତାରୋକ

ଟିଟିଲାଗଡ଼, ୧୪।୮(ସମିସ): ଟିଟିଲାଗଡ଼ ବ୍ଲକ ଅଧୀନ କୁରସୁବା ପଞ୍ଚାୟତ କଣ୍ଡରା ଗ୍ରାମର ଜଣେ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। କ୍ଷତିପୂରଣ ଦାବିରେ ପରିବାର ଲୋକେ ଗୁରୁବାର ଭବାନୀପାଟଣା ଖରିଆର ରାଜ୍ୟ ରାଜପଥରେ କଣ୍ଡରା ଗ୍ରାମ ନିକଟରେ ଶବ ରଖି ରାସ୍ତା ଅବରୋଧ କରିଥିଲେ।

ସୂଚନା ଅନୁସାରେ ଗତକାଲି ଗ୍ରାମର ପରମେଶ୍ୱର ଭୋଇଙ୍କ ପୁଅ ଦୁର୍ଗାଚରଣ ଭୋଇ ଫସଲରେ ଦିଆଯାଉଥିବା କୀଟନାଶକ ପିଇ ଦେଇଥିଲେ। ତାଙ୍କୁ ସିନ୍ଧେକେଲା, ଟିଟିଲାଗଡ଼, ଭବାନୀପାଟଣା ଆଦି ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ବୁଧବାର ସନ୍ଧ୍ୟାରେ ଭବାନୀପାଟଣା ସରକାରୀ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ଅପରାହ୍ନ ପ୍ରାୟ ୨ଟାରେ ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିଥିବା ବେଳେ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ଖବରପାଇ ବଲାଙ୍ଗିର ଜିଲ୍ଲା ବିଜେଡି ସଭାପତି ସରୋଜ ମେହେର, ପୂର୍ବତନ ମନ୍ତ୍ରୀ ଟୁକୁନି



ସାହୁ ରାସ୍ତାରୋକସ୍ଥଳରେ ପହଞ୍ଚିଥିଲେ। ଏନେଇ ମଧ୍ୟ ଟିଟିଲାଗଡ଼ ତହସିଲଦାର ଶୁଭଶିଷ ଶତପଥୀ, ଜିଲା କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନ ଚାଷୀଙ୍କ କ୍ଷତିଗ୍ରସ୍ତ ଫସଲ ଦେଖିଛନ୍ତି। ରାସ୍ତାରୋକ ଫଳରେ ଦୀର୍ଘ ସମୟ ଧରି ରାୟପୁରରୁ ଭବାନୀପାଟଣା, ପଡୋଶୀ ରାଜ୍ୟ ବିଶାଖାପାଟଣାକୁ ସଂଯୋଗ କରୁଥିବା ଏହି ରାସ୍ତାରେ ଶହଶହ ଯାନବାହାନ ଅଟକି ରହିଥିବା ଦେଖାଯାଇଥିଲା। ଟିଟିଲାଗଡ଼ ତହସିଲଦାର ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ ସହ ସମସ୍ତ ପ୍ରକାର ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଛାତ୍ରକୁ ମାଡ଼ ମାରି ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

ସଇଁତଲା, ୧୪।୮(ସମିସ): ଛାତ୍ରକୁ ମାଡ଼ମାରି ଲହୁଲୁହାଣ କରିବା ଅଭିଯୋଗରେ ନିଲମ୍ବିତ ହେଲେ ପ୍ରଧାନ ଶିକ୍ଷୟିତ୍ରୀ। ଏପରି ଏକ ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଟିକ୍ରାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ଗତ ୩୧ ତାରିଖ ଦିନ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ହେମାଞ୍ଜଳି ହୋତା ସ୍କୁଲର ୨ୟ ଶ୍ରେଣୀର ଜଣେ ଛାତ୍ରକୁ ମାଡ଼ମାରି ଲହୁ ଲୁହାଣ କରିଦେଇଥିଲେ। ଏ ନେଇ ଛାତ୍ର ଓ ଅଭିଭାବକ ସଇଁତଲା ପୁଲିସ ଓ ପରେ ବଲାଙ୍ଗିର ଏସ୍‌ପି ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାକୁ ନେଇ ତଦନ୍ତ ହୋଇଥିବା ବେଳେ ଜିଲ୍ଲା ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ବିଇଓ ଦିଲୀପ କୁମାର ଯୋଷୀ ସୂଚନା ଦେଇଛନ୍ତି।







## ନରସିଂହ ମନ୍ଦିରରେ ସଂସ୍କୃତ ଦିବସ ପାଳିତ



ବଲାଙ୍ଗିର, ୧୪।୮(ସମିସ): ବଲାଙ୍ଗିର ନରସିଂହ ମନ୍ଦିର ପ୍ରାଙ୍ଗଣରେ ସଂସ୍କୃତ ପରିଷଦ ଆନୁକୂଲ୍ୟରେ ସଂସ୍କୃତ ଦିବସ ପାଳିତ ହୋଇଥିଲା। ବରିଷ୍ଠ ଆଇନଜୀବୀ ଜୟରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମଦନମୋହନ ରଥ ମୁଖ୍ୟଅତିଥି ତଥା ଉପଦେଷ୍ଟା ନିଳମଣି ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପସଭାପତି କେଶବଚନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ ସମ୍ପାଦକ ରାଜକିଶୋର ପଣ୍ଡା ବିବରଣୀ ପାଠ କରିଥିଲେ। ଗିରିଜା ଶଙ୍କର ରଥ, କିଶୋର କୁମାର ପୁରୋହିତ, ଡ. ଭବାନୀ ଶଙ୍କର ପଟେଲ ଓ ଡା. ବଂଶୀଧର ଦାନୀ ଯୋଗଦେଇଥିଲେ। ସଂସ୍କୃତ ଦିବସ ଉପଲକ୍ଷେ ବଲାଙ୍ଗିର ସଂସ୍କୃତ ମହାବିଦ୍ୟାଳୟ ଏବଂ ବିଶ୍ୱାମ୍ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶ୍ଳୋକ ଆବୃତ୍ତି ହୋଇଥିଲା। ଶ୍ଳୋକ ଆବୃତ ପ୍ରତିଯୋଗିତାରେ ପ୍ରକାଶଚନ୍ଦ୍ର ବେହେରା ପ୍ରଥମ, ଶୁଭଶ୍ରୀ ଜେନା ଦ୍ୱିତୀୟ ଏବଂ ବିନ୍ଧୁ ମୁନା ତୃତୀୟସ୍ଥାନ ଅଧିକାର କରିଥିବାବେଳେ ବିଶ୍ୱାମ୍ ବିଦ୍ୟା ମନ୍ଦିରର ଛାତ୍ରୀ ସୃଷ୍ଟିରୁପା ତ୍ରୀପାଠି ପ୍ରଥମ, ବିନ୍ଧିଆ ବେହେରା ଦ୍ୱିତୀୟ ତଥା ରାଧିକା ବରେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମଧୁସୂଦନ ନାୟକ, ସଚିଦାନନ୍ଦ ନାୟକ, ବଳିଷ୍ଠ ପ୍ରଧାନ, ବନମାଳି ନନ୍ଦ, ମନୋରଞ୍ଜନ ମିଶ୍ର, ଜଗଦିଶ ପ୍ରସାଦ ନାଥ, ବିଶ୍ୱ ରଞ୍ଜନ ତ୍ରୀପାଠି, ନନ୍ଦଲାଲ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ଶିତାଂଶୁ ଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗିରିଗୋବର୍ଦ୍ଧନ ମହୋତ୍ସବ ପାଇଁ ପ୍ରସ୍ତୁତି

ବଙ୍ଗୋମୁଣ୍ଡା, ୧୪।୮(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଳାଭଟା ଗାଁରେ ଗିରିଗୋବର୍ଦ୍ଧନ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ ହୁଲେଶ୍ୱର ହଂସଙ୍କ ନେତୃତ୍ୱରେ ବୈଠକ ହୋଇଥିଲା। ଅକ୍ଟୋବର ୨୧, ୨୨, ୨୩ ତିନି ଦିନ ଧରି ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଗତବର୍ଷର ଆୟବ୍ୟୟ ସମ୍ପର୍କ ରେ ଆଲୋଚନା ହୋଇଥିଲା। କପିଲାଭଟା ସରପଞ୍ଚଙ୍କ ପ୍ରତିନିଧି ତେଜରାଜ ଭୋଇ, ସମିତି ସଭ୍ୟ କେଦାର ଭୋଇ, ବରିଷ୍ଠ ନେତା ଦୁର୍ଦ୍ଦା ହଂସ, ମାଁ ସାହାଜୀ ଯୁବକ ସଂଘ ର ସଂଯୋଜକ ପୃଥ୍ୱିରାଜ ବାଗ, ଧର୍ମେନ୍ଦ୍ର ଦାସ, ବୀର ହଂସ, ପାର୍ଥ ହଂସ, ମନମଥ ହଂସ, ପରମାନନ୍ଦ ଛତ୍ରିଆ, ଯୁବରାଜ ହଂସ, କର୍ଣ୍ଣ ହଂସ, ହରପ୍ରସାଦ ହଂସ, ଛବିଲାଲ ଜାନୀ, ହେମନ୍ତ ହଂସ, ଦୟାକର ଗହିର ଙ୍କ ସହ ଆୟୋଜକ କମିଟିର ସମସ୍ତ ସଦସ୍ୟ ଙ୍କ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।



## ବେଲପଡ଼ା କଲେଜରେ ବିଭାଜନ-ବିଭୀଷିକା ସ୍ମୃତି ଦିବସ



ବେଲପଡ଼ା, ୧୪।୮(ସମିସ): ବେଲପଡ଼ା ପଞ୍ଚାୟତ ସମିତି କଲେଜରେ ବିଜେପି ତରଫରୁ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ କରାଯାଇଛି। ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ କଲେଜର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏଥିରେ ଜିଲ୍ଲା ସଂଯୋଜକ ଲଙ୍କେଶ୍ୱର ମେହେର, ସାଂସଦ ପ୍ରତିନିଧି କୁନୁ ମୁଣ୍ଡା, ବିଧାୟକ ପ୍ରତିନିଧି ତନ୍ମୟ ଦାସ, କଲେଜ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର, ବରିଷ୍ଠ ଅଧ୍ୟାପକ ମନୋଜ କୁମାର ମହାକୁଡ଼, ତନ୍ମୟ କୁମାର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସିନ ଥିଲେ। ଅଧ୍ୟାପକ ସୁଦାମ ଚନ୍ଦ୍ର ମହାପାତ୍ର ସ୍ୱାଗତଭାଷଣ ଦେଇଥିବା ବେଳେ କୁନୁ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ପାଟଣାଗଡ଼ ବ୍ଲକରେ ଭିନ୍ନକ୍ଷମ ଭତ୍ତା ଲୁଟ୍ ଘଟଣା

# ଡାଟାଏଣ୍ଟ୍ରି ଅପରେଟର ବହିଷ୍କୃତ

ପାଟଣାଗଡ଼, ୧୪।୮ (ସମିସ)

ପାଟଣାଗଡ଼ ବ୍ଲକରେ ଭିନ୍ନକ୍ଷମ ଭତ୍ତା ଲୁଟ ଘଟଣାକୁ ନେଇ 'ସକାଳ'ରେ ପ୍ରମାଣ ସହ ଲଗାତାର ଖବର ପ୍ରକାଶ ପାଇଆସୁଥିଲା। ଏହି ଘଟଣାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ

**● ଜାଲିଆତି ଭିନ୍ନକ୍ଷମ ସାର୍ଟିଫିକେଟ ଗୁଡ଼ିକର ପୁନଃତଦନ୍ତ ହେବ**

**'ସକାଳ' ପ୍ରଭାବ**

କାର୍ଯ୍ୟାନୁଷ୍ଠାନ ନେଇଛି। ଭିନ୍ନକ୍ଷମ ସାର୍ଟିଫିକେଟ ଜାଲିଆତି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଡାଟାଏଣ୍ଟ୍ରି ଅପରେଟର ଶଶିକାନ୍ତ ବାରଲେଣ୍ଡିଆକୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ଏଥିସହ ଜାଲିଆତି ହୋଇଥିବା ଭିନ୍ନକ୍ଷମ ସାର୍ଟିଫିକେଟ ଗୁଡ଼ିକର ପୁନଃ ତଦନ୍ତ କରାଯିବ ବୋଲି କହିଛନ୍ତି। ତେବେ କେବଳ ଡାଟାଏଣ୍ଟ୍ରି ଅପରେଟର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚୁପ୍ ରହିଛି ସ୍ୱାସ୍ଥ୍ୟ ବିଭାଗ। ଏହି ଭିନ୍ନକ୍ଷମ ସାର୍ଟିଫିକେଟ ଜାଲିଆତି ଘଟଣାରେ ସମ୍ପୃକ୍ତ ଡାଟା ଏଣ୍ଟ୍ରି ଅପରେଟରଙ୍କ ସହ ଭିନ୍ନକ୍ଷମ ପାଇଁ ଯାଞ୍ଚ ଦାୟିତ୍ୱରେ ଥିବା ଡାକ୍ତରଙ୍କୁ କାହିଁକି ତଦନ୍ତ ପରିସରଭୁକ୍ତ କରାଯାଇନାହିଁ ତାହା ଏବେ ସାଧାରଣରେ ବଡ଼ ପ୍ରଶ୍ନ ପାଲଟିଛି। ଅନ୍ୟପଟେ କ୍ୟାମ୍ପ ସମୟରେ ସେଠାରେ ଯାଞ୍ଚ ଦାୟିତ୍ୱରେ ଥିବା ଡାକ୍ତରଙ୍କ ଏକ ଭିଡିଓ ମଧ୍ୟ 'ସକାଳ' ହାତରେ ଲାଗିଛି। ପାଟଣାଗଡ଼ ବ୍ଲକ ଅଞ୍ଚଳରେ ଏହି ଜାଲିଆତି ଭିନ୍ନକ୍ଷମ ସାର୍ଟିଫିକେଟ ହାତେଇ ସୁସ୍ଥ ସବଳ କିଭଳି ଭିନ୍ନକ୍ଷମ ଭତ୍ତା ଲୁଟ କରୁଛନ୍ତି ଏହାର ମଧ୍ୟ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ଉଠିଛି। ପାଟଣାଗଡ଼ ବିଡିଓ ପାଟଣାଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି। କିନ୍ତୁ ଏନେଇ କୌଣସି ତଦନ୍ତ ହୋଇନଥିବା ଜଣାପଡ଼ିଛି। ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟିଦେଇ ଏହି ଜାଲିଆତି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ସମ୍ପୃକ୍ତ କର୍ମଚାରୀ, ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ପ୍ରକୃତ ଭିନ୍ନକ୍ଷମ ବ୍ୟକ୍ତି ମହଲରେ ଦାବି ହେଉଛି।



ସକାଳ
THE SAKALA



# ତ୍ରିରଙ୍ଗାରେ ଶୋଭାପାଉଛି ସାରା ସହର

ରାଉରକେଲା,୧୪।୮ (ସମିସ):

ଆସନ୍ତା କାଲି ସ୍ୱାଧୀନତା ଦିବସ। ଏଥିପାଇଁ ରାଉରାକେଲା ସହର ଆଜିଠାରୁ ତ୍ରିରଙ୍ଗାମୟ ହୋଇଛି। ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଦୋକାନ, ବଜାରଠାରୁ ଆରମ୍ଭ କରି ପ୍ରତିଷ୍ଠାନରେ ଉତ୍ସାହର ସହ ଏହି ଦିବସ ପାଳନ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ସମସ୍ତ ବୟସ ବର୍ଗର ଲୋକେ ସାମିଲ ହୋଇ ଜାତୀୟତାର ମନ୍ତ୍ର ଗାନ କରିବାକୁ ଉତ୍ସାହିତ ହୋଇ ରହିଛନ୍ତି। ସହରର ଦୋକାନ ବଜାର ସବୁଠି ତ୍ରିରଙ୍ଗାମୟ ହୋଇଗଲାଣି। କିଏ କେଉଁଠି ଜାତୀୟ ପତାକା କିଣୁଛି ତ ପୁଣି ଆଉ କିଏ ତ୍ରିରଙ୍ଗା ରଙ୍ଗ ଥିବା ବିଭିନ୍ନ ସାମଗ୍ରୀ କିଣୁଛନ୍ତି। କେବଳ ସେତିକି ନୁହେଁ; ଅନେକ ଲୋକ ନିଜ ଘର ସଜାଇବା ପାଇଁ ମଧ୍ୟ ତ୍ରିରଙ୍ଗା ଥିବା ବିଭିନ୍ନ ସାମଗ୍ରୀ କିଣୁଥିବା ଦେଖିବାକୁ ମିଳୁଛି। ବିଶେଷ କରି ପ୍ରଧାନମନ୍ତ୍ରୀ ହର ଘର ତ୍ରିରଙ୍ଗା ଅଭିଯାନ ପାଇଁ ଆହ୍ୱାନ ଦେଇଥିବାବେଳେ ଏହାକୁ କାର୍ଯ୍ୟକାରୀ କରିବାକୁ ସମସ୍ତେ ଉତ୍କଣ୍ଠାର ସହିତ ପତାକା କିଣୁଛନ୍ତି। ପାନପୋଷ, ଏସ୍‌ଟିଆଇ, ଉଦିତନଗର, ବାସନ୍ତୀ କଲୋନୀ, ଡେଲି ମାର୍କେଟ, ବିଶ୍ରା ଛକ ଭଳି ସହରର ପ୍ରମୁଖ ସ୍ଥାନ, ସ୍କୁଲ ଓ



କଲେଜ୍ ପାଖ ସମସ୍ତ ଡ୍ରେସ୍ ଦୋକାନ, ସପିଂ ମଲ୍, କସମେଟିକ ଦୋକାନ୍‌ରେ ଜାତୀୟପତକା, ତ୍ରିରଙ୍ଗା ରଙ୍ଗ ଥିବା ବିଭିନ୍ନ ସାମଗ୍ରୀ ବିକ୍ରି ହେଉଛି। ତ୍ରିରଙ୍ଗା ରଙ୍ଗ ଥିବା ଶାଢ଼ି, ଚୁଡ଼ି, ହାତ ବ୍ୟାଣ୍ଡ, ଟୋପି, ହେୟାର କ୍ଲିପ୍, ରିବନ୍ ଫିତା, ପତାକା ଷ୍ଟାଣ୍ଡ, ବ୍ୟାଜ୍, ବେଲୁନ, କାନ ଫୁଲ, ମୁଣ୍ଡ ବ୍ୟାଣ୍ଡ, ଘର ସଜେଇବା ପାଇଁ ବିଭିନ୍ନ ଫୁଲ ତୋଡ଼ା ମଧ୍ୟ ବିକ୍ରି ହେଉଛି। ଛୋଟ ପତାକା ଗୁଡ଼ିକର ମୂଲ୍ୟ ୧୦ ଟଙ୍କାରୁ ଆରମ୍ଭ କରି ୫୦ ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ ବଡ଼ ପତାକା ମୂଲ୍ୟ ୫ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ବିଶେଷ କରି ବଡ଼ ବଡ଼ ସପିଂ ମଲ୍ ଏବଂ କସ୍‌ମେଟିକ୍ ଦୋକାନ ମାନଙ୍କରେ ବିକ୍ରି ହେଉଥିବା ଶାଢ଼ି, କୁର୍ତ୍ତି, ଓଢ଼ଣୀ କିଣିବାକୁ ଦୋକାନ ମାନଙ୍କରେ ଅଧିକ ଭିଡ଼ ହେଉଥିବା ଦେଖିବାକୁ ମିଳିଛି। ଏସବୁ ୫୦ ଟଙ୍କାରୁ ଆରମ୍ଭ ହୋଇ ୧୦୦୦ ଟଙ୍କା ପର୍ଯ୍ୟନ୍ତ ରହିଥିବା ଜଣାପଡ଼ିଛି। ସେହିପରି ପରେଡ୍ ପ୍ରସ୍ତୁତି ମଧ୍ୟ କରାଯାଇଛି। ଉଦିତନଗର ମିନି ଷ୍ଟାଡିୟମରେ ପରେଡ୍ ପାଇଁ ବିଭିନ୍ନ ସ୍କୁଲ, କଲେଜ, ଏନ୍‌ସିସି, ସିଭିଲ୍ ଡିଫେନ୍ସ ଏବଂ ପୁଲିସ ପକ୍ଷରୁ ଅଭ୍ୟାସ କରାଯାଇଛି। ବରିଷ୍ଠ ଅଧିକାରୀ ଏବଂ ଇନ୍‌ସପେକ୍ଟର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପରେଡ୍ ଅଭ୍ୟାସ ଦେଖିବା ପାଇଁ ଷ୍ଟାଡିୟମ୍ ବାହାରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# ରୋଟାରୀ କ୍ଲବ୍ ରାଉରକେଲା ରିଭରସାଇଡ୍‌ର ଅଧିଷ୍ଠାନ ଉତ୍ସବ



ରାଉରକେଲା,୧୪।୮ (ସମିସ): ରୋଟାରୀ କ୍ଲବ୍ ରାଉରକେଲା ରିଭରସାଇଡ୍‌ର ଦ୍ୱାଦଶ ଅଧିଷ୍ଠାନ ଉତ୍ସବ ରାଉରକେଲା କ୍ଲବ୍ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର୍ ରୋଟାରିଆନ୍ ଆଲମ୍ ସିଂ ରୁପ୍ରା ଯୋଗଦେଇ କ୍ଲବ୍ ବିଗତ ବର୍ଷମାନଙ୍କରେ କରି ଆସୁଥିବା ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟ ପାଇଁ ପ୍ରଶଂସା କରିବା ସହ ନୂତନ ନିର୍ବାଚିତ ସଭାପତି ଏବଂ ସମ୍ପାଦକଙ୍କୁ ଶପଥ ପାଠ କରାଇଥିଲେ। ବିଦାୟୀ ସଭାପତି ସନ୍ତୋଷ କୁମାର ମିଶ୍ର ସ୍ୱାଗତ ସମ୍ଭାଷଣ ପ୍ରଦାନ କରି ସମସ୍ତ କାର୍ଯ୍ୟରେ ସଦସ୍ୟମାନଙ୍କର ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ବିଦାୟୀ ସମ୍ପାଦିକା ପ୍ରମିଳା ମିଶ୍ର ବିଗତ ବର୍ଷର କାର୍ଯ୍ୟାବଳୀ ଉପସ୍ଥାପନ କରିବା ସହ ସ୍ଲାଇଡ୍ ସୋ ମାଧ୍ୟମରେ ପ୍ରଦର୍ଶନ କରାଇଥିଲେ। ୨୦୨୫-୨୬ ବର୍ଷ ପାଇଁ କର୍ମକର୍ତ୍ତାମାନଙ୍କର ନାମ ମୁଖ୍ୟ ଅତିଥି ଘୋଷଣା କରିଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ଶଙ୍କର ପ୍ରସାଦ ତ୍ରିପାଠୀ ନିର୍ବାଚିତ ହୋଇଥିବାବେଳେ ସମ୍ପାଦକ ଭାବେ ଶରତ କୁମାର ପାଣିଗ୍ରାହୀ, ଉପସଭାପତି ଡ. ଅରୁଣ କୁମାର ନାୟକ, କୋଷାଧ୍ୟକ୍ଷ ବସନ୍ତ କୁମାର ପାଠୀ ନିର୍ବାଚିତ ହୋଇଥିଲେ। ସେହିପରି ବିଭିନ୍ନ ବିଭାଗର ଦାୟିତ୍ୱ ସମ୍ପନ୍ନ କର୍ମକର୍ତ୍ତା ଭାବେ ପରମେଶ୍ୱର ପ୍ରଧାନ, ସୁଖବିନ୍ଦର ସିଂହ ସେଖୋନ୍, ପ୍ରତିମା ମହାପାତ୍ର ନିର୍ବାଚିତ ହୋଇଥିବା ବେଳେ ନିର୍ଦ୍ଦେଶନା ମଣ୍ଡଳୀରେ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ମିହିର ରାୟ, ଦୀପକ ଦାଶ, ସିଦ୍ଧିନାଥ ଜ୍ୟୋତିଷି, ଘନଶ୍ୟାମ ମିରି ଏବଂ କାର୍ଯ୍ୟକାରୀ କମିଟିକୁ ନବଘନ ସାହୁ, ଅଜିତା ମହାନ୍ତି, ଡା. ସୁଧାରାଣୀ ପ୍ରଧାନ, ସୁଶାନ୍ତ ଦାସ, ଅଜୟ ସାହୁ, ଭଗବାନ ପାଢ଼ୀ, ପ୍ରମିଳା ମିଶ୍ର ଏବଂ ସୁପ୍ରିୟା ମହାନ୍ତି ପ୍ରମୁଖ ନିର୍ବାଚିତ ହୋଇଥିଲେ। ଏହି ଅବସରରେ କ୍ଲବ୍‌ର ମୁଖପତ୍ର 'ବ୍ରାହ୍ମଣୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ସମାରୋହରେ ରାଉରକେଲା ଏବଂ ଓଡ଼ିଶାର ଅନ୍ୟ ରୋଟାରୀ କ୍ଲବ୍‌ର କର୍ମକର୍ତ୍ତାଙ୍କ ସହ ବହୁ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ରୋଟାରିଆନ୍ ପ୍ରତିମା ମହାପାତ୍ର ପରିଚାଳନା କରିଥିଲେ। ଶେଷରେ ନବନିର୍ବାଚିତ ସଭାପତି ଶଙ୍କର ପ୍ରସାଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଘରେ ଘରେ ତ୍ରିରଙ୍ଗା, ଘରେ ଘରେ ସ୍ୱଚ୍ଛତା' ଅଭିଯାନ



ରାଉରକେଲା,୧୪।୮ (ସମିସ): ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ରାଉରକେଲା ମହାନଗର ନିଗମ ତରଫରୁ 'ଘରେ ଘରେ ତ୍ରିରଙ୍ଗା, ଘରେ ଘରେ ସ୍ୱଚ୍ଛତା' ଅଭିଯାନରେ 'ତ୍ରିରଙ୍ଗା ଶୋଭାଯାତ୍ରା' ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଆମ୍ବେଦକର ଛକରୁ ବାହାରିଥିବା ଏହି ତ୍ରିରଙ୍ଗା ଶୋଭାଯାତ୍ରା ଆର୍‌ଏମ୍‌ସି କାର୍ଯ୍ୟାଳୟ ନିକଟରେ ଶେଷ ହୋଇଥିଲା।

କେନ୍ଦ୍ର ସରକାରଙ୍କ ଆହ୍ୱାନକ୍ରମେ ଅଗଷ୍ଟ ୮ ରୁ ୧୫ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ 'ହର ଘର ତ୍ରିରଙ୍ଗା, ହର ଘର ସ୍ୱଚ୍ଛତା' ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସ୍ୱଚ୍ଛତା ପ୍ରତି ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ବ୍ୟକ୍ତିଗତ ଭାବେ ନିଜେ ସ୍ୱଚ୍ଛତା ପ୍ରତି ସଚେତନ ହେବା ସହ ନିଜ ଆଖ ପାଖ ଅଞ୍ଚଳର ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ଅଳିଆ ପୃଥକୀକରଣ କରି ସ୍ୱଚ୍ଛ ସବାରୀକୁ ଦେବା, ପୁନଃ ବ୍ୟବହାର ଯୋଗ୍ୟ ତଥା ପରିବେଶ ଅନୁକୂଳ ପଦାର୍ଥ ବ୍ୟବହାର କରିବା, ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରିବା ଆଦି ସଚେତନ ବାର୍ତ୍ତା ସହ ଏକ ସବୁଜ ଓ ସ୍ୱଚ୍ଛ ରାଉରକେଲା ସହର ଗଢ଼ି ତୋଳିବା ନିମନ୍ତେ ଏହି ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା।

ଏହି ଶୋଭାଯାତ୍ରାରେ ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀର ସହ ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ବିଶ୍ୱରଞ୍ଜନ ମଲ୍ଲିକ, ଉପ ପୌରାୟୁକ୍ତ ତରୁଣକାନ୍ତ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକ ଏବଂ ଆର୍‌ଏମ୍‌ସିର ବରିଷ୍ଠ ଅଧିକାରୀ ଓ କର୍ମଚାରୀ, ଏସ୍‌ଏଚ୍‌ଜି ମହିଳା ଓ ସ୍ଥାନୀୟ ଜନତା ଏହି ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। ସଭିଏଁ ହାତରେ ଜାତୀୟ ପତାକା ଓ ସ୍ୱଚ୍ଛତା ସଚେତନତାର ବାର୍ତ୍ତା ବହନ କରୁଥିବା ପ୍ଲାକାର୍ଡ ଧରି ଦେଶାତ୍ମବୋଧକ ନାରା ଦେଇ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। ଯାହା ପୂରା ପରିବେଶକୁ ତ୍ରିରଙ୍ଗାମୟ କରିଥିଲା।

# ତିରଙ୍ଗା ଶୋଭାଯାତ୍ରାରେ ୬୫ଫୁଟ ଲମ୍ବର ପତାକା

ରାଉରକେଲା,୧୪।୮ (ସମିସ): ରାଉରକେଲା ସହରର ପାନପୋଷଠାରେ ଥିବା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ତିରଙ୍ଗା ଶୋଭଯାତ୍ରା ଆୟୋଜିତ ହୋଇଯାଇଛି। ସରକାରୀ ନିର୍ଦ୍ଦେଶାବଳୀ ମୁତାବକ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷା ଡ.ସସ୍ମିତା ସାମଲ ଉଦ୍‌ଘାଟନ କରିଥିଲେ। ସହକାରୀ ପ୍ରାଧାପକ ତଥା କାର୍ଯ୍ୟକ୍ରମର ସଂଯୋଜକ ଧୀରେନ କୁମାର ମହନ୍ତଙ୍କ ସଞ୍ଚାଳନରେ ହୋଇଥିବା ଏହି କାର୍ଯ୍ୟକ୍ରମ ଆୟୋଜନରେ ମହାବିଦ୍ୟାଳୟ କ୍ରୀଡ଼ା ଓ ଶାରୀରିକ ଶିକ୍ଷା ବିଭାଗର ଅଧିକାରୀ କ୍ୟାପ୍‌ଟେନ ମୀନା ଦାସ, ଏନ୍‌ଏସ୍‌ଏସ୍‌ର ସଂଯୋଜକ ସମୀର ସୌରଭ ପୃଷ୍ଟି, ଅଧ୍ୟାପକ ରାମକୃଷ୍ଣ ଗୌଡ଼ ଓ ମହେନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ପ୍ରଥମେ ଶପଥ ପାଠ ମାଧ୍ୟମରେ ତ୍ରିରଙ୍ଗା ଶୋଭାଯାତ୍ରାର ବାର୍ତ୍ତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାପରେ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସହିତ ଅନ୍ୟ କର୍ମଚାରୀ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ମହାବିଦ୍ୟାଳୟ ସମ୍ମୁଖରୁ ବାହାରି ଗାନ୍ଧୀଛକ ଦେଇ ମହାବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ବର୍ଷା ଲାଗି ରହିଥିଲେ ମଧ୍ୟ ଶୋଭାଯାତ୍ରାକାରୀ ଉତ୍ସାହ ଓ ଆଗ୍ରହର ପରିକ୍ରମାରେ ସାମିଲ୍ ହୋଇଥିଲେ। ଶୋଭାଯାତ୍ରାର ଆକର୍ଷଣ ଥିଲା ୬୫ ଫୁଟର ବିଶାଳ ତ୍ରିରଙ୍ଗା। ଯାହାକୁ ଧରି ଦେଶପ୍ରେମର ବାର୍ତ୍ତା ଦେଇ ଶୋଭାଯାତ୍ରାକାରୀ ଯାଇଥିଲେ। କାର୍ଯ୍ୟକ୍ରମ ଉପଲକ୍ଷେ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍‌ମାନେ ତ୍ରିରଙ୍ଗା ଯାତ୍ରାକୁ ସମ୍ମାନ ଜଣାଇବା ସହ କାର୍ଯ୍ୟକ୍ରମ ଆୟୋଜନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଛାତ୍ରୀ ଶିବାନୀ ସରକାର ଜାତୀୟ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୭ଶହ ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ ଓ ଅଧ୍ୟାପିକା ସାମିଲ ହୋଇଥିଲେ। ସମସ୍ତ କାର୍ଯ୍ୟକ୍ରମ ଆୟୋଜନରେ ସହକାରୀ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ସେଠୀ, ମହେନ୍ଦ୍ର ତନୟା ଟୁଡୁ, ଅଧ୍ୟାପକ ଜୟନ୍ତ ସାମନ୍ତରାୟଙ୍କ ସମେତ ଅଧ୍ୟାପିକା ବାସନ୍ତୀ କୁଜୁର, ଡ. ରଞ୍ଜିତା ଓରାମ ପ୍ରମୁଖ ସହଯୋଗ କରିଥିଲେ।




# ନିଶା ମୁକ୍ତ ଭାରତ ଗଠନ ପାଇଁ ଶପଥ



ବଣାଇଁ,୧୪।୮ (ସମିସ): ବଣାଇଁଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ନିଶା ମୁକ୍ତ ଭାରତ ଗଠନ ପାଇଁ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ବଣାଇଁଗଡ଼ ବିଡିଓ ଦିବ୍ୟ ଶଙ୍କର ଜୟପୁରିଆ ଯୋଗ ଦେଇ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ବର୍ତ୍ତମାନର ଯୁବ ପିଢ଼ି କିପରି ନିଶା ପାଇଁ ଆଉ ମନ ନ ବଳାଇ ଦେଶର ପ୍ରଗତି ପାଇଁ ଆଗେଇ ଆସିବେ ସେ ସମ୍ପର୍କରେ ବଣାଇଁଗଡ଼ ବିଡିଓ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ବ୍ଲକ୍‌ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, କମିଟି ପୁନର୍ଗଠିତ

ବଣାଇଁ,୧୪।୮ (ସମିସ):



ଚଳିତବର୍ଷ ସେପ୍ଟେମ୍ବର ୨୮ ତାରିଖରୁ ବଣାଇଗଡ଼ ସହରରେ ହେବାକୁ ଥିବା ସାର୍ବଜନୀନ ଦୁର୍ଗା ପୂଜା ଉପଲକ୍ଷେ କମିଟିର କାର୍ଯ୍ୟକାରୀ ସଭାପତି ରାହାସ ବିହାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବାବା ବାଣେଶ୍ୱର ବସଷ୍ଟାଣ୍ଡ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପୂର୍ବରୁ କମିଟିର ପୂର୍ବତନ ସଭାପତି ହରିଶଙ୍କର ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଚଳିତ ବର୍ଷର ପୂଜାକୁ ଶୃଙ୍ଖଳିତ, ଆକର୍ଷଣୀୟ କରିବା ସହିତ ଏଥିରେ ସମସ୍ତ ବଣାଇଁବାସୀଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଚଳିତବର୍ଷ ପବିତ୍ର ଦୁର୍ଗା ପୂଜାରେ ସତ୍ୟ ନାରାୟଣ ମିଶ୍ର କର୍ତ୍ତାଭାବେ ଦାୟିତ୍ୱ ସମ୍ପାଦନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପୂଜାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ପରିଚାଳନା କମିଟି ପୁନର୍ଗଠନ କରାଯାଇଥିଲା। ଏଥିରେ ବଣାଇଁ ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓ ଦେବଙ୍କୁ ସ୍ଥାୟୀ ସଭାପତି ଭାବେ ମନୋନୀତ କରାଯାଇଥିଲା। ଏହି କମିଟିରେ କାର୍ଯ୍ୟକାରୀ ସଭାପତି ଭାବେ ରାହାସ ବିହାରୀ ପ୍ରଧାନ, ପୁନର୍ବାର ଉପସଭାପତି ଭାବେ ସଚ୍ଚିଦା ନନ୍ଦ ନାଏକ, ରଣଜିତ ଚୌଧୁରୀ, ସତ୍ୟନାରାୟଣ ମିଶ୍ର, ଦୁର୍ଗାମାଧବ ବେହେରା, ପଦ୍ମ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଭାବେ ତପନ କୁମାର ଦଣ୍ଡିଆ, ସମ୍ପାଦକ ଭାବେ ବଳଭଦ୍ର ପ୍ରଧାନ, ସରୋଜ କୁମାର ସାହୁ (ବଣ୍ଟି), ପ୍ରଦୀପ କୁମାର ଜିତ, ଚିନ୍ମୟ ତ୍ରିପାଠୀ, ଅଭିରାମ ମହାକୁଳ, କୋଷାଧ୍ୟକ୍ଷ ଭାବେ ସନ୍ତୋଷ କୁମାର ପ୍ରଧାନ, ସହସମ୍ପାଦକ ଭାବେ ଜିତେନ୍ଦ୍ରିୟ ପ୍ରଧାନ, ସପନ କୁମାର ସାହୁ, ରଣଜିତ ସେଠୀ, ରମେଶ ଚନ୍ଦ୍ର ଦଣ୍ଡିଆ, ତାପସ କୁମାର ଶତପଥୀ, ଗୀରେନ୍ଦ୍ର କୁମାର ସାହୁ, ଭୁବନ ସାହୁ, ସରୋଜ କାନ୍ତ ପ୍ରଧାନ, ସପନ କୁମାର ସାହୁ, ରାକେଶ ପ୍ରଧାନ, ଲୋକନାଥ ସାମଲ, ସୁରଜ ପ୍ରତାପ ମହାନ୍ତି, ଲିଙ୍ଗରାଜ ପ୍ରଧାନ ପ୍ରମୁଖ ମନୋନୀତ ହୋଇଛନ୍ତି। ସ୍ଥାନିତ ହୋଇଥିବା ଜଣାପଡ଼ିଛି। ଏହି ଅବସରରେ ସଭ୍ୟ ଚାନ୍ଦା, ଟେଣ୍ଟ, ମୂର୍ତ୍ତି, ସାଂସ୍କୃତିକ କାର୍ଯ୍ୟକ୍ରମ, ଦୁଲଦୁଲି, ହୁଣ୍ଡି, ଅନ୍ନଭୋଗ ବାବଦରେ ବିଶଦ ଭାବେ ଆଲୋଚନା ହୋଇଥିଲା। ସେହିପରି ଏକ ଉପଦେଷ୍ଟା ମଣ୍ଡଳୀ ଗଠିତ ହୋଇଥିଲା। ଏଥିରେ ଉପଦେଷ୍ଟା ଭାବେ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ ସାଂସଦ ଜୁଏଲ ଓରାମ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ଆଇନଜୀବୀ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, କମଳଲୋଚନ ସାହୁ, କର୍ମବୀର ଦାଶ, ମାଗୁଣି ମିଶ୍ର, ଅଜୟ କୁମାର ମିଶ୍ର, ହେମଚନ୍ଦ୍ର ପ୍ରଧାନ ବୈଠକରେ ଯୋଗଦାନ କରିଥିଲେ। ସାଧାରଣ ସମ୍ପାଦକ ତପନ କୁମାର ଦଣ୍ଡିଆ ପରିଚାଳନା କରିଥିବାବେଳେ ଉପସଭାପତି ସଚ୍ଚିଦାନନ୍ଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ବୀର ବିର୍ସାମୁଣ୍ଡା ସୀମାନ୍ତ କଲେଜରେ ବନ ମହୋତ୍ସବ

କୁତ୍ରା,୧୪।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଗଇରବାହାଲ ବୀର ବିର୍ସା ମୁଣ୍ଡା ସୀମାନ୍ତ କଲେଜରେ ଗୁରୁବାର ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତରକେରା ଗ୍ରାମର ସ୍ୱେଚ୍ଛାସେବୀ ବିଦ୍ୟାଧର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମଟି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ୍ନ କୁମାର ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଅଶୋକ କୁମାର ସିନ୍ଦୁରାୟ, ସଞ୍ଜୟ କୁମାର ଠାକୁର, ପୁନମ




ତିର୍କି, ପୋଲଷ୍ଟି ସାହୁ, ଯଶୋବନ୍ତୀ ନାଏକ ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ "ଗୋଟିଏ ଗଛ ମାଆଙ୍କ ନାମରେ' ଅଭିଯାନରେ ଚାରା ରୋପଣ ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ବର୍ତ୍ତମାନ ସମୟରେ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ବୃକ୍ଷର ଆବଶ୍ୟକତା ବିଷୟରେ ଆଲୋକପାତ କରାଯାଇଥିଲା। ପରେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ୨୦୦ ଚାରା ରୋପଣ କରାଯାଇଥିଲା। ଏଥିରେ ଯୁଥ ରେଡକ୍ରସ ବାହିନୀଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗଦେଇ ଚାରା ରୋପଣ କରିଥିଲେ।







# ପ୍ରଗତି ଉତ୍କଳ ସଂଘ ପକ୍ଷରୁ କାହ୍ନୁଚରଣ ମହାନ୍ତିଙ୍କ ଜୟନ୍ତୀ



ରାଉରକେଲା,୧୪।୮ (ସମିସ) : ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପ୍ରଗତି ଉତ୍କଳ ସଂଘର ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଉପସ୍ଥିତିରେ ଉପଦେଷ୍ଟା ଭାରତ ଭୂଷଣ ମହାନ୍ତିଙ୍କ ପୌରୋହିତ୍ୟରେ କାହ୍ନୁଚରଣ ମହାନ୍ତିଙ୍କ ୧୨୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ସାମଗ୍ରୀ ପରିଚାଳନା ବିଭାଗର ସେବା ନିବୃତ୍ତ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଶାନ୍ତିନିକେତନ ବିଶ୍ୱ ଭାରତୀର ଅବସରପ୍ରାପ୍ତ ପ୍ରଫେସର ଡ. ମନୋରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥି ମାନେ କାହ୍ନୁଚରଣଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟତମ ଉପସଭାପତି ଡ. ପ୍ରଭାତ କୁମାର ମଲ୍ଲିକ ପ୍ରାରମ୍ଭିକ ସୂଚନା ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ପ୍ରତାପ କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ ପ୍ରଦାନ ପରେ କାର୍ଯ୍ୟକ୍ରମର ଆବାହକ ଭାରତ ଭୂଷଣ ମହାନ୍ତି କାହ୍ନୁଚରଣଙ୍କ କୃତି ସମ୍ପର୍କରେ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ସାଧାରଣ ସମ୍ପାଦକ ଘନଶ୍ୟାମ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତା ରଶ୍ମୀ ରଞ୍ଜନ ବୋଇତାଇ, ରାଧାମୋହନ ନାୟକ, ଲକ୍ଷ୍ମଣ ନାଥ ଦାସ, ଇନ୍ଦ୍ରମଣି ମହାପାତ୍ର, ସ୍ମିତା ମିଶ୍ର, ରଶ୍ମି ସାହୁ, ଅରବିନ୍ଦ ପାତ୍ର, ଧରଣୀଧର ସାମଲ, ବିପିନ ବିହାରୀ ପଟ୍ଟନାୟକ, ଅଶୋକ କୁମାର ପଟ୍ଟନାୟକ, ପ୍ରସନ୍ନ କୁମାର ମହାନ୍ତି, ସୁଭ୍ରାଂଶୁ ଶେଖର ମହାପାତ୍ର, ସତ୍ୟନାରାୟଣ ଦାଶ, ବରୁଣ କୁମାର ନାହାକ, ପ୍ରଦୀପ କୁମାର ପଟ୍ଟନାୟକ ପ୍ରମୁଖ ସହାୟତା କରିଥିବାବେଳେ ରାଜୀବ ପାଣି, ଅକ୍ଷୟ କୁମାର ସାମଲ, ରବୀନ୍ଦ୍ର ନାଥ ପଣ୍ଡା, କାଶୀନାଥ ନନ୍ଦୀ, ବ୍ରଜେନ୍ଦ୍ର ଦାଶ, ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ବବିତା ମହାପାତ୍ର, ଅଜୟ କୁମାର ପାଣି, ସଂଜୀବ କୁମାର ଭୋଇ ପ୍ରମୁଖ ଯୋଗ ଦେଇଥିଲେ।



# ଏକାଧିକ ସଂଗ୍ରାମୀଙ୍କ ଗାଁ ଚମ୍ପାଇଲୋ ଅବହେଳିତ

ଖୋର୍ଦ୍ଧା, ୧୪।୮ (ସମିସ)





ଶୁକ୍ରବାର ଦେଶ ପାଳନ କରୁଛି ସ୍ୱାଧୀନତାର ୭୯ ବର୍ଷ ପୂର୍ତ୍ତି। ଏହି ଅବସରରେ ପ୍ରତି କୋଣ ଅନୁକୋଣରେ ପ୍ରଶାସନ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ କରାଯାଉଛି। ସ୍ୱାଧୀନତା ଲାଗି ଯେଉଁମାନଙ୍କ ତ୍ୟାଗ ନିଷ୍ଠା ଓ ବଳିଦାନର ସ୍ୱରୂପ ଭାରତ ବର୍ଷ ସ୍ୱାଧୀନଲାଭ କଲା, ସେହିମାନଙ୍କ ଗ୍ରାମ, ଉତ୍ତରଦାୟଦ ଆଜି ବି ଅବହେଳିତ ଅବସ୍ଥାରେ ରହିଛନ୍ତି। ବଳିଦାନ ଦେଇଥିବା ସହିଦମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଉ ନ ଥିବାବେଳେ ସେମାନଙ୍କ ପରିବାର ପ୍ରତି ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ନାହିଁ। ଦେଶମାତୃକା ଲାଗି ବଳିଦାନ ଦେଇଥିବା ସହିଦଙ୍କ ପରିବାର ଏବେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଚଳୁଛନ୍ତି। ଏମାନଙ୍କ ପ୍ରତି ସରକାର ନିଜର ଉତ୍ତରଦାୟିତ୍ୱ ଭୁଲି ଯାଇଥିବାବେଳେ ଏହାକୁ ନେଇ ସ୍ଥାନୀୟ ବାସିନ୍ଦା କ୍ଷୋଭ ପ୍ରକାଶ କରିଛନ୍ତି। ଏଭଳି ଏକ ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମ ହେଉଛି ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକର ଚମ୍ପାଇଲୋ ଗାଁ।

- ଆଜାଦ୍ ହିନ୍ଦ ଫୌଜ୍‌ରେ ସାମିଲ ହୋଇଥିଲେ ଗାଁର ୨୯ ସଂଗ୍ରାମୀ
- ଗାଁ ଦାଣ୍ଡରେ ରହିଛି ସ୍ୱାଧୀନତାର ଛିଟା
- ସହିଦଙ୍କ ପରିବାରକୁ ମିଳୁନି ସହାୟତା
- ପୂର୍ବଜଙ୍କୁ ଝୁରୁଛି ସଂଗ୍ରାମୀ ମାଟି
- ଚମ୍ପାଇଲୋକୁ ଐତିହ୍ୟ ଗ୍ରାମ୍ୟ ଦାବି

ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ପିଚୁକୁଳିଠାରୁ ମାତ୍ର ଦେଢ଼ କି.ମି. ଦୂରରେ ରହିଛି ଚମ୍ପାଇଲେ ଗାଁ। ସ୍ୱାଧୀନତା ସଂଗ୍ରାମୀଙ୍କ ଗାଁ ଭାବେ ପରିଚିତ ଏହି ଗ୍ରାମ ଏବେ ଅବହେଳିତ ଅବସ୍ଥାରେ ରହିଛି। ଏଠିକାର ଲୋକେ କାମ ସନ୍ଧାନରେ ସୁଦୂର ବର୍ମା ଯାଇ ଉକ୍ତ ସମୟରେ କାମ କରୁଥିଲେ। ନେତାଜୀ ସୁଭାଷ ବୋଷ୍‌ଙ୍କ ଡକରାରେ ଚମ୍ପାଇଲୋ ଗ୍ରାମର ୨୯ରୁ ଊର୍ଦ୍ଧ୍ୱ ସଂଗ୍ରାମୀ ଆଜାଦ୍ ହିନ୍ଦ୍ ଫୌଜ୍‌ରେ ସାମିଲ୍ ହୋଇ ବ୍ରିଟିଶ୍ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ଦେଶ ସ୍ୱାଧୀନ ହେଲା, ଆଉ ଏବେ ସ୍ୱାଧୀନ ଭାରତର ସ୍ୱର୍ଣ୍ଣିମ ଅଧ୍ୟାୟରୁ ଏହି ଗ୍ରାମ ସତେ ଯେପରି ଲିଭିଯାଉଛି। ସ୍ୱାଧୀନତା ଆନ୍ଦୋଳନରେ ଯେଉଁମାନେ ଦିନେ ବଳିଦାନ ଦେଇଥିଲେ ଆଜି ତାଙ୍କ ଗାଁ ମାଟି ଓ ଉତ୍ତରଦାୟାଦ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛନ୍ତି। ଇତିହାସରେ ଏହି ଗ୍ରାମକୁ ଯଥୋଚିତ ସମ୍ମାନ ପ୍ରଦାନ କରାଯାଇ ନାହିଁ ବୋଲି ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସଂଗ୍ରାମ ମାଟିର ବ୍ରହ୍ମଚାରି ଉଉରାୟ, ଅପର୍ତ୍ତି ମାର୍ଥି, ଶଙ୍କର ସାମନ୍ତରାୟ, କୃଷ୍ଣଚନ୍ଦ୍ର ସାମନ୍ତରାୟ, ଗୋକୁଳ ଦାସ, ଲୋକନାଥ ରଣସିଂ, ଅର୍ଜୁନ ଶ୍ରୀଚନ୍ଦନଙ୍କ ଭଳି ଅନେକ ସେନାନୀ ଆଜାଦ୍ ହିନ୍ଦ୍‌ରେ ଯୋଗଦେଇ କେତେକ କାରାବରଣ କରିଥିଲେ। ପୁଣି ଅନେକ ସହିଦ ହୋଇଥିଲେ। ଅନ୍ୟପଟରେ ସେମାନଙ୍କ ଗାଁର ଜମିବାଡ଼ି ବି ଇଂରେଜମାନେ ଛଡ଼ାଇ ନେଇଯାଇଥିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ସାମନ୍ତ ମଧ୍ୟ ଏହି ମାଟିରେ ଜନ୍ମ ହୋଇଥିଲେ। ଗାନ୍ଧିଜୀଙ୍କ ଡକରାରେ ଲବଣ ସତ୍ୟାଗ୍ରହରେ ସାମିଲ୍ ହୋଇଥିଲେ। ପିଚୁକୁଳି ବଙ୍ଗଳାଠାରେ ପ୍ରଥମେ ତ୍ରିରଙ୍ଗା ଉଡ଼େଇ କାରାବରଣ କରିଥିଲେ। ବ୍ରିଟିଶ୍ ବିରୋଧରେ ଲଢ଼େଇର ପଦଚିହ୍ନ ସ୍ୱରୂପ ସରକାର ସ୍ୱାଧୀନତାର ସ୍ୱାକ୍ଷରତା ଭାବେ ମାନପତ୍ର ପ୍ରଦାନ କରିଛନ୍ତି। ମାତ୍ର ତାଙ୍କ ସ୍ମୃତିରକ୍ଷା କୌଣସି ସହଯୋଗ ପ୍ରଦାନ କରିନାହାନ୍ତି ବୋଲି ତାଙ୍କ ଦାୟାଦ କହିଛନ୍ତି। ସେମାନେ କୁହନ୍ତି, ବିଶ୍ୱନାଥ ସେହି ସମୟରେ ଖୋର୍ଦ୍ଧା ସବ୍‌ଡିଭିଜନ୍‌ରେ ପ୍ରଥମ ରାଜବନ୍ଦୀର ମାନ୍ୟତା ପାଇଥିଲେ। ସ୍ୱାଧୀନ ଭାରତରେ ତାଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଇ ନାହିଁ ବୋଲି ସେମାନେ ଅତି କ୍ଷୋଭର ସହ କହିଛନ୍ତି।

ବିଶ୍ୱନାଥଙ୍କ ଦ୍ୱାରା ନିର୍ମିତ ହୋଇଥିବା ଗୋପବନ୍ଧୁ ଦରିଦ୍ର ନାରାୟଣ ସେବାଶ୍ରମରେ ସେତେବେଳେ ଗାନ୍ଧିଜୀଙ୍କ ଡକରାରେ କୁଟି ଖାଅ କାଟି ପିନ୍ଧ ଆହ୍ୱାନରେ ସୂତା କଟାଯାଉଥିଲା। ଏହି କେନ୍ଦ୍ରକୁ ଗାନ୍ଧିଜୀ ୩ ଦିନିଆ ବୋଲଗଡ଼ ଗସ୍ତ ସମୟରେ ଆସିଥିଲେ। ଏପରିକି ବିନୋବା ଭାବେ, କୁନ୍ତଳା କୁମାରୀ ସାବତ, ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର, କୃପାସିନ୍ଧୁ ହୋତା ଭଳି ମହାନ ସଂଗ୍ରାମୀ ଆସି ରହିଥିଲେ। ତେବେ ସ୍ୱାଧୀନତା ଦିବସ ଆସିଲେ, ସାରା ଭାରତରେ ଉତ୍ସାହର ମାହୋଲ ଦେଖିବାକୁ ମିଳେ। ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେ ପକାଇ ଆମେ ନିଜକୁ ଗୌରବାନ୍ୱିତ ମନେ କରୁଥିବାବେଳେ ଚମ୍ପାଇଲୋ ଗ୍ରାମ ସତେ ଯେପରି ସମାଜର ଆଢୁଆଳରେ ରହିଯାଇଛି। ସ୍ୱାଧୀନତା ସଂଗ୍ରାମୀଙ୍କ ଏହି ଗ୍ରାମ ଅବହେଳିତ ଅବସ୍ଥାରେ ରହିଛି। ସଂଗ୍ରାମୀଙ୍କ ସ୍ମୃତିଚିହ୍ନ ସ୍ୱରୂପ ଏଠାରେ ପ୍ରତିମୂର୍ତ୍ତିଟିଏ ଜିଲ୍ଲା ପ୍ରଶାସନର ଆନ୍ତରିକତା ଅଭାବ ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ମୁକ୍ତ ସଂଗ୍ରାମରେ ବଳିଷ୍ଠ ନେତୃତ୍ୱ ଦେଇଥିବା ଏହି ଗ୍ରାମ ଲୋକଙ୍କ ମନରୁ ଲିଭିବାକୁ ବସିଲାଣି। ଆଜାଦ୍ ହିନ୍ଦ୍ ଫୌଜରେ ଯୋଗଦେଇଥିବା ସଂଗ୍ରାମୀଙ୍କ ବଳିଦାନକୁ ସ୍ମରଣୀୟ ଉଦ୍ଦେଶ୍ୟରେ ରାଜ୍ୟ ସରକାର ସେମାନଙ୍କ ପରିବାରକୁ ତାମ୍ର ଫଳକଟିଏ ଧରାଇଦେଇ ଅନ୍ୟ କୌଣସି ବ୍ୟବସ୍ଥା କରିନାହାନ୍ତି। ସଂଗ୍ରାମୀଙ୍କୁ ଉପଯୁକ୍ତ ସମ୍ମାନାର୍ଥେ ସେମାନଙ୍କ ପ୍ରତିମୂର୍ତ୍ତି ଏବଂ ଚମ୍ପାଇଲୋ ଗ୍ରାମକୁ ଐତିହ୍ୟ ଗ୍ରାମର ମାନ୍ୟତା ପ୍ରଦାନ ଲାଗି ଗ୍ରାମବାସୀମାନେ ଦାବି କରିଛନ୍ତି।

## ୨୨୭ ଲିଟର ଦେଶୀ ମଦ ଜବତ; ୩ ଗିରଫ

ବାଲୁଗାଁ, ୧୪।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗ ପକ୍ଷରୁ ବାଣପୁର ଓ ନାତୁଣୀ ଥାନା ଅଞ୍ଚଳରେ ଚଢ଼ଉ କରି ୨୨୭ ଲିଟର ଦେଶୀ ମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି।

ଟାଙ୍ଗୀ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଅବକାରୀ ଟିମ୍ ସଦଳବଳେ ପୃଥକ୍ ଭାବେ ବାଣପୁର ଥାନା ଅନ୍ତର୍ଗତ ହରିପୁର ଛକ ବ୍ରିଜ୍ ନିକଟସ୍ଥ ମା' ତାରିଣୀଙ୍କ ମନ୍ଦିର ଓ ଦଣ୍ଡିଗାଡ଼ିଆ ଛକସ୍ଥିତ ଚଣ୍ଡୀମନ୍ଦିର ନିକଟରେ ଚଢ଼ଉ କରାଯାଇଥିଲା। ଖଲ୍ଲିକୋଟ ଥାନା ଅନ୍ତର୍ଗତ ଖଜୁରିସାହି ଗ୍ରାମର ବିଶ୍ୱନାଥ ଶବରଙ୍କୁ ଗିରଫ କରି ତାଙ୍କ ନିକଟରୁ ୧୦୩ ଲିଟର ଚୋରା ଦେଶୀ ମଦ ଜବତ କରିଥିବାବେଳେ ଅଭି ଶବରଠାରୁ ୧୦୪ ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି ନାତୁଣୀ ଥାନା ସଲପଡ଼ିହ ଅଞ୍ଚଳରେ ଚଢ଼ଉ କରି ବାସୁଦେବ ଭୋଳଙ୍କୁ ଗିରଫ କରି ତାଙ୍କ ନିକଟରୁ ୨୦ ଲିଟର ଦେଶୀ ମଦ ଜବତ କରିଛନ୍ତି। ଏ ସଂକ୍ରାନ୍ତରେ ବାଲୁଗାଁ ଅବକାରୀ ବିଭାଗରେ ପୃଥକ୍ ୩ଟି ମାମଲା ରୁଜୁ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଉକ୍ତ ଚଢ଼ଉରେ ଅନ୍ୟମାନଙ୍କ ମଧ୍ୟରେ ଅବକାରୀ ଏସ୍ଆଇ ମୀନକେତନ ମହାଲିକ, ରଞ୍ଜିତ ପଟେଲ, ସୁନିତା ମହାରଣା ଓ କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ସୋରଣ ପୂର୍ବତନ ସରପଞ୍ଚଙ୍କ ପରଲୋକ

ଟାଙ୍ଗୀ, ୧୪।୮ (ସମିସ): ବୁଧବାର ରାତି ପ୍ରାୟ ୧୧ଟା ସମୟରେ ଟାଙ୍ଗୀ ଥାନା ଚିଲିକା ବ୍ଲକ ଅଧୀନସ୍ଥ ସୋରଣ ପଞ୍ଚାୟତର ପୂର୍ବତନ ସରପଞ୍ଚ ସମାଜସେବୀ ଦିଲ୍ଲୀପ ମହାନ୍ତି(୭୧)ଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଜଣେ ଜଣାଶୁଣା, ସରଳ, ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ପୂର୍ବତନ ମନ୍ତ୍ରୀ ଡ. ଦେବେନ୍ଦ୍ର ନାଥ ମାନସିଂହ, ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ବେହେରା, ସୋରଣ ସରପଞ୍ଚ ଭାବ ବେହେରା, ପୂର୍ବତନ ସୋରଣ ସରପଞ୍ଚ ରତିକାନ୍ତ ବୈରୀଗଞ୍ଜନ, ବସନ୍ତ ଜେନା ପ୍ରମୁଖ ଶୋକବ୍ୟକ୍ତ କରିବା ସହ ତାଙ୍କର ଶେଷ ଦର୍ଶନ କରିଛନ୍ତି। ତାଙ୍କର ଶେଷକୃତ୍ୟ ନିଜ ଜନ୍ମଭୂମି ସୋରଣଠାରେ କରାଯାଇଛି।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ 'ହର୍ ଘର୍ ତିରଙ୍ଗା'

ନିରାକାରପୁର, ୧୪।୮ (ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, କାଇପଦର ପରିସରରେ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ମହାବିଦ୍ୟାଳୟ ଶ୍ରେଣୀଗୃହରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ କିଶୋର ଛୋଟରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଜ ନିଜ ଅଞ୍ଚଳରେ ସଚେତନ ସୃଷ୍ଟି କରିବା ପାଇଁ ବକ୍ତବ୍ୟ ରଖିଥିଲେ। ଏହାପରେ ମହାବିଦ୍ୟାଳୟର ୧୦୦୦ ଛାତ୍ରଛାତ୍ରୀଙ୍କ ସମେତ +୨ ଓ +୩ର ଜାତୀୟ ସେବା ଯୋଜନାରେ ସମସ୍ତ ସ୍ୱେଚ୍ଛାସେବୀ, ୟୁଥ୍ ରେଡ୍‌କ୍ରସ ଓ ଭାରତ ସ୍କାଉଟ୍ସ ଗାଇଡ୍ସର ସ୍ୱେଚ୍ଛାସେବୀ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟ୍‌ମାନଙ୍କୁ ନେଇ ନିକଟସ୍ଥ ଗ୍ରାମରେ ୫୦୦ ମିଟର ଲମ୍ବର ଏକ ତ୍ରିରଙ୍ଗା ଧରି ସ୍ୱାଧୀନତାର ନାରା ଦେଇ ପରିକ୍ରମା କରାଯାଇଥିଲା। ଅଧ୍ୟକ୍ଷ ପ୍ରତାପ କିଶୋର ଛୋଟରାୟ, ଅଧ୍ୟାପିକା ସଚଳା ସାମନ୍ତରାୟ, ସୁଜ୍ଞାନୀ ଭଞ୍ଜସାମନ୍ତ, ଅନୁପମା ଚମ୍ପତିରାୟ, ଡ. ସଂଯୁକ୍ତା ପଟ୍ଟନାୟକ, ଅନୀତା ଦାଶ, ସ୍ୱୟଂପ୍ରଜ୍ଞା ମାନ୍ଧାତା, ସବିତା ବେହେରା, ଯଶସ୍ୱିନୀ ସାହୁ, ଅଞ୍ଜଳି ସାହୁ, ଅଧ୍ୟାପକ ଡ. ଜନ୍ମେଜୟ ଚୌଧୁରୀ, ଭୁବନେଶ୍ୱର ନାୟକ, ମାନସ ଜୟସିଂହ, ବଳରାମ ପଶାୟତ, ମନ ସତ୍‌ନାମୀ, ଡେମୋନ୍‌ଷ୍ଟ୍ରେଟର ସତ୍ୟସୁନ୍ଦର ମହାପାତ୍ର, ଗ୍ରନ୍ଥାଗାରିକ ପ୍ରଦେଶ କୁମାର ମହାରଥୀ ଓ କିରାଣି ଦେବାଶିଷ ପଟ୍ଟନାୟକ ପ୍ରଭୃତି ସହଯୋଗ କରିଥିଲେ।

ସେହିପରି ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ନିରାକାରପୁର ମଣ୍ଡଳ ତରଫରୁ ମଣ୍ଡଳ ସଭାପତି ଅଜୟ ପାଇକରାୟଙ୍କ ନେତୃତ୍ୱରେ ହର୍ ଘର୍ ତିରଙ୍ଗା ଶୋଭାଯାତ୍ରା ହୋଇଯାଇଛି। ଏଥିରେ ବିଜେପି କୃଷକ ନେତା କେଳୁଚରଣ ଜଗଦ୍ଦେବ, ବିଜେପି ନେତା ପ୍ରଫୁଲ୍ଲ କୁମାର ଜେନା, ସନାତନ ବାରିକ, ମନ୍ମଥ ବେହେରା, ଚିତ୍ତରଞ୍ଜନ ତ୍ରିପାଠୀ, ପ୍ରଦୋଷ ହରିଚନ୍ଦନ, ପୁଷ୍ପଲତା ବେହେରା ଓ ନୂଆଗଡ଼ ସରପଞ୍ଚ ରଘୁନାଥ ମାଝୀଙ୍କ ସମେତ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଛାତ୍ରଛାତ୍ରୀଙ୍କ ୧୫୦୦ ଫୁଟ୍‌ର ତ୍ରିରଙ୍ଗା ଶୋଭାଯାତ୍ରା



ନିରାକାରପୁର, ୧୪।୮ (ସମିସ): ଦେଶର ୭୯ତମ ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ଦିବସରେ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ତରଫରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ନଗର ପରିକ୍ରମା କରିଥିବାବେଳେ ନଗରବାସୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ସ୍ୱାଗତ କରିଥିଲେ। ମହାବିଦ୍ୟାଳୟର ୧ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସହିତ ଶତାଧିକ କର୍ମଚାରୀ କଲେଜ ପରିସରରୁ ବାହାରି କଲେଜ ଛକ, ସୃଜନ ବିହାର, ପଦ୍ମପୁର, ଆର୍ଯ୍ୟ ବିହାର, ନିରାକାରପୁର ଥାନା ଦେଇ ଗେଟ୍ ବଜାର ପରିକ୍ରମା କରି ପ୍ରତ୍ୟାବର୍ତ୍ତନ କରିଥିଲେ। ୧୫୦୦ ଫୁଟ୍‌ର ତ୍ରିରଙ୍ଗା ଧରି ଶୋଭାଯାତ୍ରାଟି ଯାଉଥିବାବେଳେ ବ୍ୟବସାୟୀ ଓ ସାଧାରଣ ଲୋକମାନେ ସ୍ୱାଗତ ଜଣାଇବା ସହିତ ଛାତ୍ରଛାତ୍ରୀ ଓ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ଜାତୀୟ ପତାକା ଗ୍ରହଣ କରିଥିଲେ। ଦେଶ ପ୍ରେମର ନାରା ଆଜି ଜନଜୀବନ ଉପରେ ବେଶ୍ ପ୍ରଭାବ ରଖିଛି ବୋଲି ଅଧ୍ୟକ୍ଷା ବ୍ରତତୀ ମିଶ୍ର କହିଥିବାବେଳେ ନିରାକାରପୁର ଆଇଆଇସି ବିଶ୍ୱଜିତ ରାଉତରାୟ ଓ ସବ୍ ଇନ୍ସପେକ୍ଟର ଦିପାଲିଶା ନାୟକ ଶୋଭାଯାତ୍ରା ଶାନ୍ତିଶୃଙ୍ଖଳା ରକ୍ଷା କରିବାର ଦାୟିତ୍ୱ ନିର୍ବାହ କରିଥିଲେ। ପରେ କଲେଜ ପରିସରରେ ହର୍ ଘର୍ ତିରଙ୍ଗା ଅଭିଯାନ ପାଇଁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ପୁରସ୍କୃତ ବିତରଣ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି ସଭାରେ ଅଧ୍ୟକ୍ଷା ବ୍ରତତୀ ମିଶ୍ରଙ୍କ ସମେତ ଅଧ୍ୟାପକ ଚନ୍ଦନ କୁମାର ମିଶ୍ର, ଡ. କୈବଲ୍ୟ ପତି, ଗିରିଜା ଶଙ୍କର ମହାପାତ୍ର, ସୌରଭ ମହାପାତ୍ର, ଅଭିଷେକ ପଣ୍ଡା, ଅମୂଲ୍ୟ ପାତ୍ର, ସନ୍ଦୀପ ମହାପାତ୍ର, ପୁଣ୍ୟ ଦର୍ଶନ ସାହୁ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ସ୍କୁଲ ଛାତ୍ରଛାତ୍ରୀଙ୍କ ତ୍ରିରଙ୍ଗା ଶୋଭାଯାତ୍ରା

ଖୋର୍ଦ୍ଧା, ୧୪।୮ (ସମିସ): ସାରା ଭାରତ ବର୍ଷରେ ପାଳିତ ହେବାକୁ ଯାଉଛି ସ୍ୱାଧୀନତାର ୭୯ବର୍ଷ ପୂର୍ତ୍ତି। ଏ ସମ୍ପର୍କରେ ଦେଶବାସୀଙ୍କୁ ସଚେତନ ଏବଂ ଦେଶପ୍ରେମରେ ଅଂଶଗ୍ରହଣ କରିବାକୁ ଆରମ୍ଭ ହେଉଛି ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ। ଏହି ଅବସରରେ ସ୍ଥାନୀୟ ବିଡିଏ କଲୋନୀସ୍ଥିତ ସିଗ୍‌ମା ପବ୍ଲିକ ସ୍କୁଲ୍‌ର ଛାତ୍ରଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଥିଲା ତ୍ରିରଙ୍ଗା ଶୋଭାଯାତ୍ରା। ଛାତ୍ରଛାତ୍ରୀମାନେ ହାତରେ ଜାତୀୟ ପତାକା ଧରି ବନ୍ଦେ ମାତରଂ, ଭାରତ ମାତା କି ଜୟ ସହିତ ଅନ୍ୟ ଦେଶାତ୍ମବୋଧ ସ୍ଲୋଗାନ ଦେଇ ବିଭିନ୍ନ କଲୋନୀ, ସାହି ପରିକ୍ରମା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ତଥା ବରିଷ୍ଠ ସାମ୍ବାଦିକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟଙ୍କ ଦିଗ୍‌ଦର୍ଶନରେ ଆୟୋଜିତ ଏହି ହର୍ ଘର୍ ତିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ, ଶିକ୍ଷକ ତୁଷାର ରଞ୍ଜନ ମହାନ୍ତି, ମାନସ ରଞ୍ଜନ ମହାପାତ୍ର, ସୁମିତ୍ରା ତ୍ରିପାଠୀ, କରିଶ୍ମା ସାହୁ ଏବଂ ଅଭିଭାବକ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ପରିକ୍ରମା କରିବା ସମୟରେ ଜନସାଧାରଣ ସାମିଲ୍ ହୋଇ ସ୍ଲୋଗାନ ଦେଇଥିଲେ।

## ବାଣପୁର ଏନ୍‌ଏସିର 'ହର୍ ଘର୍ ତିରଙ୍ଗା'

ବାଣପୁର, ୧୪।୮ (ସମିସ): ଭାରତ ର ପ୍ରତ୍ୟେକ ନାଗରିକ ନିଜର ଦେଶ ଭକ୍ତି ଓ ଦେଶର ଜାତୀୟ ପତାକାକୁ ସମ୍ମାନ ଜଣେଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୨ ମସିହାରେ ସାରା ଦେଶରେ 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏନ୍‌ଏସି ନଗରପାଳ ମିଟୁ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶୋଭାଯାତ୍ରାରେ ଅଧ୍ୟକ୍ଷଙ୍କ ସହ ଏନ୍‌ଏସି ଉପାଧ୍ୟକ୍ଷା, ସମସ୍ତ କାଉନ୍‌ସିଲର ଓ କର୍ମଚାରୀଙ୍କ ସମେତ ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ସମସ୍ତ ଛାତ୍ରୀ ଏବଂ ବାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ-୧ ଓ ୨ର ଶିକ୍ଷକଶିକ୍ଷୟିତ୍ରୀ, ସମସ୍ତ ଛାତ୍ରଛାତ୍ରୀ, ଅବସରପ୍ରାପ୍ତ ସେନା କର୍ମଚାରୀ ଓ ବହୁ ସ୍ଥାନୀୟ ଜନସାଧାରଣ ସାମିଲ ହୋଇ ଦେଶମାତୃକାକୁ ସମ୍ମାନ ଜଣାଇ ହାତରେ ଜାତୀୟ ପତାକା ଧରି ମା' ଭଗବତୀଙ୍କ ମନ୍ଦିର ନିକଟରୁ ବାହାରି ବାଣପୁର ସହର ପରିକ୍ରମା କରି ହର୍ ଘର୍ ତିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି।

## ମନ୍ତ୍ରୀଙ୍କ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା

ବାଲୁଗାଁ, ୧୪।୮ (ସମିସ): ସାରା ଦେଶ ତଥା ରାଜ୍ୟରେ ବର୍ତ୍ତମାନ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଚାଲିଥିବାବେଳେ ଗୁରୁବାର ଚିଲିକା ବିଜେପି ପକ୍ଷରୁ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରାଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ, ସ୍ଥାନୀୟ ଲୋକ ପ୍ରତିନିଧି, ଦଳୀୟ କାର୍ଯ୍ୟକର୍ତ୍ତା ଓ ବହୁ ସ୍ଥାନୀୟ ଜନସାଧାରଣ ସାମିଲ୍ ହୋଇ ହାତରେ ଜାତୀୟ ପତାକା ଧରି ବାଲୁଗାଁସ୍ଥିତ ମା' ଉତ୍ତରାୟଣୀ ମନ୍ଦିର ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବାଲୁଗାଁ ସହର ପରିକ୍ରମା କରିବା ପରେ ବାଣପୁର ସହର ପରିକ୍ରମା କରି ଐତିହାସିକ ପଲଟଣ ପଡ଼ିଆରେ ପହଞ୍ଚିଥିଲେ।

## ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ 'ବିଭାଜନ ଭୟଙ୍କର' ସ୍ମୃତି ଦିବସ

ଜଟଣୀ, ୧୪।୮ (ସମିସ): ୧୯୪୭ ମସିହାରେ ଭାରତ ବିଭାଜନ ସମୟରେ ଅଗଣିତ ଜୀବନ ହରାଇଥିବା ଏବଂ ସହ୍ୟ କରିଥିବା ଅପାର ଯନ୍ତ୍ରଣାକୁ ମନେ ପକାଇବା ପାଇଁ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଗୁରୁବାର ବିଭାଜନ ଭୟଙ୍କର ସ୍ମୃତି ଦିବସ ପାଳନ କରିଛି। ବିଭାଜନର ଭୟଙ୍କରତା ସହିଥିବା ଲୋକଙ୍କ ସ୍ମୃତିକୁ ସମ୍ମାନ ଜଣାଇବା ପାଇଁ ଏକ ସାମୂହିକ ପ୍ରୟାସରେ ଭାରତୀୟ ରେଳବାଇ, ଭାରତ ସରକାରଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ଏକ ସ୍ମାରକୀ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ପ୍ରମୁଖ ଷ୍ଟେସନଗୁଡ଼ିକ ଯଥା- ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଭଦ୍ରକ, ପଲାସା ଓ ପୁରୀ ଷ୍ଟେସନରେ ପ୍ରବାସ ସମୟରେ ଯାତ୍ରା ଏବଂ ସଂଘର୍ଷକୁ ଚିତ୍ରଣ କରୁଥିବା 'ବିଭାଜନରେ ରେଳବାଇର ଭୂମିକା' ଉପରେ ଆୟୋଜିତ ପ୍ରଦର୍ଶନୀକୁ ପ୍ରଦର୍ଶିତ କରାଯାଇଥିଲା। ବିଭାଜନର ଭାବପ୍ରବଣ ଏବଂ ଶାରୀରିକ ପ୍ରଭାବକୁ ଉଜାଗର କରି ଷ୍ଟେସନ୍‌ ଟିଭି ସ୍କ୍ରିନ୍‌ରେ ଐତିହାସିକ ଫୁଟେଜ୍ ଏବଂ ସୂଚନାପ୍ରଦ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଏହି ପାଳନ କେବଳ ବିଭାଜନର ପୀଡ଼ିତ ଏବଂ ବଞ୍ଚିଥିବା ଲୋକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଭାବରେ ନୁହେଁ ବରଂ ଆଧୁନିକ ଭାରତକୁ ଗଠନ କରିଥିବା ସ୍ଥିରତା ଏବଂ ଏକତାର ସ୍ମରଣକାରୀ ଭାବରେ ମଧ୍ୟ ପ୍ରତିଫଳିତ କରିଥିଲା ବୋଲି କୁହାଯାଇଛି।

## ସମବାୟ ବ୍ୟାଙ୍କର ପୂର୍ବତନ ସଭାପତିଙ୍କ ପରଲୋକ

ବାଲୁଗାଁ, ୧୪।୮ (ସମିସ): ଖୋର୍ଦ୍ଧା ସମବାୟ ବ୍ୟାଙ୍କ ବାଲୁଗାଁ ଶାଖାର ସଭାପତି ତଥା ଚିଲିକା ବ୍ଲକ ସୋରଣ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିଲ୍ଲୀପ ମହାନ୍ତି ଓରଫ ଜାବୁଲାଙ୍କ ୭୧ବର୍ଷ ବୟସରେ ବୁଧବାର ରାତିରେ ହୃଦ୍‌ଘାତରେ ପରଲୋକ ଘଟିଯାଇଛି। ୧୯୯୦ରେ ସେ ସୋରଣ ଗ୍ରାମ ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ସହିତ ୧୯୯୬ରେ ବାଲୁଗାଁ, ବାଣପୁର, ଖୋର୍ଦ୍ଧା ସମବାୟ ବ୍ୟାଙ୍କରେ ଦୀର୍ଘ ୧୦ ବର୍ଷ ଧରି ନିର୍ଦ୍ଦେଶକ ରହିଥିଲେ। ସମବାୟ ବ୍ୟାଙ୍କ ବାଲୁଗାଁ ଶାଖାର ସଭାପତି ସହ ଭୁବନେଶ୍ୱର ଶାଖା ମାର୍କଫେଡ୍‌ର ମଧ୍ୟ ନିର୍ଦ୍ଦେଶକ ଥିଲେ। ସେ କଂଗ୍ରେସ ଦଳର ଚିଲିକା ନିର୍ବାଚନମଣ୍ଡଳୀରେ ଜଣେ ଟାଣୁଆ ନେତା ଭାବେ ବେଶ୍ ଜଣାଶୁଣା ଥିଲେ। ଗୁରୁବାର ସକାଳେ ତାଙ୍କର ଅନ୍ତିମ ସଂସ୍କାର ହୋଇଥିଲାବେଳେ ତାଙ୍କ ଧର୍ମପତ୍ନୀ, ଦୁଇ ପୁଅ, ବୋହୂ, ନାତି, ନାତୁଣୀ, ମାଆ ଓ ବନ୍ଧୁ ପରିବାର ବର୍ଗଙ୍କ ସମେତ ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ରନାଥ ମାନସିଂହ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ପ୍ରକାଶ ବିଜୁଳିଙ୍କୁ ଆକ୍ରମଣ ଘଟଣା; ୭ଦିନ ହେଲା ଟେର୍ ପାଉନି ପୁଲିସ

# ଶୋଭାଯାତ୍ରାରେ ନେତାଙ୍କ ସହ ବୁଲୁଛନ୍ତି ଅଭିଯୁକ୍ତ

ଖୋର୍ଦ୍ଧା, ୧୪।୮ (ସମିସ):



ଗତ ୭ ତାରିଖ ଅପରାହ୍ଣରେ ବେଗୁନିଆ ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳିଙ୍କୁ ଖୋର୍ଦ୍ଧା ବିଧାୟକଙ୍କ ଏକାନ୍ତ ଅନୁଗତମାନେ ଖୋର୍ଦ୍ଧାରେ ଆକ୍ରମଣ କରିବା ସହ ହତ୍ୟା ଧମକ ଦେବା ଘଟଣା ଇତିମଧ୍ୟରେ ୭ଦିନ ବିତିଲାଣି। ପୁଲିସ କେବଳ ଶ୍ରୀ ବିଜୁଳିଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ବିଜୁଳିଙ୍କୁ ବୁଝାଇଦେଇ ଅଭିଯୁକ୍ତଙ୍କୁ ଖୋଲାରେ ବୁଲିବାକୁ ଛାଡ଼ିଦେଇଛି। ଅଭିଯୁକ୍ତମାନେ ଫେରାର୍ ଥିବାରୁ ଧରିହେଉ ନ ଥିବା ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ କହୁଥିବାବେଳେ ବାସ୍ତବରେ କିନ୍ତୁ ଅଭିଯୁକ୍ତମାନେ ସ୍ଥାନୀୟ ବିଧାୟକଙ୍କ ସହ ଶୋଭାଯାତ୍ରା, ସଭାସମିତିରେ ବୁଲୁଥିବା ସୋସିଆଲ ମିଡିଆରେ ଫଟୋ ଭାଇରାଲ ହେଉଛି। ପୁଲିସ କ'ଣ ନେତାଙ୍କ ଚାପରେ ପଡ଼ି ଅଭିଯୁକ୍ତମାନଙ୍କୁ ଧରିବାରେ ଟାଳଟୁଳ ନୀତି ଆପଣାଉଛି ନା ଅଭିଯୁକ୍ତଙ୍କଠାରୁ କିଛି ମୁନାଫା କମାଇବା ଲକ୍ଷ୍ୟରେ ଜାମିନ ପାଇଁ ସମୟ ଦେଇ ଚାଲିଛି ତାକୁ ନେଇ ଉଠିଲାଣି ପ୍ରଶ୍ନ।

ସୂଚନାଯୋଗ୍ୟ, ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟର ୧୬ନଂ ଜାତୀୟ ରାଜପଥ ଉପରେ ଫୁଟ୍ ଓଭରବ୍ରିଜ୍ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସାଂସଦ ଓ ବିଧାୟକଙ୍କ ସହ ଅଭିଯୁକ୍ତମାନେ ଫଟୋରେ ରହିଥିବା ଦେଖାଯାଇଛି। ସେହିପରି ବେଗୁନିଆଠାରେ ତ୍ରିରଙ୍ଗା ଶୋଭାଯାତ୍ରାରେ ମଧ୍ୟ ସେହି ମୁଖ୍ୟ ଅଭିଯୁକ୍ତ ସମେତ ଅନ୍ୟମାନେ ଖୁଲମ୍‌ଖୁଲାଭାବେ ବୁଲୁଥିବା ସୋସିଆଲ ମିଡିଆରେ ଫଟୋ ଭାଇରାଲ ହେଉଛି। ମାତ୍ର ଆଦର୍ଶ ଥାନା ପୁଲିସକୁ ଏ ଘଟଣା ଦେଖାନଯିବା ସମସ୍ତଙ୍କୁ ଚକିତ କରୁଛି। ବିଗତ ଦିନରେ ବିଏମ୍‌ସିରେ ଜଣେ ଓଏଏସ୍ ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ଭୁବନେଶ୍ୱର ସାଂସଦ ହଠାତ୍ ମୁହଁ ଖୋଲି ବିଧାୟକ ପ୍ରାର୍ଥୀଙ୍କ ଗିରଫ ଦାବି କରିଥିବାବେଳେ ବିଜୁଳିଙ୍କୁ ଆକ୍ରମଣ ଭଳି ଏକ ସମ୍ବେଦନଶୀଳ ଘଟଣାରେ ସାଂସଦଙ୍କ ନୀରବତା ଭିନ୍ନମୋଡ଼ ନେଉଛି। ଏ ନେଇ ପ୍ରକାଶ ବିଜୁଳିଙ୍କୁ ପଚାରିବାରେ ସେ କୁହନ୍ତି, ଅଭିଯୁକ୍ତମାନଙ୍କୁ କାହା ନିର୍ଦ୍ଦେଶରେ ଥାନା ଅଧିକାରୀ ଗିରଫ କରୁନାହାନ୍ତି ଜଣାପଡୁନି। ଜଣେ ବିଧାୟକ ପ୍ରାର୍ଥୀଙ୍କୁ ପୁଲିସ ସୁରକ୍ଷା ଦେଇପାରୁ ନ ଥିବାବେଳେ ଲୋକଙ୍କୁ କିପରି ସୁରକ୍ଷା ଦେଉଥିବ ତାହା ଏଥିରୁ ସ୍ପଷ୍ଟ ଜାଣି ହେଉଛି। ଏସ୍‌ପି ଓ ଆଦର୍ଶ ଥାନା ଅଧିକାରୀ କାହା ନିର୍ଦ୍ଦେଶରେ ଅଭିଯୁକ୍ତମାନଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି ତାହାକୁ ନେଇ ପ୍ରଶ୍ନ ସେ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଏହି ଥାନା ଅଧିକାରୀଙ୍କ ସମୟରେ ଖୋର୍ଦ୍ଧାରେ ଅଧିକ ବ୍ରାଉନ୍‌ସୁଗର ବେପାର ବଢ଼ିଛି। ଥାନା ଅଧିକାରୀ ସେମାନଙ୍କ ସହ ଡିଲ୍ କରି ଚଳୁଥିବା ଜଣାଯାଇଛି। ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ବ୍ରାଉନ୍‌ସୁଗର ବେପାରୀ ରହିଛନ୍ତି। ତାଙ୍କଠାରୁ ମୋଟା ଅଙ୍କର ମାଲ୍ ନେଇ ଥାନା ଅଧିକାରୀ ସେମାନଙ୍କୁ ଖସାଇବାକୁ ମସୁଧା ଚଳାଇଛନ୍ତି। ଅଭିଯୋଗ ପତ୍ରରେ ମୁଁ ୫ ଜଣଙ୍କ ନାଁରେ ଲିଖିତଭାବେ ଜଣାଇଲି, ମାତ୍ର ୩ ଜଣଙ୍କ ନାଁରେ ପୁଲିସ ମାମଲା ରୁଜୁ କରିଛି। ମୋର ଏତଲାରେ ୩୯ ଗ୍ରାମ୍ ଓଜନର ସୁନାଚେନ୍ ନେଇଯାଇଥିବା ଲେଖିଥିଲେ ହେଁ ଥାନା ଅଧିକାରୀ ଉଦ୍ଦେଶ୍ୟମୂଳକ ଭାବେ ଏହାର ମୂଲ୍ୟ ୭୦ହଜାର ଦର୍ଶାଇଛନ୍ତି। ଯାହାର କି ମୂଲ୍ୟ ପ୍ରାୟ ସାଢ଼େ ୩ ଲକ୍ଷ ହେବ। ଯାହା ପୁଲିସର ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ତେବେ ଘଟଣା ସମ୍ପର୍କରେ ଏ ନେଇ ମୁଁ 'ଏକ୍ସ' ଯୋଗେ ମୁଖ୍ୟମନ୍ତ୍ରୀଙ୍କ ସମେତ ପୁଲିସର ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛି।

- ଆଦର୍ଶ ଥାନା ପୁଲିସ କାର୍ଯ୍ୟ ପ୍ରତି ପ୍ରଶ୍ନ ଉଠାଇଲେ ବିଜୁଳି
- ବ୍ରାଉନ୍‌ସୁଗର ବେପାରୀଙ୍କ ସହ ଥାନା ଅଧିକାରୀଙ୍କ ମଧୁର ସମ୍ପର୍କ ଅଭିଯୋଗ ଆଣିଲେ ବିଜୁଳି

## ବୃଦ୍ଧାଙ୍କୁ ସରକାରୀ ଅଧିକାରୀଙ୍କ ଭତ୍ତା, ଚାଉଳ ବନ୍ଦ କରିବାକୁ ଧମକ

**ବେତନଟୀ, ୧୪।୮ (ସମିସ):** ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ ବିଳମ୍ବ ହେବାରୁ ବେତନଟୀ ବ୍ଲକ ମହିଷାଶୋଳ ପଞ୍ଚାୟତର ଜଣେ ଆଦିବାସୀ ବୃଦ୍ଧା ହିତାଧିକାରୀଙ୍କୁ ସରକାରୀ ଅଧିକାରୀମାନେ ଅଶାଳୀନ ଭାଷାରେ ଧମକ ଚମକ ଦେଇଥିବା ଏକ ଭିଡିଓ ଭାଇରାଲ ହେଉଛି। ସମ୍ପୃକ୍ତ ବୃଦ୍ଧାଙ୍କ ଭତ୍ତା ଓ ଚାଉଳ ବନ୍ଦ କରିବାର ଭୟ ଦେଖାଇ ଏଭଳି ବ୍ୟବହାର କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସମେତ ଅନ୍ୟ ସରକାରୀ ବାବୁମାନେ ମିଳିମିଶି ହିତାଧିକାରୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ଉଠିଛି। ସରକାର ଅଧିକାରୀଙ୍କୁ ଲୋକଙ୍କ ସମସ୍ୟାର ସମାଧାନ କରିବା ସହ ଭଲ ବ୍ୟବହାର କରିବାକୁ ବାରମ୍ବାର ନିର୍ଦ୍ଦେଶ ଦେଉଥିଲେ ମଧ୍ୟ ତାହା ଓଲଟା ଦେଖିବାକୁ ମିଳିଛି। ସରକାରୀ ଅଧିକାରୀମାନେ କ୍ଷମତାର ଅପବ୍ୟବହାର କରି ଲୋକଙ୍କ ସହ ଦୁର୍ବ୍ୟବହାର କରୁଛନ୍ତି; ଯାହା ସାମାଜିକ ନ୍ୟାୟର ଉଲ୍ଲଂଘନ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ଆଦିବାସୀ ହୋଇଥିବା ବେଳେ ଆଦିବାସୀ ସମାଜର ଏକ ବୃଦ୍ଧାଙ୍କ ଉପରେ ଏଭଳି ଜୁଲୁମ୍ ଆଦୌ ଗ୍ରହଣୀୟ ନୁହେଁ। ତେଣୁ ଏହି ଘଟଣାର ସରକାରଙ୍କୁ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହେଉଛି।

## ବାମଗୋଡ଼ ଭାଙ୍ଗିଥିବାରୁ ମାଈ ହାତୀର ମୃତ୍ୟୁ ଘଟିଲା: ଡିଏଫ୍ଓ



**ଠାକୁରମୁଣ୍ଡା, ୧୪।୮ (ସମିସ):** କରଞ୍ଜିଆ ବନଖଣ୍ଡ ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳ ଭାଲିଆଡାଳ ଗ୍ରାମପଞ୍ଚାୟତ ବେଣୁଆଦର ସାହି ନିକଟ କମ୍ପାର୍ଟମେଣ୍ଟ ୧୯ନଂ. ଜଙ୍ଗଲରେ ଏକ ମାଈ ହାତୀର ସୋମବାର ମୃତ୍ୟୁ ଘଟିଥିଲା। ତେବେ ସେତେବେଳେ ମୃତ୍ୟୁ କାରଣ ଜଣାପଡ଼ିନଥିଲା। ହାତୀର ଆଗ ଗୋଡ ବାମ ଆଣ୍ଠୁତଳ ଭାଙ୍ଗିଯାଇ ରକ୍ତସ୍ରାବ ହୋଇଥିଲା। ଫଳରେ ହାତୀଟି ଅସୁସ୍ଥ ହୋଇ ମୃତ୍ୟୁ ଘଟିଛି ବୋଲି କରଞ୍ଜିଆ ଡିଏଫଓ ବୈଦ୍ୟନାଥ ମାଝୀ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗତ ରବିବାର ସ୍ଥାନୀୟ ଲୋକେ ଏକ ହାତୀ ଚଲାବୁଲା ନ କରି ଜଙ୍ଗଲ ଭିତରେ ଏକୁଟିଆ ଛିଡା ହୋଇଥିବା ଦେଖିବାକୁ ପାଇଥିଲେ। ପରେ ଲୋକେ ଏ ନେଇ ସାତକୋଶିଆ ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ରାତିରେ ଘଟଣାସ୍ଥଳରେ ପହଞ୍ଚି ହାତୀ ଅସୁସ୍ଥ ଥିବା ଜାଣିବାକୁ ପାଇଥିଲେ। ସୋମବାର ସକାଳେ ପ୍ରାଣୀ ଚିକିତ୍ସକଙ୍କୁ ନେଇ ଚିକିତ୍ସା କରିବାକୁ ଉଦ୍ୟମ କରିଥିଲେ; କିନ୍ତୁ ଚିକିତ୍ସା ଆରମ୍ଭ ପୂର୍ବରୁ ହାତୀର ମୃତ୍ୟୁ ଘଟିଥିଲା। ଭୁବନେଶ୍ୱର ଓ ବାରିପଦାରୁ ଏକ ଟିମ୍ ପହଞ୍ଚି ଶବ ବ୍ୟବଚ୍ଛେଦ କରିଥିଲେ।

### ପ୍ରସ୍ତାବିତ କୃଷି ମହାବିଦ୍ୟାଳୟ ବାଲେଶ୍ୱରକୁ ନେବାକୁ ମସୁଧା

# ମୟୂରଭଞ୍ଜ ଶାସକ ଦଳ ନେତା ସାଜିବେ ଜଳକା

**ବାରିପଦା, ୧୪।୮ (ସମିସ)**

ଓୟୁଏଟିର ପରିଚାଳନା ବୋର୍ଡର ନିଷ୍ପତ୍ତି ଅନୁଯାୟୀ ମୟୂରଭଞ୍ଜରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଅନୁମୋଦନ ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ଅନୁମତି ମିଳିବା ପରେ ଏହି କୃଷି ମହାବିଦ୍ୟାଳୟ ସ୍ଥାପନ ନେଇ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଯଦିଓ ଜିଲ୍ଲାରେ ଏହା କେଉଁଠି ନିର୍ମାଣ ହେବ ତାହାର ସ୍ଥିର ହୋଇନାହିଁ। ଆଗାମୀ ଦିନରେ ଏହି କୃଷି ମହାବିଦ୍ୟାଳୟ ସ୍ଥାପନ ଦ୍ୱାରା ମୟୂରଭଞ୍ଜରେ କୃଷି ଗବେଷଣା କ୍ଷେତ୍ରରେ ଏକ ବଡ଼ ସଫଳତା ମିଳିବ। ତେବେ ଏହି ମହାବିଦ୍ୟାଳୟ ବାଲେଶ୍ୱରରେ ସ୍ଥାପନ ପାଇଁ ମସୁଧା ଆରମ୍ଭ ହୋଇଛି। ଏପରି ହେଲେ ମୟୂରଭଞ୍ଜର ୨ ମନ୍ତ୍ରୀ, ୨ ସାଂସଦ ଓ ୭ ଜଣ ବିଧାୟକ ଜଳକା ହୋଇରହିବେ। ଯାହାର ଫଳାଫଳ ପରବର୍ତ୍ତୀ ସମୟରେ ମୟୂରଭଞ୍ଜବାସୀଙ୍କ ପାଖରେ ସଭିଏଁ ଉତ୍ତର ଦାୟୀ ହୋଇରହିବେ। ବାଲେଶ୍ୱରରେ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଆହ୍ୱାନରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ଏକ ଜରୁରୀ ବୈଠକ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ବୁଧବାର ବାଲେଶ୍ୱର ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଅଭୟଚନ୍ଦ୍ର ମିଶ୍ର, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନୂଆଦିଲ୍ଲୀରେ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ସାକ୍ଷାତ କରି ବାଲେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି ରଖିଥିବା ପ୍ରକାଶ କରିଥିଲେ। ସେଥିପାଇଁ ସମିତିର ସଦସ୍ୟ ସଦସ୍ୟା ତାଙ୍କର ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବାଲେଶ୍ୱର ଜିଲ୍ଲାପାଳଙ୍କ ସଭାଗୃହରେ 'ଦିଶା'ର ଏକ ବୈଠକରେ ସଭ୍ୟ/ସଭ୍ୟା ଉପସ୍ଥିତ ରହି ବାଲେଶ୍ୱର-ଭଦ୍ରକ ସାଂସଦଙ୍କୁ ବାଲେଶ୍ୱରଠାରେ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ସହିତ ସେଥିପାଇଁ ଆବଶ୍ୟକ ବଜେଟ ରଖିବା ପାଇଁ ନିବେଦନ କରିଥିଲେ। ସମସ୍ତ ୮ଜଣ ବିଧାୟକଙ୍କୁ ଭେଟି ବାଲେଶ୍ୱର ଜିଲ୍ଲାର ସରକାରୀ କୃଷିମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି ଉପସ୍ଥାପନ କରିଥିଲେ। ବାଲେଶ୍ୱର ଜିଲ୍ଲାର ସମସ୍ତ ବିଧାୟକ ଚଳିତ ଅଧିବେଶନରେ କୃଷି ମହାବିଦ୍ୟାଳୟ ବାଲେଶ୍ୱରରେ ସ୍ଥାପନ ପାଇଁ ଦାବି ଉଠାଇଛନ୍ତି। ଏପରି ହେଲେ ମୟୂରଭଞ୍ଜର ହକ୍ ହାତଛଡା ହୋଇଯିବ। ତେବେ ଜିଲ୍ଲାର ଶାସକ ଦଳ ମନ୍ତ୍ରୀ, ସାଂସଦ ଓ ବିଧାୟକ ଘଟଣାକୁ ନେଇ ଚୁପ ରହିବା ସାଧାରଣରେ ଅସନ୍ତୋଷ ଦେଖାଦେଲାଣି। ଦୀର୍ଘଦିନ ହେବ ମୟୂରଭଞ୍ଜରେ କୃଷି ମହାବିଦ୍ୟାଳୟ ପରିବର୍ତ୍ତେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି ହୋଇଆସୁଥିଲା। ଏଥିପାଇଁ ବାରିପଦା, ଶାମାଖୁଣ୍ଟା, ବେତନଟୀ ଓ ମୋରଡ଼ା ନିକଟରେ ଶହଶହ ଏକରରୁ ଅଧିକ ସ୍ଥାନ ଚିହ୍ନଟ ମଧ୍ୟ କରାଯାଇଛି। ତିନି ବ୍ଲକର ସୀମାରେ ଥିବା ଦାନ୍ତିଆମୁହାଁ, ବାରିପଦା ଓ ଶାମାଖୁଣ୍ଟା ସୀମାରେ ଏକ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ନେଇ ୨୦୧୪ ଅଗଷ୍ଟରେ ତତ୍କାଳୀନ ବିଜେଡି ସରକାର ଘୋଷଣା କରିଥିଲେ। ବିଶ୍ୱର ପ୍ରମୁଖ ଜୈବମଣ୍ଡଳ ଭାବେ ଶିମିଳିପାଳ ରହିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାକୁ ବହୁ ଚାଷୀର ଅନ୍ତୁଡ଼ିଶାଳ ବୋଲି କୁହାଯାଏ। ଖାଲି ଯେ ଧାନ ତାହା ନୁହେଁ; ଉନ୍ନତ ମାନର ମକା, ଆଳୁ, ବାଦାମ, ପିଆଜ ସହ ବିଭିନ୍ନ ପନିପରିବା ବର୍ଷତମାମ ଉତ୍ପାଦନ କରାଯାଉଛି। ଜିଲ୍ଲାର ଜଳବାୟୁ ସବୁ ପନିପରିବା, ଧାନ, ମକା, ଆଖୁ, ବାଦାମ ଓ ଆଳୁ ପାଇଁ ମଧ୍ୟ ଉପଯୋଗୀ। ତେଣୁ ଏଠାରେ ଓଡ଼ିଶାର ଦ୍ୱିତୀୟ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ନେଇ ଦାବି ହୋଇଆସୁଥିଲା। ତଦନୁଯାୟୀ, ନିକଟରେ ଓୟୁଏଟିର ପରିଚାଳନା ବୋର୍ଡର ନିଷ୍ପତ୍ତି ଅନୁଯାୟୀ ମୟୂରଭଞ୍ଜରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ଅନୁମତି ମିଳିଥିଲେ ହେଁ ବାଲେଶ୍ୱର ନେତାଙ୍କ ତତ୍ପରତା ମୟୂରଭଞ୍ଜ ପାଇଁ କାଳ ସାଜିପାରେ। ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସଂସଦୀୟ କ୍ଷେତ୍ର ଅଧୀନରେ ବଡସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଥିଲେ ହେଁ ସେ ମଧ୍ୟ ମହାବିଦ୍ୟାଳୟ ବାଲେଶ୍ୱରରେ ପ୍ରତିଷ୍ଠା ପାଇଁ ଉଦ୍ୟମ କରିବା ବାସ୍ତବରେ ତର୍ଜମାର ବିଷୟ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ବେତନଟୀ, ୧୪।୮ (ସମିସ):** ବେତନଟୀ ଥାନା ଅନ୍ତର୍ଗତ ଦହିକୋଟୀ ପଞ୍ଚାୟତର ଆଗଡ଼ା ଗ୍ରାମର ଜଣେ ବୃଦ୍ଧ ବୁଧବାର ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ଜଣକ ହେଉଛନ୍ତି କରୁଣାକର ଖଟୁଆ। ସେ ସାଇକଲ୍ ନେଇ ଗାଁ ମୁଣ୍ଡର ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ପୋଖରୀ ପାଖକୁ ଯାଇଥିଲେ। ପୋଖରୀ କୂଳରେ କରୁଣାକରଙ୍କ ସାଇକଲ୍, ଗାମୁଛା ଓ ଚପଲ ଥିବା ଦେଖିବାକୁ ମିଳିଥିଲା; କିନ୍ତୁ ତାଙ୍କର କୌଣସି ପତ୍ତା ମିଳିନଥିଲା। ପରେ ତାଙ୍କୁ ପୋଖରୀରୁ ଉଦ୍ଧାର କରାଯାଇଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି।




## କଂଗ୍ରେସର ମଶାଲ ଶୋଭାଯାତ୍ରା




**ବାରିପଦା, ୧୪।୮ (ସମିସ):** ଅଖିଳ ଭାରତୀୟ ଜାତୀୟ କଂଗ୍ରେସ କମିଟିର ସଭାପତି ମାଲିକାର୍ଜୁନ ଖଡ଼ଗେ ଓ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ମୟୂରଭଞ୍ଜ ଜିଲ୍ଲା ସଂଯୋଜକ (ପୂର୍ବ) ଅରବିନ୍ଦ ଦାସଙ୍କ ନେତୃତ୍ୱରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ନିକଟରୁ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ଦଳୀୟ କର୍ମୀମାନେ 'ଭୋଟ ଚୋର ଗାଦି ଛାଡ଼' ନାରା ଦେଇଥିଲେ। ଶୋଭାଯାତ୍ରାରେ ନିରୋଜ ଦାସ, ଜ୍ୟୋତିପ୍ରକାଶ ରଥ, ଯୋଗେଶ ଅଗ୍ରୱାଲ, ସୁସ୍ମିତା ଘୋଷାଲ, ମୋତିପ୍ରକାଶ ଦାସ, ସୁଦିପ ମନ୍ତ୍ରୀ, ଦୀପୁ ଦାସ, ବିଷ୍ଣୁ ସିଂ, ଭବାନି ସିଂ, ଭବାନୀ ସାହୁ, ଠାକୁର ସିଂ, ଏସ.କେ ମୁସ୍ତଫା, ଏସକେ ଇକବାଲ, ଫରିଦା ତପସୁମ, ନିର୍ମଳ ପ୍ରଧାନ ଓ ଛାତ୍ର ଓ ଯୁବଓ ମହିଳା ସଂଗଠନର ବହୁ କାର୍ଯକର୍ତ୍ତା ଉପସ୍ଥିତ ଥିଲେ।







## ଶିବୁ ସୋରେନଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବାରିପଦା, ୧୪।୮ (ସମିସ):** ଝାରଖଣ୍ଡ ମୁକ୍ତି ମୋର୍ଚ୍ଚାର ପ୍ରତିଷ୍ଠାତା ତଥା ପ୍ରାକ୍ତନ ଝାରଖଣ୍ଡ ମୁଖ୍ୟମନ୍ତ୍ରୀ ଦିଶମ ଗୁରୁ ଶିବୁ ସୋରେନଙ୍କ ଶ୍ରଦ୍ଧାଞ୍ଜଳି ଦିବସ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ପାଳିତ ହୋଇଛି। ଗଷ୍ଟ ୪ତାରିଖରେ ଶ୍ରୀ ସୋରେନ ଦିଲ୍ଲୀସ୍ଥିତ ଗଙ୍ଗାରାମ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ସେ ଥିଲେ ମହାଜନନାୟକ, ସମାଜ ସୁଧାରକ, ଆଦିବାସୀ ସମାଜର ଭଗବାନ। ଗୁରୁଜୀଙ୍କ ମୟୂରଭଞ୍ଜ ପ୍ରତି ଭଲ ପାଇବା ବହୁତ ଥିଲା ଏବଂ ସେ ବାରମ୍ବାର ମୟୂରଭଞ୍ଜ ଗସ୍ତ କରୁଥିଲେ। ତାଙ୍କ ଝିଅ ଅଞ୍ଜନୀ ସୋରେନଙ୍କୁ ମୟୂରଭଞ୍ଜରେ ବିବାହ କରାଇଥିଲେ। ଦୁଇ



ଜଣ ପୁତ୍ରବଧୂ ରୂପେ କଳ୍ପନା ଏବଂ ସୀତାଙ୍କୁ ମୟୂରଭଞ୍ଜରୁ ଗ୍ରହଣ କରିଥିଲେ। ଝାରଖଣ୍ଡ ରାଜ୍ୟର ସୁଧଖୋର ମହାଜନଙ୍କ ବିରୋଧରେ ଲଢୁଥିଲେ। ମହାଜନୀ ବ୍ୟବସ୍ଥାକୁ ହଟାଇବା ପାଇଁ ଝାରଖଣ୍ଡ ଆଦିବାସୀଙ୍କୁ ଏକତ୍ରିତ କରି ମହାଜନଙ୍କର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଫଳରେ ଗୁରୁଜୀଙ୍କୁ ଅନେକ ଥର ହତ୍ୟା ଉଦ୍ୟମ ମଧ୍ୟ ହୋଇଥିଲା। ଝାରଖଣ୍ଡର ସ ତିନି ଥର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ମଧ୍ୟ ଥିଲେ। ଶିବୁ ସୋରେନ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ସ୍ମୃତିଚାରଣ କରିଥିଲେ। ମୟୂରଭଞ୍ଜ ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦା, ଝାରଖଣ୍ଡ ମୁକ୍ତି ମୋର୍ଚ୍ଚାର ପୂର୍ବତନ ଜିଲ୍ଲା ସଭାପତି ଫାଗୁ ହାଁସଦା, ବର୍ତ୍ତମାନର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ, ଉପସଭାପତି ରାଜା ହେମ୍ବ୍ରମ, ରାଜ୍ୟ ପରିଷଦ ସଭ୍ୟ ସନାତନ ମୁର୍ମୁ, ସୁଜିତ ବେହେରା କେନ୍ଦ୍ରୀୟ ସଭ୍ୟ ଦିବାକର ସୋରେନ, ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ, ବାରିପଦା ଟାଉନ ସଭାପତି ତରେନ ସେନାପତି, ବିଭିନ୍ନ ବ୍ଲକର ସଭାପତି ମଧୁସୂଦନ ମହାନ୍ତ, ଚୈତନ୍ୟ ମୁର୍ମୁ, ବିକ୍ରମ ମୁର୍ମୁ, ପାରାନ ସୋରେନ ପ୍ରମୁଖ ବହୁ ଶୁଭେଚ୍ଛୁ ଯୋଗ ଦେଇଥିଲେ।







## ବିଶ୍ୱବିଦ୍ୟାଳୟ ଓ ରୋଟାରୀ କ୍ଲବ୍ ପକ୍ଷରୁ ବିଶ୍ୱ ଅଙ୍ଗଦାନ ଦିବସ




**ବାରିପଦା, ୧୪।୮ (ସମିସ):** ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଏବଂ ବାରିପଦା ରୋଟାରୀ କ୍ଲବ ଆନୁକୂଲ୍ୟରେ ବିଶ୍ୱ ଅଙ୍ଗଦାନ ଦିବସ ପାଳିତ ହୋଇଛି। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଡକ୍ଟର କମଳଲୋଚନ ବାରିକ ସଭାକୁ ଉଦ୍‌ଘାଟନ କରିଥିଲେ। ସ୍ନାତକୋତ୍ତର କମ୍ପ୍ୟୁଟର ଆପ୍ଲିକେସନର ବିଭାଗୀୟ ମୁଖ୍ୟ ପ୍ରଫେସର ଡକ୍ଟର ଏମ ହିମାବିନ୍ଦୁ ଏଥିରେ ପୌରୋହିତ୍ୟ କରିଥିଲେ। ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟର ଆନାଟୋମି ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡକ୍ଟର ରାମକୃଷ୍ଣ ସାହୁ ମୁଖ୍ୟ ଅତିଥି ତଥା ବିଷୟ ବିଶାରଦ ରୂପେ ଯୋଗଦାନ କରି ଚକ୍ଷୁ ପଟଳ, ହୃଦୟ, ଅଗ୍ନାଶୟ, ରକ୍ତ, ଫୁସଫୁସ, ବୃକକ ଓ ଯକୃତ ପରି ବିଭିନ୍ନ ପ୍ରକାର ଗୁରୁତ୍ୱପୂର୍ଣ୍ଣ ମାନବୀୟ ଅଙ୍ଗଗୁଡ଼ିକର ଦାନର ପ୍ରକ୍ରିୟା, ଆଇନଗତ ଦିଗ ଓ ପ୍ରତ୍ୟାରୋପଣର ପ୍ରକ୍ରିୟା ସମ୍ବନ୍ଧରେ ପିପିଟି ମାଧ୍ୟମରେ ସବିଶେଷ ଆଲୋଚନା କରିଥିଲେ। ରୋଟାରୀ କ୍ଲବର ସଭାପତି ଭବାନୀ ଶଙ୍କର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ବିଶ୍ୱବିଦ୍ୟାଳୟ ଏନଏସଏସ ସ୍ନାତକୋତ୍ତର ୟୁନିଟର ପ୍ରୋଗ୍ରାମ ଅଧିକାରୀ ଡକ୍ଟର ବିଷ୍ଣୁପ୍ରିୟା ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ। ଏନଏସଏସ ପ୍ରୋଗ୍ରାମ କୋର୍ଡିନେଟର ଡ. ବସନ୍ତ କୁମାର ମହାନ୍ତ, ସ୍ନାତକୋତ୍ତର ଏନଏସଏସ ୟୁନିଟର ପ୍ରୋଗ୍ରାମ ଅଧିକାରୀ ଡ ଶିଶିର କୁମାର ବେହେରା ଓ କ୍ଲବର ସମ୍ପାଦକ ତିମିର କୁମାର ଘୋଷ ପ୍ରମୁଖ ମଞ୍ଚାସୀନ ଥିଲେ।



## ଶୁଣିଲାନି ପ୍ରଶାସନ / ନିଜସ୍ୱ ଉଦ୍ୟମରେ କାଠ ପୋଲ ତିଆରି କଲେ ଗ୍ରାମବାସୀ

ତୁରୁମୁଙ୍ଗା,୧୪।୮ (ସମିସ): ଲଗାଣ ବର୍ଷାରେ ନାଳ ଉପରେ ଥିବା ପୋଲ ଭାଙ୍ଗିଯିବା ପରେ ଗ୍ରାମବାସୀ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ, ସହ ବିଧାୟକଙ୍କୁ ନୂତନ ପୋଲଟିଏ ନିର୍ମାଣ ପାଇଁ ବାରମ୍ବାର ଗୁହାରି କରିଥିଲେ। ହେଲେ ଏନେଇ କେହି କର୍ଣ୍ଣପାତ କରି ନଥିବାରୁ ଶେଷରେ ନିଜସ୍ୱ ଉଦ୍ୟମରେ ନାଳ ଉପରେ ଅସ୍ଥାୟୀ କାଠ ପୋଲ ତିଆରି କରିଛନ୍ତି ଗ୍ରାମବାସୀ। ସରକାରୀ କଳ ଉପରୁ ଭରସା ତୁଟାଇ କାଠ, ଡାଳ, ବସ୍ତା ଆଉ ମୋରମ ଦ୍ୱାରା ପୋଲ ତିଆରି କରିଛନ୍ତି। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସୋରାସକେଲା ପଞ୍ଚାୟତର ଶାଳଧର ଗ୍ରାମଠାରୁ ବାଉଁଶଡିହା ସାହିଦେଇ ସୋରାସକେଲା ପଞ୍ଚାୟତ ମୁଖ୍ୟାଳୟକୁ ସଂଯୋଗ କରୁଥିବା ଏହି ରାସ୍ତାର ନାଳ ଉପରେ ଥିବା ପୋଲଟି ଲଗାଣ ବର୍ଷା ଯୋଗୁଁ



୪ ବର୍ଷ ତଳେ ଭୁଶୁଡି ପଡିଥିଲା। ଫଳରେ ଉଭୟ ଗ୍ରାମରେ ବସବାସ କରୁଥିବା ୨୦୦ରୁ ଊର୍ଦ୍ଧ୍ୱ ପରିବାର ଲୋକେ ପଞ୍ଚାୟତ କାର୍ଯ୍ୟାଳୟକୁ ରାସନ ଚାଉଳ ସହ ଛାତ୍ରଛାତ୍ରୀ ସ୍କୁଲ ଯିବାକୁ ଅସୁବିଧାରେ ସମ୍ମୁଖିନ ହେଉଥିଲେ। ଦେଢ଼ କିଲୋମିଟର ରାସ୍ତା ବଦଳରେ ୪ରୁ ୫ କିଲୋମିଟର ବୁଲି ଯାଉଥିଲେ। ପ୍ରଶାସନ ପୋଲ ନିର୍ମାଣ ପାଇଁ କୌଣସି ପଦକ୍ଷେପ ନେଇ ନଥିବାରୁ ଲୋକେ ବାଧ ହୋଇ ନାଳ ଉପରେ କାଠଗଣ୍ଡି, ଡାଳ ବସ୍ତାଦେଇ ତା ଉପରେ ମୋରମ ପକାଇ ସମତୁଲ କରି ସାଇକଲ ଓ ବାଇକ୍ ଯିବା ପାଇଁ ଅସ୍ଥାୟୀ କାଠ ପୋଲ ତିଆରି କରିଛନ୍ତି। ଏହି କାଠ ପୋଲ ଦ୍ୱାରା ପଞ୍ଚାୟତ ମୁଖ୍ୟାଳୟ ସହ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ମାନେ ଯିବାକୁ ସହଜ ହେବ ବୋଲି କହିଛନ୍ତି ଗ୍ରାମବାସୀ।

● ବିନା ଅନୁମତିରେ ସଂରକ୍ଷିତ ଜଙ୍ଗଲରେ କାରଖାନା

## ଜଙ୍ଗଲରେ ଶହ ଶହ ଟ୍ରିପ୍ ଗଚ୍ଛିତ ବେଆଇନ ଖଣିଜ କାହାର?

କେନ୍ଦୁଝର,୧୪।୮ (ସମିସ): କେନ୍ଦୁଝର ବନଖଣ୍ଡ ସଦର ବନାଞ୍ଚଳ ନାରଣପୁର ସେକ୍ସନ ଯମୁନାଳିଆ ମୌଜାର ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଶହ ଶହ ଟ୍ରିପ ତଥା କୋଟି କୋଟି ଟଙ୍କା ମୂଲ୍ୟର ବେଆଇନ ଗଚ୍ଛିତ ପାଇରୋଫ୍ଲାଇଟ ଏବଂ କ୍ୟୁଆରଯାଇଟ କାହାର ଏବଂ ବିନା ଅନୁମତିରେ ଠୁଳ କରିବାକୁ ଅନୁମତି କିଏ ଦେଇଛି ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ସୂଚନାନୁଯାୟୀ, ଜାମୁନାଳିଆ ମୌଜା ଖାତା ନମ୍ବର ୫୫/୯୦ରେ ୫୦ ଡେସିମିଲ ପରିମିତ ଏକ ଘରବାରୀ ଜମି ରହିଛି। ଏହାର ପଟ୍ଟାଧାରୀ କେନ୍ଦୁଝର ଆଗ୍ରୋ ମିନିରାଲ ପ୍ରୋସେସିଂ ପ୍ରାଇଭେଟ ଲିମିଟେଡ ଅଟନ୍ତି। କିନ୍ତୁ ଘରବାରୀ ପାଇଁ ଉଦ୍ଦିଷ୍ଟ ଉକ୍ତ ଜମିରେ କାରଖାନା ତିଆରି ହୋଇଛି। ଏହା କିପରି ଓ କାହା କଥାରେ କାରଖାନା ନିର୍ମାଣ ହୋଇଛି ତାକୁନେଇ ପ୍ରଶ୍ନ ଉଠିଲାଣି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହାଯେ ସମ୍ପୃକ୍ତ ପ୍ଲାଣ୍ଟ କର୍ତ୍ତୃପକ୍ଷ କାରଖାନା ପାଇଁ ନିଜ ନାମରେ ଥିବା ୫୦ ଡେସିମିଲ ଘରବାରୀ ଜମିକୁ ବ୍ୟବହାର କରିବା ସହିତ ନିକଟରେ ଥିବା ଅନ୍ୟୁନ ୨ ଏକର ସଂରକ୍ଷତ ଜଙ୍ଗଲ ଜମିକୁ ବିନା ଅନୁମତିରେ ନିଜ ଅକ୍ତିଆର ଭିତରେ ରଖି କାରଖାନା ସ୍ଥାପନ କରି ଲକ୍ଷ ଲକ୍ଷ ଟଙ୍କା ମୁନଫା କମାଇ ଚାଲିଛନ୍ତି ବୋଲି ଅଭିଯୋଗ ହେଉଛି। ଅଳ୍ପ ଦୂରରେ ବନବିଭାଗ କାର୍ଯ୍ୟାଳୟ ଥାଇ କିପରି ଜାଣି ପାରୁନାହାନ୍ତି ତାହା ସନ୍ଦେହ ସୃଷ୍ଟି କରୁଛି। ବଡ଼ କଥା ହେଲା କର୍ତ୍ତୃପକ୍ଷ କୋଟି କୋଟି ଟଙ୍କା ମୂଲ୍ୟର ଖଣିଜ କିପରି ଜଙ୍ଗଲ ଜମିରେ ମହଜୁଦ କରି ରଖିଛନ୍ତି କେହି ଜାଣୁନାହାନ୍ତି ତାହା ସଂଶୟ ସୃଷ୍ଟି କରୁଛି। କାରଖାନା ଜମି ୨୦୧୯ରୁ ଘରବାରୀ କିସମ ହେଲାଣି। ଘରବାରୀ ପାଇଁ ଉଦିଷ୍ଟ ଜମିରେ କାରଖାନା କିପରି ସ୍ଥାପିତ ହୋଇଛି ଜଣାନାହିଁ। କମ୍ପାନୀ ମାଲିକ ଏଠାରେ ମାସକୁ ୬୦୦ ଟନ ପାଇରୋଫ୍ଲାଇଟ,



୩୦୦୦ ଟନ କ୍ୟୁଆରଯାଇଟ ପଥରକୁ ଗୁଣ୍ଡ କରି ପକେଟ ମାଧ୍ୟମରେ ପଶ୍ଚିମବଙ୍ଗ ଓ ଓଡ଼ିଶାର ବିଭିନ୍ନ ସ୍ଥାନକୁ ପଠାଇ ମୁନାଫା କମାଇ ଚାଲିଛନ୍ତି; ହେଲେ କହିବାକୁ କେହିନାହିଁ। ଅନ୍ୟପକ୍ଷରେ ଏଠାରେ କାମ କରୁଥିବା ଗରିବ ଶ୍ରମିକ ମାନଙ୍କୁ ଠିକ ମଜୁରୀ ନଦେବା, ସେମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ନଦେବା ପ୍ରଭୃତି କାମକରୀ ମାଲିକ ସେମାନଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଜଙ୍ଗଲ ମଧ୍ୟରେ ବେଆଇନ ଖଣିଜ ଠୁଳ ସମ୍ପର୍କରେ କେନ୍ଦୁଝର ଡିଏଫ ଓ ଧନରାଜ ଏଚଡ଼ିଙ୍କୁ ପଚାରିବାରୁ ସଠିକ ତଥ୍ୟ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିବା ବେଳେ ରାଜସ୍ୱ ବିଭାଗ, ଜଙ୍ଗଲ ବିଭାଗ, ଖଣି ବିଭାଗ ଏବଂ ଶ୍ରମ ବିଭାଗ ଏଭଳି ବେଆଇନ କାର୍ଯ୍ୟ କରୁଥିବା କାରଖାନା ମାଲିକଙ୍କ ବିରୁଧରେ କି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ଦେଖିବାକୁ ବାକି ରହିଲା।

## ଅମଲା ସଂଘର ଆନ୍ଦୋଳନକାରୀଙ୍କୁ ଭେଟିଲେ ବିଧାୟକ



ଆନନ୍ଦପୁର,୧୪।୮ (ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘର ନିଷ୍ପତ୍ତି ଅନୁସାରେ ଆନନ୍ଦପୁରରେ ରାଜସ୍ୱ ଅମଲା ପକ୍ଷରୁ ହୋଇଥିବା କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆଜି ଚତୁର୍ଥ ଦିନରେ ପହଁଚିଛି। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଧାରଣାସ୍ଥଳରେ ଉପସ୍ଥିତ ହୋଇ ଅମଲାମାନଙ୍କୁ ସମବେଦନା ଜଣାଇଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରାଙ୍ଗ ଜେନା ଓ ପ୍ରସନ୍ନ ରାମ ବିଧାୟକ ଶ୍ରୀ ସେଠୀଙ୍କୁ ନିଜର ଦଶଦଫା ଦାବି ପୂରଣ ହେବା ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ନିବେଦନ କରିଥିଲେ। ଆନ୍ଦୋଳନରେ ଆନନ୍ଦପୁର ଘସିପୁରା ହାଟଡିହି ବ୍ଲକ ତହସିଲ ଶିଶୁବିକାଶ ବିଭାଗ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସାମିଲ ହୋଇଥିବାରୁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ସାଧାରଣ ଲୋକେ ବିଭିନ୍ନ କାର୍ଯ୍ୟାଳୟରୁ ନିରାଶ ହୋଇ ଫେରିବା ଘଟଣାରେ ଅସନ୍ତୋଷ ପ୍ରକାଶ ପାଇଛି। ଆନ୍ଦୋଳନରେ ପଦ୍ମାଳୟା ସ୍ୱାଇଁ, ସୁବ୍ରତ ପଟ୍ଟନାୟକ, କ୍ଷୀରୋଦ ରାଉତ, ଶୁଭେନ୍ଦୁ ସାହୁ, ରମେଶ ସାହୁ, ସୁଭସ୍ମିତା ଜେନା, ଅଶୋକ ଷେଣ୍ଡ, ଅଞ୍ଜଳି ସାହୁ, ମାନସ ଦାସ, ଅମିୟ ସାହୁ, ଭାଗ୍ୟଶ୍ରି ସେଠୀ, ଜଳି ଜେନା ପ୍ରମୁଖଙ୍କ ସହ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟଳୟର ସମସ୍ତ ରାଜସ୍ୱ ଅମଲା ସାମିଲ ହୋଇଛନ୍ତି।

## ଉପଖଣ୍ଡ ଡାକ୍ତରଖାନାରେ ଭାରପ୍ରାପ୍ତ ସୁପରିଟେଣ୍ଡେଣ୍ଟଙ୍କ ଦାୟିତ୍ୱ ଗ୍ରହଣ

ଆନନ୍ଦପୁର,୧୪।୮ (ସମିସ): ଡା. କୃଷ୍ଣଚନ୍ଦ୍ର ଦାଶ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭାରପ୍ରାପ୍ତ ସୁପରିଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଥିବା ଡା. ଧନେଶ୍ୱର ସେଠୀଙ୍କ ଅନ୍ୟତ୍ର ବଦଳି ହୋଇଯିବା ପରେ ଡା. ଶ୍ରୀ ଦାଶଙ୍କୁ ଏପରି ଦାୟିତ୍ୱ



ଦିଆଯାଇଛି। ଆଜି ଶ୍ରୀ ଦାଶ ପ୍ରଥମେ ଡାକ୍ତରଖାନା ପରିସର ପରିଦର୍ଶନ କରିବା ପରେ ସଫେଇ ଓ ଅଳିଆ ଆବର୍ଜନା ପରିଚାଳନାର ତଦାରଖ କରିଥିଲେ। ସଫେଇ କର୍ମଚାରୀ ମାନଙ୍କୁ ପ୍ରତିଦିନ ଠିକଭାବେ ସଫେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

ବେଲବାହାଲି,୧୪।୮ (ସମିସ): ଘସିପୁରା ଥାନା ୨୦ନଂ ଜାତୀୟ ରାଜପଥ ବାରିଗାଁ ପେଟ୍ରୋଲ ପମ୍ପ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇ ଆନନ୍ଦପୁର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ବାତୋ ଗ୍ରାମର କାଳନ୍ଦୀ ଜେନା(୩୮)ନିଜ ଗ୍ରାମକୁ ବାଇକ୍ ଯୋଗେ ଆସୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାଶ୍ୱର୍ରେ ଥିବା ଡିଭାଇଡରରେ ପିଟି ହୋଇଯିବାରୁ ଗୁରୁତର ଆହତ ହୋଇଥିଲେ। ଲୋକେ ତାଙ୍କୁ ଆନନ୍ଦପୁର ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି।

## ଚମ୍ପୁଆ ଆଥଲେଟିକ ଆସୋସିଏସନ ପକ୍ଷରୁ ଗଣଦୌଡ଼

ଚମ୍ପୁଆ,୧୪।୮ (ସମିସ): ଚମ୍ପୁଆ ଆଥଲେଟିକ ଆସୋସିଏସନ ପକ୍ଷରୁ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି। ସକାଳ ୬ଟା ୩୦ରେ ରଜିଆ ପଞ୍ଚାୟତ କାର୍ଯ୍ୟାଳୟରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଏସଡିପିଓ ରଶ୍ମିରଞ୍ଜନ ସାହୁ, ଉପଖଣ୍ଡ ଚିକିତ୍ସାଧିକାରୀ ଉମାକାନ୍ତ ସାହୁ, ଆଥଲେଟିକ ଆସୋସିଏସନ ସଭାପତି ଅଭୟ କୁମାର ଦାସ, ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, ରଜିଆ ସରପଞ୍ଚ ସନ୍ତୋଷ ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ଗଣଦୌଡର ଶୁଭାରମ୍ଭ ହୋଇଥିଲା। ପ୍ରତିଯୋଗିତା ମୂଳକ ଗଣଦୌଡରେ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରତିଯୋଗୀ ଭାଗ ନେଇ ରଜିଆରୁ ଚମ୍ପୁଆ ନେହେରୁ ଷ୍ଟାଡିୟମ ପର୍ଯ୍ୟନ୍ତ ୭.୫ କିମି ଦୌଡିଥିଲେ। ଟ୍ରାଫିକ ସମସ୍ୟା ଓ ଶାନ୍ତି ଶୃଙ୍ଖଳା ପାଇଁ ପୁଲିସ ବ୍ୟବସ୍ଥା କରାଯାଇଥିବା ବେଳେ ଡା. ଧର୍ମପଦ ଦାସ ମହାପାତ୍ରଙ୍କ ତତ୍ୱାବଧାନରେ ମେଡିକାଲ ଟିମ ସଜାଗ ରହିଥିଲେ। ପ୍ରତିଯୋଗିତାରେ ଚାଇଁବସା ଅଞ୍ଚଳର ମଙ୍ଗୁ ଇଛାଘୁଟୁ ପ୍ରଥମ, ଟାଟାନଗର ଅଞ୍ଚଳର ଚିରଞ୍ଜିତ ପୁର୍ତୀ ଦିତୀୟ, ରାଇରଙ୍ଗପୁରର ଆସମାନ ପୁର୍ତ୍ତୀ ତୃତୀୟ ଓ ଶୁକ୍ଳି ଅଞ୍ଚଳର ରାଜେସ କେରେଇ ଚତୁର୍ଥ ସ୍ଥାନ ହାସଲ କରି ପୁରସ୍କାର ଗ୍ରହଣ କରିଥିଲେ।

## ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା

ତେଲକୋଇ,୧୪।୮ (ସମିସ): ତେଲକୋଇ ବ୍ଲକ ଅଧୀନ ଓରିୟାଠାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟରେ ଶକ୍ତି ସଂଘର ମୁଖ୍ୟ ଚିତ୍ତରଞ୍ଜନ ସାହୁଙ୍କ ଦ୍ୱାରା ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଛି। ପ୍ରବନ୍ଧ ପ୍ରତିଯୋଗିତାରେ ନବମ ଶ୍ରେଣୀର ଛାତ୍ରୀ ରିୟା ରାଣୀ ସାହୁ ପ୍ରଥମ, ଜିଜ୍ଞାସା ପ୍ରିୟଦର୍ଶିନୀ ଖୁଣ୍ଟିଆ ଦ୍ୱିତୀୟ ଏବଂ ଯୁଗ୍ମ ଭାବରେ ଅରୋଷସ୍ମିତା ନାୟକ ଓ ଗୌତମ କୁମାର ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନରେ ଲିପି ମାଝୀ ପ୍ରଥମ, ସାୟଂଶ୍ରୀ ସତ୍ୟପ୍ରଜ୍ଞା ପ୍ରଧାନ ଦ୍ୱିତୀୟ ଏବଂ ଯୁଗ୍ମ ଭାବରେ ଅରୋଷସ୍ମିତା ଖୁଣ୍ଟିଆ ଓ ମଧୁସ୍ମିତି ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାକୁ ଶିକ୍ଷୟିତ୍ରୀ ପୂଜା ସିଂ, କଳା ଶିକ୍ଷକ ଜ୍ୟୋତିର୍ଦେବ ସିଂ, ହିନ୍ଦୀ ଶିକ୍ଷକ ମିରହେଦା ତୁଲା, ପଦାର୍ଥ ବିଜ୍ଞାନ ଶିକ୍ଷକ ବିଶ୍ୱଭୂଷଣ ମହାନ୍ତ ଓ ଗଣିତ ଶିକ୍ଷୟିତ୍ରୀ ନିବେଦିତା ମହାନ୍ତ ପରିଚାଳନା କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ପରିଡା ପୁରସ୍କୃତ କରିଥିଲେ।

## ତକ୍ଷଶିଳା ବିଦ୍ୟାଳୟରେ ରାଧାକୃଷ୍ଣ ପ୍ରତିଯୋଗିତା



ବେଲବାହାଲି,୧୪।୮ (ସମିସ): ଘଷିପୁରା ବ୍ଲକ୍ କେଶଦୁରାପାଳ ତକ୍ଷଶିଳା ଇଂରାଜୀ ବିଦ୍ୟାଳୟରେ ଜନ୍ମାଷ୍ଟମୀ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଧାତ୍ମିକ ଚେତନା ଜାଗ୍ରତ କରିବା ପାଇଁ ସେମାନଙ୍କୁ ରାଧାକୃଷ୍ଣ ବେଶରେ ସଜାଯାଇ କୃଷ୍ଣଙ୍କ ଗୀତରେ ନୃତ୍ୟ ପରିବେଷଣ କରାଯାଇ ପ୍ରତିଯୋଗିତା ହୋଇଯାଇଛି। ୨୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ତିନି ଜଣ ଜୁନିୟର ଛାତ୍ରଛାତ୍ରୀ ପ୍ରଥମ ଦିବ୍ୟାନ୍ସି ମହାଳିକ, ଦ୍ୱିତୀୟ ବିଘ୍ନେସ ପାତ୍ର, ତୃତୀୟ ଆରୀୟନା ଓଝା, ଅଗ୍ନିସ ବିନ୍ଧାଣି ସିନିୟର ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ଆରୀୟନ ମହାନ୍ତି, ଦ୍ୱିତୀୟରେ ସିମ୍ରନ ବେହେରା, ତୃତୀୟ ସ୍ଥାନ ପ୍ରିୟନ୍ସ ବେହେରା, କେ ତାରିଣୀ ପ୍ରସାଦ ସାହୁ ଉତ୍ତୀର୍ଣ୍ଣ ହୋଇଥିଲେ। ପ୍ରତିଯୋଗିତାରେ ନିର୍ଣ୍ଣାୟକ ମଣ୍ଡଳୀ ଭାବେ ସସ୍ମିତା ଓଝା, ରଶ୍ମିତା ଚକ୍ର, ପ୍ରଭାତୀ ଓଝା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସୁରଜ କୁମାର ପରିଚାଳନା କରିଥିଲେ। ନିର୍ଦ୍ଦେଶକ ଆକାଶ ରଥଙ୍କ ଉପସ୍ଥିତ ଥିଲେ। ନକୁଳ ନାୟକ, ବିଜୟ ସାହୁ, ମଳୟ ବିଶ୍ୱାଳ, ବିଜୟ ସାହୁ ପ୍ରମୁଖ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## କଟକଣା ପରେ ବି ଗିରିଗାଁରୁ ବାଲି ଚାଲାଣ

ଛାତ୍ରଛାତ୍ରୀଙ୍କ ଜୀବନ ବିପଦରେ

ଆନନ୍ଦପୁର,୧୪।୮ (ସମିସ): କେନ୍ଦୁଝର ଜିଲ୍ଲା ହାଟଡିହୀ ତହସିଲ ଅଞ୍ଚଳର ଗିରୀଗାଁ ନଦୀଘାଟରୁ ପ୍ରତିଦିନ ବାଲି ଚାଲାଣ ଯୋଗୁଁ ଛାତଛାତ୍ରୀଙ୍କ ବିଦ୍ୟାଳୟ ଯିବା ବନ୍ଦ ହୋଇଗଲାଣି ବୋଲି ଅଭିଯୋଗ ହେଉଛି। ଗୋଟିଏ ରାସ୍ତାରେ ବାଲି ଗାଡି ଓ ସାଧାରଣ ଲୋକଙ୍କ ଯାତାୟାତ ବେଶ ପ୍ରଭାବିତ ହୋଇଛି। ସରକାରଙ୍କ ପକ୍ଷରୁ ଚୋରା ବାଲି ଲଘୁଜ ଖଣିଜ କାରବାର ଉପରେ ଅଙ୍କୁଶ ଲାଗିଥିଲା। କେନ୍ଦୁଝର ଜିଲ୍ଲାର ବୈତରଣୀ



ନଦୀରୁ ବାଲି ଉତ୍ତୋଳନ ଜୁନ ୫ ତାରିଖରୁ ବନ୍ଦ ଥିବା ବେଳେ ବାଲି ମାଫିଆଙ୍କ ଉପରେ ପୁଲିସ ଓ ଖଣିବିଭାଗର ନଜର ନାହିଁ। ଏପରିକି ଚୋରା ବାଲିଘାଟରେ ଚଢ଼ଉ ହେବା ପୂର୍ବରୁ ଛକ ଛକରେ ବାଲିମାଫିଆଙ୍କ ଗୁପ୍ତଚର ରହି କାର୍ଯ୍ୟ କରୁଥିବା ବେଳେ ପୁଲିସଙ୍କ ସହ ବାଲି ମାଫିଆଙ୍କ ଲିଙ୍କ୍ ରହୁଥିବା ଅଭିଯୋଗ ହୋଇଛି। ଖଣି ବିଭାଗର କାର୍ଯ୍ୟକଳାପକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଚୋରା ବାଲିଚାଲାଣ ଉପରେ କିଭଳି ରୋକ୍ ଲଗାଯାଇପାରିବ ସେନେଇ ପ୍ରଶାସନିକ ସ୍ତରରେ କୌଣସି ଆଖିଦୃଶିଆ ପଦକ୍ଷେପ ନାହିଁ।

## ମନ୍ଦିର ହୁଣ୍ଡିବାକ୍ସ ଭାଙ୍ଗି ଟଙ୍କା ଲୁଟ୍

ହାଟଡ଼ିହୀ,୧୪।୮ (ସମିସ): ବ୍ଲକ ତଥା ଆନନ୍ଦପୁର ଥାନା ଅଧୀନ ପଞ୍ଚୁଗୋଛିଆ ପଞ୍ଚାୟତ ତରଭା ଗ୍ରାମର ରାମମନ୍ଦିରରୁ ହୁଣ୍ଡିବାକ୍ସ ଭାଙ୍ଗି ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମନ୍ଦିରର ମୁଖ୍ୟଫାଟକ ଚାବି ଭାଙ୍ଗି ହୁଣ୍ଡିବାକ୍ସରୁ ଟଙ୍କା ଲୁଟି ନେଇଛି। ଗତ ୨ବର୍ଷ ହେବ ହୁଣ୍ଡିବାକ୍ସ ଖୋଲା ଯାଇନଥିଲା। ତେବେ ଆନୁମାନିକ ଭାବେ ୫୦ରୁ ୬୦ହଜାର ଟଙ୍କା ଚୋରି ହୋଇଥିବା ନେଇ ସନ୍ଦେହ କରାଯାଇଛି। ଏନେଇ ମନ୍ଦିର କମିଟି ସଦସ୍ୟ ଦୀପକ ପଣ୍ଡା, ସତ୍ୟନାରାୟଣ ପତି, ଦିଲ୍ଲୀପ ପଣ୍ଡା, ପ୍ରଦୀପ ଦେବତା, ଦେବଦର୍ପଣ ନାୟକ ପ୍ରମୁଖ ଆନନ୍ଦପୁର ଥାନାରେ ଅଭିଯୋଗ କରାଯିବା ପରେ ପୁଲିସ ତଦନ୍ତ ଜାରି ରଖିଛି।

## ବନ୍ଦ ଘରୁ ମହିଳାଙ୍କ ମୃତଦେହ ଉଦ୍ଧାର

ଚମ୍ପୁଆ, ୧୪।୮ (ସମିସ): ଚମ୍ପୁଆ ଥାନା ଅଧୀନ ରାମଲା ଗ୍ରାମରେ ବନ୍ଦ ଘରୁ ଜଣେ ମହିଳାଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ବାରିଆ ଥାନା ଅଧୀନ ବିରିକୁଆଁ ଗ୍ରାମର ସ୍ୱର୍ଗତ ବୃନ୍ଦାବନ ମହାନ୍ତଙ୍କ ପତ୍ନୀ ମଞ୍ଜୁଳା ମହାନ୍ତ। ମୃତକଙ୍କ ପୁଅ ରଞ୍ଜନ ମହାନ୍ତ ଚମ୍ପୁଆ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ଶବ ଜବତ କରିବା ସହିତ ସାଇନଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଛି ବୋଲି ଏସଡିପିଓ ରସ୍ମିରଂଜନ ସାହୁ ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ ବାରିଆ ପୁଲିସ ବୃନ୍ଦାବନ ମହାନ୍ତଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହକୁ ନିଜ ପୈତୃକ ଗୃହ ବିରିକୁଆଁରୁ ସକାଳେ ଉଦ୍ଧାର କରି ଅପମୃତ୍ୟୁ ମାମଲା ରୁଜୁକରି ଶବ ଜବତ କରିବା ସହ ପୋଷ୍ଟମଟମ କରାଇ ତଦନ୍ତ ଆରମ୍ଭ କରିଛି। ପୁଅ ରଂଜନ ଅଭିଯୋଗ ଅନୁସାରେ ୧୨/୮/୨୫ ରିଖଠାରୁ ମାଆ ନିଖୋଜ ଥିଲେ। ଆଜି ତାଙ୍କ ବାପାଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକ ମଞ୍ଜୁଳାକୁ ଖୋଜି ନବର୍ନିମିତ ଘରୁ ତାଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇ ପୁଲିସକୁ ଖବର ଦେଇଥିଲେ। ସୂଚନା ଯୋଗ୍ୟକି ଉଭୟ ଶିକ୍ଷକ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରିଆସୁଥିଲେ।

## ନାବାଳିକାକୁ ଦୁଷ୍କର୍ମ କରି ଫେରାର ଥିବା ଯୁବକ ଗିରଫ

ତୁରୁମୁଙ୍ଗା,୧୪।୮ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ପୁଲିସ ନାବାଳିକାକୁ ଦୁଷ୍କର୍ମ କରି ଫେରାର ଥିବା ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ତୁରୁମୁଙ୍ଗା ଥାନା ଚାକୁଣ୍ଡାପାଳ ଗ୍ରାମର ମନୋଜ ବେହେରା (୨୯)। ଗତ ୨୦୨୩ ମସିହାରେ ଯୁବକ ଜଣେ ନାବାଳିକାକୁ ପ୍ରେମ ଜାଲରେ ଫସେଇ ବିବାହର ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିଥିଲା। ପରବର୍ତ୍ତୀ ସମୟରେ ବିବାହ କରିବା କୁ ମନା କରିଦେବାରୁ ନାବାଳିକାର ପରିବାର ଲୋକେ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଯୁବକ ଜଣଙ୍କ ଫେରାର ହୋଇ ଯାଇଥିବା ବେଳେ ବୁଧବାର ତୁରୁମୁଙ୍ଗା ପୁଲିସର ଏକ ଟିମ ଯୁବକକୁ ସମ୍ବଲପୁର ଜିଲ୍ଲା ହୀରାକୁଦ ନିକଟ ଏକ କାରଖାନା ପରିସରରୁ ହୀରାକୁଦ ପୁଲିସ ସହାୟତାରେ ଉଠାଇ ଆଣି ଗୁରୁବାର ଗିରଫ ପରେ କୋର୍ଟ ଚାଲାଣ କରିଛି।

## ପୋଲ ତଳକୁ ଓଲଟିପଡିଲା କାର୍

ତୁରୁମୁଙ୍ଗା,୧୪।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଅଧୀନ ଡୁମୁରିଆ ପଞ୍ଚାୟତ ବଣମହୁଲଡ଼ିହା ନିକଟରେ ଭାରସାମ୍ୟ ହରାଇ ଏକ କାର ଦୁର୍ଘଟଣା ଗ୍ରସ୍ତ ହୋଇ ରାସ୍ତାକଡ଼କୁ ଓଲଟି ପଡିଛି। ରୋହିଣୀଦୁମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମୁନିବର କାରୁଆ ସ୍କୁଲ୍ ସାରି ଘରକୁ କାର୍‌ରେ ଫେରୁଥିବା ବେଳେ ବଣମହୁଲଡ଼ିହାର ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିକଟସ୍ଥ ପୋଲ ତଳକୁ ଓଲୋଟି ପଡିଥିଲା। ଶିକ୍ଷକ ଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଛନ୍ତି।



# ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଶୋଭାଯାତ୍ରା



**କେନ୍ଦ୍ରାପଡ଼ା, ୧୪।୮ (ସମିସ):** ସ୍ୱାଧୀନତା ଦିବସର ଅବ୍ୟବହତି ପୂର୍ବରୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନାଙ୍କ ନେତୃତ୍ୱରେ ଏବଂ ସଂଯୋଜକ ପ୍ରାଧ୍ୟାପକ ରମାନାଥ ମହାନ୍ତି, ଏନଏସଏସ ଅଧିକାରୀ ଅଧ୍ୟାପକ ପ୍ରମୋଦ ବେହେରା, ଯୁବ ରେଡକ୍ରସର ଅଧିକାରୀ ଅଧ୍ୟାପକ ବିକାଶ ନାୟକ, ଏନସିସି କ୍ୟାପଟେନ ସୀମା ମହାନ୍ତି ଓ ସତ୍ୟରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଏକ ହଜାରରୁ ଅଧିକ ଛାତ୍ରଛାତ୍ରୀ ମହାବିଦ୍ୟାଳୟ ପରିସରରୁ ଶୋଭାଯାତ୍ରାରେ ବାହାରି ଉଦୟନଗର ଛକ ଦେଇ ତିନିମୁହାଣି ଓ ପରେ ଜ୍ଞାନପୀଠ ଛକ ଦେଇ ପୁନର୍ବାର କଲେଜ ପରିସରରେ ପହଞ୍ଚିଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ଜେନା ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ କହିଥିଲେ ଯେ ଏହି ଯାତ୍ରା ଆମ ଭିତରେ ରାଷ୍ଟ୍ରଭକ୍ତିକୁ ଜାଗ୍ରତ କରାଇବା ସହ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ, ତପସ୍ୟା, ସଂଘର୍ଷ ଓ ବଳିଦାନର ମୂଲ୍ୟବୋଧକୁ ପୁଣି ଥରେ ମନେ ପକାଇଦେଇଥାଏ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପୁହାଣ, ଅଧ୍ୟାପକ ଅଚ୍ୟୁତାନନ୍ଦ ମହାରଣା, ଅଧ୍ୟାପିକା ଦୀପ୍ତି ରାୟ, ରଞ୍ଜିତ ଦାସ, ଅଜିତ ଦାସ, ରତ୍ନମଞ୍ଜରୀ ସିଂ, ପାର୍ବତୀ ବେହେରା, ପ୍ରଶାନ୍ତ ସାହୁ, ପ୍ରୀତିରେଖା ସ୍ୱାଇଁ, ମୋନାଲିସା ସିଂହ, ଗୌତମ ଦାସ, ଦେବାଶିଷ ସିଂ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

**ମାର୍ଶାଘାଇ:** ମାର୍ଶାଘାଇ ମହାବିଦ୍ୟାଳୟରେ ହର ଘର ତ୍ରିରଙ୍ଗା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ସଂସ୍କୃତି ପରିଷଦ, ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ ଏବଂ ଇକୋ କ୍ଲବର ମିଳିତ ସହଭାଗିତାରେ ଅଧ୍ୟକ୍ଷ ପ୍ରଫେସର ଡ. ଶଶୀକାନ୍ତ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତ ସପ୍ତାହ, ତ୍ରିରଙ୍ଗା ପଦଯାତ୍ରା, ସାଇକେଲ ଶୋଭାଯାତ୍ରା ସହ ସଂସ୍କୃତ ଶ୍ଲୋକ, ପ୍ରବନ୍ଧ, ଓଡ଼ିଆ ତର୍କ, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀ, ଅଧ୍ୟାପକ -ଅଧ୍ୟାପିକା, ଶିକ୍ଷା କର୍ମଚାରୀ ମାର୍ଶାଘାଇ ବଜାର ପରିକ୍ରମା କରି ତ୍ରିରଙ୍ଗାର ଗାଥା ଓ କଥା ପ୍ରଚାର କରିଥିଲେ। ନୋଡାଲ ଅଧିକାରୀ ପ୍ରାଧ୍ୟାପକ ଡ. ପ୍ରଭାତ ରଞ୍ଜନ ଲେଙ୍କା, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଦୀପକ ଦାସ, ବିତ୍ତୀୟ ଅଧିକାରୀ ପ୍ରାଧ୍ୟାପକ ବିଜୟ ପାତ୍ର, ପ୍ରାଧ୍ୟାପକ ବିପିନ ବିହାରୀ ନାଥ, ଉମେଶ ଚନ୍ଦ୍ର ଦାସ, ଅଧ୍ୟାପକ ଶାଶ୍ୱତ ଚନ୍ଦନ ସାମନ୍ତରାୟ, ମନୋଜ କୁମାର ରାଉତ, ଖଗେଶ୍ୱର ନାୟକ, କ୍ରୀଡ଼ାଶିକ୍ଷକ ଯତୀନ ମହାନ୍ତି ସହଯୋଗ କରିଥିଲା ବେଳେ ସଂସ୍କୃତି ଅଧିକାରୀ ଅଧ୍ୟାପକ ସୁକାନ୍ତ ପ୍ରଧାନ ସଂଯୋଜନା କରିଥିଲେ।

**ରାଜନଗର:** ରାଜନଗର ବ୍ଲକ ୩୦ ନମ୍ବର ଜୋନ ବିଜେପି ପକ୍ଷରୁ ହରଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାନବଡ଼ ଗୋପାଳପୁରସ୍ଥିତ ଦଳୀୟ କାର୍ଯ୍ୟାଳୟରୁ ବିଜେପି ନେତା ଲଳିତ ବେହେରାଙ୍କ ନେତୃତ୍ୱରେ ବାହାରି ତ୍ରିନାଥ ବଜାର, ରାଜନଗର ବଜାର ପରିକ୍ରମା କରି ରାଜନଗର ଶ୍ରୀ ଦଧିବାମନଜୀଉ ମନ୍ଦିର ଯାଏଁ ଯାଇଥିଲା। ଶୋଭାଯାତ୍ରାରେ କୃଷକ ନେତା ଶ୍ରୀଧର ପ୍ରଧାନ, ବିକ୍ରମ ବାରିକ, ଧୀରେନ ବିଶ୍ୱାଳ, ଚିତ୍ତ ରଞ୍ଜନ ଦାସ, ବାବାଜୀ ମିଶ୍ର, ଅନନ୍ତ ସେଠୀ, ନିମାଇ ରାଉତ ପ୍ରମୁଖ ସାମିଲ ହୋଇଥିଲେ।




**ପଟ୍ଟାମୁଣ୍ଡାଇ :** ପଟ୍ଟାମୁଣ୍ଡାଇ କଲେଜରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ କ୍ୟାପଟେନ ମନୋଜ ପରିଡ଼ାଙ୍କ ନେତୃତ୍ୱରେ ୫ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶତାଧିକ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ପଟ୍ଟାମୁଣ୍ଡାଇ କଲେଜରୁ ବାହାରି ପଟ୍ଟାମୁଣ୍ଡାଇ ସମେତ ଆଖପାଖ ଅଞ୍ଚଳ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ



ଡ. ରମେଶ କୁମାର ସାହୁ, ଡ. ସୁନୀଲ ପ୍ରଧାନ ଅମୀୟ ଦାସ, ପ୍ରମୋଦ ସ୍ୱାଇଁ, ବୈକୁଣ୍ଠ ରାଉଳ, ଏନ ଏସ ଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ ଡ଼ ନିବେଦିତା ପ୍ରଧାନ, ଏନ ସି ସି ଅଫିସର ଅଧ୍ୟାପକ ଜିତେନ୍ଦ୍ର ମଲ୍ଲିକ, ଲେଫ୍ଟନାଣ୍ଟ ଆର ଏଲ ମଧୁସ୍ମିତା ପରିଡ଼ା, ସରୋଜକାନ୍ତ ନାୟକ ରଞ୍ଜନ ବେହୁରା, ଅରବିନ୍ଦ ପାଣ୍ଡବ, ଶ୍ରୀମନ୍ତ ଜେନା, ଆଲୋକ ସାହୁ, ଭରତ ସାହୁ, ପୃଥ୍ୱୀରାଜ ବିଶ୍ୱାଳ, ମନୋଜ ଦାସ, ଅଧ୍ୟାପିକା ସରୋଜିନୀ ମିଶ୍ର, ନିବେଦିତା ନାୟକ, ରାଜଲକ୍ଷ୍ମୀ ପାତ୍ର, ରଶ୍ମିତା ପାଣିଗ୍ରାହୀ, ଶୁଭଲକ୍ଷ୍ମୀ ପ୍ରଧାନ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ସେହିପରି ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ଏମ ଏନ ହାଇସ୍କୁଲ ଏନ ସି ସି ସ୍କାଉଟ ସହଯୋଗରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ଓ ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶଙ୍କ ନେତୃତ୍ୱରେ ଆୟୋଜିତ ହର ଘର ତ୍ରିରଙ୍ଗା ଶୋଭାଯାତ୍ରା ପଟ୍ଟାମୁଣ୍ଡାଇ ପୌର ପରିଷଦ କାର୍ଯ୍ୟାଳୟ ଠାରୁ ବାହାରି ପଟ୍ଟାମୁଣ୍ଡାଇ ଏମ ଏନ ହାଇସ୍କୁଲ ପର୍ଯ୍ୟନ୍ତ ଯାଇ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏଥିରେ କାଉନସିଲର ମଳୟ ଓଝା, ପୌର କର୍ମଚାରୀ ସରୋଜ ପଣ୍ଡା, ତପସ୍ୱିନୀ ଦାଶ, ପ୍ରଫୁଲ୍ଲ ଦାଶ, ଗଣେଶ ଦାସ, ଗଙ୍ଗାଧର ନାୟକ, ମନୋରଞ୍ଜନ ଦାଶ, ହୃଷିକେଶ ନାଥ, ସ୍ୱଚ୍ଛ ନିରୀକ୍ଷକ ପୁଷ୍ପାଞ୍ଜଳି ପାତ୍ର, ଏମ ଏନ ହାଇସ୍କୁଲ ପ୍ରଧାନଶିକ୍ଷକ ଅଶୋକ ରାଉତରାୟ, ଏନ ସି ସି ଶିକ୍ଷକ ସରୋଜ ସ୍ୱାଇଁ, କ୍ରୀଡ଼ା ଶିକ୍ଷକ ଶଶାଙ୍କ ଶେଖର ସାହୁ, ଶିକ୍ଷୟିତ୍ରୀ ଅନିତା ଧଳ ପ୍ରମୁଖ ହାଇସ୍କୁଲ ଛାତ୍ରଛାତ୍ରୀ, ଏନସିସି, ସ୍କାଉଟ ପିଲାମାନେ ସାମିଲ ହୋଇଥିଲେ।

**ପଟ୍ଟାମୁଣ୍ଡାଇ ବିଜେପି:** ପଟ୍ଟାମୁଣ୍ଡାଇ ବିଜେପି ତରଫରୁ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନଗର ବିଜେପି ସଭାପତି ଅଶୋକ ସାହୁଙ୍କ ନେତୃତ୍ୱରେ ଶୋଭାଯାତ୍ରା ବାଳିପଡ଼ା ମହାବୀର ମନ୍ଦିର ନିକଟରୁ ବାହାରି ବଜାର ପରିକ୍ରମା କରି ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ଶେଷ ହୋଇଥିଲା। ଏଥିରେ ରାଜ୍ୟ ଯୁବ ମୋର୍ଚ୍ଚା ସହ ସଂଯୋଜକ ଅଭିଷେକ ଦାସ, କାଉନସିଲର ବିଦ୍ୟାଧର ସେଠୀ, ଆଡ଼ଭୋକେଟ ଭାରତ ଭୂଷଣ ଦାସ, କାଉନସିଲର ପ୍ରତିନିଧି ଦୀପକ ମଲିକ, ଆଡ଼ଭୋକେଟ ପ୍ରମୋଦ ସାହୁ, ଜିଲ୍ଲା ସମ୍ପାଦକ ଚନ୍ଦନ ପାତ୍ର, ମିଟୁ ମନୋଜ ନାୟକ, ପୂର୍ବତନ ନଗର ସଭାପତି ପଦ୍ମନାଭ ପଣ୍ଡା ଓ ଉପେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ।




**ଡେରାବିଶ:** ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାକୁ ମହାବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ନଗେନ୍ଦ୍ରନାଥ ପାଣି ଶୁଭାରମ୍ଭ କରିଥିବାବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡେରାବିଶ ଅଗ୍ନିଶମ ଅଧିକାରୀ ବନମାଳୀ ମାଝି ଅଂଶଗ୍ରହଣ କରିଥିଲେ।

ସେହିପରି ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଅକ୍ଷୟ ବଳଙ୍କ ତତ୍ତ୍ୱାବଧାନରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ପତାକା ଧରି ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଦେଶାତ୍ମବୋଧକ ସଙ୍ଗୀତ ଗାନ କରି ନିକଟସ୍ଥ ଅଞ୍ଚଳ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ବିନୟ ଷଡ଼ଙ୍ଗୀ, ଅଧ୍ୟାପକ ସଞ୍ଜୟ ନାୟକ, ପ୍ରଭାକର ଦାସ, ପ୍ରଦୀପ ରାଉତ, ଶଶୀଭୂଷଣ ଜେନା, ବରଦା ଜେନା ପ୍ରମୁଖ ପରିଚାଳନା କରିଥିଲେ।

**ରାଜକନିକା :** ଓଳାଭର ମହାବିଦ୍ୟାଳୟର ଯୁବ ରେଡ କ୍ରସ ଓ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ହଳଧର ବେହେରା ହର ଘର ତ୍ରିରଙ୍ଗା ରାଲିକୁ ଉଦଘାଟନ କରିଥିଲେ। ଏଥିରେ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ମହାବିଦ୍ୟାଳୟ ରୁ ବାହାରିଥିବା ତ୍ରିରଙ୍ଗା ରାଲି ଓଳାଭର ମାର୍କେଟ ପରିକ୍ରମା କରି ଓଳାଭର ମହାବିଦ୍ୟାଳୟର ନୂତନ କ୍ୟାମ୍ପସ ପର୍ଯ୍ୟନ୍ତ ଯାଇଥିଲା। ଯୁବ ରେଡକ୍ରସର ସଂଯୋଜକ ପ୍ରତାପ ବିଶ୍ୱାଳ, ଜାତୀୟ ସେବା ସଂସ୍ଥା ଅଧିକାରୀ ମହେନ୍ଦ୍ର ନାଥ ମଲିକ, ଜୁନିଅର ଏନଏସଏସର ସଂଯୋଜକ ମଧୁସୂଧନ ମାଝୀ, ଅଧ୍ୟାପକ ଅନନ୍ତ ସାହୁ, ମାନସ ରଞ୍ଜନ ରାଉତ, ସୁଧୀର ବାରିକ, ଇପ୍ସିତା ସାହୁ, ଅର୍ପିତା ପ୍ରିୟଦର୍ଶିନୀ ଲେଙ୍କା, ସସ୍ମିତା ବିଶ୍ୱାଳ ଶୋଭାଯାତ୍ରା ପରିଚାଳନା କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଶ୍ରଦ୍ଧାଞ୍ଜଳି ସଭା ଓ ମେଧା ସମ୍ମାନ ଉତ୍ସବ

**ପଟ୍ଟାମୁଣ୍ଡାଇ, ୧୪।୮ (ସମିସ):** ମଣ୍ଡପଡ଼ା ଗ୍ରାମର ସମାଜସେବୀ ବରାହ ଚରଣ ସାମଲଙ୍କ ଧର୍ମପତ୍ନୀ ସରୋଜିନୀ ସାମଲଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ସରୋଜିନୀ ସାମଲ ସ୍ମୃତି ସଂସଦ ସଭାପତି ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ଓ ମେଧା ସମ୍ମାନ ଉତ୍ସବରେ କଷଣଅଣ୍ଡା ନୋଡାଲ ଉଚ୍ଚବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ କବି ସଚିତ୍ର ବେହୁରା, ଶିକ୍ଷାବିତ ସୁରେଶ ଚନ୍ଦ୍ର ଜେନା, ଶିକ୍ଷକ ନେତା ଗୋକୁଳ ଚନ୍ଦ୍ର ରାଉତ ଓ କଥାକାର ପ୍ରଦୀପ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଦିବଂଗତା ସାମଲଙ୍କ ସ୍ମୃତି ଚାରଣ କରିଥିଲେ। ଏଇ ଅବସରରେ ଜାତୀୟସ୍ତରୀୟ ଉଷୁ ପ୍ରତିଯୋଗିତା କୋଚ ସୁଶୀଲ ସାମଲଙ୍କ ସହ ସ୍ୱର୍ଣ୍ଣ ଓ ରୋପ୍ୟ ପଦକ ବିଜୟୀ ଭଜନେଶ୍ୱର ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ସ୍ମୃତି ସଂସଦ ପକ୍ଷରୁ ଶତାଧିକ କୃଷକ, କଳାକାର, ଅସହାୟ, ଭିନ୍ନକ୍ଷମଙ୍କୁ ଛତା ବଣ୍ଟନ କରାଯାଇଥିଲା। ଯୁବ ସମାଜସେବୀ ସଂଗ୍ରାମ ସାମଲ ସ୍ୱାଗତଭାଷଣ ଓ ଇଂ ତୃପ୍ତି ତନୟା ନାୟକ ଅତିଥିପରିଚୟ ପ୍ରଦାନ କରିଥିଲେ ଓ ଶେଷରେ ଇଂ ଚିନ୍ମୟ ନାୟକ ଧନ୍ୟବାଦ ଦେଇଥିଲେ। ଶ୍ରାଦ୍ଧ ଉତ୍ସବକୁ ପୂର୍ବତନ ସରପଞ୍ଚ ସୁଧାଂଶୁ ଶେଖର ସାମଲ, ଅକ୍ଷୟ ଦାସ, ଶର୍ମିଷ୍ଠା ନାୟକ, ସିଦ୍ଧାର୍ଥ ଶଙ୍କର ସାମଲ, ସୁନୀଲ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ଦାଣ୍ଡିସାହିରେ ଜଣ୍ଡିସ ବ୍ୟାପିଲା, ୧୧ ଆକ୍ରାନ୍ତ

**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୧୪।୮ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପେଣ୍ଟପାଳ ପଞ୍ଚାୟତ ଦାଣ୍ଡିସାହିରେ ଜଣ୍ଡିସ ରୋଗ ବ୍ୟାପିବାରେ ଲାଗିଛି। ବନ୍ୟା ବିପନ୍ନ ଦାଣ୍ଡିସାହି ଅଞ୍ଚଳ ଦୁଇ ଦୁଇଥର ବ୍ରାହ୍ମଣୀ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିଲା। ମାସାଧିକ କାଳ ବିଭିନ୍ନ ଅଞ୍ଚଳ ବନ୍ୟା ଜଳରେ ବୁଡି ରହିବା ଫଳରେ ପାନୀୟ ଜଳ ଉତ୍ସ ଗୁଡିକ ବୁଡି ଯାଇଥିଲା। ଯାହା ଫଳରେ ପାନୀୟ ଜଳ ସଂକଟ ଦେଖା ଦେଇଥିଲା ଓ ବିଶୁଦ୍ଧ ପାନୀୟ ଜଳ ଅଭାବରୁ ଲୋକମାନେ ନଈ ପୋଖରୀ ପାଣି ପିଇ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଗ୍ରାମର ଅଙ୍କିତ ପରିଡ଼ା (୧୫), ମୋନାଲିସା ପରିଡ଼ା (୨୩), ଚୀରସ୍ମିତା ପ୍ରଧାନ(୧୮), ମନୋରଞ୍ଜନ ପ୍ରଧାନ (୧୯), ସନ୍ଧ୍ୟାରାଣୀ ପ୍ରଧାନ(୧୮), ବର୍ଷାରାଣୀ ପ୍ରଧାନ (୧୪), ଆଦିତ୍ୟ ପ୍ରଧାନ (୭) ଓ ଅର୍ପିତା ପ୍ରଧାନ (୪) ଆକ୍ରାନ୍ତ ହୋଇ ଅଣ୍ଟରା ଓ ପଟ୍ଟାମୁଣ୍ଡାଇ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଛନ୍ତି। ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ଜଣ୍ଡିସ ରୋଗ ନିୟନ୍ତ୍ରଣ ପାଇଁ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଶିକ୍ଷୟିତ୍ରୀଙ୍କ ବିରୋଧରେ ଅଭିଯୋଗ

**ଡେରାବିଶ, ୧୪।୮ (ସମିସ):** ଡେରାବିଶ ଶିକ୍ଷା ସର୍କଲ ଅଧୀନ ଚାଟରାଚକଡ଼ା ପଞ୍ଚାୟତର ଓଲଢ଼ି ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ବିଦ୍ୟାଳୟକୁ ଠିକ୍ ସମୟରେ ନ ଆସିବା ସହ ମଧ୍ୟାହ୍ନଭୋଜନ ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା କରୁଥିବା ନେଇ ଓଲଢ଼ି ଗ୍ରାମବାସୀ ଓ ଅଭିଭାବକ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହିତ ବିଦ୍ୟାଳୟର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଆସୁଥିବା ଅର୍ଥକୁ ଠିକ୍ ଭାବେ କାମରେ ନ ଲଗାଇବା ଓ ପିଲାଙ୍କ ପ୍ରକୃତ ଉପସ୍ଥାନଠାରୁ ଢ଼େର ଅଧିକ ଉପସ୍ଥାନ ଦର୍ଶାଇବା, ପରିଚାଳନା କମିଟି ଅଧ୍ୟକ୍ଷ ଓ ଅଭିଭାବକଙ୍କୁ ଖରାପ ଅଭିଯୋଗ କରୁଥିବା ଇତ୍ୟାଦି ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଶିକ୍ଷୟିତ୍ରୀ ଜଣକ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ପ୍ରତିମାସରେ ହେବାକୁ ଥିବା ପରିଚାଳନା ସମିତି ବୈଠକ ନ କରି ନିଜ ସମ୍ପର୍କୀୟଙ୍କ ଦସ୍ତଖତ କରି ବୈଠକ କରୁଥିବା ରିପୋର୍ଟ ଦେଉଥିବା ନେଇ ପରିଚାଳନା କମିଟି ସଭାପତି ରଘୁନାଥ ବେହେରା ଓ ଅଭିଭାବକ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ବିଇଓଙ୍କୁ ପଚାରିବାରୁ ତଦନ୍ତ ପରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ଡେରାବିଶ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

**ଡେରାବିଶ, ୧୪।୮ (ସମିସ):** ଡେରାବିଶ ବ୍ଲକ ଗୋଲରାହଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ମିନି ଷ୍ଟାଡିୟମରେ ୧୦ ତାରିଖରେ ଆରମ୍ଭ ହୋଇଥିବା ଡେରାବିଶ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଆଜିଥିଲା ତୃତୀୟ ଓ ଚତୁର୍ଥ କ୍ୱାର୍ଟରଫାଇନାଲ। ବଜାର କମିଟି ସଭାପତି ସଞ୍ଜୟ ସାହୁ ମୁଖ୍ୟଅତିଥ ିଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ତୃତୀୟ କ୍ୱାର୍ଟରଫାଇନାଲ ଜଗତସିଂହପୁର ଆଜାଦ ହିନ୍ଦ ଆଥଲେଟିକ୍ କ୍ଲବ ଓ ଜେସିବି ଆଥଲେଟିକ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ପରେ ପେନାଲ୍ଟିରେ ଆଜାଦହିନ୍ଦ ଦଳ ୬-୫ ଗୋଲରେ ଜିତି ସେମିଫାଇନାଲରେ ପ୍ରବେଶ କରିଥିଲା। ଚତୁର୍ଥ କ୍ୱାର୍ଟରଫାଇନାଲ୍ କ୍ରିଷ୍ଣାନନ୍ଦପୁରର ଥ୍ରିଷ୍ଟାର ଆଥଲେଟିକ୍ କ୍ଲବ ଓ ବରହମପୁରର ଆଜାଦ୍‌ହିନ୍ଦ ଆଥଲେଟିକ୍ କ୍ଲବ ମଧ୍ୟରେ ଖେଳାଯାଇଥିଲଣା। ଏଥିରେ ଥ୍ରିଷ୍ଟାର ଦଳ ୨-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଥିଲା। ଆସନ୍ତାକାଲି ଦୁଇଟି ସେମିଫାଇନଲ୍ ଓ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।

## ରୋଗୀ କଲ୍ୟାଣ ସମିତି ବୈଠକ



**ବାଲିକୁଦା, ୧୪।୮ (ସମିସ):** ବାଲିକୁଦା ବ୍ଲକସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ହିମାଂଶୁ ଶେଖର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ମେଡିକାଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ବୈଠକରେ ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ମଣ୍ଡଳ ଉନ୍ନୟନ ଅଧିକାରୀ ସାଗର ନନ୍ଦ, ସହକାରୀ ଯନ୍ତ୍ରୀ ଦୀପ୍ତିରେଖା ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ତଟିନା ସ୍ୱାଇଁ, ଡଲି ପଣ୍ଡା, ଜଟାଧାରୀ ଦାସ, ଗୌରାଙ୍ଗ ଚରଣ ଦାସ, ରତ୍ନାକର ନାୟକ, ବିପିଏମ ବନବିହାରୀ ମହାରଣା, ଭରତ ଭୂଷଣ ଲେଙ୍କା, ଡ ସୁଜିତ୍ ବାରିକ୍, ମହେଶ୍ୱର ପ୍ରଧାନ, ମଧୁସ୍ମିତା ଦାସ, ସାଫଲ୍ୟ ଜେନା ପ୍ରମୁଖ ଯୋଗଦେଇଥିଲେ। କନିଷ୍ଠ ସହାୟକ ଶ୍ରୀମନ୍ତ ବେହେରା, ଫାର୍ମାସିଷ୍ଟ ରଶ୍ମିତା ମୁଦୁଲି, ସାରଦା ପ୍ରସାଦ ଦାଶ, ଗାୟତ୍ରୀ ବେହେରା, ବିଶ୍ୱଜିତ୍ ନାୟକ, ଲା ବ୍ରୋଷୀୟାନ ଚିନୁଲତା ସାହୁ, ନିର୍ମଳ ସୁପର ଭାଇଜର ବିବେକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଚାନ୍ଦା ନ ଦେବାରୁ ବୃଦ୍ଧାଙ୍କ ଉପରେ ଜୁଲମ୍ ଅଭିଯୋଗ

**ପାରାଦୀପ, ୧୪।୮ (ସମିସ):** ଗଣେଶ ପୂଜା ଚାନ୍ଦା ଦେବାକୁ ଅସମର୍ଥ ବୃଦ୍ଧା ପରିବା ବ୍ୟବସାୟୀଙ୍କ ଉପରେ ଜୁଲମ କଲେ କ୍ଲବ୍ ସଦସ୍ୟ। ଏନେଇ ଆଜି ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି ବୃଦ୍ଧା। ପାରାଦୀପ ତାରିଣୀଗଡ଼ା ରାସ୍ତା କଡରେ ପରିବା ଓ କିଛି ଫୁଲ ରଖି ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କଠାରୁ ଜୋର ଜବରଦସ୍ତ ଚାନ୍ଦା ଆଦାୟ କରୁଛନ୍ତି କିଛି କ୍ଲବର ଯୁବକ। ରାସ୍ତା କଡ଼ ଗରିବ ବ୍ୟବସାୟୀଙ୍କଠାରୁ ଜବରଦସ୍ତ କାହାଠାରୁ ଏକ ହଜାର ତ ଆଉ କାହାଠାରୁ ୫ ହଜାର ଟଙ୍କା ଗଣେଶ ପୂଜା ଚାନ୍ଦା ଦେବା ପାଇଁ ଜୁଲମ କରିଛନ୍ତି କ୍ଲବର କିଛି ସଦସ୍ୟ। ଫୁଲ ବିକ୍ରି କରୁଥିବା ବୃଦ୍ଧାଙ୍କୁ ୫ହଜାର ଟଙ୍କା ପୂଜା ଚାନ୍ଦା ମାଗିଥିଲେ। ବୃଦ୍ଧା ଏତେ ଟଙ୍କା ଦେବା ପାଇଁ ଅସମର୍ଥ ବୋଲି କହିବାରୁ ଫୁଲକୁ ଫୋପାଡ଼ି ଦେଇ ବୃଦ୍ଧାଙ୍କ ଉପରେ ଜୁଲମ୍ କରିଥିଲେ। ବୃଦ୍ଧା ଜଣଙ୍କ ଭୟରେ ଥରିଥିଲେ ଅଚେତ୍ ହୋଇପଡ଼ିଥିଲେ। ତାଙ୍କୁ ଅଠରବାଙ୍କୀ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସ୍ଥାନୀୟ ବ୍ୟବସାୟୀ ଏକତ୍ରିତ ହୋଇ ପାରାଦୀପ ଆଦର୍ଶ ଥାନାରେ ଆଜି ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଥିବା ଜଣାପଡ଼ିଛି।

## ଧର୍ମପ୍ରାଣାଙ୍କ ପରଲୋକ

**କୁଜଙ୍ଗ, ୧୪।୮ (ସମିସ):** କୁଜଙ୍ଗ ବ୍ଲକ ପୋତାନଇ ପଞ୍ଚାୟତ ଚନ୍ଦାପାଟ ପାଟେଲିଆ ଗ୍ରାମର କୃଷ୍ଣଚନ୍ଦ୍ର ସାହୁଙ୍କ ପତ୍ନୀ ନିର୍ମଳା ସାହୁ(୬୨)ଙ୍କ ହୃଦଘାତରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ଦିଅର ରାଜେନ୍ଦ୍ର ସାହୁ, ଦୁଇପୁଅ ସ୍ମୃତି ରଞ୍ଜନ ଓ ପ୍ରୀତିରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ କରାଯାଇଥିବାବେଳେ ତାଙ୍କ ପରଲୋକରେ ସରପଞ୍ଚଅବ୍ରଜକିଶୋର ମହାରାଜ, ବିଜୟ ମହାନ୍ତି, ସୁଶାନ୍ତ ମହାନ୍ତି, ଶ୍ରୀନାଥ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।




## ବାଲିପଡ଼ା ସ୍କୁଲ ପୁରାତନ ଛାତ୍ରସଂସଦର ବାର୍ଷିକ ଉତ୍ସବ

**ପଟ୍ଟାମୁଣ୍ଡାଇ, ୧୪।୮ (ସମିସ):** ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ବାଲିପଡ଼ା ନୋଡାଲ ଉପ୍ରା ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ପ୍ରମୋଦ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ମନୋଜ୍ଞ ଉତ୍ସବରେ ବେଙ୍ଗାଲୁର କାମ୍ବିୟାନ ନେଟୱାର୍କ ଉପସଭାପତି ବିଜୁ କୁଞ୍ଜୁକୁଞ୍ଜୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାର ବିକାଶ ପାଇଁ ବିଦ୍ୟାଳୟର ସର୍ବନିମ୍ନ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର ବିଶିଷ୍ଟ ପ୍ରବଚକ ତଥା ସମାଜ ସଂସ୍କାରକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦ୍ୟାଳୟର ବିକାଶ ଓ ସୁନାମରେ ପୂର୍ବତନ ଛାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତପ୍ରକାଶ କରିଥିଲେ। ବାଲିପଡ଼ା ସ୍କୁଲ ପୁରାତନ ଛାତ୍ର ଇଂ ସନ୍ଦୀପ ବିଶ୍ୱାଳ ସ୍କୁଲ ଜୀବନର ଅନୁଭୂତି ବର୍ଣ୍ଣନା କରିବା ସହିତ ସ୍କୁଲର ବିକାଶ ପାଇଁ ସମସ୍ତେ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଓ କାଉନସିଲର ପ୍ରଶାନ୍ତ ବାରିକ, ପଟ୍ଟାମୁଣ୍ଡାଇ ବ୍ଲକ ଏବିଇଓ ସୁନିତୀ ଦାଶ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସ୍କୁଲ ପରିଚାଳନା କମିଟି ସଭାପତି ସଞ୍ଜୟ ତ୍ରିପାଠୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ପୁରାତନ ଛାତ୍ର ସଂସଦ ଉପଦେଷ୍ଟା ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ପ୍ରଫେସର ଉମେଶ ପରିଡ଼ା, ପ୍ରାଧ୍ୟାପକ ସେନାପତି ପ୍ରଦ୍ୟୁମ୍ନ କେଶରୀ, କବୟିତ୍ରୀ ନର୍ମଦା ନିଳୋପ୍ତଳା, ଥାନାପତି ରବୀନ୍ଦ୍ର ସାହୁ, ବିଜୟ ସାହୁ ଓ ଶାରଳା ପ୍ରସାଦ ନାୟକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍କୁଲ ବିକାଶ ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ପୂର୍ଣ୍ଣପ୍ରଭା ପ୍ରଧାନ ସ୍ୱାଗତଭାଷଣ ଓ ଗୋଦାବରୀଶ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ରଞ୍ଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ପୁରାତନ ଛାତ୍ର ସନ୍ଦୀପ ବିଶ୍ୱାଳ ଓ କାମ୍ବିୟାନ ନେଟୱର୍କ ତରଫରୁ ସ୍କୁଲକୁ ଡେସ୍କ ବେଞ୍ଚ, କମ୍ପ୍ୟୁଟର, ପ୍ରିଣ୍ଟର, ଟେବୁଲ, ଚେୟାର, ଫ୍ୟାନ, ପାନୀୟ ଜଳ ସୁବିଧା ପାଇଁ ଆକ୍ୱା ପ୍ୟୁରିଫାୟର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସ୍କୁଲ ସହକାରୀ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣାଞ୍ଜଳି ଦାଶ, ସେବତୀ ମଲ୍ଲିକ, ନିରୁପମା ତ୍ରିପାଠୀ, ସହକାରୀ ଶିକ୍ଷକ ଦିଲ୍ଲୀପ ପଢ଼ିଆରୀ, ନିରଞ୍ଜନ ପଣ୍ଡା ପରିଚାଳନା କରିଥିବାବେଳେ ପୁରାତନ ଛାତ୍ର ସଂସଦ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।




## ହରିଅଙ୍କ ବିଦ୍ୟାଳୟରେ ମେଧାବୃତ୍ତି ପ୍ରଦାନ ଉତ୍ସବ

**ଡେରାବିଶ, ୧୪।୮ (ସମିସ):** ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ଉଚ୍ଚବିଦ୍ୟାଳୟ ପରିସରରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ତିନିଜଣ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି। ରାୟ ଫାଉଣ୍ଡେସନ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ର ରାକେଶ ଜେନା, ମୁକେଶ ଜେନା ଓ ଛାତ୍ରୀ ନିବେଦିତା ଦାସଙ୍କୁ ଯୁଧିଷ୍ଠିର ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଏ ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଗିରିଜା ପଢ଼ିହାରୀ ସଭାପତିତ୍ୱ କରିଥିବାବେଳେ ରାୟ ଫାଉଣ୍ଡେସନ ଟ୍ରଷ୍ଟର ଟ୍ରଷ୍ଟି ସମାଜସେବୀ ବିଜନ ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ମଦନ ମୋହନ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଶ୍ରୀ ରାୟ ଟ୍ରଷ୍ଟ ପକ୍ଷରୁ ଦିଆଯାଇଥିବା ମେଧାବୃତ୍ତି ଶିକ୍ଷାବର୍ଷର ୧୦ ମାସ ମେଧାବୀ ଛାତ୍ରଙ୍କୁ ୫୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଚଳିତ ବର୍ଷଁ ପାଇଁ ତିନି ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରଥମ ଚେକ୍ ପ୍ରଦାନ କରାଯାଇଥିଲା। ଏହି ସଭାରେ ବିଦ୍ୟାଳୟର ଦୀପ୍ତିମୟୀ ବେହେରା, ରୋନାଲି ରାଜଲକ୍ଷ୍ମୀ ବେହେରା, ଅପରାଜିତା ରାଉତ, ନାରାୟଣ କାଣ୍ଡି, ସସ୍ମିତା ମିଶ୍ର, ପ୍ରଭାତୀ ନନ୍ଦ, ରମାକାନ୍ତ ବଳ, ଲକ୍ଷ୍ମୀଧର ପ୍ରଧାନ, ସମାଜସେବୀ କିଶୋର ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଆଲୋକ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।





## ସାଇଜ୍ଞାନ ସ୍କୁଲରେ ଜନ୍ମାଷ୍ଟମୀ ଉପଲକ୍ଷେ ରାଧାକୃଷ୍ଣ ବେଶ



**ଜଗତସିଂହପୁର, ୧୪।୮ (ସମିସ):** ଜଗତସିଂହପୁର ପୌର ପରିଷଦ ଅନ୍ତର୍ଗତ ଜୟବଡଠାରେ ଥିବା ସାଇଜ୍ଞାନ ପ୍ଲେ ସ୍କୁଲରେ ପବିତ୍ର ଜନ୍ମାଷ୍ଟମୀ ପର୍ବ ଉପଲକ୍ଷେ କୁନି କୁନି ପିଲାମାନଙ୍କୁ ନେଇ ରାଧାକୃଷ୍ଣ ବେଶ ଅନୁଷ୍ଠିତ ହୋଇଯାଇଛି। ପ୍ଲେ ସ୍କୁଲର ଅଧ୍ୟକ୍ଷା ପ୍ରଜ୍ଞା ପାରମିତା ଚୌଧୁରୀଙ୍କ ସଂଯୋଜନାରେ ସ୍କୁଲର କୁନି କୁନି ଛାତ୍ରଛାତ୍ରୀମାନେ ଆନନ୍ଦ ଉଲ୍ଲାସର ସହ ରାଧାକୃଷ୍ଣ ବେଶରେ ନିଜକୁ ସଜ୍ଜିତ କରି ଜନ୍ମାଷ୍ଟମୀ ଉତ୍ସବ ପାଳନ କରିଛନ୍ତି। ଏହ ଅବସରରେ ଅଧ୍ୟକ୍ଷା ଶ୍ରୀମତୀ ଚୌଧୁରୀ ଜନ୍ମାଷ୍ଟମୀ ଓଷାର ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ପିଲାମାନଙ୍କୁ ସମ୍ୟକ ଧାରଣା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ପ୍ରାଚୀ ପଟ୍ଟନାୟକ, ଲିପ୍ସା ମହାନ୍ତି, ସୋନମ୍ ପ୍ରିୟଦର୍ଶିନୀ, ସୌଭାଗ୍ୟ ଲକ୍ଷ୍ମୀ ପାତ୍ର, ଦିବ୍ୟାଭାରତୀ ପରିଡ଼ା, ଶକ୍ତିସ୍ୱରୂପା ପଟ୍ଟନାୟକ, ଶ୍ରୀଲେଖା ପାଢ଼ୀ ଓ ପରିଚାଳିକା ସୁଜାତା ନନ୍ଦୀ ପ୍ରମୁଖ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଛାତ୍ରଛାତ୍ରୀମାନଙ୍କ ଅଭିଭାବକମାନେ ମଧ୍ୟ ଉପସ୍ଥିତ ଥିଲେ।

# ଭୋଟ୍ ଚୋରି ଅଭିଯୋଗରେ କଂଗ୍ରେସର ମଶାଲ ଶୋଭାଯାତ୍ରା

**ଜଗତସିଂହପୁର, ୧୪।୮ (ସମିସ)**

ଅଖିଳ ଭାରତ କଂଗ୍ରେସ କମିଟିର ନିଷ୍ପତ୍ତିକ୍ରମେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଆଜି ସନ୍ଧ୍ୟାରେ 'ଭୋଟ ଚୋର ଗାଦି ଛାଡ଼' ଦାବିରେ ଗାନ୍ଧୀ ଛକଠାରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ମଶାଲ ଶୋଭାଯାତ୍ରାରେ ଶହଶହ ସଂଖ୍ୟାରେ କଂଗ୍ରେସ କର୍ମୀ ଯୋଗଦେଇ ଭୋଟ ଚୋରି କରି ଶାସନ କରୁଥିବା ମୋଦି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ନିର୍ବାଚନ କମିସନରଙ୍କ ବିରୋଧରେ ନାରାବାଜି କରିଥିଲେ। ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ନିଜସ୍ୱ ଅନୁସନ୍ଧାନ ଦ୍ୱାରା ଲୋକଲୋଚନକୁ ଆଣିଥିବା ଭୋଟ ଚୋରିର ୫ଟି କୁଖ୍ୟାତ କୌଶଳ ସମ୍ପର୍କରେ ଜନଗଣଙ୍କୁ ଅବଗତ କରାଇବା ସହ ଭୋଟ ଚୋରିକୁ ରୋକିବାକୁ ସମସ୍ତେ ଆଗେଇ ଆସିବାକୁ ଦଳ ପକ୍ଷରୁ ମଶାଲ ଶୋଭାଯାତ୍ରା ମାଧ୍ୟମରେ ଅନୁରୋଧ କରାଯାଇଛି। ଗଣତନ୍ତ୍ର ବଞ୍ଚାଅ ମହାସଂଗ୍ରାମରେ ସାମିଲ ହେବାକୁ ଦଳ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି। ଆଜିର ଏହି କାର୍ଯ୍ୟକ୍ରମରେ ବାଲିକୁଦା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ପାରାଦୀପ ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ନିରଞ୍ଜନ ନାୟକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ପିସିସି ସଭ୍ୟ ଦେବପ୍ରସାଦ ନାୟକ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବ ଶାଖାର ଜିଲ୍ଲା ସଭାପତି ବେଦଦ୍ୟୁତି ପୃଷ୍ଟି, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଳେଇ, ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ସର୍ବେଶ୍ୱର ପଣ୍ଡା, ମହନୀ ଚରଣ ରାଉତ, ବାଲିକୁଦା ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ବିକ୍ରମ ପରିଡ଼ା, ଜଗତସିଂହପୁର ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି ଅଭୟ ମହାନ୍ତି, ଜଗତସିଂହପୁର ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ମାନସ ରଥ, ବିରିଡ଼ି ବ୍ଲକର ପୂର୍ବତନ ସଭାପତି ଅଶୋକ ଜେନା, ପାରାଦୀପ ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି କେଦାର ବିଶ୍ୱାଳ, ବିରିଡ଼ି ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ପ୍ରିୟବ୍ରତ ମିଶ୍ର, କୁଜଙ୍ଗ ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିହାର ଦାସ, ଏରସମା ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, ସରପଞ୍ଚ ପ୍ରମୋଦ ସାହୁ, ଜିଲ୍ଲା କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଡାକ୍ତର ଜଗଦାନନ୍ଦ ବେହେରା, ଜିଲ୍ଲା ସଂଖ୍ୟାଲଘୁ ସେଲର ସଭାପତି ଇମତିଆଜ ଅହମ୍ମଦ ଖାନ୍, କଂଗ୍ରେସ ନେତା କୃଷ୍ଣଚନ୍ଦ୍ର ପ୍ରଧାନ, ବିଶ୍ୱଜିତ ପୋଥାଳ, ପ୍ରଭାକର ଜେନା, ସରୋଜ ନାୟକ, ସମୀର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ।




## ଖାଉଟି ବ୍ୟାପାର ନିର୍ଦ୍ଦେଶକଙ୍କୁ ଉପଭୋକ୍ତା ମହାସଂଘ ପ୍ରତିନିଧିଙ୍କ ସାକ୍ଷାତ

**ଜଗତସିଂହପୁର, ୧୪।୮ (ସମିସ):** ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଓଡ଼ିଶାର ଖାଉଟି ବ୍ୟାପାର ନିର୍ଦ୍ଦେଶକ ବିସିକେଶନ ଦେହୁରୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ଉପଭୋକ୍ତା ମହାସଂଘ ପ୍ରତିନିଧି। ଉପଭୋକ୍ତା ସୁରକ୍ଷା ଅଭିଯାନ ଓଡ଼ିଶା ସମ୍ପାଦକ ଗୋବିନ୍ଦ ଓଝା ଓ ବରିଷ୍ଠ କର୍ମୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଖଣ୍ଡଗିରି କାର୍ଯ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ଖାଉଟି ବ୍ୟାପାର ନିର୍ଦ୍ଦେଶକ ଦେହୁରୀଙ୍କୁ ଭେଟି ରାଜ୍ୟର ଖାଉଟିଙ୍କ ସ୍ୱାର୍ଥର ସୁରକ୍ଷା ଓ କଲ୍ୟାଣ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀ ଦେହୁରୀ ତାଙ୍କ କାର୍ଯ୍ୟର ପରିସୀମା ମଧ୍ୟରେ ଯଥା ସମ୍ଭବ ଖାଉଟିଙ୍କ ସ୍ୱାର୍ଥର ସୁରକ୍ଷା ଓ କଲ୍ୟାଣ ପାଇଁ ଆବଶ୍ୟକତା ଅନୁସାରେ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



## କର୍ପୋରେଟ ହଟାଅ ଦିବସ ପାଳିତ

**ଜଗତସିଂହପୁର, ୧୪।୮ (ସମିସ):** ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନକ୍ରମେ ସାରା ଦେଶରେ ଅଗଷ୍ଟ ୧୩ ତାରିଖକୁ କର୍ପୋରେଟ ହଟାଅ ଦେଶ ବଞ୍ଚାଅ ଦିବସ ପାଳନ କରାଯାଇଛି। ଏ ପରିପ୍ରେକ୍ଷୀରେ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ଜଗତସିଂହପୁର ଜିଲ୍ଲା କମିଟି ପକ୍ଷରୁ ବିଭିନ୍ନ ଗ୍ରାମରେ ଚାଷୀ ମୂଲିଆ ଏକତ୍ରିତ ହୋଇ କର୍ପୋରେଟ ହଟାଅ କୃଷି ବଞ୍ଚାଅ, କୃଷକ ବଞ୍ଚାଅ ଓ ଦେଶ ବଞ୍ଚାଅ ଧ୍ୱନି ଦେଇ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ଗଢିତୋଳିବାକୁ ଶପଥ ନେଇଛନ୍ତି। ଏମ୍ଏସ୍ପିକୁ ଆଇନ୍ ଗ୍ୟାରେଣ୍ଟି ଦେବା, ପ୍ରତି ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ, ବିହନ ସାର କୀଟନାଶକ ଔଷଧ ଓ କୃଷି ଯନ୍ତ୍ରପାତି ମୂଲ୍ୟ ହ୍ରାସ, ନୂତନ ବିଦ୍ୟୁତ୍ ଆଇନ୍ ପ୍ରତ୍ୟାହାର, ମନରେଗା ଯୋଜନାରେ ୨୦୦ ଦିନର କାମ ଯୋଗାଇବା ଆଦି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିରିଡ଼ି ବ୍ଲକର ଅଲାଣ୍ଡୋ, ନାଉଗାଁ ବ୍ଲକର ବାଓଶ ଓ ମୁଣ୍ଡାଲୋ ସମେତ ଜିଲ୍ଲାର ବିଭିନ୍ନ ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା କମିଟି ସଭାପତି ସୁବାସ ସ୍ୱାଇଁ, ସଂଗଠକ ମଙ୍ଗୁଳି ଦାସ, ରମେଶ ଭୋଇ, ବଂଶୀଧର ବେହେରା, ଅଭିମନ୍ୟୁ ଭୋଇ, ମହେଶ୍ୱର ଦାସ, ଅଦ୍ୱୈତ ଜେନା, ରୀନାରାଣୀ ଭୋଇ, ଛବିନ୍ଦ୍ର ଭୋଇ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଦୁଗ୍ଧ ଶୀତଳୀ କରଣ କେନ୍ଦ୍ର ଉଦ୍‌ଘାଟିତ

**ନାଉଗାଁ, ୧୪।୮ (ସମିସ):** ନାଉଗାଁ ବ୍ଲକ କୋରୁଅ ପଞ୍ଚାୟତର ଗାରୋଇ ନିକଟରେ ଓମଫେଡ ପକ୍ଷରୁ ନୂତନ ଏକ ହଜାର କ୍ଷମତା ବିଶିଷ୍ଟ ଦୁଗ୍ଧ ଶୀତଳୀ କରଣ କେନ୍ଦ୍ର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଦାସ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ କଟକ ଦୁଗ୍ଧ ଶୀତଳୀ କରଣ କେନ୍ଦ୍ରର ଅଧ୍ୟକ୍ଷ ଆର୍ତ୍ତତ୍ରାଣ ପତି, ସାଧାରଣ ପରିଚାଳକ ଦିଗମ୍ବର ନାୟକ, ଜଗତସିଂହପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଶଶାଙ୍କ ଶେଖର ନାୟକ, କୋରୁଅ ପଞ୍ଚାୟତର ସମିତି ସଭ୍ୟ ପପୁ ମଲ୍ଲିକ ଓ ଶତାଧିକ ଦୁଗ୍ଧ ଚାଷୀ ସାମିଲ ହୋଇଥିଲେ।

## ଯୁବ-ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ




**ରଘୁନାଥପୁର, ୧୪।୮ (ସମିସ):** ଗତ କିଛିମାସ ଧରି ରାଜ୍ୟରେ ପ୍ରାୟ ପ୍ରତ୍ୟେକ ଦିନ ଛାତ୍ରୀ ତଥା ମହିଳାଙ୍କ ଉପରେ ଅତ୍ୟାଚାର ମାତ୍ରା ବଢ଼ିଚାଲିଛି। ଅପରାଧୀଙ୍କ ଆଇନକାନୁନ ପ୍ରତି ଭ୍ରୁକ୍ଷେପ ନାହିଁ। ଏଥିରେ ରୋକ ଲଗାଯିବା ସହ ଅତ୍ୟାଚାରରେ ଶିକାର ହୋଇଥିବା ଛାତ୍ରୀ ତଥା ମହିଳାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅଞ୍ଚଳର ବିଭିନ୍ନ କଲେଜର ଛାତ୍ରୀଛାତ୍ର ଦାବି କରିଛନ୍ତି। ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଗୁରୁବାର ଯୁବଛାତ୍ର ବିଜେଡି ତରଫରୁ ଚାରିଶହରୁ ଅଧିକ ଛାତ୍ରଛାତ୍ରୀ ବ୍ଲକ ଛକ ନିକଟସ୍ଥ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶୋଭାଯାତ୍ରାରେ ବଜାର ପରିକ୍ରମା କରି ରଘୁନାଥପୁର ଥାନାରେ ପହଞ୍ଚିଥିଲେ। ସେଠାରେ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ପୂର୍ବାହ୍ନ ୧୧ଟାରେ ବ୍ଲକ ଯୁବ ବିଜେଡି ସଭାପତି ଜୋସେଫ ସ୍ୱାଇଁ ଓ ଛାତ୍ର ସଭାପତି ଶକ୍ତିଶଙ୍କର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବ୍ଲକ ଛକ ନିକଟରେ ଏକ ପ୍ରତିବାଦ ସଭା ହୋଇଥିଲା। ଏଥିରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ, ଜିଲ୍ଲା ଛାତ୍ର ସଭାପତି ସମ୍ବିତ ଲେଙ୍କା, କର୍ମକର୍ତ୍ତା ଡ ସୁରେନ୍ଦ୍ରନାଥ ମହାପାତ୍ର, ଶୁଭ୍ରକାନ୍ତ ଜେନା, ମହିଳା ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ, ତାରାକାନ୍ତ ଜେନା, ଅନ୍ତର୍ଯାମୀ ରାଉତ, ଅମରେଶ ବେହେରା, ଲିଟା ମହାନ୍ତି ପ୍ରମୁଖ ରାଜ୍ୟରେ ଛାତ୍ରୀ ତଥା ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ଶାସନାଧୀନ ସରକାରଙ୍କ ଉପରେ ବର୍ଷିଥିଲେ। ଏହାପରେ ଛାତ୍ରଛାତ୍ରୀ ଏକ ରାଲିରେ ସରକାରଙ୍କ ବିରୁଦ୍ଧରେ ନାରାବାଜି କରି ଥାନା ନିକଟରେ ପହଞ୍ଚିଥିଲେ। ସେଠାରେ ଆଇଆଇସି ସୁଶାନ୍ତ କୁମାର ସେଠୀଙ୍କୁ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଏହାପରେ ନିକଟସ୍ଥ ପୋଷ୍ଟ ଅଫିସକୁ ଆସି ଏ ସମ୍ପର୍କରେ ଲେଖି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପୋଷ୍ଟ କାର୍ଡ ପ୍ରେରଣ କରିଥିଲେ। ଏଥିରେ କର୍ମକର୍ତ୍ତା ରହିମ ଖାଁ, ବସନ୍ତ ବାରିକ, ଭାସ୍କର ପଟ୍ଟନାୟକ, ସରପଞ୍ଚ କିଶୋର ବେହେରା, ବଟକୃଷ୍ଣ ନାୟକ, ନଳିନୀପ୍ରଭା ମୁଦୁଲି, ଜଗନ୍ନାଥ ମଲ୍ଲିକ, ଶିବରାମ ସାହୁ, ଗୌତମ ପାଲିତ, ରବୀନ୍ଦ୍ରନାଥ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

## ଯୁବ-ଛାତ୍ର ବିଜେଡିର ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି



**ପାରାଦୀପ, ୧୪।୮ (ସମିସ):** ରାଜ୍ୟରେ ଛାତ୍ରୀ ଓ ମହିଳା ବିରୋଧୀ ହିଂସା ବଢ଼ି ଚାଲିଥିବାରୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପି ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆନ୍ଦୋଳନ ଜାରି ରହିଛି। ପାରାଦୀପ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ଛାତ୍ରଛାତ୍ରୀ ଓ ଯୁବନେତା ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖୋଲା ଚିଠି ପଠାଇଛନ୍ତି। ଅନ୍ୟତମ ଅତିଥି ଭାବେ ବିଜେଡି ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ ଯୋଗଦେଇ ରାଜ୍ୟରେ ସୃଷ୍ଟି ହୋଇଥିବା ବିଶୃଙ୍ଖଳା ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରିଷଦ ଅଜିତ ଷଡ଼ଙ୍ଗୀ, ସୁଶାନ୍ତ ଦାସ, ଜଗନ୍ନାଥ ରାଓ, ନବକିଶୋର ବେହେରା, ବିଜୁ ଯୁବ ଜନତା ଦଳ ଉପସଭାପତି ତପନ ନାୟକ, ସରୋଜ ପରିଡ଼ା, ବାଦଲ ମହାନ୍ତି, ସାଧାରଣ ସମ୍ପାଦକ ବିଶ୍ୱଜିତ ରାଉତ, ଦିବ୍ୟଜ୍ୟୋତି ଲେଙ୍କା, ନିରଞ୍ଜନ ବଳ, ସମ୍ପାଦକ ମିଲନ ରାଉତରାୟ, ଶାରଦା ସ୍ୱାଇଁ, ବିକାଶ ପାଲ, ବାବୁ ଜେନା, ତପନ ମଣ୍ଡଳ, ଲାଟୁନ ରାଉତ, ମଣ୍ଟୁ ବାବୁ, ଅନନ୍ତ ଜେନା, ସମୀର ସାହୁ, ଅଟଳ ପରିଡ଼ା, କମଳ ଦାସ, ପ୍ରତାପ ନାୟକ, ଆଲୋକ ବେହେରା, ଛାତ୍ରୀ ଭାଗ୍ୟଲକ୍ଷ୍ମୀ ନାୟକ, ରଶ୍ମିତା ସ୍ୱାଇଁଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଅଳକା ଆଶ୍ରମ ପକ୍ଷରୁ ନିଶାମୁକ୍ତ ଯୁବଶକ୍ତି କର୍ମଶାଳା

**ଜଗତସିଂହପୁର, ୧୪।୮ (ସମିସ):** ନିଶାଠାରୁ ଯୁବପିଢିକୁ ଦୂରେଇ ରଖି ସେମାନଙ୍କୁ ଏକ ସୁସ୍ଥ ଓ ସମୃଦ୍ଧ ଭବିଷ୍ୟତ ଦେବା ପାଇଁ ଐତିହାସିକ ଅଳକା ଆଶ୍ରମ ଆନୁକୂଲ୍ୟରେ ଜଗତସିଂହପୁର ଡେଭଲପମେଣ୍ଟ ଫୋରମ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଶିକ୍ଷାବିତ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ୨୦୨୩ କ୍ରାନ୍ତି ଦିବସରୁ ଆରମ୍ଭ ହୋଇଥିବା ଅଭିନବ କର୍ମଶାଳା ଶୃଙ୍ଖଳା 'ନିଶାମୁକ୍ତି ଯୁବଶକ୍ତି' ଅଭିଯାନର ତୃତୀୟ ବର୍ଷର ୫ମ ଦିନରେ ସିଦ୍ଧ ବାରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶୀତଳ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଏସଡିପିଓ ଆଜିଙ୍କ୍ୟ ମାନେ ବାବୁରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନରେ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଦେଶର ସର୍ବବୃହତ ଶକ୍ତି ହେଉଛନ୍ତି ଯୁବ ସମାଜ। ତେଣୁ ସବୁ ପରିସ୍ଥିତିକୁ ଛାତ୍ରଛାତ୍ରୀ ଓ ଯୁବକ ଯୁବତୀ ଧୈର୍ଯ୍ୟର ସହିତ ମୁକାବିଲା କରି ଆଗକୁ ବଢ଼ିବା ପାଇଁ ଶ୍ରୀ ମାନେ ପରାମର୍ଶ ଦେଇଥିଲେ। ଏ ଅବସରରେ ନିଜେ ନିଶା ସେବନରୁ ଦୂରେଇ ରହିବା ସହିତ ନିଜ ପରିବାର ଓ ପରିବେଶକୁ ନିଶାମୁକ୍ତ ରଖିବାକୁ ଛାତ୍ରଛାତ୍ରୀ ଶପଥ ଗ୍ରହଣ କରିଥିଲେ।

ସେହିପରି ଅଳକା ଆଶ୍ରମର ସଭାପତି ଗୌରାଙ୍ଗ ଚରଣ ହୋତା ଏଥିରେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମର ଇତିହାସ ଓ ନିଶାମୁକ୍ତି ଆନ୍ଦୋଳନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଳକା ଆଶ୍ରମ କୋଷାଧ୍ୟକ୍ଷ ବିଜୟ ରଥ, ସିଦ୍ଧ ବାରଙ୍ଗ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ବାଦଲ ନାୟକ, ଅଧ୍ୟାପିକା କଲ୍ୟାଣୀ ଶତପଥୀ ପ୍ରମୁଖ ଏଥିରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ପ୍ରାରମ୍ଭରେ ଅବସରପ୍ରାପ୍ତ ଅଧ୍ୟାପକ ଭଗବାନ ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଶେଷରେ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



## ପ୍ରଫୁଲ୍ଲ ପାଠାଗାରରେ ଜାତୀୟ ଗ୍ରନ୍ଥାଗାରିକ ଦିବସ

**ଜଗତସିଂହପୁର, ୧୪।୮ (ସମିସ):** ଗ୍ରନ୍ଥାଗାରିକ ଗୋଟିଏ ଗ୍ରନ୍ଥାଗାର ପାଇଁ ହୃଦୟ ସଦୃଶ। ଗ୍ରନ୍ଥାଗାରିକ ପାଠାଗାରକୁ ଆସୁଥିବା ପାଠକ ପାଠିକାମାନଙ୍କୁ ସହଜରେ ଓ ସୁବିଧାରେ ବହିଗୁଡିକୁ ପଢ଼ିବାର ବ୍ୟବସ୍ଥା କରିଥାଏ। ପାଠାଗାର ବିଜ୍ଞାନର ଜନକ ଡକ୍ଟର ଏସ. ଆର. ରଙ୍ଗନାଥନଙ୍କ ଜନ୍ମଦିନ ସ୍ମୃତିରେ ଅଗଷ୍ଟ ୧୨ ତାରିଖକୁ ଦେଶରେ ଗ୍ରନ୍ଥାଗାରିକ ଦିବସ ରୂପେ ପାଳନ କରାଯାଉଛି। ଏନେଇ ପ୍ରଫୁଲ୍ଲ ପାଠାଗାରରେ ଗ୍ରନ୍ଥାଗାରିକ ଦିବସ ପାଳନ ଅବସରରେ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। ପାଠାଗାରର ସଭାପତି ଶିକ୍ଷାବିତ ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାରସ୍ୱତ ପରିଷଦର ଅଧ୍ୟକ୍ଷ ହିମାଂଶୁ ଶେଖର ଆଚାର୍ଯ୍ୟ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ, ସତ୍ୟବାଦୀ ଦାସ, ଚନ୍ଦ୍ର ଶେଖର ରାୟ, ରମେଶ ଚନ୍ଦ୍ର ସାହୁ ଅଜୟ କୁମାର ପତି ପ୍ରମୁଖ ଆଲୋଚନରେ ଭାଗନେଇ ଗ୍ରନ୍ଥାଗାରିକମାନଙ୍କର ଦକ୍ଷତାବୃଦ୍ଧି ଓ ସବୁ ବର୍ଗର ପାଠକର ପଢ଼ିବା ପ୍ରତି ଆଗ୍ରହ ସୃଷ୍ଟି କରିବା ଏହି ଦିବସର ଲକ୍ଷ୍ୟ ବୋଲି କହିଥିଲେ। ଆରମ୍ଭରେ ଗ୍ରନ୍ଥାଗାରିକ ଦିବସର ଜନକଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।



## ଦେଶୀମଦ, ୧୬୭ ଗ୍ରାମ ବ୍ରାଉନସୁଗର ଜବତ, ୩ ଗିରଫ

**ଜଗତସିଂହପୁର, ୧୪।୮ (ସମିସ):** ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ଅଧୀକ୍ଷିକା ଅନୀତା ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲାର ଭିନ୍ନ ଭିନ୍ନ ଅଞ୍ଚଳରେ ନିଶାଦ୍ରବ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଏହି ଅଭିଯାନରେ ଗତ ୧୩ ତାରିଖରେ ଗୋଟିଏ ବାଇକ ସହିତ ୨୦ ଲିଟର ଦେଶୀ ମଦ ଏବଂ ୧୬୭ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ଏଥିସହିତ ୩ଟି ପୃଥକ ମାମଲା ରୁଜୁ କରାଯାଇ ୩ ଜଣ ନିଶା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ। ପ୍ରଥମ ମାମଲାରେ ବାଲିକୁଦା ଥାନା ଅନ୍ତର୍ଗତ ବ୍ରହ୍ମଣ୍ଡି ଛକ ନିକଟରୁ ପ୍ରଶାନ୍ତ ସେଠଙ୍କୁ ୭୭ ଗ୍ରାମ ହିରୋଇନ୍ ସହିତ ଗିରଫ କରାଯାଇଥିଲା। ଅନ୍ୟପକ୍ଷରେ ଦ୍ୱିତୀୟ ମାମଲାରେ ପାରାଦୀପଗଡ଼ ବଜାର ନିକଟରୁ ଜିତେନ୍ଦ୍ର ସେଠୀଙ୍କୁ ୯୦ ଗ୍ରାମ ହିରୋଇନ୍ ସହିତ ଧରିଥିଲା ଅବକାରୀ ବିଭାଗ। ଉଭୟ ଅଭିଯୁକ୍ତଙ୍କୁ ଘଟଣାସ୍ଥଳରୁ ଗିରଫ କରି କୋର୍ଟ ଚାଲଣ କରାଯାଇଛି। ଏହି ଧଳା ଜହର କାରବାରରେ ସମ୍ପୃକ୍ତ ଥିବା ଅନ୍ୟାନ୍ୟ ସଭ୍ୟଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଛି। ତେବେ ଜବତ ବ୍ରାଉନସୁଗରର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧୬, ୭୦, ୦୦୦ ଟଙ୍କା ହେବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି। ସେହିପରି ତିର୍ତ୍ତୋଲ ଅବକରୀ ଥାନା ଉପ-ନିରୀକ୍ଷିକାଙ୍କ ଦ୍ୱାରା କ୍ରିଷ୍ଣାନନ୍ଦପୁର ଗ୍ରାମାଞ୍ଚଳରେ ଏକ ବାଇକ୍ ସହ ୨୦ ଲିଟର ଦେଶୀ ମଦ ଜବତ ସହିତ ଅଭିଯୁକ୍ତ ଗୁର ବେହେରାଙ୍କୁ ଗିରଫ କରି କୋର୍ଟ ଚାଲଣ କରାଯାଇଥିବା ଅବକାରୀ ଅଧୀକ୍ଷିକା ଅନୀତା ପ୍ରଧାନ ସୂଚନା ଦେଇଛନ୍ତି।

## ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ

**ଏରସମା, ୧୪।୮ (ସମିସ):** ଏରସମା ବ୍ଲକ ଅଧୀନ ପୋଖରିଆପଡ଼ା ପଞ୍ଚାୟତର ସନ୍ତୋଳ ଗ୍ରାମରେ ଶ୍ରୀ ଗଣେଶ ପୂଜା ପାଇଁ ରାମେଶ୍ୱର ଯୁବକ ସଂଘର ପ୍ରସ୍ତୁତି ବୈଠକ କ୍ଲବର ସଭାପତି ସନ୍ତୋଷ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ରାଜେଶ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ଅମୂଲ୍ୟ କୁମାର ଜେନା, ବିକାଶ ସାମନ୍ତ, ତୁଷାର ଜେନା, ରାଜେଶ ଜେନା, ବିଶ୍ୱଜିତ୍ ନାୟକ, ଶାରଦା ଦାଶ, ନିକୁଞ୍ଜ ସାହୁ, ତପନ ଦାସ, ବାପି ଜେନା, ସୌରଭ ବିଶ୍ୱାଳ ଉପସ୍ଥିତ ଥିଲେ। ଗଣେଶ ପୂଜା ଦିନ ୫ଶହ ଲୋକଙ୍କ ପାଇଁ ପ୍ରସାଦ ସେବନ ଓ ଚାରାରୋପଣ କରାଯିବ। ଚଳିତ ବର୍ଷ ୮ ଫୁଟର ଗଣେଶ ମୂର୍ତ୍ତି ଆଉ ଯାଜପୁରରୁ ଏ ୱାନ ପଣ୍ଡା ମ୍ୟୁଜିକାଲ ବ୍ୟାଣ୍ଡ ଆସିବ ବୋଲି ଆଲୋଚନା କରାଯାଇଥିଲା।

## ପାରାଦୀପ ପୋର୍ଟଟ୍ରଷ୍ଟ ହାଇସ୍କୁଲ: ନିଶାମୁକ୍ତ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀ ନେଲେ ଶପଥ



**ପାରାଦୀପ, ୧୪।୮ (ସମିସ):**

ସ୍ୱାଧୀନତା ସଂଗ୍ରାମର ଏକୁଡ଼ିଶାଳ ତଥା ଓଡ଼ିଶାର ସାବରମତୀ ରୂପେ କଥିତ ଜଗତସିଂହପୁର ଅଳକା ଆଶ୍ରମ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସ ଠାରୁ ଆରମ୍ଭହୋଇ ଅଗଷ୍ଟ ମାସ ୧୫ ତାରିଖ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ 'ନିଶା ମୁକ୍ତି, ଯୁବ ଶକ୍ତି' ଅଭିଯାନ ବନ୍ଦର ନଗରୀ ପାରାଦ୍ୱୀପର ପୁରାତନ ଶିକ୍ଷାନୁଷ୍ଠାନ 'ପୋର୍ଟଟ୍ରଷ୍ଟ ହାଇସ୍କୁଲର' ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ବିଜୁମେମୋରିଆଲ ହସ୍ପିଟାଲର ଡା. ଆସିଫ ଇକବଲ, ଜଗତସିଂହପୁର ଜିଲ୍ଲା ନିଶା ନିବାରଣ ସମିତିର ସଂଯୋଜକ କମ୍ରେଡ ବାବୁରାମ ଚୌଧୁରୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସ୍ୱାସ୍ଥ୍ୟ ସେବିକା ପ୍ରେମଲତା ବାରିକ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସାମ୍ପ୍ରତିକ ସମାଜରେ ନିଶା ସେବନର କୁପରିଣାମ ଓ ଭୟାଭୟତା ସମ୍ପର୍କରେ ଅବଗତ କରାଇଥିଲେ। ନିଶା ନିବାରଣ ସମ୍ପର୍କିତ ଆଲୋଚନା ସଭା ପ୍ରାରମ୍ଭରେ ଅଳକା ଆଶ୍ରମର କେନ୍ଦ୍ରୀୟ ସଂଯୋଜକ ନଗେନ୍ଦ୍ର ନାଥ ସ୍ୱାଇଁ ସ୍ୱାଗତ ସମ୍ଭାଷଣ ପ୍ରଦାନ ସହ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ଦାଶ ଉପସ୍ଥିତ ଶତାଧିକ ଛାତ୍ରଛାତ୍ରୀଙ୍କୁ ଜୀବନରେ ନିଶା ସେବନରୁ ନିବୃତ ହେବା ସହ ଅନ୍ୟମାନଙ୍କୁ ସଚେତନ କରିବାର ଶପଥ ପାଠ କରିଥିଲେ। ଶେଷରେ ଅଳକା ଆଶ୍ରମର ପାରାଦ୍ୱୀପ ସଂଯୋଜିକା ନଳିନୀ ପ୍ରଭା ସାହୁ ସମସ୍ତଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।



Lunching of Zoom 125, Courtesy Soumik Hero, Jajpur Road

# ଜିଲ୍ଲାରେ ୧୧୨ ଗୃହରକ୍ଷୀ ପଦବୀ ପାଇଁ ୬୮୯୮ ପରୀକ୍ଷାର୍ଥୀ

ପାଣିକୋଇଲି,୧୪।୮ (ସମିସ): ଯାଜପୁର ଜିଲ୍ଲାର ମୋଟ ୧୧୨ଟି ହୋମଗାର୍ଡ ପଦବୀ ପାଇଁ ଆସନ୍ତା ୧୭ରେ ପରୀକ୍ଷା ହେବାକୁ ସ୍ଥିର ହୋଇଛି। ଲିଖିତ ପରୀକ୍ଷା ପାଇଁ ୬୮୯୮ ଜଣ ପରୀକ୍ଷାର୍ଥୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ୧୧୨ ପଦବୀ ପାଇଁ ମୋଟ ୮୪୭୨ ଜଣ ଆବେଦନ କରିଥିବା ବେଳେ ଯାଞ୍ଚରେ ୧୫୭୪ କଟିବା ପରେ ଏଥି ପାଇଁ ଜିଲ୍ଲାରୁ ୫ଟି କେନ୍ଦ୍ରକୁ ସ୍ଥିର କରାଯାଇଛି। ଯାଜପୁର ଏନସି କଲେଜରେ ଯାଜପୁର ଥାନାର ୪୭୯ଜଣ, ଯାଜପୁର ସଦର ଥାନାର ୫୭୮ଜଣ, କୁଆଖିଆ ଥାନାର ୬୦୦ଜଣ, ବରୀ ଥାନାର ୪୮୧ଜଣ, ମଙ୍ଗଳପୁର ଥାନାର ୧୯୪ଜଣ ମୋଟ ୨୩୩୨ଜଣ ପରୀକ୍ଷା ଦେବେ। ସେହିପରି ବରୁଣେଶ୍ୱର ମହାବିଦ୍ୟାଳୟ ବିଂଝାରପୁର ଠାରେ ବିଂଝାରପୁର ଥାନାର ୩୯୨ଜଣ, ଅଳକୁଣ୍ଡ ଥାନାର ୧୫୯ ଜଣ, ଦଶରଥପୁର ଥାନାର ୨୦୯ଜଣ ମୋଟ ୭୬୦ଜଣ ମୋଟ ୭୬୦ଜଣ ପରୀକ୍ଷା ଦେବେ। ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଯାଜପୁରରୋଡରେ ଯାଜପୁରରୋଡ ଥାନାର ୨୨୧ ଜଣ, କୋରେଇ ଥାନାର ୪୮୯ ଜଣ, ପାଣିକୋଇଲି ଥାନାର ୩୭୫ଜଣ, କଳିଙ୍ଗନଗର ଥାନାର ୨୯୩ଜଣ, ସୁକିନ୍ଦା ଥାନାର ୨୯୩ଜଣ, ଜଖପୁରା ଥାନାର ୨୦ଜଣ, ଟମକା ଥାନାର ୧୮୧ଜଣ, କାଳିଆପାଣି ଥାନାର ୧୨୭ଜଣ ମୋଟ ୨୦୦୯ ଜଣ ପରୀକ୍ଷା ଦେବେ। ବି.ବି ସ୍ୱୟଂସାଶିତ ମହାବିଦ୍ୟାଳୟ ଚଣ୍ଡିଖୋଲରେ ଧର୍ମଶାଳା ଥାନାର ୫୦୭ଜଣ, ଜେନାପୁର ଥାନାରେ ୩୪୧ଜଣ, ବାଲିଚନ୍ଦ୍ରପୁର ଥାନାରେ ଥାନାର ୧୯୧ଜଣ ମୋଟ ୧୨୩୦ ଜଣ ପରୀକ୍ଷା ଦେବେ। ସରକାରୀ ହାଇସ୍କୁଲ ଚଣ୍ଡିଖୋଲଠାରେ ବଡଚଣା ଥାନାର ୨୯୦ଜଣ, ବୈରୀ ଥାନ ଥାନାର ୧୨୭ ଜଣ, ବ୍ରହ୍ମବରଦା ଥାନାର ୧୪୧ ଜଣ ମୋଟ ୫୫୮ ଜଣ ପରୀକ୍ଷା ଦେବାକୁ ସ୍ଥିର ହୋଇଛି। ପରୀକ୍ଷା କେନ୍ଦ୍ରସ୍ଥଳକୁ ମୋବାଇଲ, ଇଲେକ୍ଟ୍ରୋନିକ୍ସ, ଡିଜିଟାଲ ଘଣ୍ଟା ନେବାକୁ ବାରଣ କରାଯାଇଥିବା ବେଳେ ସିରିଏଲ ନମ୍ବର ଟୋକନ ୯ଓରିଜିନାଲ, ଆଧାରକାର୍ଡ ଓରିଜିନାଲ, ବ୍ଲୁ/ବ୍ଲାକ ପେନ, ପାସପୋର୍ଟ ସାଇଜର କଲର ଫଟୋ ୧ଟା ନେବାକୁ କୁହାଯାଇଛି। ଏଥିନିମନ୍ତେ ପାଣିକୋଇଲି ସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ଜଣାଯାଇଛି।

## କଂଗ୍ରେସର 'ଭୋଟ ଚୋର ଗାଦି ଛାଡ଼' କାର୍ଯ୍ୟକ୍ରମ



ଯାଜପୁରି,୧୪।୮ (ସମିସ): ରାହୁଲ ଗାନ୍ଧୀଙ୍କ ଭୋଟ ଚୋରିର ତଥ୍ୟ ପ୍ରମାଣକୁ ଦେଶବ୍ୟାପୀ ସମର୍ଥନ କରୁଥିବା ବେଳେ ପ୍ରାୟତଃ ୨୫ରୁ ଅଧିକ ରାଜନୈତିକ ଦଳ ପକ୍ଷରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଘଟଣାକୁ ଲୋକଲୋଚନକୁ ଆଣିବା ପାଇଁ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଡଗେ ଓଡିଶାର ସମସ୍ତ ଜିଲ୍ଲାରେ ମଶାଲ ଶୋଭାଯାତ୍ରା କରାଯିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ମଧ ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଜିଲ୍ଲାର କଂଗ୍ରେସ କମିଟିର ଜିଲ୍ଲା ସଂଯୋଜକ ମନୋଜ କୁମାର ରାଉତଙ୍କ ଆହ୍ୱାନ କ୍ରମେ ଶତାଧିକ କଂଗ୍ରେସ ନେତୃବୃନ୍ଦ ଛାତ୍ର, ଯୁବ, ମହିଳା, ଦଳିତ କଂଗ୍ରେସ ଓ ସେବା ଦଳର ଶତାଧିକ କର୍ମୀମାନେ ଉପସ୍ଥିତ ହୋଇ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ମଶାଲ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲା। ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ମୋହନ ହେମ୍ବ୍ରମ ଯୋଗଦେଇଥିଲେ। ଗାନ୍ଧୀ ଛକରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରରେ ବରିଷ୍ଠ ନେତା ସନ୍ତୋଷ ନନ୍ଦ, ଶ୍ରୀନାଥ ମିଶ୍ର, ଅଜୟ ସାମଲ, ବନ୍ଦିତା ପରିଡ଼ା, କିଶାନ ପଣ୍ଡା, ପସିସିର ପ୍ରବକ୍ତା ପଦ୍ମାକର ଗୁରୁ, ସୁଦିପ କୁମାର କର, କନକଲତା ମଲ୍ଲିକ, ଦୁର୍ଯ୍ୟୋଧନ ବେହେରା, ଗଦାଧର ଦାସ, ବିଦ୍ୟାଧର ମହାନ୍ତି, ମାନସ କର, ଭାସ୍କର ମହାନ୍ତି, ଆଲୋକ ବେହେରା ପ୍ରମୁଖ ସାମିଲ ଥିଲେ।

## ପିଜୁଳି ଗଛରୁ ପଡ଼ି ହୋମଗାର୍ଡଙ୍କ ମୃତ୍ୟୁ

ବିଞ୍ଝାରପୁର,୧୪।୮ (ସମିସ): ବିଞ୍ଝାରପୁର ଥାନାର କାର୍ଯ୍ୟରତ ହୋମଗାର୍ଡ ଦୀନବନ୍ଧୁ ମଲ୍ଲିକ (୫୩)ଙ୍କ ଗୁରୁବାର ଅପରାହ୍ନରେ ପିଜୁଳି ଗଛରୁ ପଡ଼ି ମୃତ୍ୟୁ ଘଟିଛି। ବିଞ୍ଝାରପୁର ଥାନାରେ କାର୍ଯ୍ୟରତ ହୋମଗାର୍ଡ ଦୀନବନ୍ଧୁ ମଲ୍ଲିକ ଗୁରୁବାର ଅପରାହ୍ନ ସମୟରେ ପୁରୁଣା ଥାନା ପରିସରରେ ଥିବା ପିଜୁଳି ଗଛକୁ ଚଢି ପିଜୁଳି ପାରୁଥିଲେ। ସେ ଗଛ ଉପରୁ ତଳକୁ ପଡିଯାଇ ଗୁରୁତର ହୋଇ ପଡ଼ିଥିଲେ। ଦୀନବନ୍ଧୁଙ୍କୁ ତୁରନ୍ତ ଘଟଣାସ୍ଥଳରୁ ଉଦ୍ଧାର କରାଯାଇ ନିକଟସ୍ଥ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଦୀନବନ୍ଧୁଙ୍କ ମୃତ୍ୟୁ ଖବର ଜଣାପଡିଲା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯିବା ସହ ପରିବାର ଲୋକ ଓ ଗ୍ରାମବାସୀ ମୃତଦେହ ମେଡ଼ିକାଲ ଛକ ରାଜ ରାସ୍ତାରେ ରଖି କ୍ଷତି ପୂରଣ ଦାବି କରି ରାସ୍ତା ଅବରୋଧ କରିଥିଲେ। ଥାନା ଅଧିକାରୀ ବାମଦେବ ନନ୍ଦ ପହଞ୍ଚି ଦାବିକୁ ଗୁରୁତ୍ୱ ଦେବାକୁ ପ୍ରତିଶ୍ରୁତି ଦେବାରୁ ରାସ୍ତା ଅବରୋଧ ହଟିଥିଲା।

# ଜନ୍ମମାଟିରେ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ

ଧର୍ମଶାଳା/କୁଆଖିଆ,୧୪।୮ (ସମିସ): ଜନ୍ମମାଟିରେ ଯବାନଙ୍କୁ ତୋପ ସଲାମୀ ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରସୁଲପୁର ବ୍ଲକ ଅଧୀନ କଲଣ ପଞ୍ଚାୟତ ଶୁଳିଆ ଗ୍ରାମର ଯବନା (ଆର୍ମି ଜିଡି) ଦୈତାରୀ ନାୟକଙ୍କ ବଡପୁଅ ଧର୍ମେନ୍ଦ୍ର ନାୟକ(୨୮) ରାଜସ୍ଥାନ ଯୋଧପୁର ରେଲଷ୍ଟେସନରେ ଟ୍ରେନରୁ ଖସିପଡିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ତାଙ୍କ ମରଶରୀର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲା। ଗୁରୁବାର ପୂର୍ବାହ୍ନରେ ମରଶରୀରକୁ ଜନ୍ମମାଟି ଶୁଳିଆ ଗ୍ରାମକୁ ଅଣାଯାଇଥିଲା। ମରଶରୀର ଗାଁରେ ପହଞ୍ଚିବା କ୍ଷଣି ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗାଁର ଶତାଧିକ ଯୁବକ ହାତରେ ଜାତୀୟ ପତାକା ଧରି ଶୋଭାଯାତ୍ରାରେ ସାମିଲ ହୋଇ ମୃତ ଯବାନ ଅମର ରହେ ସ୍ଲୋଗାନ ଦେଇଥିଲେ। ଧର୍ମଶାଳା ଫିଜିକାଲ ଏକାଡେମୀ ଓ ଧର୍ମଶାଳା ଡିଫେନ୍ସ କ୍ଲବ ପକ୍ଷରୁ ଓ ଜାରକାରେ ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର, ସମାଜସେବୀ ମିନତୀ ସାହୁ, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ ଓ ଯୁବନେତା ଶୀତାଂଶୁ ଶେଖର ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜାରକା, ବାରବାଟୀ, ସିଂହାପୁର ବଜାର ଆଦି ପରିକ୍ରମା କରିବା ପରେ ମରଶରୀକୁ ସସମ୍ମାନେ ଗାଁ ଶ୍ମଶାନକୁ ନିଆଯାଇଥିଲା। ଶୋଭାଯାତ୍ରାରେ ନିଆଯାଉଥିବା ବେଳେ ରାସ୍ତାରେ ମଧୁପୁର ହାଇସ୍କୁଲ-କଲଣର ସମରଶିକ୍ଷାର୍ଥୀ ବାହିନୀ, ଶୁଳିଆ ଉପ୍ରା ବିଦ୍ୟାଳୟର ଓ ମଧୁପୁର ଡିଗ୍ରୀ କଲେଜ-କଲଣ ସମେତ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା, ବିଭିନ୍ନ ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀମାନେ ମରଶରୀରକୁ ସମ୍ମାନ ଜଣାଇବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ଥଳ ସେନାବାହିନୀର ଅଧିକାରୀ, ସୈନିକମାନଙ୍କ ପକ୍ଷରୁ ତୋପ ସଲାମୀ ପ୍ରଦାନ କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଜିଲ୍ଲା ଓ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜନପ୍ରତିନିଧିମାନେ ଉପସ୍ଥିତ ରହି ମୃତ ଯବାନଙ୍କ ଶେଷ ଦର୍ଶନ କରିଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ରସୁଲପୁର ତହସିଲଦାର ସିଦ୍ଧାର୍ଥ କୁମାର ବେହେରା, ବିଡିଓ ସତ୍ୟାନନ୍ଦ ଦାଶ, ଥାନା ଅଧିକାରୀ ଚିନ୍ମୟୀ ସାହୁଙ୍କ ସମେତ ବହୁ ଜନପ୍ରତିନିଧିମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମୃତ ଯବନାଙ୍କ ସାନଭାଇ ଜିତେନ୍ଦ୍ର ନାୟକ ମୁଖାଗ୍ନି ଦେଇଥିବା ବେଳେ ପରିବାରବର୍ଗ ଉପସ୍ଥିତ ଥିଲେ।

## ଗୁଟଖା ଖାଇବାକୁ କେନ୍ଦ୍ରକରି ୨ ପରିବାରଙ୍କ ମଧ୍ୟରେ ତୁମୁଳକାଣ୍ଡ

ଯାଜପୁର, ୧୪।୮ (ସମିସ): ଗୁଟଖା ଖାଇବାକୁ କେନ୍ଦ୍ରକରି ୨ ଜଣଙ୍କ ମଧ୍ୟରେ ଯୁକ୍ତିତର୍କ ଓ ପରେ ପାରିବାରିକ ଆକ୍ରମଣକୁ ନେଇ ଯାଜପୁର ସଦର ଥାନାରେ ୨ଟି ପୃଥକ ଏତଲା ହୋଇଛି। ବୁଧବାର ଦିନ ଯାଜପୁର ବ୍ଲକ୍ ଭୁବନେଶ୍ୱରପୁର ପଞ୍ଚାୟତ ଯମୁନା ଗ୍ରାମରେ ସନ୍ଧ୍ୟା ସମୟରେ ମଞ୍ଜୁଲତା ଦଳେଙ୍କ ପୁଅ ମନୋଜ ଦଳେଇ ପାଖ ପାନ ଦୋକାନକୁ ସଫଲ ଖାଇବାକୁ ଯାଇଥିଲେ। ସେଠାରେ ପାନ ଦୋକାନୀଙ୍କ ସହ ଗେହ୍ଲ ହେବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ପରେ ପାଟିତୁଣ୍ଡ ହୋଇଥିଲା। ଏହାକୁ କେନ୍ଦ୍ରକରି ରାତି ପ୍ରାୟ ୧୨ଟା ସମୟରେ ଯମୁନା ଗ୍ରାମର ଅଶୋକ ଦଳେଇ, ବବୁଲ ଦଳେଇ, ତପନ ଦଳେଇ, ନାରଣ ଦଳେଇ, ତୋଫାନ ଦଳେଇ, ଚନ୍ଦନ ଦଳେଇ, ମୂଷା ଦଳେଇ ପ୍ରମୁଖ ସଂଘବଦ୍ଧ ହୋଇ ଘରେ ପଶି ଠେଙ୍ଗା ଓ କଟୁରୀ ସାହାଯ୍ୟରେ ମଞ୍ଜୁଲତା ଦଳେଇଙ୍କ ପରିବାର ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ମଞ୍ଜୁଲତା ଦଳେଇ ଯାଜପୁର ସଦର ଥାନାରେ ଗୁରୁବାର ଦିନ ଏକ ଲିଖିତ ଅଭିଯୋଗ କରିଥିଲେ। ଏହି ଲିଖିତ ଅଭିଯୋଗକୁ ଭିତ୍ତିକରି ସଦର ପୁଲିସ ଥାନା କେସ୍ ନଂ୨୭୧/୨୫ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସେହିପରି ଅପରପକ୍ଷରେ ଅନୀତା ଦଳେଇ ମଞ୍ଜୁଲତା ଦଳେଇଙ୍କ ସମେତ ତାଙ୍କ ପରିବାର ଲୋକଙ୍କ ନାମରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏହି ଲିଖିତ ଅଭିଯୋଗକୁ ଭିତି କରି ଥାନା କେସ୍ ନଂ୨୭୨/୨୫ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ପୁଲିସ। ଉଭୟ ପରିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ଅଧିକ ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ ହୋଇଛନ୍ତି। ଉଭୟ ପକ୍ଷରୁ ପୁଲିସ କାହାରିକୁ ଗିରଫ କରି ନ ଥିବା ସୂଚନା ମିଳିଛି।

■ ଯାଜଦାନୀ କାରଖାନାରେ ଶ୍ରମିକ ମୃତ

# ୧୬ ଲକ୍ଷ କ୍ଷତିପୂରଣ ସହ ଜଣକୁ ଚାକିରି ଦେବାକୁ ପ୍ରତିଶ୍ରୁତି

ଯଖପୁରା,୧୪।୮ (ସମିସ): କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ କାରଖାନାରେ ଦିନକୁ ଦିନ ଶ୍ରମିକ ମୃତ୍ୟୁ ଘଟଣା ବଢ଼ିବାରେ ଲାଗିଛି। ବିଶେଷ କରି ଯଖପୁରା ଥାନା ଅନ୍ତର୍ଗତ କାରଖାନାରେ ଲୁଚାଛପା ଘଟଣା ଘଟୁଛି। ଘଟଣା ଘଟୁଥିଲେ ସୁଦ୍ଧା ଅନେକ ସମୟରେ ତାକୁ ଚାପିବାକୁ ଚେଷ୍ଟା କରାଯାଉଛି। ସେମିତି ଏକ ଘଟଣା ଦଶମାଣିଆ ମୌଜାର ଯାଜଦାନୀ ଷ୍ଟିଲ ପ୍ଲାଣ୍ଟରେ ଘଟିଛି। ଆଜି ଦିନ ୧୧ଟା ସମୟରେ କାମ କରୁଥିବା ସମୟରେ ଢେଙ୍କାନାଳ ଜିଲ୍ଲାର ନିହଲପ୍ରସାଦ ଥାନା ଅନ୍ତର୍ଗତ ବେଗା ପଞ୍ଚାୟତର ବଡ଼ପୋଖରୀ ଗ୍ରାମର ରାମସିଂ ଜେରେଇଙ୍କ ପୁତ୍ର ଦଶରଥ ଜେରେଇ (୨୧)ଙ୍କ ମୃତ୍ୟୁ ଘଟିଥିବା ସମୟରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଏସ୍ଏମଏସ ସାଇଟ୍‌ରେ ଡ୍ରେନ ସଫେଇ କାର୍ଯ୍ୟ କରୁଥିବା ସମୟରେ ଦଶରଥ ଓ ଅନ୍ୟ ଜଣେ ଶ୍ରମିକ ଉପରେ ଡ୍ରେନ କାନ୍ଥ ଖସି ପଡ଼ିଥିଲା। କାନ୍ଥ ପଡ଼ିଯିବା ଯୋଗୁଁ କାନ୍ଥ ତଳେ ମୃତ ଶ୍ରମିକ ଜଣକ ଚାପି ହୋଇ ରହିଯାଇଥିଲେ। ହାଇଡ୍ରା ସାହାଯ୍ୟରେ କାନ୍ଥ ତଳୁ ଶ୍ରମିକଙ୍କ ମୃତ ଦେହକୁ ଉଦ୍ଧାର କରାଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି କିଛି ଶ୍ରମିକ କହିଛନ୍ତି। ମାତ୍ର କାରଖାନା ପକ୍ଷରୁ ଶ୍ରମିକ ଜଣକ ବଞ୍ଚିଥିବାର ନାଟକ କରି ତାର ଶବକୁ ଗାଏବ କରିବା ପାଇଁ ସୁଚିନ୍ତିତ ଚକ୍ରାନ୍ତ କରାଯାଇଥିଲା। ମାତ୍ର ତାହା ଫସର ଫାଟିଥିଲା। ଫଳରେ ଶବଟି ବଞ୍ଚିଛି ଆଉ ତାର ଚିକିତ୍ସା ପାଇଁ ଟାଟା ମେଡିକା ଡାକ୍ତରଖାନା ନିଆଯାଇଥିଲା। ସେଠାରୁ ଚିକିତ୍ସା ପାଇଁ ତାକୁ କଟକ ନିଆଯାଇଥିଲା ମାତ୍ର ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ଦଶରଥଙ୍କ ଗ୍ରାମର ଶତାଧିକ ଲୋକ ଆସି କାରଖାନା ସମ୍ମୁଖରେ ଧାରଣା ଦେଉଥିଲେ। କ୍ଷତିପୂରଣ ପାଇଁ ଜିଦ ଧରି ବସିରହିଥିବା ପରିବାର,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଓ କାରଖାନା କର୍ତ୍ତୃପକ୍ଷ ବୈଠକରେ ମୃତ ପରିବାରକୁ ୧୫ଲକ୍ଷ ୫୦ହାଜର ଓ ଶେଷକୃତ୍ୟ ସମ୍ପନ୍ନ ପାଇଁ ୫୦ହଜାର ଦେବାପାଇଁ ପ୍ରତିଶ୍ରୁତି ଦେଲେ। ପିତା ରାମ ସିଂଙ୍କୁ ସେହି କାରଖାନାରେ ନିଯୁକ୍ତି ଦିଆଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ଟ୍ରେନ ଲାଇନରେ ଯୁବକଙ୍କ ହାତ କଟିଲା

ଦାନଗଦି,୧୪।୮ (ସମିସ): ଦକ୍ଷିଣ-ପୂର୍ବ ରେଳପଥର ବାଲୁଙ୍ଗାବନ୍ଧୀ ଗାଁ ନିକଟରେ ଆଜି ସକାଳୁ ଦ୍ରୁତଗାମୀ ଟ୍ରେନରେ ଜଣେ ଯୁବକର ଗୋଟିଏ ହାତ କଟି ଯାଇଛି। ଯୁବକ ଜଣକ ଗୁରୁତର ଅବସ୍ଥାରେ ତଳପଡି ଚିତ୍କାର କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଦାନଗଦି ଡାକ୍ତରଖାନାକୁ ନେଇଥିଲେ। ତାଙ୍କ ଅବସ୍ଥା ସଂକଟପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଆହତ ଯୁବକଙ୍କ ଘର ଓଡ଼ପଡା ଅଞ୍ଚଳରେ ଓ ତାଙ୍କ ନାଁ ମଙ୍ଗୁଳି ଖୁଣ୍ଟିଆ ବୋଲି ଜଣାପଡିଛି। ଯୁବକ ଜଣକ କୌଣସି କାରଣରୁ ବାଲୁଙ୍ଗାବନ୍ଧୀ ଗାଁ ନିକଟରେ ଟ୍ରେନ ଲାଇନ ଉପରେ ଆତ୍ମହତ୍ୟା କରିବାକୁ ଯାଇ ଲାଇନ ଉପରେ ଶୋଇଥିବାବେଳେ ବାମ ହାତ ଉପରେ ଟ୍ରେନ ଚଢ଼ିଯିବାରୁ ବାମହାତର ବାହୁ ନିକଟରୁ ହାତଟି କଟିଯାଇଥିଲା।




## ବିଦ୍ୟାଳୟରେ ଜନ୍ମାଷ୍ଟମୀ ପର୍ବ ପାଳିତ

ଯାଜପୁର, ୧୪।୮ (ସମିସ): ଯାଜପୁର ବସଷ୍ଟାଣ୍ଡ ନିକଟରେ ଥିବା ଭେଙ୍କଟେଶ୍ୱର ପ୍ଲେ ସ୍କୁଲରେ ଜନ୍ମାଷ୍ଟମୀ ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। କୁନି କୁନି ଛାତ୍ରଛାତ୍ରୀଙ୍କୁ ଶ୍ରୀକୃଷ୍ଣ ଓ ରାଧା ବେଶରେ ସଜ୍ଜିତ କରାଯାଇଥିଲା। ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ତୁଷାରକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ଅନାମିକା ମହାନ୍ତି, ମୀତାରାଣୀ ବାରିକ, ଅମ୍ରିତା ରାଉଳ, ମଧୁସ୍ମିତା ତ୍ରିପାଠୀ, କ୍ରିଷ୍ଣାରାଣୀ ଦାସ, ମଞ୍ଜୁଲତା ସାମଲ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ଚିତାଲୋ ଡିଗ୍ରୀ କଲେଜ ଇଂରାଜୀ ଅଧ୍ୟାପକଙ୍କ ନାମରେ ମାମଲା

ଯାଜପୁର,୧୪।୮ (ସମିସ): ଚିତାଲୋ +୩ ଡିଗ୍ରୀ କଲେଜ ଇଂରାଜୀ ଅଧ୍ୟାପକ ନାରାୟଣ ସେଠୀଙ୍କ ନାମରେ ଯାଜପୁର ସଦର ଥାନାରେ ମାମଲା ରୁଜୁ କରାଯାଇଛି। ବାହାର ରାଜ୍ୟରେ ବିଇଡି କରାଇଦେବା କହି କିଛି ଛାତ୍ରଛାତ୍ରୀଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇଥିଲେ। କିନ୍ତୁ ଚଳିତ ବର୍ଷ ଅନେକ ଛାତ୍ରଛାତ୍ରୀଙ୍କଠାରୁ ଦୁଇ ବର୍ଷ ପାଠ୍ୟକ୍ରମ ଦେୟ ବାବଦକୁ ଲକ୍ଷାଧିକ ଟଙ୍କା ନେଇଥିଲେ ମଧ ପରୀକ୍ଷା ସମାପ୍ତ ପରେ ସାର୍ଟିଫିକେଟ ପାଇନଥିଲେ। ଛାତ୍ରଛାତ୍ରୀ ସାର୍ଟିଫିକେଟ ନ ପାଇବାରୁ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀ ଆନ୍ଧ୍ରପ୍ରଦେଶ ଯାଇ ସଂପୃକ୍ତ ପରୀକ୍ଷା ଦେଇଥିବା ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ ପଚାରିବାରୁ ପାଠ୍ୟକ୍ରମ ଦେୟ ଦିଆଯାଇନଥିବାରୁ ସାର୍ଟିଫିକେଟ ପ୍ରଦାନ କରାଯିବ ନାହିଁ ବୋଲି କହିଥିଲେ। ଏ ନେଇ ଛାତ୍ରଛାତ୍ରୀ ସଂପୃକ୍ତ ଅଧ୍ୟାପକ ନାରାୟଣ ସେଠୀଙ୍କୁ ବାରମ୍ବାର ପଚାରିବାରୁ କୌଣସି ଉତ୍ତର ନ ଦେଇ ଚୁପ୍ ରହିବା ସହ ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରିଥିଲେ। ଛାତ୍ରଛାତ୍ରୀ ନିରାଶ ହେଲା ପରେ ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ସଦର ପୁଲିସ ଏକ ମାମଲା ରୁଜୁ କରି ସଂପୃକ୍ତ ଅଧ୍ୟାପକ ନାରାୟଣ ସେଠୀକୁ ଥାନାକୁ ଆଣି ପଚରାଉଚରା କରିଥିଲା। ପଚରାଉଚରା ସମୟରେ ସମସ୍ତ ତଥ୍ୟ ପଦାକୁ ଆସିଥିଲା। ଇଂରାଜୀ ଅଧ୍ୟାପକ ନାରାୟଣ ସେଠୀ ଥାନାରେ କିଛି ଛାତ୍ରଛାତ୍ରୀଙ୍କୁ ତାଙ୍କର ଅର୍ଥ ଫେରାଇ ଦେବା ନେଇ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଯାହାଫଳରେ ସଦର ପୁଲିସ ନାରାୟଣ ସେଠୀକୁ ଥାନାରେ ଜାମିନ (ନୋଟିସ) ପ୍ରଦାନ କରିଥିଲେ।






# ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଶୋଭାଯାତ୍ରା



**ଭଦ୍ରକ, ୧୪।୮ (ସମିସ):** ପୁରୁଣାବଜାର ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରୁ ଅଧ୍ୟକ୍ଷ ଡଃ ନିତ୍ୟାନନ୍ଦ ମିଶ୍ରଙ୍କ ତତ୍ତ୍ୱାବଧାନରେ 'ହର ଘର ତ୍ରିରଙ୍ଗା' ପଦଯାତ୍ରା ଅଭିଯାନ ବାହାରି ପୁରୁଣାବଜାର ଛକ, ବାଙ୍କାବଜାର ଦେଇ ମହାବିଦ୍ୟାଳୟରେ ପହଞ୍ଚିଲା। ଛାତ୍ରଛାତ୍ରୀମାନେ 'ହରଘର ତ୍ରିରଙ୍ଗା' ପଦଧ୍ୱନି ଦେଇ ଯାତ୍ରା କରିଥିଲେ। ଉକ୍ତ ଅଭିଯାନରେ ପୂର୍ବତନ ଅଧ୍ୟକ୍ଷ ଡଃ କୃପାସିନ୍ଧୁ ନାୟକ, ପ୍ରଭାତୀ ନାୟକ, ଅକ୍ଷୟ କୁମାର ପାଣିଗ୍ରାହୀ, ମଞ୍ଜୁଲତା ମହାପାତ୍ର, ମଧୁସୂଦନ ତ୍ରିପାଠୀ, ରଘୁନାଥ ନାୟକ ଓ ଗୌରା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ରଙ୍ଗୋଲି, ପ୍ରବନ୍ଧ ଓ ଚିତ୍ରକଳା ପ୍ରତିଯୋଗିତାମାନ ହୋଇଥିଲା।

### ସାଲନ୍ଦୀ ଡିଗ୍ରୀ ମହାବଦ୍ୟାଳୟ




ଉତ୍ତର ବାହିନୀସ୍ଥିତ ସାଲନ୍ଦୀ ଡିଗ୍ରୀ ମହାବଦ୍ୟାଳୟ ପକ୍ଷରୁ ହରଘର ତିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜଶ୍ରୀ ନାୟକଙ୍କ ସଂଯୋଜନାରେ ମହାବିଦ୍ୟାଳୟର ଛାତ୍ରୀମାନେ ଭାରତ ମାତାର ଜୟ ଗାନ କରି ତ୍ରିରଙ୍ଗା ପତାକା ସହ ଗାଁ ପରିକ୍ରମା କରି ଜାତୀୟତାର ସଚେତନ କରିଥିଲେ। ଏଥିରେ ସବିନା ଆଖତର, କାଶବରୀ ଶଜନା, ଶତ୍ରୁଘ୍ନ ପତି, ଶସୈମୂର୍ ରହମାନ ଖାନ୍ ସହଯୋଗ କରିଥିଲେ। ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯାଗିତାରେ ଭାଗ ନେଇଥିଲେ।

### ଚାନ୍ଦବାଲି ଏନ୍‌ଏସି




ସ୍ୱାଧୀନତା ଦିବସକୁ ଆଖି ଆଗରେ ରଖି ସାରା ଦେଶରେ ଆରମ୍ଭ ହୋଇଛି ହରଘର ତିରଙ୍ଗା କାର୍ଯ୍ୟକ୍ରମ। ଏହି ଅବସରରେ ଚାନ୍ଦବାଲି ଏନଏସି ପକ୍ଷରୁ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ। ସ୍ଥାନୀୟ ଶିବଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ପରିସରରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ବିଶାଳ ରାଲି ଚାନ୍ଦବାଲି ବଜାର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଅଧକ୍ଷା ଶାନ୍ତିଲତା ସେଠୀ, ଏନଏସି ଅଧିକାରୀ ଆଭାସ ପାଣିଗ୍ରାହୀଙ୍କ ସମେତ ଏନଏସି ଅଫିସର ସମସ୍ତ




କର୍ମଚାରୀ, କାଉନସିଲର, ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

**ବାରିକପୁର:** ଭଣ୍ଡାରିପୋଖରୀ ବ୍ଲକ ସୁବର୍ଣ୍ଣମୁଖୀ ବିଜେପି ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ପ୍ରଣବ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ୮ ଟି ପଞ୍ଚାୟତର କର୍ମୀ ଯୋଗ ଦେଇଥିଲେ। ଆଖୁଆପଦା ଠାରୁ ଏକ ବାଇକ୍‌ରେ ଶୋଭାଯାତ୍ରାରେ ବାହାରି ଛତାବର ଓ ମଞ୍ଜୁରୀ ରୋଡ ଅଞ୍ଚଳ ପରିକ୍ରମା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ପ୍ରକାଶ ମହାପାତ୍ର, କୈଳାସ ଚନ୍ଦ୍ର ସାହୁ, ତପସ୍ୱିନୀ ମହାପାତ୍ର, ପ୍ରଦ୍ୟୁମ୍ନ ସେନାପତି, ସୁରେଶ ଦାସ ପ୍ରମୁଖ ଯୋଗ ଦେଇଥିଲେ।

### ସହିଦ୍ ଗ୍ରାମୀଣ ମଣ୍ଡଳ



**ଅସୁରାଳି:** ସମଗ୍ର ଦେଶ ମଧ୍ୟରେ ୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଦେଶପ୍ରେମ ଓ ଜାତୀୟ ଏକତାର ଉତ୍ସାହ ଦେଖାଯାଉଛି। ଏହି ଅବସରରେ ସହିଦ୍ ଗ୍ରାମୀଣ ମଣ୍ଡଳରେ ବରିଷ୍ଠ ବିଜେପି ନେତା ତଥା ଜିଲ୍ଲା ସଭାପତି ଭଗବାନ ପଣ୍ଡାଙ୍କ ନେତୃତ୍ୱରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଛି। ଆନନ୍ଦ ବଜାର ଠାରୁ ସହିଦ୍ ନଗର 'ସହିଦ୍ ପୀଠ' ପର୍ଯ୍ୟନ୍ତ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଯେଉଁଥିରେ ତ୍ରିରଙ୍ଗା ଝଣ୍ଡା ହାତରେ ଧରି ଦେଶପ୍ରେମର ଗୀତ ଓ ନାରା ଉଚ୍ଚାରଣ କରି ଲୋକମାନେ ଯାତ୍ରା କରିଥିଲେ। ଅଭିଯାନକୁ ସମର୍ଥନ କରି ଗ୍ରାମ ଓ ଗ୍ରାମବାସୀଙ୍କ ମଧ୍ୟରେ ଜାତୀୟତାର ଭାବନା ପ୍ରଚାର କରିଥିଲା। ଯାତ୍ରାରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଅନ୍ୟାନ୍ୟ ବରିଷ୍ଠ ବିଜେପି ନେତା ରଘୁନାଥ ଲେଙ୍କା, ଚତୁର୍ଭୁଜ ନାୟକ, ଅନ୍ତର୍ଯ୍ୟାମୀ ପତି, ତୁଷାରକାନ୍ତି ମିଶ୍ର, ଗଦାଧର ନାୟକ, ଅଶୋକ ପୁହାଣ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସହିଦ୍ ନଗର ସ୍ଥିତ 'ସହିଦ୍ ପୀଠ'ରେ ୯ ସହିଦ୍ ସଂଗ୍ରାମୀଙ୍କ ପ୍ରତି ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ପରିବାରର ସଦସ୍ୟ ଗଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ତ୍ରିରଙ୍ଗାର ମହତ୍ତ୍ୱ ବିଷୟରେ ଉଦ୍‌ବୋଧନ ଦେଇ ଦେଶପ୍ରେମ ଓ ଏକତାର ମୂଲ୍ୟ ବିଷୟରେ ଆଲୋଚନା କରିଥିଲେ। ଦେଶପ୍ରେମ ଓ ଜାତୀୟତାର ଉତ୍ସାହରେ ଆବାଳବୃଦ୍ଧବନିତା ଏହି ଯାତ୍ରାରେ ସ୍ୱେଚ୍ଛାରେ ଯୋଗଦେଇ ତ୍ରିରଙ୍ଗା ପ୍ରତି ନିଜର ଗର୍ବ ଓ ସମ୍ମାନ ପ୍ରକାଶ କରିଥିଲେ।

ଜେନାସାହି ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ ଗୃହ

# କଲ୍ୟାଣ ମଣ୍ଡପରେ ଚାଲିଛି ଶିଶୁଙ୍କ ଭବିଷ୍ୟତ ଗଢ଼ା

**ବନ୍ତ/ଆଗରପଡ଼ା, ୧୪।୮ (ସମିସ)**



ବର୍ଷେ କି ଦୁଇ ବର୍ଷ ନୁହେଁ, ପ୍ରତିଷ୍ଠାକୁ ୧୫ ବର୍ଷ ଏବଂ ଗୃହ ନିର୍ମାଣକୁ ୩ ବର୍ଷ ପୂରିବାକୁ ବସିଥିଲେ ସୁଦ୍ଧା ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ହୋଇପାରିନାହିଁ। ଫଳରେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ ଗୋପୀନାଥପୁର ପଞ୍ଚାୟତ ଅନ୍ତର୍ଗତ ଗୋପୀନାଥପୁର ଜେନା ସାହି ଅଙ୍ଗନବାଡ଼ି କେନ୍ଦ୍ରରେ। ବନ୍ତ ବ୍ଲକର ୨୫ଟି ପଞ୍ଚାୟତରେ ୨୩୮ ଟି ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ କରୁଛି। ୨୫ଟି ପଞ୍ଚାୟତକୁ ୧୧ଟି ସେକ୍ଟରରେ ଭାଗ କରାଯାଇଛି। ତନ୍ମଧ୍ୟରୁ ମହାନ୍ତିପଡ଼ା ସେକ୍ଟର ଅନ୍ୟତମ। ଉକ୍ତ ସେକ୍ଟର ମହାନ୍ତିପଡ଼ା ଓ ଗୋପିନାଥପୁର ପଞ୍ଚୟତକୁ ନେଇ ଗଠିତ। ଏବଂ ଉକ୍ତ ସେକ୍ଟର ଅଧିନରେ ୧୭ ଗୋଟି ଅଙ୍ଗନବାଡ଼ି କେନ୍ଦ୍ର ଅନ୍ତର୍ଭୁକ୍ତ। ତନ୍ମଧ୍ୟରୁ ଗୋପିନାଥପୁର ପଞ୍ଚୟତ ଅନ୍ତର୍ଗତ ଗୋପିନାଥପୁର ଜେନା ସାହି ଅଙ୍ଗନବାଡ଼ି ଅନ୍ୟତମ। ଗତ ୨୦୧୦ ମସିହାରେ ଏଠାରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ପ୍ରତିଷ୍ଠା ପରଠାରୁ କିଛି ଦିନ ନିଜସ୍ୱ ଗୃହ ଓ ସ୍କୁଲ ବାରଣ୍ଡାରେ କେନ୍ଦ୍ର ଚାଲିବା ପରେ ୧୫ବର୍ଷ ହେବ ଏହା କଲ୍ୟାଣ ମଣ୍ଡପରେ ଚାଲିଆସୁଛି। ପ୍ରତିଷ୍ଠାର ୧୩ ବର୍ଷ ପରେ ବି ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ପାଖାପାଖି ୫ଲକ୍ଷ ଟଙ୍କା ମଞ୍ଜୁର ଅର୍ଥରେ ଏଠାରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଇତି ମଧ୍ୟରେ ଗୃହ ନିର୍ମାଣକୁ ୩ ବର୍ଷ ପୂରିବାକୁ ବସିଥିଲେ ସୁଦ୍ଧା ଏହା ଏକ ପୂର୍ଣ୍ଣାଙ୍ଗ କେନ୍ଦ୍ରରେ ପରିଣତ ହୋଇପାରିନାହିଁ। ସୂଚନା ଅନୁଯାୟୀ, ଗୃହ ନିର୍ମାଣ ସରିଥିଲେ ସୁଦ୍ଧା ପାନୀୟଜଳର ସୁବନ୍ଦୋବସ୍ତ ଆଜି ପର୍ଯ୍ୟନ୍ତ ହୋଇ ପାରିନାହିଁ। ମହିଳା ଓ ଶିଶୁଙ୍କର ସର୍ବାଙ୍ଗୀନ ଉନ୍ନତି ଲକ୍ଷ୍ୟରେ ଅଙ୍ଗନବାଡ଼ି କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଥିଲା। ଜନ୍ମଠାରୁ ୬ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତି ଶିଶୁଙ୍କୁ ଟିକାକରଣ, ସ୍ୱାସ୍ଥ୍ୟ, ପୃଷ୍ଟିହୀନତା ଦୂରୀକରଣ, ଶିକ୍ଷା, ପ୍ରାପ୍ତ ବୟସ୍କାଙ୍କୁ ଶାରୀରିକ ଶିକ୍ଷା ପ୍ରଦାନ ଆଦି ଅଙ୍ଗନବାଡ଼ି କେନ୍ଦ୍ରର କାର୍ଯ୍ୟ ରହିଛି; କିନ୍ତୁ ଏହି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ଏସବୁ କାର୍ଯ୍ୟର ସଫଳ ରୂପାୟନ ହୋଇପାରୁନାହିଁ। ସରକାର ଅର୍ଥ ମଞ୍ଜୁର କରୁଛନ୍ତି; କିନ୍ତୁ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ଗୃହ ନିର୍ମାଣ ପାଇଁ ଅର୍ଥର ସଠିକ ବିନିଯୋଗ ନହୋଇ କେବଳ କାଗଜ କଲମରେ ସୀମିତ ରହିଛି। କେନ୍ଦ୍ରର ନିଜସ୍ୱ ଗୃହ ନଥିବାରୁ ଏଠାରେ ଅଧ୍ୟୟନ ରତ ୧୨ଜଣ ଶିଶୁଙ୍କ ପାଇଁ କର୍ମୀଙ୍କ ନିଜସ୍ୱ ଗୃହରେ ରୋଷେଇ ହେଉଛି। ସେହିପରି ଗୋପିନାଥପୁର ଗ୍ରାମରେ ଥିବା ଅନ୍ୟ ଏକ ଅଙ୍ଗନବାଡ଼ି କେନ୍ଦ୍ର (ଗୋପିନାଥପୁର)ରେ ଗତ ୨ମାସ ହେବ କର୍ମୀ ପଦବୀ ଖାଲି ପଡ଼ିଥିବା ବେଳେ ଏହାକୁ ପୂରଣ କରାଯାଉନଥିବାରୁ ଗୋପିନାଥପୁର ଜେନା ସାହି ଅଙ୍ଗନବାଡ଼ି କେନ୍ଦ୍ର କର୍ମୀଙ୍କୁ ଏହାର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। କେନ୍ଦ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଠିକ୍ ନଥିବା ବେଳେ କର୍ମୀ ଜଣଙ୍କୁ ଆଉ ଏକ କେନ୍ଦ୍ରର ଦାୟିତ୍ୱ ଦେବା କେତେ ଯୁକ୍ତିଯୁକ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ନେଇ ସେକ୍ଟର ସୁପରଭାଇଜରଙ୍କୁ ଯୋଗାଯୋଗ କରିବାରୁ ବିଡ଼ିଓଙ୍କ ପକ୍ଷରୁ ଗୃହ ଆମକୁ ହସ୍ତାନ୍ତର କରାଯାଇନଥିବା ସେ ପ୍ରକାଶ କରିଥିଲେ।

ଅବ୍ୟବସ୍ଥାରେ ରହଣିଆ ହୋମିଓପାଥିକ ଡାକ୍ତରଖାନା

# ଔଷଧ ଅଛି; ଡାକ୍ତର ନାହାନ୍ତି



**ବାରିକପୁର, ୧୪।୮ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆଠାରେ ଥିବା ହୋମିଓପାଥିକ ଡାକ୍ତରଖାନାରେ ଦୀର୍ଘ ବର୍ଷ ଧରି ଅଚଳାବସ୍ଥା ଲାଗି ରହିଛି। ରୋଗୀସେବା ଏକପ୍ରକାର ଠପ୍ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ସରକାରୀ ସ୍ତରରେ ଅବହେଳା ଯୋଗୁଁ ଏହି ସର୍ବପୁରାତନ ଡାକ୍ତରଖାନା ଉପରୁ ଲୋକଙ୍କ ଆସ୍ଥା ତୁଟିବାରେ ଲାଗିଛି। ଏହି ଡାକ୍ତରଖାନା ଉପରେ ରହଣିଆ ସମେତ ମାଳଦା, ଷୋଳମପୁର, କୋରିଗାଁ, ସରସଦା, ନପଙ୍ଗ, ରଣଜିତ୍ ପ୍ରମୁଖ ପଞ୍ଚାୟତର ଲୋକେ ନିର୍ଭର କରୁଥିଲେ। ଏହାଛଡା ଦୂରଦୂରାନ୍ତରୁ ମଧ୍ୟ ରୋଗୀ ଏଠାକୁ ଆସି ଆରୋଗ୍ୟ ଲାଭ କରୁଥିଲେ; ହେଲେ ସରକାରୀ ଉଦାସୀନତା ଯୋଗୁଁ ମେଡାକାଲର ଗୌରବ ନଷ୍ଟ ହୋଇଥିବାବେଳେ ସେବା ବିପର୍ଯ୍ୟସ୍ତ ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୀର୍ଘ ବର୍ଷ ହେବ ଏଠାରେ ନିୟମିତ ଡାକ୍ତର ନ ଥିବାବେଳେ ଆବଶ୍ୟକ କର୍ମଚାରୀ ମଧ୍ୟ ନାହାନ୍ତି। କିଛି ବର୍ଷ ହେଲା ଜଣେ ଡାକ୍ତର ୨/୩ଟି ମେଡ଼ିକାଲରେ ରୋଗୀ ସେବା କରୁଛନ୍ତି। ତେଣୁ ଏବେ ରହଣିଆ ଠାରେ ନିଯୁକ୍ତ ଥିବା ମହିଳା ଡାକ୍ତର ଜଣଙ୍କ ସପ୍ତାହର ତିନି ଦିନ ଡେପୁଟେସନରେ ଯାଇ ନୀଳଗିରିଠାରେ ରୋଗୀ ଦେଖୁଛନ୍ତି। ଅନ୍ୟ ଜଣେ କର୍ମଚାରୀ ଯଦିଓ କିଛି ଦିନ ହେବ ନିଯୁକ୍ତ ହୋଇଛନ୍ତି; କିନ୍ତୁ ଅଧିକାଂଶ ସମୟରେ ଡାକ୍ତର ଅନୁପସ୍ଥିତ ଥିବା ଯୋଗୁଁ ରୋଗୀମାନେ ସେବା ପାଉନାହାନ୍ତି। ମେଡିକାଲରେ ସମସ୍ତ ଔଷଧ ଥିବା ସତ୍ତ୍ୱେ ଡାକ୍ତର ନ ଥିବାରୁ ଲୋକଙ୍କ କାମରେ ଆସୁନାହିଁ। ରୋଗୀ ଅନେକ ସମୟରେ ମେଡିକାଲ ଆସି ନିରାଶରେ ଫେରୁଛନ୍ତି। ଏବେ ରକ୍ଷଣାବେକ୍ଷଣ ଅଭାବରୁ ମେଡିକାଲ ଚତୁଃପାର୍ଶ୍ୱରେ ମଧ ଲତାଗୁଳ୍ମ ମାଡି ଗଲାଣି। କର୍ମଚାରୀ କିମ୍ବା ଡାକ୍ତରଙ୍କ ନିମନ୍ତେ ରହିବା ପାଇଁ ବାସଭବନ ମଧ୍ୟ ନାହିଁ। ବ୍ଲକର ଏକମାତ୍ର ହୋମିଓପାଥି ଡାକ୍ତରଖାନାରେ ଯେଉଁଳି ପରିବେଶ ରହିବା କଥା ତାହା ଦେଖିବାକୁ ମିଳୁନାହିଁ। ମେଡିକାଲର ମୁଖ୍ୟ କାର୍ଯ୍ୟାଳୟ ବାଲେଶ୍ୱରଠାରେ ଥିବା ଯୋଗୁଁ ଗ୍ରାମବାସୀ କୌଣସି ଆପତ୍ତି ଅଭିଯୋଗ କରିପାରୁ ନାହାନ୍ତି। ଫଳରେ ମେଡିକାଲ ସ୍ଥାଣୁ ପାଲଟିଛି।

**ସେବା ନ ପାଇ ନିରାଶରେ ଫେରୁଛନ୍ତି ରୋଗୀ**

## କଂଗ୍ରେସର ବୈଠକ

**ଅସୁରଳି, ୧୪।୮ (ସମିସ):** ଧୂଷୁରୀ ସ୍ଥିତ ପୂଜ୍ୟପୂଜା ସଂସଦ ଭବନରେ ବ୍ଲକ କଂଗ୍ରେସ ନେତୃସ୍ଥାନୀୟ ଓ କର୍ମୀଙ୍କୁ ନେଇ ଏକ ସାଙ୍ଗଠନିକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରଞ୍ଜନ କୁମାର ବେହେରା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା କଂଗ୍ରେସ ସଂଯୋଜକ ଅସିତ ପଟ୍ଟନାୟକ ବୈଠକରେ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଜିଲ୍ଲାର ପ୍ରତି ବ୍ଲକରେ ନୂତନ ସଭାପତି ଚୟନ କରା ଯାଇ ସାଙ୍ଗଠନିକ ସ୍ଥିତିକୁ ସୃଦୃଢ କରାଯିବ ବୋଲି ନିଜ ଅବିଭାଷଣରେ କହିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସ କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ କରିବ ଓ କଂଗ୍ରେସ ଦଳର ନେତୃମଣ୍ଡଳୀ ଓ କର୍ମୀମାନେ ଏଥିପାଇଁ କଠୋର ପରିଶ୍ରମ କରିବାକୁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ଜିଲ୍ଲା କଂଗ୍ରେସ ସହ ପ୍ରଭାରୀ ଦେବସ୍ମିତା ଶର୍ମା, ପିସିସି ଅନୁସୂଚିତ ବିଭାଗ ରାଜ୍ୟ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ପୂର୍ବତନ ଜିଲ୍ଲା ସଭାପତି ନାରାୟଣ ପାଢ଼ୀ, ବରିଷ୍ଠ ନେତା ବିଦ୍ୟାଧର ଜେନା, ଦେବେନ୍ଦ୍ର ମହାନ୍ତି, ରାଧାକାନ୍ତ ସାମଲ, ନାରୀ ନେତ୍ରୀ ଜାନକୀ ମଲ୍ଲିକ, ଅଭିଷେକ ରାଉତ, ପୂର୍ବତନ ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ହୃଦାନନ୍ଦ ସେଠୀ, ପୂର୍ବତନ ବ୍ଲକ ସଭାପତି ରମେଶ ବେହେରାଙ୍କ ସମେତ ବ୍ଲକ ସ୍ତରୀୟ ନେତୃ ମଣ୍ଡଳୀ ଉପସ୍ଥିତ ଥିଲେ।

# ନମ୍ରତା ରାୟ ଶ୍ରେଷ୍ଠ ମହିଳା ଉଦ୍ୟୋଗୀଭାବେ ସମ୍ମାନିତ

**ଭଦ୍ରକ, ୧୪।୮ (ସମିସ):** ଓଡ଼ିଶା ଆସେମ୍ବ୍ଲି ଅଫ ସ୍ମଲ୍ ଆଣ୍ଡ ମିଡ଼ିଅମ ଏଣ୍ଟରପ୍ରାଇଜେସ (ଓସମେ)ର ୪୦ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଉତ୍ପାଦନ ଏବଂ ସେବା କ୍ଷେତ୍ରରେ ଖ୍ୟାତିଲାଭ କରିଥିବା ବିଭିନ୍ନ ଶିଳ୍ପ ସଂସ୍ଥାକୁ ପୁରସ୍କୃତ କରାଯାଇଥିଲା। ଭଦ୍ରକ ଜିଲ୍ଲାର ଅଗ୍ରଣୀ କମ୍ପ୍ୟୁଟର ଶିକ୍ଷା ଏବଂ ସେବା ଯୋଗାଣକାରୀ ସଂସ୍ଥା ମାଇକ୍ରୋୱେବ ଟେକ୍ନୋଲଜିର ନିର୍ଦ୍ଦେଶିକା ନମ୍ରତା ରାୟ ମନୋନୟନ କମିଟି ଦ୍ୱାରା ଚୟନ ହୋଇଥିବାରୁ ତାଙ୍କୁ ଶ୍ରେଷ୍ଠ ମହିଳା ଉଦ୍ୟୋଗୀ ଭାବେ ସମ୍ମାନିତ କରାଯାଇଛି। ପ୍ରତିଷ୍ଠା ଦିବସରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ସ୍ୱାଇଁ, ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ସମ୍ପଦ ଓ ପଶୁ ପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ଶିଳ୍ପ ସଚିବ ପ୍ରଶାନ୍ତ ରେଡ୍ଡି ପ୍ରମୁଖ ଉପସ୍ଥିତ ହୋଇ ଶ୍ରୀମତୀ ରାୟଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ଭଦ୍ରକ ଜିଲ୍ଲା ଓସମେ ତରଫରୁ ୩୦ରୁ ଉର୍ଦ୍ଧ୍ୱ ଉଦ୍ୟୋଗୀ ଯୋଗ ଦେଇଥିଲେ। ଭଦ୍ରକ ଓସମେର ସଭାପତି ସୁରଜ ସାହୁ, ସମ୍ପାଦକ ସୁଶାନ୍ତ ନାୟକ, କୋଷାଧ୍ୟକ୍ଷ କମଳାକାନ୍ତ ସାହୁ, ଶ୍ରୀମତୀ ରାୟଙ୍କ ସଫଳତା ପାଇଁ ସାଧୁବାଦ ଜଣାଇଛନ୍ତି। ଗତ ୧୮ ବର୍ଷ ଧରି ମାଇକ୍ରୋୱେବ ଟେକ୍ନୋଲୋଜି ସାରା ରାଜ୍ୟର ବିଭିନ୍ନ ଜିଲ୍ଲାରେ ନିରବଚ୍ଛିନ୍ନ ଭାବେ ଉତ୍ତମ ସେବା ଯୋଗାଇଥିବାରୁ ବିଭିନ୍ନ ମହଲରୁ ଶ୍ରୀମତୀ ରାୟ ଏବଂ ପରିଚାଳନା ନିର୍ଦ୍ଦେଶକ ମନୋଜ ରାୟଙ୍କୁ ଶୁଭେଚ୍ଛା ଜଣାଯାଇଛି।




କେବେ ମିଳିବ ଆନନ୍ଦ ପତ୍ରୀଙ୍କୁ ମୁକ୍ତି

# ପୁଣି ରାଷ୍ଟ୍ରପତିଙ୍କୁ ଚିଠି ଲେଖିଲେ ପୁଅ

**ଅସୁରାଳି, ୧୪।୮ (ସମିସ):** ଧାମନଗର ବ୍ଲକର କଲ୍ୟାଣୀ ଗ୍ରାମର ବିଦ୍ୟାଧର ପତ୍ରୀ ପୁଣି ଥରେ ରାଷ୍ଟ୍ରପତିଙ୍କୁ ଚିଠି ଲେଖି ତାଙ୍କ ପିତା ଆନନ୍ଦ ପତ୍ରୀଙ୍କ ମୁକ୍ତି ପାଇଁ ଦାବି କରିଛନ୍ତି। ଗତ ୧୯୬୫ ମସିହାରେ ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଆନନ୍ଦ ପତ୍ରୀ ଭାରତୀୟ ସେନାବାହିନୀରେ ସାମିଲ ହୋଇ ଯୁଦ୍ଧ କରିଥିଲେ। ଯୁଦ୍ଧରେ ଧରାପଡ଼ି ପାକିସ୍ତାନ ସୈନିକମାନଙ୍କ ଦ୍ୱାରା ବନ୍ଦୀ ହୋଇ ଲାହୋର ଜେଲରେ ରଖାଯାଇଥିବା ପରିବାର ପକ୍ଷରୁ ଦାବି ହୋଇଛି। ଗତ ୨୦୦୩ ମସିହାରେ ଏହି ଘଟଣା ସମ୍ବାଦପତ୍ରରେ ପ୍ରକାଶ ପାଇବା ପରେ ବିଦ୍ୟାଧରଙ୍କ ପରିବାର ମୁଖ୍ୟମନ୍ତ୍ରୀ ଓ ବୈଦେଶିକ ବିଭାଗ ମାଧ୍ୟମରେ ଉଦ୍ୟମ କରିଥିଲେ। ଏକ ଅନୁଧ୍ୟାନରେ ଲାଜପାଟ ଜେଲରେ ଥିବା ନସିମ ଗୋପାଳଙ୍କ ଚେହେରା ସହିତ ଆନନ୍ଦଙ୍କ ମେଳ ଖାଉଥିବା ଦୃଶ୍ୟ ଦେଖି ବିଶ୍ୱାସ ହୋଇଥିଲା ଯେ ସେ ହିଁ ଆନନ୍ଦ ପତ୍ରୀ। ବର୍ତ୍ତମାନ ଜଣେ ଓଡ଼ିଆ ମହିଳା ଦେଶର ରାଷ୍ଟ୍ରପତି ହେବା ପରେ ବିଦ୍ୟାଧରଙ୍କ ମନରେ ନୂତନ ଆଶା ଜନ୍ମ ନେଇଥିଲା। ତେଣୁ ସେ ଜାନୁଆରୀ ୨୦ ତାରିଖରେ ଏକ ଚିଠି ଲେଖି ରାଷ୍ଟ୍ରପତିଙ୍କୁ ନ୍ୟାୟ ପାଇଁ ଅନୁରୋଧ କରିଥିଲେ। ହେଲେ ଦୀର୍ଘ ବର୍ଷ ପରେ ବି ଏଯାଏଁ ଆନନ୍ଦ ପତ୍ରୀଙ୍କ ମୁକ୍ତି ନିମନ୍ତେ କୌଣସି ଦୃଢ଼ ପଦକ୍ଷେପ ନିଆଯାଇନାହିଁ। ଦେଶ ପାଳୁଛି ୭୯ତମ ସ୍ୱାଧୀନତା ଦିବସ ମାତ୍ର; ଆନନ୍ଦ ପତ୍ରୀ ପାକିସ୍ଥାନ ଜେଲରେ ଦିନ କାଟୁଛନ୍ତି। ବିଦ୍ୟାଧରଙ୍କ ମନରେ ଏବେ ଏକ ପ୍ରଶ୍ନ, କେତେ ଦିନ କରିବା ଅପେକ୍ଷା। ଆଉ ଧୈର୍ଯ୍ୟ ନାହିଁ। କେବଳ ସମୟ ହିଁ କହିପାରିବ ଏହି ଅନୁତାପର ଉତ୍ତର।

# ବିଶାଳ ଶୋଭାଯାତ୍ରା; ତ୍ରିରଙ୍ଗାମୟ ହେଲା ଭଦ୍ରକ ସହର

**ଭଦ୍ରକ, ୧୪।୮ (ସମିସ)**



୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରତି ଘରେ ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଶାଳ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗଦାନ କରି ତ୍ରିରଙ୍ଗା ପତାକା ପ୍ରଦର୍ଶନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହତାବଙ୍କ ମୂର୍ତ୍ତି ପାଖରୁ ବିଶାଳ ପଦଯାତ୍ରା ଆରମ୍ଭ ହୋଇ ଡାହାଣିଗଡ଼ିଆ ଛକସ୍ଥିତ ଗୋପବନ୍ଧୁଙ୍କ ମୂର୍ତ୍ତି ପର୍ଯ୍ୟନ୍ତ ଗତି କରିଥିଲା। ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍‌ପି ଡିଆଇବି ଅଂଶୁମାନ ଦ୍ୱିବେଦୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିକ୍ରା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏନସିସି କମାଣ୍ଡର ସୁଦିପ କୁମାର ସାହୁଙ୍କ ନେତୃତ୍ୱରେ ଏନସିସି ଅଧିକାରୀ, ଶିକ୍ଷାର୍ଥୀମାନଙ୍କ ସହ କ୍ଷେପଣାସ୍ତ୍ର ମେଢ ଏହି ଯାତ୍ରାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସଦସ୍ୟ, ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀ, ଯୁବଗୋଷ୍ଠୀ ସମସ୍ତଙ୍କ ହାତରେ ଥିଲା ତ୍ରିରଙ୍ଗା ପତାକା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଆଇ ଲଭ୍ ଭଦ୍ରକ ପଏଣ୍ଟରେ ଆୟୋଜିତ ହୋଇଥିବା ଦସ୍ତଖତ ଅଭିଯାନ ଓ ସେଲଫି ପଏଣ୍ଟରେ ଅତିଥି, ପ୍ରଶାସନିକ ଅଧିକାରୀ ଓ ସାଧାରଣ ଜନତାମାନେ ଅଂଶଗ୍ରହଣ କରିଥିଲେ। ଦେଶାତ୍ମବୋଧକ ସଙ୍ଗୀତ, ସ୍ଲୋ-ଗାନ ପରିବେଷଣ ସହିତ ସୁଦୃଶ୍ୟ ବ୍ୟାନର, ପତାକାମୟ ପରିବେଶ ବେଶ ଚିତାକର୍ଷକ ଥିଲା।

## ହୃଦ୍‌ଘାତରେ ମହିଳାଙ୍କ ପରଲୋକ

**ଆରଡି, ୧୪।୮ (ସମିସ):** ଆରଡି ପୀଠ ନିକଟସ୍ଥ ବୋଡକ ଗାଁର ଧର୍ମପରାୟଣ ମହିଳା ବିଳାସିନୀ ନାୟକ (୮୬)ଙ୍କ ହୃଦଘାତରେ ପରଲୋକ ଘଟିଛି। ବିଳାସିନୀ ଗାଁରେ ଥିବା ଭାଗବତ ଟୁଙ୍ଗି ସହ ବହୁ ଆଧ୍ୟାତ୍ମିକ ସଂଗଠନରେ ଜଡ଼ିତ ରହି ଦେବୀପୂଜା କାର୍ଯ୍ୟ ତୁଲାଇଥାନ୍ତି। ସେହିପରି ବିଳାସିନୀଙ୍କ ସ୍ୱାମୀ ସହଦେବ ନାୟକ ସମାଜସେବୀ ଭାବେ ଅଞ୍ଚଳରେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

## ବଦାନ୍ୟ ବ୍ୟକ୍ତିଙ୍କ ପରଲୋକ

**ତିହିଡି, ୧୪।୮ (ସମିସ):** ତିହିଡି ବ୍ଲକ ଅନ୍ତର୍ଗତ ବାମନବିନ୍ଧା ପଞ୍ଚାୟତର ଜଣେ କର୍ତ୍ତବ୍ୟ ପରାୟଣ ଓ ବଦାନ୍ୟ ବ୍ୟକ୍ତି ସ୍ୱର୍ଗତ ବୈଷ୍ଣବାନନ୍ଦ ମହାନ୍ତିଙ୍କ ସୁପୁତ୍ର ବଙ୍କିମଚନ୍ଦ୍ର ମହାନ୍ତିଙ୍କ ପରଲୋକ ଘଟିଛି। ସେ ବୈଷ୍ଣବାନନ୍ଦ ବିଦ୍ୟାପୀଠକୁ ନିଜର ସ୍ଥାବର ସମ୍ପତ୍ତି ଦାନକରି ବିଦ୍ୟାପୀଠର ସର୍ବାଙ୍ଗୀନ ଉନ୍ନତି ସାଧନ କରିଛନ୍ତି। ସରକାରଙ୍କ ବ୍ୟବସ୍ଥା ନଥିଲେ ମଧ୍ୟ ନିଜ ଦରମାରୁ ସହଯୋଗ ରାଶି ଦେଇ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସାଧନା କରିଛନ୍ତି। ତାଙ୍କର ବିୟୋଗରେ ଗଭୀର ଶୋକର ଛାୟା ଖେଳିଯାଇଛି।

## ବିନାୟକ ହସ୍ପିଟାଲରେ ରୋଗୀ ମୃତ୍ୟୁ ଘଟଣା

# ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ

ବ୍ରହ୍ମପୁର,୧୪।୮ (ସମିସ): ଗୋଇଲୁଣ୍ଡିସ୍ଥିତ ବିନାୟକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରୋଗୀ ମୃତ୍ୟୁ ଘଟଣାରେ ବିଳମ୍ବରେ ହେଲେ ବି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ରୋଗୀଙ୍କ ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ଆଧାରରେ ତଦନ୍ତ କରାଯାଇଥିବା ଜଣାପଡ଼ିଛି। ଏହି ଘଟଣାର ତଦନ୍ତ ନିମନ୍ତେ ମୁଖ୍ୟ ଜିଲ୍ଲା ଚିକିତ୍ସାଧୀକାରୀ ଡ଼ା. ସୁଶାନ୍ତ କୁମାର ନାୟକ ଏକ ତଦନ୍ତ କମିଟି ଗଠନ କରିଛନ୍ତି। ସିଟି ହସ୍ପିଟାଲ ଅଧୀକ୍ଷକ ଡ଼ା. ବିଶ୍ୱମ୍ଭର ବେହେରାଙ୍କ ଅଧ୍ୟକ୍ଷତାରେ ଉକ୍ତ କମିଟି ଶୁକ୍ରବାର ରୋଗୀ ମୃତ୍ୟୁ ଘଟଣାକୁ ନେଇ ତଦନ୍ତ ଆରମ୍ଭ କରିଛି। ପ୍ରଥମ ଦିନରେ ୩ଜଣିଆ ଏକ ଟିମ ବିନାୟକ ହସ୍ପିଟାଲରେ ପହଞ୍ଚି ତନାଘନା ଆରମ୍ଭ କରିଛି। ହସ୍ପିଟାଲର ବିଭିନ୍ନ କାଗଡପତ୍ର ଯାଞ୍ଚ କରିବା ସହ ହସ୍ପିଟାଲ ମାଲିକଙ୍କୁ ମଧ୍ୟ ପଚରାଉଚୁରା କରିଥିବା ଜଣାପଡ଼ିଛି। ଏହାସହ ରୋଗୀଙ୍କୁ ଚିକିତ୍ସା ସହ ଅସ୍ତ୍ରୋପଚାରରେ ରହିଥିବା ଅସ୍ଥିଶଲ୍ୟ ବିଭାଗ ଓ ନିଶ୍ଚେତକ ବିଭାଗର ଡ଼ାକ୍ତର ତଦନ୍ତ କମିଟି ସମ୍ମୁଖରେ ହାଜର ହୋଇ ନିଜ ମତ ରଖିଛନ୍ତି। ଅନ୍ୟପକ୍ଷରେ ବଳରାମ ଗୌଡଙ୍କ ପରିବାର ସଦସ୍ୟ ମଧ୍ୟ ତଦନ୍ତ କମିଟି ସମ୍ମୁଖରେ ହାଜର ହୋଇ ସେମାନଙ୍କ ମତାମତ ରଖିଥିଲେ। ଘଟଣାର ତଦନ୍ତ ଶେଷ ହେବା ପରେ ମୁଖ୍ୟ ଜିଲ୍ଲା ଚିକିତ୍ସାଧୀକାରୀଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

### ଘରୋଇ ହସ୍ପିଟାଲରେ ପହଞ୍ଚି ତନାଘନା କଲା ୩ଜଣିଆ କମିଟି

### ହାଜର ହେଲେ ଡାକ୍ତର, ମାଲିକ ଓ ମୃତକଙ୍କ ପରିବାର ସଦସ୍ୟ

ସୂଚନାଯୋଗ୍ୟ ଯେ, ରଙ୍ଗେଇଲୁଣ୍ଡା ବ୍ଲକ ବାଘଲଟି ଗ୍ରାମର ବଳରାମ ଗୌଡ଼(୨୫) ଦିଗପହଣ୍ଡି ଥାନା ଅଞ୍ଚଳରେ ବାଇକ ଦୁର୍ଘଟଣାରେ ଆହତ ହୋଇ ପ୍ରଥମେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ଓ ପରେ ତାଙ୍କୁ ଗୋଇଲୁଣ୍ଡି ସ୍ଥିତ ବିନାୟକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବଳରାମଙ୍କର ଜୁଲାଇ ୧୨ତାରିଖରେ ଅସ୍ତ୍ରୋପଚାର ବେଳେ ମୃତ୍ୟୁ ଘଟିଥିବା ତାଙ୍କ ଭାଇ ଜଗନ୍ନାଥ ଗୌଡ ଅଭିଯୋଗ କରିଥିଲେ। ମୃତକଙ୍କ ପରିବାର ପକ୍ଷରୁ ବୈଦ୍ୟନାଥପୁର ଥାନା ସମେତ ବିଭିନ୍ନ ସ୍ଥାନରେ ଅଭିଯୋଗ କରାଯାଇଥିଲା। ଘଟଣାର ତଦନ୍ତ କରିବା ମୁଖ୍ୟ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ପରିବାର ପକ୍ଷରୁ ଦାବି କରାଯାଇଥିଲା।

## ଟଙ୍କା ଓ ମୋବାଇଲ ଲୁଟିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର,୧୪।୮ (ସମିସ): ଦୁଇଜଣ ଯୁବକଙ୍କୁ ମାଡ଼ମାରି ସେମାନଙ୍କ ନିକଟରୁ ମୋବାଇଲ ଓ ଟଙ୍କା ଲୁଟ୍ ହୋଇଛି। ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ ପରେ ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରି ତଦନ୍ତ କରୁଛି। ଗତ ୧୧ତାରିଖ ସନ୍ଧ୍ୟାରେ ପଶ୍ଚିମବଙ୍ଗ ମିର୍ଜାପୁର ଅଞ୍ଚଳର ଦୁଇସାଙ୍ଗ ଓମ୍ ପ୍ରକାଶ ଓ ଅଙ୍କିତ କୌଣସି କାମରେ ବ୍ରହ୍ମପୁର ଆସିଥିଲେ। ଜଗଦଳପୁର ନିକଟରେ ତିନିଜଣ ଯୁବକ ତାଙ୍କୁ ଅଟକାଇ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ସେମାନଙ୍କ ପାଖରେ ଥିବା ଗୋଟିଏ ମୋବାଇଲ, ୩ହଜାର ଟଙ୍କା ନେଇ ଯାଇଥିଲେ। ସେମାନେ ଏନେଇ ଗତ ୧୨ ତାରିଖରେ ନିମଖଣ୍ଡି ଥାନାରେ ଏତଲା ଦେଇଛନ୍ତି। ସେହିପରି ଆଙ୍କୁଶପୁର ଗ୍ରାମର ନନ୍ଦନ ବେହେରା ଓ ତାଙ୍କ ସାଙ୍ଗ ଅଭିଷେକ ବେହେରା ବ୍ରହ୍ମପୁରରେ କାମ ସାରି ବାଇକରେ ଘରକୁ ଫେରୁଥିଲେ। ରାତ୍ର ପ୍ରାୟ ୯ ଟା ସମୟରେ ଜଗଦଳପୁର ନିକଟରେ କିଛି ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାଡ଼ ମାରିଥିଲେ। ସେମାନଙ୍କୁ ଭୟଭୀତ କରି ତାଙ୍କ ମୋବାଇଲ ଲୁଟି ନେଇଥିଲେ। ପରେ ନନ୍ଦନ ବେହେରା ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ।

## ମୋବାଇଲ ଚୋରି କରି ୧.୯୪ ଲକ୍ଷ ଠକେଇ; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୪।୮ (ସମିସ): ମୋବାଇଲ ଚୋରି କରି ୧ଲକ୍ଷ ୯୪ହଜାର ଟଙ୍କା ଠକେଇ କରିବା ଓ ବାଇକ ଚୋରି କରିବା ଅଭିଯୋଗରେ ଗୋପାଳପୁର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗୋପାଳପୁର ନୂଆଁସାହିର ଶୁଭମ କୁମାର ସାହୁ (୨୬)। ପୁଲିସ ଅଭିଯୁକ୍ତ ଶୁଭମ୍‌ଠାରୁ ୨ଟି ମୋବାଇଲ ଓ ମୋଟର ସାଇକେଲ ଜବତ କରିଛି।



ସୂଚନାଯୋଗ୍ୟ ଯେ, ଗୋଳନ୍ଥରା ଦାସପୁର ଗ୍ରାମର ସୁଶାନ୍ତ କୁମାର ସାହୁଙ୍କ ଗୋପାଳପୁର ଗୋବିନ୍ଦପୁର ଛକରେ ଏଲ୍‌ଇଡି ମେସିନ୍ ୱାର୍କସପ୍ ଓ ୱେଲଡିଂ ଦୋକାନ ରହିଛି। ଅଭିଯୁକ୍ତ ଶୁଭମ ଗତ ୫ମାସ ଧରି ସୁଶାନ୍ତଙ୍କ ୱାର୍କସପ୍‌ରେ କାମ କରୁଥିଲେ। ଗତ ୯ତାରିଖ ସନ୍ଧ୍ୟାରେ ସୁଶାନ୍ତ କର୍ମଚାରୀ ଶୁଭମ୍‌ଙ୍କ ଘରେ ରାତ୍ରି ଯାପନ କରିଥିଲେ। ସକାଳୁ ଉଠି ଦେଖିବା ବେଳକୁ ତାଙ୍କ ମୋବାଇଲ ଓ ବାଇକ ନେଇ ଶୁଭମ ଚାଲିଯାଇଥିଲା। ପରେ ସୁଶାନ୍ତ ଜାଣିବାକୁ ପାଇଲେ ତାଙ୍କ ମୋବାଇଲରୁ ପ୍ରାୟ ୧ଲକ୍ଷ ୪୪ହଜାର ତାଙ୍କ ସ୍ତ୍ରୀଙ୍କ ଆକାଉଣ୍ଟରୁ ୨୫ହଜାର ସମେତ ମୋଟ ୧ଲକ୍ଷ ୯୪ହଜାର ତାଙ୍କ ଆକାଉଣ୍ଟରୁ ଉଠାଣ ହୋଇଛି। ଶୁଭମ୍‌କୁ ଖୋଜାଖୋଜି କରିବା ପରେ ନ ମିଳିବାରୁ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ଅଭିଯୁକ୍ତ ଶୁଭମ ଉକ୍ତ ଟଙ୍କାକୁ ଅନ ଲାଇନରେ ଗେମ ଖେଳିଥିବା ଜଣାପଡ଼ିଥିଲା। ପୁଲିସ ଅଭିଯୁକ୍ତ ଶୁଭମକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

### ଅନ୍‌ଲାଇନ୍ ଗେମ୍ ଖେଳି ଲକ୍ଷାଧିକ ଟଙ୍କା ହାରିଦେଇଛି

## ■ ଆଗକୁ ଛାତ୍ର ସଂସଦ ନିର୍ବାଚନ; କଲେଜ ମୁହାଁ ଅଣଛାତ୍ର

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଦୁଇ ଛାତ୍ରଗୋଷ୍ଠୀ ମୁହାଁମୁହିଁ

ବ୍ରହ୍ମପୁର,୧୪।୮ (ସମିସ): ଆଗକୁ ଛାତ୍ର ସଂସଦ ନିର୍ବାଚନ। ଏବେଠୁ କଲେଜ ମୁହାଁ ହେଲେଣି ଅଣଛାତ୍ର ଓ ବିଭିନ୍ନ ସଂଗଠନର ସଦସ୍ୟ। ଆଜି ବ୍ରହ୍ମପୁର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଦୁଇ ଛାତ୍ର ଗୋଷ୍ଠୀ ଭିତରେ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଥିଲା। ଗୋଟିଏ ଛାତ୍ର ଗୋଷ୍ଠୀ ନିଜକୁ ସରକାରୀ ଦଳର ବୋଲି ଦାବି କରି ସେଠାରେ ପତିଆରା ଜାହିର କରି ରହିଥିବା ବେଳେ ଅନ୍ୟ ଏକ ଛାତ୍ର ଗୋଷ୍ଠୀକୁ ଧମକ ଦେଇ ଆସୁଥିଲେ। ଯାହାକୁ ନେଇ ଛାତ୍ରମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏଠାରେ ପୁଲିସ ଉଭୟ ଛାତ୍ରଗୋଷ୍ଠୀକୁ ତାଗିଦ କରିବା ସହ ବୁଝାସୁଝା କରି ଛାଡ଼ିଥିଲା। ସୂଚନାପ୍ରକାରେ କେ ସାଇ କୁମାର ଗୋଷ୍ଠୀ ଓ ବିକ୍ରମ କୁମାର ଜେନା ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ସମ୍ପ୍ରତି ଅନିଶ୍ଚିତତାରେ ଛାତ୍ର ସଂସଦ ନିର୍ବାଚନ ରହିଛି। ୨୦୧୮ ରୁ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଛି। ରାଜ୍ୟ ସରକାର କ୍ୟାମ୍ପସ ନିର୍ବାଚନକୁ ନେଇ ଦ୍ୱନ୍ଦ୍ୱରେ ଥିବାବେଳେ ଏବେ ବିଜେପି ଓ ବିଜେଡି କର୍ମୀମାନେ କେତେକ ସ୍ଥାନରେ ମୁହାଁମୁହିଁ ହେବା ଦେଖିବାକୁ ମିଳିଛି। ଯୁକ୍ତ ୩ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ସେପ୍ଟେମ୍ବର ତୃତୀୟ ସପ୍ତାହରୁ ନିର୍ବାଚନ ପ୍ରକ୍ରିୟା ଲାଗି ବିଜ୍ଞପ୍ତି ପ୍ରକାଶ ପାଇବା ସମ୍ଭାବନା ରହିଥିବା ବେଳେ ଏବେଠାରୁ କ୍ୟାମ୍ପସରେ ଉଷ୍ମତା ବାରି ହୋଇ ପଡ଼ିଲାଣି।




## ଗୋପାଳପୁର ଗଣଦୁଷ୍କର୍ମ ମାମଲା | ଏଡିଜେ-୨ କୋର୍ଟକୁ ସ୍ଥାନାନ୍ତର ହେଲା

ବ୍ରହ୍ମପୁର,୧୪।୮ (ସମିସ): ଏଣିକି ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲା ଜଜ୍ ଦ୍ୱିତୀୟ(ଏଡିଜେ-୨) କୋର୍ଟରେ ଗୋପାଳପୁର ଗଣଦୁଷ୍କର୍ମ ମାମଲାର ବିଚାରଣ ହେବ। ଆଜି ଗଞ୍ଜାମ ଜିଲ୍ଲା ଓ ଦୌରା ଜଜ କୋର୍ଟରୁ ଏହି ମାମଲାଟି ଏଡିଜେ-୨କୋର୍ଟକୁ ସ୍ଥାନାନ୍ତର ହୋଇଛି। ପୂର୍ବରୁ ଏହି ମାମଲାଟି ଜେଏମଏଫସି (ଗ୍ରାମୀଣ) କୋର୍ଟରେ ରହିଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ଚାର୍ଜସିଟ ଦାଖଲ କରାଯିବା ପରେ କମିଟମେଣ୍ଟ ହୋଇ ଉପର କୋର୍ଟକୁ ଯାଇଥିଲା। ହେଲେ ଜିଲ୍ଲା ଜଜ୍ ଆଜି ଏହି ମାମଲାର ବିଚାରଣ ପାଇଁ ଏଡିଜେ-୨ଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ମାମଲାରେ ୧୦ଜଣଙ୍କ ମଧ୍ୟରେ ଗିରଫ ହୋଇ ଜେଲରେ ଥିବା ଓମ୍ ପ୍ରଧାନଙ୍କୁ ଜାମିନ ପାଇଁ ତାଙ୍କ ଓକିଲ ଉପର କୋର୍ଟରେ ଆବେଦନ କରିଥିଲେ। ସେହି ଜାମିନ ଆବେଦନର ବିଚାରଣ ବେଳେ ସରକାରୀ ଓକିଲ କ୍ୟାଡର ଏପିପି ମଧୁସ୍ମିତା ସାହାଣୀ ଦୃଢ ବିରୋଧ କରିଥିଲେ। କୋର୍ଟ ଏହି ଆବେଦନର ବିଚାରଣ କରିଥିଲେ ମଧ୍ୟ ୧୯ ତାରିଖରେ ଶୁଣାଣି କରିବେ ବୋଲି ଜଣାପଡିଛି।

ପ୍ରକାଶଥାଉକି, ଗଞ୍ଜାମ ଜିଲ୍ଲା ଗୋପାଳପୁର ବେଳାଭୂମିରେ ଗତ ଜୁନ୍ ୧୫ ସଂଧାରେ ବ୍ରହ୍ମପୁରର ଏକ ସରକାରୀ କଲେଜରେ ଯୁକ୍ତତିନି ଶେଷବର୍ଷରେ ପଢୁଥିବା କନ୍ଧମାଳ ଜିଲ୍ଲାର ଜଣେ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଉପସ୍ଥିତିରେ ଗଣ ଦୁଷ୍କର୍ମ କରାଯାଇଥିଲା। ୬ଜଣ ଯୁବକ ଓ ୪ଜଣ ନାବାଳକ ମିଶି ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ବେଳାଭୂମିରେ ଅଟକ ରଖିଥିବା ବେଳେ ସେଥିରୁ ୩ ଜଣ ଦୁଷ୍କର୍ମ କରିଥିଲେ। ଏନେଇ ଗୋପାଳପୁର ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ୬ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ୪ ଜଣ ନାବାଳକଙ୍କୁ କିଶୋର ନ୍ୟାୟବୋର୍ଡରେ ହାଜର କରିଥିଲା। ବର୍ତ୍ତମାନ ଏହି ବହୁଚର୍ଚ୍ଚିତ ଗଣବଳାତ୍କାର ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଛି। ତେବେ କିଛି ଦିନ ତଳେ କ୍ରାଇମବ୍ରାଞ୍ଚ ପକ୍ଷରୁ କୋର୍ଟରେ ଚାର୍ଜସିଟ ଦାଖଲ ବେଳେ ୯ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ପୂର୍ବରୁ ପୁଲିସ ୧୦ଜଣଙ୍କୁ ଗିରଫ କରାଯାଇଥିଲେ ମଧ୍ୟ କ୍ରାଇମବ୍ରାଞ୍ଚ ଓମ ପ୍ରଧାନଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିନଥିଲା।

## ■ ବ୍ରହ୍ମପୁରରେ ପ୍ରଥମ

# ଆୟୋଜିତ ହେବ ସର୍ବଭାରତୀୟ ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟ

ବ୍ରହ୍ମପୁର,୧୪।୮ (ସମିସ): ବ୍ରହ୍ମପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଖେଳପଡ଼ିଆରେ ସ୍ୱାଧୀନତା ଦିବସରେ ସର୍ବଭାରତୀୟ ବାସ୍କେଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶା ବାସ୍କେଟବଲ ସଂଘ ପକ୍ଷରୁ ପ୍ରଥମଥର ପାଇଁ ବ୍ରହ୍ମପୁରଠାରେ ଆୟୋଜିତ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟ ୧୭ତାରିଖ ପର୍ଯ୍ୟନ୍ତ ଦିବାରାତ୍ର ତିନିଦିନ ଧରି ଅନୁଷ୍ଠିତ ହେବ। ଏଥିରେ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ, ତାମିଲନାଡୁ, କୋଲକତାର ଦକ୍ଷିଣ-ପୂର୍ବ ରେଳବାଇ, ଛତିଶିଗଡ଼ ଓ ବିଳାସପୁର ସମେତ ଓଡ଼ିଶାର ରାଉରକେଲା, କଟକ, ଓଡ଼ିଶା ଜୁନିୟର ଟିମ୍ ଏବଂ ଗଂଜାମ ଦଳ ଭାଗ ସାମିଲ ହୋଇଛନ୍ତି। ଲିଗ୍ କମ୍ ନକ୍‌ଆଉଟ ପଦ୍ଧତିରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ ୧୭ରେ ଅନୁଷ୍ଠିତ ହେବ। ବିଜେତା ଦଳକୁ ୫୦ ହଜାର ଓ ଉପବିଜେତା ଦଳକୁ ୩୦ହଜାର ଟଙ୍କା ପୁରସ୍କାର ରାଶି ରଖା ଯାଇଥିବା ଅଲ ଇଣ୍ଡିଆ ଟୁର୍ଣ୍ଣାମେଣ୍ଟର ଅଧ୍ୟକ୍ଷ ଅଶୋକ କୁମାର ସାହୁ, ସଂପାଦକ ଶରତ ଚନ୍ଦ୍ର ମହାପାତ୍ର ଓ ବିଜୟଭାସ୍କର ସିହସାମନ୍ତ ସୂଚନା ଦେଇଛନ୍ତି।







## ପ୍ରାଚୀର ଚିତ୍ରକଳା ସୁରକ୍ଷିତ ରଖିବାକୁ ନିବେଦନ

ବ୍ରହ୍ମପୁର,୧୪।୮ (ସମିସ): ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ଏବଂ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଇଡ଼ିଏ) ପକ୍ଷରୁ ସହର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜୋରଦାର ଚାଲିଛି। ସହରର ବିଭିନ୍ନ ସରକାରୀ ଏବଂ ନିଗମ ପାଚେରିରେ ସୁନ୍ଦର ଓ ଆକର୍ଷଣୀୟ ଚିତ୍ରକଳା ତିଆରି କରାଯାଉଛି। ଏଥିରେ ସ୍ଥାନୀୟ ସଂସ୍କୃତି, ଐତିହ୍ୟ ଓ ସାମାଜିକ ବାର୍ତ୍ତା ପ୍ରତିଫଳିତ ହେଉଛି। ବ୍ରହ୍ମପୁରକୁ ଅଧିକ ସୁନ୍ଦର, ସ୍ୱଚ୍ଛ ଓ ଆକର୍ଷଣୀୟ କରିବା ଏହାର ଲକ୍ଷ୍ୟ। ବ୍ରହ୍ମପୁର ସହରର କୌଣସି ସରକାରୀ କିମ୍ବା ନିଗମ ପ୍ରାଚୀରରେ ଜନସାଧାରଣ, ବ୍ୟବସାୟୀ, ସଂସ୍ଥା ଓ ସଂଗଠନମାନେ ପୋଷ୍ଟର, ବିଜ୍ଞାପନ ବା ବିଲ୍ ନ ଲଗାଇବାକୁ ମହାନଗର ନିଗର କମିଶନର ପ୍ରଥମେଶ ରାଜେଶିର୍କେ ନିବେଦନ କରିଛନ୍ତି। ଏପରି କାର୍ଯ୍ୟ କେବଳ ଚିତ୍ରକଳାର ସୌନ୍ଦର୍ଯ୍ୟ ନଷ୍ଟ କରେ ନାହିଁ ବରଂ ନିଗମର ସ୍ୱଚ୍ଛତା ନିୟମାବଳୀକୁ ମଧ୍ୟ ଉଲ୍ଲଂଘନ କରେ ବୋଲି ସେ କହିଛନ୍ତି। ପୋଷ୍ଟର କିମ୍ବା ବିଲ୍ ଲଗାଇ ପ୍ରାଚୀର କଳାକୁ ନଷ୍ଟ ନ କରିବାକୁ ନିଗମ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଖିଲାପକାରୀଙ୍କ ବିରୋଧରେ ସର୍ବସାଧାରଣ ସମ୍ପତ୍ତିକୁ କ୍ଷତିଗ୍ରସ୍ତ କରିବା ସମ୍ପର୍କିତ ନିଗମ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଛନ୍ତି କମିଶନର। ନିଗମର ହେଲ୍ପଲାଇନ ବା ଅଭିଯୋଗ ପୋର୍ଟାଲ ମାଧ୍ୟମରେ ଜନସାଧାରଣ ଖିଲାପକାରୀଙ୍କ ବିରୋଧରେ ଅଭିଯୋଗ କରିପାରିବେ ବୋଲି କମିଶନର ସୂଚନା ଦେଇଛନ୍ତି।










## ଇନୋଭା ଧକ୍କାରେ ଜଣେ ଆହତ

ବ୍ରହ୍ମପୁର,୧୪।୮ (ସମିସ): ଗୋପାଳପୁର ଥାନା ଡୁରାଠାରୁ ଖୋଡାସିଂ ଓଭର ବ୍ରିଜ ଉପରେ ଅପରାହ୍ନରେ ଏକ ଇନୋଭା ସହ ବାଇକ ଧକ୍କା ଦେବାରୁ ବାଇକ ଆରୋହୀ ଆହତ ହୋଇଛନ୍ତି। ଆହତ ଜଣକ ହେଲେ ଜରଡ଼ା ଥାନା ଅଞ୍ଚଳ ପୁହୁଣ୍ଡି ଗ୍ରାମର ବଳରାମ ପ୍ରଧାନ। ଖୋଡାସିଂ ଓଭର ବ୍ରିଜରେ ଏକ ଇନୋଭା ନମ୍ବର ଓଡ଼ି ୦୭ ଏଲ ୫୫୭୭ ବ୍ରହ୍ମପୁରଠାରୁ ଗୋପାଳପୁର ଆସୁଥିବା ବେଳେ ବାଇକ ଓଡ଼ି ୦୭ ଏଏଲ ୪୩୮୨ ଗାଡ଼ି ଧକ୍କା ହୋଇଥିଲା। ଗୋପାଳପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ବଳରାମକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବ୍ରହ୍ମପୁର ମେଡିକାଲ ପଠାଇଛି।












## ଗାଁ ଦାଣ୍ଡରେ ବସିଲା କଙ୍ଗାରୁ କୋର୍ଟ

# ପାରିବାରିକ କଳହକୁ ନେଇ ଯୁବକଙ୍କୁ ବାନ୍ଧି ନିସ୍ତୁକ ମାଡ଼

ମୋହନା, ୧୪।୮ (ସମିସ)

ଦିନକୁ ଦିନ ଗଜପତି ଜିଲ୍ଲାରେ ବଢୁଛି ଅପରାଧ । ଗତ ଦୁଇ ସପ୍ତାହ ମଧ୍ୟରେ ତିନୋଟି ହତ୍ୟାକାଣ୍ଡ ଘଟିଥିବା ବେଳେ ପୁଣି ଏକ ଅସାମାଜିକ ଘଟଣା ସାମ୍ନାକୁ ଆସିଛି । ଗାଁ ଦାଣ୍ଡରେ ବସିଲା କଙ୍ଗାରୁ କୋର୍ଟ । ପାରିବାରିକ କଳହକୁ କେନ୍ଦ୍ର କରି ଯୁବକକୁ ନିସ୍ତୁକ ମାଡ଼ ମରାଯିବା ସହ ଗାଁ ଦାଣ୍ଡରେ ବାନ୍ଧିଲେ ଶ୍ୱଶୁର ଘର ଲୋକେ ଏବଂ ଗ୍ରାମର କିଛି ସହଯୋଗୀ । ଖବର ପାଇ ଘଟଣା ସ୍ଥଳରେ ଅଡବା ପୁଲିସ ପହଞ୍ଚି ଯୁବକକୁ ଉଦ୍ଧାର କରିଛି ।ଏଭଳି ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲ୍ଲା ଅଡବା ଥାନ ଗରଡ଼ମା ଗାଁରେ । ଗାଁର ସୁଭଦ୍ରା ମାଳବିଷୋୟୀ ତିନିବର୍ଷ ପୂର୍ବେ ବ୍ରାହ୍ମଣୀଗାଁ ଥାନା ବୁଢ଼ିଶିଳ ଗାଁର ଜଳନ୍ତ



ବଳିଆରସିଂଙ୍କୁ ବିବାହ କରିଥିଲେ । ହେଲେ ପାରିବାରିକ କଳହ ପାଇଁ ଝିଅ ଘର ଲୋକେ ୧୧ ମାସ ତଳେ ଝିଅକୁ ଘରକୁ ନେଇ ଆସିଥିଲେ । ଘଟଣାରେ ଉଭୟ ପରିବାର ପକ୍ଷରୁ ଥାନା ମାମଲା ରୁଜୁ ହେବା ସହ କୋର୍ଟରେ ମାମଲା ବିଚାରଧୀନ ରହିଛି । ବୁଧବାର ଯୁବକ ଜଣକ ନିଜ ଗାଁ ବୁଢ଼ିଶିଳରୁ ରାସନ ଚାଉଳ ନେବାକୁ ଗରଡ଼ମା ଗାଁକୁ ଆସିଥିବା ବେଳେ ଝିଅ ଘର ପରିବାର ଲୋକେ ଯୁବକକୁ ମାଡ଼ ମାରିବା ସହ ରାତି ତମାମ ଗାଁ ଦାଣ୍ଡରେ ବାନ୍ଧି ରଖିଥିଲେ । ଗୁରୁବାର ଅଡବା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ତାଙ୍କ ଘରେ ଛାଡିଥିବା ବେଳେ ଏନେଇ ଥାନାରେ କୌଣସି ମାମଲା ହୋଇନଥିବା ଅଡବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା ସୂଚନା ଦେଇଛନ୍ତି ।

## ଜି.ଉଦୟଗିରି ବନ୍ଦ ସ୍ଥଗିତ

ଜି.ଉଦୟଗିରି, ୧୪।୮ (ସମିସ): ଜି.ଉଦୟଗିରି ଅଞ୍ଚଳରେ ହାତୀ ଦୀର୍ଘମାସ ହେଲା ଉପଦ୍ରବ ଚଳାଇଛି । ୩ମଣିଷ ଓ ୫ ଗୋରୁଙ୍କ ଜୀବନ ନେଲାଣି । ଫଳରେ ଲୋକେ ଘରୁ ବାହାରିବାକୁ ଡରୁଥିବା ବେଳେ ଛାତ ଉପରେ ଦିନ କାଟୁଛନ୍ତି । ହାତୀକୁ ସ୍ଥାନାନ୍ତର ସହ ଅଞ୍ଚଳବାସୀଙ୍କ ସୁରକ୍ଷା ନିମନ୍ତେ ଆସନ୍ତା ଅଗଷ୍ଟ ୧୬ ଶନିବାର ଜି.ଉଦୟଗିରି ବନ୍ଦ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା । କିନ୍ତୁ ତା' ପୂର୍ବରୁ ସ୍ୱାଧୀନତା ଦିବସ ସହିତ ଜନ୍ମାଷ୍ଟମୀ ଭଳି ପର୍ବ ପଡୁଥିବାରୁ ବନ୍ଦ ଡାକରା ସ୍ଥଗିତ ରଖାଯାଇଥିବା ସୂଚନା ଦିଆଯାଇଛି ।

## ରାୟଗଡ଼ ବଜାରରେ ବଢୁଛି ଚୋରି

● ପୁଲିସ ଉପରୁ ଆସ୍ଥା ହରାଉଛନ୍ତି ଲୋକେ

ରାୟଗଡ଼, ୧୪।୮ (ସମିସ): ରାୟଗଡ଼ ବ୍ଲକ ସଦର ମହକୁମାରେ ମାତିଛନ୍ତି ଚୋର । ଢିଲା ପାଟ୍ରୋଲିଂ ଯୋଗୁଁ ଲୋକେ ପୁଲିସ ଉପରୁ ଆସ୍ଥା ହରାଇଲେଣି । ପୂର୍ବରୁ ସ୍ଥାନୀୟ ବଜାରର ବିଭିନ୍ନ ଦୋକାନରୁ କବାଟ ଭାଙ୍ଗି ଟଙ୍କା ଓ ଜିନିଷ ଚୋରି ହୋଇଥିବା ସହ ବିଭିନ୍ନ ମନ୍ଦିରରୁ ଅଳଙ୍କାର ଏବଂ ଆସବାବପତ୍ର ଚୋରି ପର୍ଦ୍ଦାଫାଶ ହୋଇନଥିବାବେଳେ ଏବେ ଦୁଇ ଦୁଇଟି ଜାତୀୟକରଣ ବ୍ୟାଙ୍କଠାରୁ କିଛି ଦୂରରୁ ରାତିରେ ସାଇକଲ ଚୋରି ଦୃଶ୍ୟ ଏବେ ଭାଇରାଲ ହେଉଛି । ଭୟରେ ବ୍ୟବସାୟୀ ବାହାର ରାଜ୍ୟରୁ ଗୋର୍ଖା ଆଣି ମୁତୟନ କରୁଥିବା ପ୍ରକାଶ କରିଛନ୍ତି ।

ସୂଚନା ଯୋଗ୍ୟ ଯେ, ରବିବାର ରାତିରେ ରବୀନ ହୋଟେଲ ବନ୍ଦ କରି ଏହାର ସମ୍ମୁଖରେ ସାଇକଲଟିଏ ରଖିଥିବା ବେଳେ ସକାଳୁ ଦେଖିଲା ବେଳକୁ ଆଉ ନଥିଲା । ହୋଟେଲ ପାଖ ଲୁଗା ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ ବେଳେ ବିଳମ୍ବିତ ରାତିରେ କିଛି ଯୁବକ ଆସି ସାଇକଲ ଚୋରି କରି ନେଉଥିବାବେଳେ ମୁହଁରେ ଗାମୁଛା ବାନ୍ଧିଥିବାରୁ ଚିହ୍ନ ହେଉନାହିଁ । ଉକ୍ତ ଘଟଣାସ୍ଥଳ ଠାରୁ ମାତ୍ର ୩୦ ମିଟର ଦୂରରେ ଉଭୟ ଷ୍ଟେଟ୍ ବ୍ୟାଙ୍କ ଓ କାନାଡ଼ା ବ୍ୟାଙ୍କ ରହିଥିବାବେଳେ ପ୍ରତ୍ୟେକ ରାତିରେ ଏହାର ସୁରକ୍ଷା ପାଇଁ ପୁଲିସ କର୍ମଚାରୀ ମୁତୟନ ସତ୍ତ୍ୱେ ଏମିତି ଚୋରି ସେମାନଙ୍କ ପାରିବା ପଣିଆକୁ ପଦାରେ ପକାଇଛି । ଏଥିସହ ପୁଲିସ ପାଟ୍ରୋଲିଂକୁ କଡାକଡି କରିବାକୁ ଦାବି ହେଉଛି ।

## ଅନ୍ତ୍ୟୋଦୟ ପ୍ରଚାର ରଥ ଉଦ୍‌ଘାଟିତ

ଗୋଷାଣି, ୧୪।୮ (ସମିସ): ଗୋଷାଣି ବ୍ଲକ ସଦରମହକୁମା ସ୍ଥିତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗ୍ରାମୀଣ ଗୃହ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପାଦନକୁ ନେଇ ଅନ୍ତ୍ୟୋଦୟ ପ୍ରଚାର ରଥର ଶୁଭାରମ୍ଭ କରାଯାଇଛି । ଏହି ରଥ ବ୍ଲକର ସମସ୍ତ ପଞ୍ଚାୟତକୁ ବୁଲି ସଚେତନତା କରିବ । ରଥରକୁ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀର ରାଜୁ ଓ ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଯେଉଁ ହିତାଧିକାରୀ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସିକ ଯୋଜନାରେ ଗୃହ କାର୍ଯ୍ୟ ପାଇଁ ପ୍ରଥମ କିସ୍ତି ଅର୍ଥ ନେଇ ଆଜି ସୁଦ୍ଧା କାମ କରିନାହାନ୍ତି ଆସନ୍ତା ୧୫ ଦିନ ମଧ୍ୟରେ କାମ ଆରମ୍ଭ କରିବାକୁ ରଥ ବାର୍ତ୍ତା ଦେବ । ଯଦି କାମ ଆରମ୍ଭ ନ କରନ୍ତି ଟଙ୍କା ଫେରସ୍ତ ଅଣାଯିବ । ଏଥିରେ କେହି ଖିଲାପ କଲେ ଓପିଡିଆର୍ ନିୟମ ଅନୁସାରେ କେସ୍ କରି ଅର୍ଥ ଅଣାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ରଙ୍କ ସମେତ ବ୍ଲକ କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ ।



## ଶିକ୍ଷକ ଦୈତାରୀ ଡିଗାଲଙ୍କୁ ଜାତୀୟ ଶିକ୍ଷା ଉପାଧି ପୁରସ୍କାର

ଜି.ଉଦୟଗିରି, ୧୪।୮ (ସମିସ): ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୨୦ ଜଣ ବରିଷ୍ଠ ଅଭିଜ୍ଞ ବ୍ୟକ୍ତି ବିଶେଷଙ୍କୁ ନେଇ ଉଦିତନଗର ରାଉରକେଲାରେ ୱାର୍ଲଡ଼ ଚାରିଟି ୱେଲଫେର ଫାଉଣ୍ଡେସନ ତରଫରୁ ଜାତୀୟ ଶିକ୍ଷା ଉପାଧି ପୁରସ୍କାର ପ୍ରଦାନ କରାଯାଇଛି । ସେଥିମଧ୍ୟରେ ଜି. ଉଦୟଗିରି ବ୍ଲକ ଡଡ଼ାପଡ଼ା ସେବାଶ୍ରମର ପ୍ରଧାନ ଶିକ୍ଷକ ଦୈତାରୀ ଡିଗାଲଙ୍କୁ ଶିକ୍ଷା କ୍ଷେତ୍ରରେ ନୂତନ ଧରଣର ଶିକ୍ଷାଦାନ ପ୍ରୟୋଗ ସହ ଅନ୍ତର୍ନିବେଶୀ ଶିକ୍ଷା ଆଦିକୁ ସଫଳ ରୂପାୟନ କରିଥିବାରୁ ତାଙ୍କୁ ସମ୍ମାନ ଜନକ ଜାତୀୟ ଶିକ୍ଷା ଉପାଧି ପ୍ରଦାନ କରାଯାଇଛି । ଏଥିରେ ମୁଖ୍ୟଅତିଥି ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ତନ୍ତି, ସମ୍ମାନିତ ଅତିଥି ଭବେ ପୂର୍ବତନ ବିଧାୟକ ରବି ଦେହୁରୀ, ମାନବାଧିକାର କମିଶନ ରାଉରକେଲା ଶତ୍ରୁଘ୍ନ ସାହୁ, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ ଉପସ୍ଥିତ ଥିଲେ । ଶ୍ରୀ ଡିଗାଲଙ୍କ ଏହି ଉପାଧି ପାଇଥିବାରୁ ଅଭିନନ୍ଦନର ସୁଅ ଛୁଟିଛି ।



## ପାବୁରିଆରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ

ଫୁଲବାଣୀ, ୧୪।୮ (ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ପକ୍ଷରୁ ଟିକାବାଲି ବ୍ଲକର ବିଭିନ୍ନ ଅଞ୍ଚଳରେ ସ୍ୱଚ୍ଛତା ହିଁ ସେବା ପୂର୍ବକ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଗୁଞ୍ଜ ଅନୁଷ୍ଠାନର ସହାୟତାରେ ଆଜି ପାବୁରିଆ ସ୍ଥିତ ମାଲେରିମାହାରେ ଥିବା ଶିବମନ୍ଦିର ନିକଟସ୍ଥ ପୋଖରିରେ ସଫେଇ କରାଯାଇଛି । ପୋଖରିକୁ ଦୁଇଟି ଗ୍ରାମର ଲୋକେ ବ୍ୟବହାର କରୁଥିବା ବେଳେ ଏହାର ପରିବେଶ ଅତ୍ୟନ୍ତ ଦୟନୀୟ ଥିଲା । ଏଥିରେ ସ୍ଥାନୀୟଅଞ୍ଚଳ ଗୌଡସାହି, ମାନ୍ଦିର ସାହି ଓ ବଗାପାଡାର ଆଠ ସ୍ୱୟଂସହାୟକ ଦଳର ୩୧ ଜଣ ସଦସ୍ୟା ସାମିଲ ହୋଇଥିବା ବେଳେ ଗୁଞ୍ଜ ତରଫରୁ ଥିବା କିଟ୍ ଗୁଡ଼ିକୁ ସାମିଲ ଥିବା ସମସ୍ତ ସଭ୍ୟାଙ୍କୁ ବଣ୍ଟନ କରାଯାଇଥିଲା । ସଂଯୋଜକ ବିଶ୍ୱରଞ୍ଜନ କରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଗିରିଶଚନ୍ଦ୍ର ସାମଲ, ସ୍ୱଧର୍ମ ରାଉତ, କୁଶ ସାନସେଠ୍ ଓ ଅନନ୍ତ ଚରଣ ମଲ୍ଲିକ ସହଯୋଗ କରିଥିଲେ ।

## ନବୀକରଣ ଓ ନୂତନ ଉଦ୍ୟୋଗ ପ୍ରତିଯୋଗିତା କାର୍ଯ୍ୟକ୍ରମ

ରାଇକିଆ, ୧୪।୮ (ସମିସ): ରାଇକିଆସ୍ଥିତ ଜିଲ୍ଲା ଜୀବନ ଜ୍ୟୋତି ମହାବିଦ୍ୟାଳୟରେ ନବୀକରଣ ଓ ନୂତନ ଉଦ୍ୟୋଗ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀଙ୍କ ଭିତରେ ନୂତନ ଉଦ୍ୟୋଗୀକରଣ ଚିନ୍ତାଧାରାକୁ ଅଗ୍ରଗତି କରାଇବା ଓ ସ୍ୱାବଲମ୍ବୀ ସହିତ ଆତ୍ମନିର୍ଭର କରାଇବା ଏବଂ ଦେଶର ଅର୍ଥନୀତିର ପ୍ରଗତିରେ ସହାୟକ ହେବା ଉଦ୍ଦେଶ୍ୟରେ ସଚେତନତା କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧ୍ୟାପିକା ଲିଜାଲିନ୍ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଧ୍ୟକ୍ଷ ଉମାକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ତହସିଲଦାର ଦିଲୀପ କୁମାର ବେହେରା ଯୋଗ ଦେଇ ବିକାଶଶୀଳ ରାଷ୍ଟ୍ରରେ ଉଦ୍ୟୋଗୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ନବୀକରଣ ଉଦ୍ୟୋଗ ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ସ୍ୱାଗତିକା ପ୍ରଧାନ ହଳଦୀ ଉତ୍ପାଦନ ଓ ପ୍ରକ୍ରିୟାକରଣ ସମ୍ପର୍କିତ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ଜ୍ୟୋତି ପ୍ରଧାନ ଓ ଜଗମୋହିନୀ ପ୍ରଧାନ ଦ୍ୱିତୀୟ ସ୍ଥାନ ଏବଂ ବିନୋଦ ଅର୍ଜଳି ଓ କିଷାନ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହିତ ଅର୍ଥରାଶି ପ୍ରଦାନ କରାଯାଇଥିଲା । ଅଧ୍ୟାପକ ବେଣୁପାଣି ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ତଥା ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ । ଅଧ୍ୟାପକ ଡ଼ ସନ୍ତୋଷ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।




## ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ; ନୂତନ ପୂଜା କମିଟି ଗଠିତ

ଜି.ଉଦୟଗିରି, ୧୪।୮ (ସମିସ): ଜି.ଉଦୟଗିରିରେ ଦୁର୍ଗାପୂଜା ଉପଲକ୍ଷେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଶତାଧିକ ଗ୍ରାମବାସୀ ଯୋଗ ଦେଇଥିବା ବେଳେ ନୂତନ ପରିଚାଳନା କମିଟି ଗଠନ କରାଯାଇଛି । ଏଥିରେ ସଭାପତି ଭାବେ ଅରୁଣ କୁମାର ଷଡଙ୍ଗୀ, ଉପ ସଭାପତି ସଞ୍ଜୟ କୁମାର ଆଚାର୍ଯ୍ୟ, ସମ୍ପାଦକ ଭେଙ୍କଟ ବେହେରା, ସହ ସମ୍ପାଦକ ପ୍ରଶାନ୍ତ କୁମାର ମୁନି ଓ କୋଷାଧ୍ୟକ୍ଷ ଭାବେ ସନାତନ ଦାସ ମନୋନୀତ ହୋଇଛନ୍ତି । ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବରେ ସଞ୍ଜୟ କୁମାର ସୁବୁଦ୍ଧି, ଚରଣ ବିଷୋୟୀ, ବିପିନ ମଲ୍ଲିକ, ନିରଞ୍ଜନ ପଣ୍ଡା, ସୁରେଶ ମହାପାତ୍ର ଓ ଉପଦେଷ୍ଟା ମଣ୍ଡଳୀରେ ଅନିଲ ପଟ୍ଟନାୟକ, ସମୀର କୁମାର ପାଢ଼ୀ, କାଳୁ ଚରଣ ପଣ୍ଡା ଓ ଏସ ମନ୍ ସନ୍ତୋଷ ପାତ୍ରଙ୍କୁ ଚୟନ କରାଯାଇଥିଲା । ଏହି ବୈଠକରେ ଜି ଉଦୟଗିରି ସହରର ସବୁ ବର୍ଗର ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ।

## ଗଛରେ ପିଟିହୋଇ ଓଲଟିଲା ପିକ୍‌ଅପ୍

ମୋହନା, ୧୪।୮ (ସମିସ): ଗଜପତି ଜିଲ୍ଲା ମୋହନା ଥାନା ଚନ୍ଦ୍ରଗିରି ଫାଣ୍ଡି ନିକଟ ଚିଟିଂ ଘାଟିରେ ଭାରସାମ୍ୟ ହରାଇ ଏକ ପିକଅପ ଗାଡ଼ି ଗଛରେ ପିଟିହୋଇ ଓଲଟି ପଡ଼ିଥିଲା । ପିକ୍‌ଅପ୍‌ଟି ଚନ୍ଦ୍ରଗିରିରୁ ମହେନ୍ଦ୍ରଗଡ଼ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥବଲା । ଏଥିରେ ଚାଳକ ସାମାନ୍ୟ ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଚନ୍ଦ୍ରଗିରି ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଚନ୍ଦ୍ରଗିରି ଫାଣ୍ଡି ପୁଲିସ ପହଞ୍ଚି ତଦନ୍ତ କରୁଛି । କିଛିଦିନ ହେବ ଲଘୁଚାପ ଜନିତ ବର୍ଷା ଲାଗିରହିଥିବାରୁ ଏପରି ଗାଡ଼ି ଚଳାଇବାରେ ବହୁ ଅସୁବିଧା ହେଉଛି ।

## ଥାନା ବୁଲି ଦେଖିଲେ ଛାତ୍ରଛାତ୍ରୀ



ଟିକାବାଲି, ୧୪।୮ (ସମିସ): ପୁଲିସ ପ୍ରତି ଥିବା ଭୟକୁ ଦୂର ଏବଂ ଛାତ୍ରଛାତ୍ରୀ ଥାନା ସମ୍ପର୍କରେ ଜ୍ଞାନ ଆହରଣ ପାଇଁ ଟିକାବାଲି ସରକାରୀ ହାଇସ୍କୁଲର ଛାତ୍ରଛାତ୍ରୀ ଥାନା ପରିଦର୍ଶନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ପୁଲିସର ଭୂମିକା, ଥାନାର ମୌଳିକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଯାଇଥିଲା । ଥାନା ଅଧିକାରିଣୀ ପ୍ରଜ୍ଞାରିତାମ୍ବର କର ପରିଚାଳନା କରିଥିଲେ । ଏସଆଇ ରବୀନ୍ଦ୍ର ହେମ୍ବ୍ରମ ଏବଂ ଅବନୀ ପ୍ରଧାନ ଓ ଟିକାବାଲି ପୁଲିସ କର୍ମଚାରୀ ସହଯୋଗ କରିଥିଲେ ।

## ପୂଜକଙ୍କ ପରଲୋକ

ଚକାପାଦ, ୧୪।୮ (ସମିସ): ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ଖୁଡୁତେନ୍ତୁଳି ଗ୍ରାମସ୍ଥିତ ବରଡ଼ା ବାଲୁଙ୍କେଶ୍ୱର ଶୈବ ପୀଠର ପୂଜକ ଗୌରୀ ଶଙ୍କର ମହାପାତ୍ର(୮୪)ଙ୍କ ଗତକାଲି ରାତିରେ ପରଲୋକ ଘଟିଛି । ସେ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ । ଅବସର ପରେ ଦୀର୍ଘ ୨୫ବର୍ଷ ହେବ ମନ୍ଦିର ପୂଜାରୀ କର୍ମ କରି ଆସୁଥିଲେ । ବଡ଼ ପୁଅ ସୁକାନ୍ତ ମୁଖାଗ୍ନି ଦେଇଥିଲେ ।



# 'ଘରେ ଘରେ ତ୍ରିରଙ୍ଗା, ଘରେ ଘରେ ସ୍ୱଚ୍ଛତା'














ଫୁଲବାଣୀ, ୧୪।୮ (ସମିସ)

ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯୁବ ରେଡ଼କ୍ରସ, ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, କ୍ରୀଡ଼ା ତଥା ସମସ୍ତ ଛାତ୍ରାବାସ ଓ ଛାତ୍ରୀ ନିବାସର ସୁପରିଟେଣ୍ଡେଣ୍ଟଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ପରିସରରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପ୍ରଧାନ ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ । ଜିଲ୍ଲାପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ଜିଲ୍ଲାପାଳ ବେଦଭୂଷଣ ଉଦ୍‌ବୋଧନ ଦେଇଥିଲେ । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠାରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ସମରେଶ ମହାନ୍ତି, ଯୁବ ରେଡ଼କ୍ରସ ସଂଯୋଜିକା ଡ଼. ଅଭିପ୍ସା ବଳ, ଏନଏସ୍‌ଏସ୍ ସଂଯୋଜକ ଡ. ବିପିନ କୁମାର ବେହେରା, ଏନ୍‌ସିସି ଅଧିକାରୀ ମେଜର ଡ଼.ସଞ୍ଜୀବ ବଳିଆରସିଂ, କ୍ରୀଡ଼ା ଉପଦେଷ୍ଟା ଡ଼.ଜାତୀନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ ।

**ବାଲିଗୁଡ଼ା:** ବାଲିଗୁଡ଼ାରେ ତ୍ରିରଙ୍ଗା ଶୋଭାଯାତ୍ରରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ସାମିଲ ହୋଇଥିଲେ । ବାଲିଗୁଡ଼ା ହନୁମାନ ମନ୍ଦିର ପ୍ରାଙ୍ଗଣରୁ ଶୋଭାଯାତ୍ରା ଆରମ୍ଭ ହୋଇ ବାଲିଗୁଡ଼ା ସଭାଗୃହ ପର୍ଯ୍ୟନ୍ତ ଯାଇଥିଲା । ଶ୍ରୀ ସାମଲ ଗୁରୁବାର ସକାଳେ ପ୍ରଥମେ ତୁମୁଡ଼ିବନ୍ଧସ୍ଥିତ ଜଲେଶପେଟା ଆଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପରେ ବାଲିଗୁଡ଼ାରେ ହୋଇଥିବା ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ । ରାଜ୍ୟ ବିଜେପି ସଭାପତିଙ୍କ ସମେତ, ରାଜ୍ୟ ବିଜେପି ସମ୍ପାଦକ ସରୋଜ କର, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମଚରଣ ମଲ୍ଲିକଙ୍କ ସମେତ ଅନେକ ନେତା କର୍ମୀ ଯୋଗ ଦେଇଥିଲେ ।

**ନୂଆଗଡ଼:** ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ପ୍ରଶାସନ ଦ୍ୱାରା ଘରେ ଘରେ ତ୍ରିରଙ୍ଗା ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ବ୍ଲକ ସଦର ମହକୁମା ନୂଆ ବସଷ୍ଟାଣ୍ଡରେ ବ୍ଲକର ସମସ୍ତ କର୍ମଚାରୀ, ବିଭିନ୍ନ ଗ୍ରାମର ଯୁବଗୋଷ୍ଠୀ ଏକତ୍ରିତ ହୋଇ ତ୍ରିରଙ୍ଗା ପତାକା ଧରି ବଡ଼ପଦା, ଖଜୁରୀପଦା ବଜାର ପରିକ୍ରମା କରି ବାବା ସାହେବ ଆମ୍ବେଦକର କଲେଜ ପଡ଼ିଆରେ ପହଞ୍ଚିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଭାଗର କର୍ମଚାରୀ ସହଯୋଗ କରିଥିଲେ ।

**ରାୟଗଡ଼:** ରାୟଗଡ଼ ପଞ୍ଚାୟତ ସମିତି ପକ୍ଷରୁ ଗୁରୁବାର 'ଘରେ ଘରେ ତ୍ରିରଙ୍ଗା, ଘରେ ଘରେ ସ୍ୱଚ୍ଛତା' କାର୍ଯ୍ୟକ୍ରମ ଅବସରରେ ବାଇକ ଶୋଭାଯାତ୍ରା ମାଧ୍ୟମରେ ସଚେତନତା କରାଯାଇଥିଲା । କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ବାରିକ, ଏବିଡିଓ ପୀତାମ୍ବର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ତ୍ରିପାଠୀ, ଲ୍ୟାମ୍ପ ସଭାପତି ଅନ୍ତର୍ଯ୍ୟାମୀ ଗମାଙ୍ଗଙ୍କ ସମେତ ସମସ୍ତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଶିକ୍ଷକ, ଏମ୍‌ବିକେ, ସିଆରପି, ଅଞ୍ଚଳବାସୀ, ବୁଦ୍ଧିଜୀବି ଓ ଯୁବ ଗୋଷ୍ଠୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ବି.ଆର.ସି ସ୍ୱରୂପ କୁମାର ପଟନାୟକ ପରିଚାଳନା କରିଥିଲେ ।

**ମୋହନା:** ମୋହନା ହିଲଟପ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ମହାବିଦ୍ୟାଳୟ ପରିସରରୁ ଶୋଭାଯାତ୍ରାରେ ବାହାରି ବଜାର ଓ ସାହି ପରିକ୍ରମା କରିଥିଲେ । ସେହିପରି ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ଦାସଙ୍କ ନେତୃତ୍ୱରେ ଏବିଡ଼ିଓ ରମାକାନ୍ତ ଚୌଧୁରୀ, ବିଇଓ ନରେନ୍ଦ୍ର କୁମାର ବେହେରା, ଜିପିଇଓ ଦୀପକ ପ୍ରଧାନ, ସିଡ଼ିପିଓ ସବିତା ପଟ୍ଟନାୟକ ଓ କର୍ମଚାରୀ ସ୍ଥାନୀୟ ମିନି ଷ୍ଟାଡିୟମ ଠାରୁ ବାଇକ୍ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ହିଲଟପ କଲେଜରେ ପହଞ୍ଚିବା ପରେ ସେଠାରୁ ବ୍ଲକ ପରିସରକୁ ଆସି ସେଲ୍‌ଫି ନେଇ ଦସ୍ତଖସ୍ତ ଅଭିଯାନ ସହ କାର୍ଯ୍ୟକ୍ରମ ସମାପନ ହୋଇଥିଲା ।

**କାଶୀନଗର:** କାଶୀନଗର ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ସକାଳ ୮ଟାରେ ବ୍ଲକ କାର୍ଯ୍ୟାଳୟରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ତହସିଲଦାର ସୁଧୀର କୁମାର ନନ୍ଦ, ବିଡିଓ ଡମ୍ବୁରଧର ମଲ୍ଲିକ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭଗବତ ସାହୁ, ଏଇ ରଜତ ପାଢ଼ୀ, ମିଶନ ଶକ୍ତି ବିପିଏମ୍ ଜଗନ୍ ବାରିକଙ୍କ ସମେତ ବହୁ ସରକାରୀ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ସେହିପରି ସ୍ଥାନୀୟ ପ୍ରଶାସନ ପକ୍ଷରୁ କାଶୀନଗର ଏନଏସି ଓ ବ୍ଲକର ସମସ୍ତ ଘରେ ଜାତୀୟ ପତାକା ଲଗାଇବା ନେଇ ସୂଚନା ଦିଆଯାଇଛି ।

# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚାରାରୋପଣ

କିଶନନଗର,୧୪।୮ (ସମିସ): କଟକ ସଦର ଅନ୍ତର୍ଗତ ବାରଦା ପଞ୍ଚାୟତର ମା' ଅମ୍ବିକେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆଜି ବାରଦା ସ୍ଥିତ ମା' ଅମ୍ବିକେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାରାୟଣ ପ୍ରସାଦ ସିହ୍ନାଙ୍କ ତତ୍ତ୍ୱବଧାନରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଜଙ୍ଗଲ ଅଧିକାରୀ ଶର୍ମିଳି ନାୟକ, ସମ୍ମାନନୀୟ ଅତିଥିରୂପେ କଟକ ସଦର ପଞ୍ଚାୟତ ସମିତିର କନିଷ୍ଠଯନ୍ତ୍ରୀ ପ୍ରିୟଦର୍ଶିନୀ ରାଉତ, ସ୍ଥାନୀୟ ଜଙ୍ଗଲ ଅଧିକାରୀ ସୂର୍ଯ୍ୟକାନ୍ତ ସାହୁ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ଆକାଶବାଣୀ ଗୀତିକାର କଳାକାର ଜୀତୁ ସାବତ, ଅଭିନେତା ରୁଦ୍ରମୋହନ ଏବଂ ସାଥି ରମଣୀ ରଞ୍ଜନ ମଧ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଭ୍ୟ ରମେଶ ଚନ୍ଦ୍ର ଦାଶ, ଅରକ୍ଷିତ ଦଳେଇ, ମାଧବ ସାହୁ, ହିମାଂଶୁ ପାତ୍ର, କରୁଣାକର ବେହେରା, ସୁରେନ୍ଦ୍ର ନାଥ ସାହୁ, ଗଙ୍ଗାଧର ବେହେରା, ମନୋରଞ୍ଜନ ଜେନା, ଲୋକନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ବ୍ୟଙ୍ଗ କବି ପ୍ରତାପ ଚନ୍ଦ୍ର ବେହେରା ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଧନ୍ୟବାଦ ଦେଇଥିଲେ।

# ବାର୍ଷିକ ଅଧିବେଶନ ନିମନ୍ତେ ପ୍ରସ୍ତୁତି ବୈଠକ

ମାହାଙ୍ଗା,୧୪।୮ (ସମିସ): ମାହାଙ୍ଗା ବ୍ଲକ ଶୁକ୍ଳେଶ୍ୱର ସ୍ଥିତ ସର୍ବପୁରାତନ ଶିକ୍ଷାନୁଷ୍ଠାନ ଭଗବତୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂଘର ବାର୍ଷିକ ଅଧିବେଶନ ନିମନ୍ତେ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ର ସଂଘର ସଭାପତି ଇଂ ସହଦେବ ଖଟୁଆ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଅକ୍ଟୋବର ୨ ତାରିଖ ବିଜୟା ଦଶମୀ ଦଶହରା ଦିନ ପ୍ରତିବର୍ଷ ପରି ଏ ବର୍ଷ ବାର୍ଷିକ ଅଧିବେଶନ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ବିଦ୍ୟାଳୟରେ ନିର୍ମାଣ ହେଉଥିବା ଅଡିଟୋରିୟମ ଗୃହଟି କିପରି ସମ୍ପୂର୍ଣ୍ଣ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥି ନିମନ୍ତେ ରାଜ୍ୟସଭା ସଦସ୍ୟ ସୁଲତା ଦେଓ ଓ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ବିଦ୍ୟାଳୟର ଅଡିଟୋରିୟମ ଗୃହ ନିର୍ମାଣ ପାଇଁ ଅର୍ଥ ରାଶି ପ୍ରଦାନ କରିଥିବାରୁ ବିଦ୍ୟାଳୟ ଓ ପୁରାତନ ଛାତ୍ର ସଂଘ ତରଫରୁ କୃତଜ୍ଞତା ପ୍ରଦାନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି କୈଳାସ ଚନ୍ଦ୍ର ସ୍ୱାଇଁ, ସାଧାରଣ ସମ୍ପାଦକ ଅରୁଣ ବାରିକ, ଯୁଗ୍ମ ସମ୍ପାଦକ ଭାରତ ଭୂଷଣ ପଟ୍ଟନାୟକ, କୋଷାଧ୍ୟକ୍ଷ ଜ୍ଞାନରଞ୍ଜନ ମହାପାତ୍ର, କାର୍ଯ୍ୟକାରୀ କମିଟି ସଭ୍ୟ ଚିତ୍ତ ରଞ୍ଜନ ରାଉତ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଡ. ମହେନ୍ଦ୍ର ମହାନ୍ତି, ଧନେଶ୍ୱର ସେଠୀ, ଜଗଜୀବନ ବେହୁରା, ମଦନ ମୋହନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ରଘୁନାଥଜୀଉ କଲେଜରେ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ



କଟକ,୧୪।୮ (ସମିସ): ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅଧ୍ୟକ୍ଷା ଡକ୍ଟର ସ୍ନେହଲତା ମିଶ୍ରଙ୍କ ସହାୟତାରେ ଅନୁଷ୍ଠିତ ହୋଇଯାଇଛି। କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଅଣଶିକ୍ଷକ କର୍ମଚାରୀ ଓ ପିଲାମାନେ ହାତରେ ତ୍ରିରଙ୍ଗା ପତାକା ଧରି ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିବା ସହ ଦେଶାତ୍ମବୋଧକ ସ୍ଲୋଗାନ ଦେଇଥିଲେ।

# ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ




ଅଢ଼ଶପୁର,୧୪।୮ (ସମିସ): ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ତରଫରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଲେପ୍ଟନାଣ୍ଟ ଚିରଶ୍ରୀ ଇନ୍ଦ୍ରସିଂଙ୍କ ତତ୍ତ୍ୱବଧାନରେ ରାଜନୀତି ବିଜ୍ଞାନର ମୁଖ୍ୟ ପ୍ରାଧାପିକା ଡ଼ ହିରଣ୍ୟମୟୀ ମିଶ୍ର ଯୋଗଦେଇ ନିଶା ସେବନ ନ କରିବା ପାଇଁ ଗୁରୁତ୍ୱରୋପ କରିଥିଲେ। ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରଫେସର ଡ଼ ପ୍ରିୟବ୍ରତ ମହାନ୍ତିଙ୍କ ସଂଯୋଜନାରେ ଉମେନ୍ସ ଷ୍ଟଡି ବିଭାଗୀୟ ମୁଖ୍ୟ ତ୍ରିଶଙ୍ଖା ଦ୍ୱିତୀଶିଖା କାର୍ଯ୍ୟକ୍ରମ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ସଂଗୀତ ବିଭାଗର ଅଧ୍ୟାପିକା ପ୍ରବୀଣା ପ୍ରଧାନ ସହଯୋଗ କରିଥିଲେ। ଏହି ଅବସରରେ ଡ଼ ମହାନ୍ତି ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ। ଶେଷରେ ଦ୍ୱିତୀଶିଖା ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡ଼ ଇପ୍ସିତା ପଟ୍ଟନାୟକ ଏବଂ ଅଧ୍ୟାପିକା ଦୀପ୍ତିମୟୀ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

# ଓଲଟପୁର ଓ ଗୋବିନ୍ଦପୁର ଥାନା ଅଞ୍ଚଳରେ 'ଅପରେସନ ଗରୁଡ' ଫେଲ୍

କଣ୍ଟାପଡ଼ା,୧୪।୮ (ସମିସ): ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ମାସ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପି ଚାଲିଥିବା ଅପରେସନ 'ଗରୁଡ' ଅଭିଯାନ କଟକ ଜିଲ୍ଲାର ଉପରୋକ୍ତ ଦୁଇ ଥାନାରେ ଫେଲ ମାରିଛି। ଅପରାଧ ଦମନ, ବେଆଇନ ନିଶାଦ୍ରବ୍ୟ କାରବାର, ଦାଦାବଟି ଆଦାୟ, ଓଏନ୍‌ଡିପିଏସ୍ ପ୍ରଭୃତି ସମ୍ବେଦନଶୀଳ ମାମଲାକୁ ନେଇ ଅପରେସନ 'ଗରୁଡ' ବେଶ ଗୁରୁତ୍ୱ ବହନ କରି ସାରା ରାଜ୍ୟରେ ଓଡ଼ିଶା ପୁଲିସର କାର୍ଯ୍ୟଧାରା ବେଶ ପ୍ରଶଂସିତ ହୋଇଥିବା ବେଳେ ଏହି ଦୁଇ ଥାନାରେ କିନ୍ତୁ ସ୍ଥିତି ଓଲଟା। ଓଲଟପୁର ଥାନା ଠାରୁ ମାତ୍ର ତିନି କିଲୋମିଟର ଦୂରରେ ଥିବା ବାଘୁଆ ଗ୍ରାମର ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଦିନରାତି ସପରିବାର ଦୀର୍ଘ ବର୍ଷ ଧରି ବେଆଇନ୍ ଭାବେ ଗଞ୍ଜେଇ ବିକ୍ରି କରୁଥିବା ବେଳେ ପିଙ୍ଗାପଡା ଠାରେ ଫୁଲନଖରା-ନିଆଳି ରାଜ୍ୟ ରାଜପଥ କଡ଼ରେ ମଧ ସମାନ ଢଙ୍ଗରେ ବେଫିକର ଭାବେ ଅବାଧରେ ଗଞ୍ଜେଇ ବିକ୍ରିବଟା ଚାଲିଛି, ଖଣ୍ଡିଆରୀ ପୁରଠାରେ ଥିବା ଏକ ଦେଶୀ ମଦ ଷ୍ଟକ ପଏଣ୍ଟ ଦୀର୍ଘ ବର୍ଷ ଧରି ଦେଶୀ ମଦ ବାର ପାଲଟିଛି। ଗରଗରା, ପିଙ୍ଗାପଡା, କଣ୍ଟାପଡା ସ୍କୁଲ ଛକରେ ଲୁଚାଛପାରେ ଉଭୟ ଦେଶୀ ଓ ବିଦେଶୀ ମଦ ନିର୍ଦ୍ଧିମ ବିକ୍ରି ଚାଲିଛି। ଅବଶ୍ୟ ଚୋରି ଓ ଛିନତାଇ ଘଟଣାରେ ଓଲଟପୁର ପୁଲିସର ସଫଳତା ହାର ଭଲ ରହିଥିବା ବେଳେ ବଡ ବଡ ନିଶା ବ୍ୟବସାୟୀଙ୍କୁ ଧରିବାରେ ପୁଲିସ ବିଫଳ ହୋଇଛି। ନିଆଳି ନିର୍ବାଚନ ମଣ୍ଡଳୀର ସର୍ବପୁରାତନ ବ୍ରିଟିଶ ଅମଳର ଗୋବିନ୍ଦପୁର ଥାନା ଆଇଆଇସି ପଦରୁ ଓଆଇସି ପଦ ହେବା ଦିନଠାରୁ ଏଠି ପରିସ୍ଥିତି ଭିନ୍ନ। ଗତ ମାସରେ ଝାରପଡା ରାସ୍ତା କଡରେ ସନ୍ଧ୍ୟାବେଳେ ୪ ଜଣ ଯୁବକ ମଦ୍ୟପାନ କରୁଥିବା ସମୟରେ ପୁଲିସ ସେମାନଙ୍କୁ ବାରଣ କରିବାରୁ ପୁଲିସ ଅଧିକାରୀଙ୍କୁ ଦୁର୍ବୃତ୍ତମାନେ ବିଅର ବୋତଲରେ ଆକ୍ରମଣ କରିବାରୁ ଜଣେ ଅଧିକାରୀ ଗୁରୁତର ଆହତ ହୋଇଥିଲେ। ଏହି ଥାନାର ଝାରପଡା ହାର୍ଡୱାର ଦୋକାନ ନିକଟସ୍ଥ ଓସ୍ତ ଗଛମୂଳ ଏକ କ୍ୟାବିନରେ ବର୍ଷ ବର୍ଷ ଧରି ଗଞ୍ଜେଇ ବିକ୍ରି ହେଉଥିଲେ ମଧ୍ୟ ପୁଲିସ ଚାଲିଥିବା ଅପରେସନ 'ଗରୁଡ'ରେ ଧରିବାରେ ବିଫଳ ହୋଇଛି। ଗୋବିନ୍ଦପୁର ଥାନା ଅଧୀନରେ ଦୁଇଟି ସରକାରୀ ଓ ଗୋଟିଏ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ଥିଲେ ମଧ୍ୟ ଥାନା ଅଞ୍ଚଳରେ ଉଭୟ ନକଲି ଦେଶୀ ଓ ବିଦେଶୀ ମଦ ପ୍ରାୟ ପ୍ରତ୍ୟେକ ଗ୍ରାମରେ ନିର୍ଦ୍ଧିମ ବିକ୍ରି ଚାଲିଛି। ବାଲିପଡ଼ାରେ ବେଆଇନ୍ ଚୋରା ମଦ ବିକ୍ରି ହେଉଥିବାବେଳେ ମଦ ବ୍ୟବସାୟୀ ଜଣକ ଘରେ ବାର ଖୋଲି ଦେଇଛନ୍ତି। ତଥାପି ପୁଲିସ ଏହି ସ୍ୱତନ୍ତ୍ର ଅଭିଯାନର ଏମାନଙ୍କୁ ଧରିପାରିଲା ନାହିଁ ନା ଅନ୍ୟ କୌଣସି କାରଣ ପାଇଁ ଧରୁ ନାହିଁ ତାହା ପୁଲିସ ଓ ଜନସାଧାରଣଙ୍କୁ ବେଶ ଭଲଭାବରେ ଜଣାଥିବାବେଳେ ଭୟରେ ଜନସାଧାରଣ ମୁହଁ ଖୋଲୁନାହାନ୍ତି। ଚଳିତ ମାସ ୧ ତାରିଖରେ ଗୋବିନ୍ଦପୁର ଥାନା ଠାରୁ ମାତ୍ର ୨୦୦ ମିଟର ଦୂରରେ ଗୋବିନ୍ଦପୁର ବଜାରରେ ସୁନା ରୂପା ଅଳଙ୍କାର ବ୍ୟବସାୟ କରୁଥିବା ଜଣେ ବ୍ୟବସାୟୀ ଦୋକାନ ବନ୍ଦ କରି ନିଜ ଘରକୁ ଫେରୁଥିବା ବେଳେ ଦେବୀ ନଦୀ ଉପରେ ନିର୍ମିତ ନୂଆ ପୋଲ ନିକଟରେ ଦୁଇଜଣ ଦୁର୍ବୃତ୍ତ ବ୍ୟବସାୟୀଙ୍କୁ ଆକ୍ରମଣ କରିବା ସହ ତାଙ୍କ ସୁନା, ରୂପା ଅଳଙ୍କାର ଓ ଟଙ୍କା ଛଡ଼ାଇ ନେଇଯାଇଥିଲେ। ଏନେଇ ବ୍ୟବସାୟୀ ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିବା ସହ ଗୋବିନ୍ଦପୁର ବଜାର ବ୍ୟବସାୟୀ ସମୂହ ଗୋବିନ୍ଦପୁର ବଜାର ବନ୍ଦ ରଖି ବ୍ୟବସାୟୀଙ୍କ ସୁରକ୍ଷା, ଆଇନଶୃଙ୍ଖଳା ଓ ଦାଦା ବଟି ବନ୍ଦ କରିବା ଦାବି କରି ଗୋବିନ୍ଦପୁର ଥାନାରେ କଟକ ସଦର ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ଦାବିପତ୍ର ଦେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କେତେ ଟଙ୍କାର ଚୋରି ହୋଇଛି ଓ ଚୋରର ସନ୍ଧାନ ପାଇବାରେ ପୁଲିସ ବିଫଳ ହୋଇଛି। ଯାହାକୁ ନେଇ ବ୍ୟବସାୟୀ ଓ ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି ପୁଲିସ ଅପରେସନ 'ଗରୁଡ' ମାଧ୍ୟମରେ ଯଦି ବଡ ବଡ ଚୋରା ନିଶା ବ୍ୟବସାୟୀଙ୍କୁ ଧରିପାରିଲା ନାହିଁ। ଆଉ କେବେ ଧରିବ ତାହା ହିଁ ବଡ ପ୍ରଶ୍ନ।

# କଟକରେ ରହିବ ଏନସିସି ନାଭାଲ ମୁଖ୍ୟ ଅଫିସ



- ମେୟର ଓ କମିଶନରଙ୍କ ନାଭାଲ ଜେଟି ପରିଦର୍ଶନ
- ଉଚ୍ଚସ୍ତରୀୟ ବୈଠକରେ ସମସ୍ତ ସମସ୍ୟାର ସମାଧାନ ନେଇ ମେୟରଙ୍କ ପ୍ରତିଶ୍ରୁତି

କଟକ,୧୪।୮ (ସମିସ): ଆଜି କଟକ ମେୟର ସୁବାସ ସିଂହ, ତୁଳସୀପୁର ସ୍ଥିତ ହରିଣ ପାର୍କ ନିକଟସ୍ଥ ଏନ୍‌ସିସି ନାଭାଲ ବୋଟ ଜେଟିରେ ପହଞ୍ଚି ଏହାର ପରିଦର୍ଶନ ଓ ସମୀକ୍ଷା କରିଥିଲେ। ସୂଚନା ଅନୁସାରେ ଏନ୍‌ସିସି ହେଡ ଅଫିସ କଟକରୁ ଉଠିଯାଇ ପାରାଦୀପରେ ହେବ ଖବର ପାଇ ଏବଂ ଏନ୍‌ସିସି କମାଡିଙ୍ଗ ଅଫିସର, ମେୟର ଶ୍ରୀ ସିଂହଙ୍କୁ ସାକ୍ଷାତକାର କରି ଏନ୍‌ସିସି ନାଭାଲ ବୋଟ ଜେଟିର ସୁବିଧା ଓ ଅସୁବିଧା ବିଷୟରେ ଜଣାଇବା ପରେ ଆଜି ମେୟର, ସିଏମସିର ସମସ୍ତ ଅଧିକାରୀଙ୍କୁ ନେଇ ସେହି ସ୍ଥାନ ପରିଦର୍ଶନ କରିବା ସହ କିପରି ସେଠାରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ କରାଯାଇପାରିବା ସେ ବିଷୟରେ ଆଲୋଚନା କରିଥିଲେ। ପ୍ରାୟ ୧୪୦୦ ଜଣ ଏନ୍‌ସିସି କ୍ୟାଡେଟଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ମେୟର ଶ୍ରୀ ସିଂହ ଏକ ଉଚ୍ଚସ୍ତରୀୟ ବୈଠକ ଡାକିଥିଲେ ଓ ଏନ୍‌ସିସି ନାଭାଲ ବୋଟ ଜେଟିର ପୁନରୁଦ୍ଧାର କରାଯିବା ପାଇଁ ମଧ ନିଷ୍ପତି ନିଆଯାଇଥିଲା। ମେୟରଙ୍କ ନିର୍ଦ୍ଦେଶକ୍ରମେ ଏନ୍‌ସିସି ନାଭାଲ ବୋଟ ଜେଟିରେ ଯୁଦ୍ଧକାଳୀନ ଭିତ୍ତିରେ ଏକ ଲେଡିସ ଟଏଲେଟ, ଡ୍ରେସ ଚେଜିଙ୍ଗ ରୁମ, ଡିୟୁଟି ରୁମ, ଅଲୋକୀକରଣ କରାଯିବ। ଏହି ଅବସରରେ କଟକ ମେୟର ଶ୍ରୀ ସିଂଙ୍କ ସହିତ ସିଏମସି କମିଶନର କିରଣଦୀପ କୌର ସହୋତା, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଏ ଶ୍ରୀଦେବୀ, ସ୍ଥାନୀୟ କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, କର୍ପୋରେଟର ବସନ୍ତ ବେହେରା, ଇଞ୍ଜିନିୟର ସୁବାସ ସାହୁ, ଜେଇ ଦିଲୀପ ସ୍ୱାଇଁ, ଜେଇ ସୁଜାତା ଗୋଚ୍ଛାୟତ, ଓଡ଼ିଶା ୩ ଭାଲ କମାଣ୍ଡିଙ୍ଗ ଅଫିସର ସୁଶାନ୍ତ ମହାନ୍ତି, ଏନ୍‌ସିସି ଅଫିସର ବ୍ରହ୍ମାନନ୍ଦ ତ୍ରିପାଠୀ, ଏନ୍‌ସିସି ଅଫିସର ପ୍ରଦ୍ୟୁମ୍ନ ଦାସ, ଏନ୍‌ସିସି ଅଫିସର ଦୀପକ ମାଇତି, ଏନ୍‌ସିସି ଅଫିସର ମାନସୀ ଜେନାଙ୍କ ସମେତ ବହୁ ଏନସିସି କ୍ୟାଡେଟ ଉପସ୍ଥିତ ଥିଲେ।

# କଲେଜରେ ଜାତୀୟ ଗ୍ରନ୍ଥାଗାରିକ ଦିବସ

ସାଲେପୁର,୧୪।୮ (ସମିସ): ସାଲେପୁର ଫାର୍ମାସୀ କଲେଜରେ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳିତ ହୋଇଯାଇଛି। ଗ୍ରନ୍ଥାଗାରିକ ବିଜ୍ଞାନର ଜନକ ପଦ୍ମଶ୍ରୀ ଏସ୍.ଆର. ରଙ୍ଗନାଥନ୍‌ଙ୍କ ସ୍ମୃତିରେ ପାଳିତ ଏହି ଦିବସରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ପ୍ରବୀର କୁମାର ସିହ୍ନାମହାପାତ୍ର ଅଧ୍ୟକ୍ଷତା କରିଥିଲାବେଳେ ଗ୍ରନ୍ଥାଗାରିକ ଦେବାଶିଷ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଅତିଥି ଭାବେ ଡଃ ଅଶ୍ୱିନୀ କୁମାର ସେନାପତି ଯୋଗଦେଇ ବର୍ତ୍ତମାନ ପଠନ ଅଭ୍ୟାସର ଅଭିବୃଦ୍ଧି ପାଇଁ ଅଧିକରୁ ଅଧିକ ଗ୍ରନ୍ଥାଗାରର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ସେହିପରି ଅଧ୍ୟାପକ ଡଃ ଏଚ୍‌କେ ସନ୍ଦୀପ କୁମାର ଗ୍ରନ୍ଥାଗାର ଗୁଡିକର ଡିଜିଟାଲାଇଜ୍ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ବିଦ୍ୟାର୍ଥୀମାନେ ଯୋଗଦେଇଥିଲେ।

# ତହସିଲ ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରସ୍ଥ



ଟାଙ୍ଗୀ,୧୪।୮ (ସମିସ): ଟାଙ୍ଗୀ ଚୌଦ୍ୱାର ତହସିଲ କାର୍ଯ୍ୟାଳୟ ଟାଙ୍ଗୀରେ ଖୋଲିବା ପାଇଁ ଅତୀତରେ ବିଭିନ୍ନ ସମୟରେ ବିଭିନ୍ନସ୍ତରରେ ଦାବି ହୋଇଆସୁଛି। ପୁନର୍ବାର ଟାଙ୍ଗୀ ସାଲେପୁର ନିର୍ବାଚନ ମଣ୍ଡଳୀ ବିଧାୟକ ପାର୍ଥୀ ବିଶେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ଟାଙ୍ଗୀରେ ତହସିଲ କାର୍ଯ୍ୟାଳୟ ଖୋଲିବା ନିମନ୍ତେ ସୋମବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରସ୍ଥ ହେବା ଅଞ୍ଚଳରେ ଚର୍ଚ୍ଚାକୁ ଆସିଛି। ଉକ୍ତ ଅଭିଯୋଗକୁ ଅଗ୍ରାଧିକାର ଭିତ୍ତିରେ ଗ୍ରହଣ କରାଯିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଉକ୍ତ ସମୟରେ ମୀନକେତନ ଦାସ, ବିଚିତ୍ରାନନ୍ଦ ସ୍ୱାଇଁ, ବରିଷ୍ଠ ନାଗରିକ କୃଷ୍ଣଚନ୍ଦ୍ର ସାହୁ, ଶିବଚରଣ ବାଇ, ସ୍ୱରାଜ ମହାପାତ୍ରଙ୍କ ସମେତ କଳିଙ୍ଗ କେଶରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରିମ୍‌ସରେ ନିଶା ମୁକ୍ତ ଭାରତ ଅଭିଯାନ



କଟକ,୧୪।୮ (ସମିସ): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ଜାତିର ଜନକ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଡ. ଏପିଜେ ଅବ୍‌ଦୁଲ କଲାମ୍‌ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ରରଥ ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଅଭାସୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ନିଶାମୁକ୍ତ ଭାରତ ଅଭିଯାନର ସଫଳତା କାମନା କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ନିଶାକୁ ବର୍ଜନ ସହ ଡ୍ରିମ୍‌ସ କ୍ୟାମ୍ପସକୁ ନିଶାମୁକ୍ତ କରିବାକୁ ଶପଥ ପାଠ କରିଥିଲେ। ବିଭିନ୍ନ ଉଇଙ୍ଗର ଡିନ୍, ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ପିପି କଲେଜରେ ସଂସ୍କୃତ ଦିବସ



ନିଶ୍ଚିନ୍ତକୋଇଲି,୧୪।୮ (ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ଅଧ୍ୟକ୍ଷା ଡଃ ତରୁଲତା ଦେବୀଙ୍କ ପୌରହିତ୍ୟରେ ସଂସ୍କୃତ ଦିବସ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ବିଭିନ୍ନ ସଂସ୍କୃତ ଶ୍ଳୋକ ଓ ସଂଗୀତ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀ ସୁଶ୍ରୀ ଲିନା ପଣ୍ଡା, ସୁଦେଷ୍ଣା ନନ୍ଦ, ସୁସ୍ମିତା ଦାଶଙ୍କୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରବାଚକ ଶରତଚନ୍ଦ୍ର ରଥ, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ଡ. ପଦ୍ମଲୋଚନ ରାଉତ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ରଶ୍ମୀରଞ୍ଜନ ପଟ୍ଟନାୟକ, ନୀଳକଣ୍ଠ ସାହୁ, ଅମରିଶ ସ୍ୱାଇଁ, ଅଧ୍ୟାପିକା ସ୍ୱୟଂପ୍ରଭା ସାମଲ, ପ୍ରୀତିଶ୍ରୀ ଦାସ, ମାମାଲି ପ୍ରିୟଦର୍ଶିନୀ, ଡ. ପଦ୍ମପ୍ରଭା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଶିଶିର କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି



ନିଶ୍ଚିନ୍ତକୋଇଲି,୧୪।୮ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା ପାଇଁ ଗୁରୁତ୍ୱାରୋପ କରିବାକୁ ପଦକ୍ଷେପ ନିମନ୍ତେ ଶହ ଶହ ଯୁବ ଛାତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚିଠି ଲେଖିଛନ୍ତି। ବିଜେଡ଼ିର ବରିଷ୍ଠ ଉପସଭାପତି ମାହାଙ୍ଗାର ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ପରାମର୍ଶ ଓ ବ୍ଲକ ବିଜେଡ଼ି ନେତା ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ସଂଯୋଜନା କ୍ରମେ ଯୁବ ବିଜେଡ଼ି ସଭାପତି ରୁଦ୍ରନାରାୟଣ ମହାନ୍ତି ଓ ଛାତ୍ର ବିଜେଡ଼ି ସଭାପତି ପ୍ରିୟବ୍ରତ ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଛାତ୍ର ଉପସଭାପତି ହୃଷିକେଶ ସାହୁ, ନିତ୍ୟାନନ୍ଦ ସ୍ୱାଇଁ, ଶକ୍ତିଶ୍ୱର ସେଠୀ, ବିକ୍ରମ ସ୍ୱାଇଁ, ସତ୍ୟରଂଜନ ଦାସ, ପ୍ରମୋଦ ପଣ୍ଡା, ସତ୍ୟସାଇ ବରାଳ, ପଦ୍ମନାଭ ତ୍ରିପାଠୀ, ପ୍ରିୟାଂଶୁ ପ୍ରିୟଦର୍ଶୀ ପ୍ରମୁଖ ଯୋଗଦେଇଥିଲେ।

## ସମୁଦ୍ରରେ ସବିର୍‌ଙ୍କ 'ବନ୍ଦେ ମାତରମ୍'

# ମାଲେସିଆର 'ଲଙ୍କାଭି'ଠାରେ ଜାତୀୟ ପତାକା ପ୍ରଦର୍ଶନୀ

କଟକ,୧୪।୮ (ସମିସ)



ଆନ୍ତର୍ଜାତୀୟ ସ୍କୁବା ଡାଇଭର୍ ସବିର୍ ବକ୍ସ ମାଲେସିଆର ଲଙ୍କାଭି ଦୀପରେ ଜଳ କଳାକୌଶଳ ପ୍ରଦର୍ଶନ କରିଛନ୍ତି। ସମୁଦ୍ର ଭିତରେ ଜାତୀୟ ପତାକା ଉଡାଇବା ସହିତ ବନ୍ଦେ ମନ୍ଦେ ମାତରମ୍ ଗାନ କରି ଚର୍ଚ୍ଚାକୁ ଆସିଛନ୍ତି। ସେ ଏବଂ ତାଙ୍କାର ଛାତ୍ର ସୌମ୍ୟଜିତ୍ ରାୟ ଅଗଷ୍ଟ ୧୫ ଅବସରରେ ସମୁଦ୍ରର ଗଭୀର ଜଳରାସିକୁ ଟପି ହାତରେ ଜାତୀୟ ପତାକା ଧରି ଗୀତ ଗାଇବାର ଦୃଶ୍ୟକୁ ମାଲେସିଆବାସୀ ଉପଭୋଗ କରିଥିବା ଜଣାପଡ଼ିଛି। ଏହି ଦୁଃସାହାସିକ କଳାକୌଶଳ ନିମନ୍ତେ ସବିର୍‌ଙ୍କୁ ମାଲେସିଆବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପୂର୍ବରୁ ଅତଳ ଜଳରାସିରେ ସବିର୍ ଅନେକ କଳାକୌଶଳ ପ୍ରଦର୍ଶନ କରିଥିଲେ। ସବିର ସମୁଦ୍ରରେ ଡାଇଭିଂ କରୁଥିବା ବେଳେ ଶହ ଶହ ଦର୍ଶକ ସେଠାରେ ଉପସ୍ଥିତ ଥିଲେ। ସାଥିରେ ଗ୍ୟାସ୍ ସିଲିଣ୍ଡର, ମାସ୍କ୍ ଏବଂ ଅକ୍ସିଜେନ୍ ରେଗୁଲେଟରକୁ ନେଇ ସମୁଦ୍ର ମଧ୍ୟକୁ ଯାଇଥିଲେ। ପୂର୍ବରୁ ସବିର୍ ସମୁଦ୍ର ଜଳରାସି ତଳେ ଫଟୋଗ୍ରାଫି ଏବଂ ଭିଡିଓଗ୍ରାଫି କରି ଅନେକ ପ୍ରଶଂସା ସାଉଁଟିଛନ୍ତି। ପୂର୍ବରୁ ସବିର ବକ୍ସ ନିଜର ଦଳ ସହିତ ସମୁଦ୍ରରେ ଅନେକ ଥର ସ୍ୱାଧୀନତା ଦିବସ ଅବସରରେ ପତାକା ଉତ୍ତୋଳନ କରିଥିବା ଦେଖିବାକୁ ମିଳିଥିଲା। ସେ ୨୦୦୭ ବିଶ୍ୱକପ୍ ପାଇଁ ଭାରତୀୟ କ୍ରିକେଟ୍ ଦଳକୁ ଉତ୍ସାହିତ କରିବା ପାଇଁ ଏକ ପାଣି ତଳେ ସଙ୍ଗୀତ ଭିଡିଓ 'ବିଶ୍ୱକପ୍ ହମାରା' ପ୍ରସ୍ତୁତ କରି ଚର୍ଚ୍ଚାରେ ରହିଥିଲେ।

ଏଠାରେ ସୂଚନା ଯୋଗ୍ୟ, ସବିର ବକ୍ସଙ୍କ ଜନ୍ମ ୧୦ ଜୁଲାଇ ୧୯୬୬ ମସିହାରେ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ହୋଇଥିବା ବେଳେ ସେ କଟକ ସହରରେ ଦୀର୍ଘ ବର୍ଷ ହେବ ରହି ଆସୁଛନ୍ତି। ସେ ଜଣେ ଗାୟକ, ଚିତ୍ରକର, ରେଡିଓ ଜକି, ମିମିକ୍ରି କଳାକାର, ଉଇଣ୍ଡ ସର୍ଫର, ସବିର ଜଣେ ଲିମ୍‌କା ରେକର୍ଡଧାରୀ ଏବଂ ଆନ୍ତର୍ଜାତୀୟ ସ୍କୁବା ଡାଇଭର। ସାଉଦି ଆରବର 'ଜେଦ୍ଦା'ରେ ବିକ୍ରୟ କାର୍ଯ୍ୟନିର୍ବାହୀ ଭାବରେ କାର୍ଯ୍ୟ କରିବା ସମୟରେ ତାଙ୍କର ମେକାନିକାଲ୍ ଡିପ୍ଲୋମା କରିଥିଲେ। ଏହା ପରଠାରୁ ସେ ଆନ୍ତର୍ଜାତୀୟ ସ୍କୁବା ଡାଇଭର୍ ଭାବେ ବେଶ୍ ପରିଚିତ ଲାଭ କରିଛନ୍ତି।

# ଖ୍ରୀଷ୍ଟ କଲେଜରେ 'ହର୍ ଘର୍ ତିରଙ୍ଗା' ଶୋଭାଯାତ୍ରା




କଟକ,୧୪।୮ (ସମିସ): ଖ୍ରୀଷ୍ଟକଲେଜର ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀମାନଙ୍କର ମିଳିତ ସହଯୋଗରେ 'ହର୍ ଘର୍ ତ୍ରିରଙ୍ଗା' ଶୋଭାଯାତ୍ରା କଲେଜ ପରିସରରୁ ବାହାରି କଟକ ସହର ପରିକ୍ରମା କରିଛନ୍ତି। ଏହି ଶୋଭାଯାତ୍ରାକୁ ଅଧ୍ୟକ୍ଷା ମଧୁମିତା ପାତ୍ର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଭାଗ ନେଇଥିବା ସମସ୍ତ ଦେଶପ୍ରେମୀମାନେ ହାତରେ ତ୍ରିରଙ୍ଗା ପତାକା ସହିତ ମିଳିତ ଭାବେ ୨୦୦ ମିଟର ଲମ୍ବର ତ୍ରିରଙ୍ଗା ଧରି ସହର ପରିକ୍ରମା କରିଥିଲେ। ଏହି ବିରାଟ ଶୋଭାଯାତ୍ରା ପହଁଚିବା ପରେ କଲେଜ ପରିଚାଳନା ସମିତିର ସଭାପତି ଅନୁପମ ପାତ୍ର, ସଂପାଦକ ଶୁଭାଶିଷ ସାହୁ, ସଦସ୍ୟ ଚନ୍ଦନ ଦାସ, ପ୍ରଦୀପ୍ତ ଚୌଧୁରୀ, ଉପାଧ୍ୟକ୍ଷା କ୍ଷଣପ୍ରଭା ନନ୍ଦ, ସମସ୍ତ ବିଭାଗ ମୁଖ୍ୟମାନେ ସ୍ୱାଗତ କରିଥିଲେ। ପ୍ରାଧ୍ୟାପକ ଡଃ ଦୈତ୍ୟାରୀ ଶୁକ୍ଳ, ପ୍ରାଧ୍ୟାପକ ଶୋଭନ ପଣ୍ଡା, ସ୍ୱାତୀ ଦାଶ, ଡ. ଅଶୋକ କୁମାର ସାହୁ, ଡଃ ପ୍ରଦ୍ୟୁମ୍ନ ଦାଶ, ଡଃ ଜ୍ଞାନେଶ୍ୱର ରଥ, କ୍ରୀଡା ଶିକ୍ଷକ ଶୁଭମ୍ ସାହୁ ପ୍ରମୁଖ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ।





# ହାଇକୋର୍ଟରେ କଟକ ସହର ସମସ୍ୟା | ଏସ୍‌ସିବିରେ ଖୁବ୍‌ଶୀଘ୍ର ନିଯୁକ୍ତ ହେବେ ୮୦ ସହକାରୀ ପ୍ରାଧ୍ୟାପକ

କଟକ,୧୪।୮ (ସମିସ):

କଟକ ସହର ସମସ୍ୟାକୁ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ନିୟମିତ ଶୁଣାଣି କରିଆସୁଥିବା ବେଳେ ଆଜି ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ଡାକ୍ତରଙ୍କ ଅଭାବ ପ୍ରସଙ୍ଗରେ ମେଡିକାଲ ଅଧୀକ୍ଷକ ଏକ ସତ୍ୟପାଠ ଦାଖଲ କରି ଅଦାଲତଙ୍କୁ ସ୍ଥିତି ସମ୍ପର୍କରେ ଅବଗତ କରିଛନ୍ତି। ମେଡିକାଲରେ ୧୫ଟି ପ୍ରଫେସର,୩୩ଟି ଆସୋସିଏଟ ପ୍ରଫେସର ୧୬ଟି ଆସିଷ୍ଟାଣ୍ଟ ପ୍ରଫେସର ଓ ୨୭ଟି ସିନିଅର ରେସିଡେଣ୍ଟ ପଦ ଖାଲି ଥିବା କୁହାଯାଇଥିଲା।ତେବେ ଆସିଷ୍ଟାଣ୍ଟ ପ୍ରଫେସର ପଦରେ ପ୍ରାୟ ୮୦ଜଣଙ୍କୁ ନିଯୁକ୍ତ କରାଯିବ। ଓପିଏସସି ପକ୍ଷରୁ ଯୋଗ୍ୟତା ତାଲିକା ଜାରି କରାଯାଇସାରିଛି। ଖୁବଶୀଘ୍ର ସେମାନେ କାର୍ଯ୍ୟରେ ଯୋଗଦେବେ। ସେହିଭଳି ଖାଲି ଥିବା ପ୍ରଫେସର,ଆସୋସିଏଟ ପ୍ରଫେସର ପଦ ଗୁଡିକ ପଦୋନ୍ନତି ଦ୍ୱାରା ପୂରଣ କରାଯିବ। ଡ୍ୟୁଟି ସମୟରେ ଡାକ୍ତରଙ୍କ ଅନୁପସ୍ଥିତି ଯାଞ୍ଚ ପାଇଁ ସ୍ୱତନ୍ତ୍ର ଟିମ ଅଚାନକ ଯାଞ୍ଚ କରୁଛି। ଏହି ପ୍ରକ୍ରିୟାରେ ଜଣେ ଖିଲାପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଏସସିବି ଅଧୀକ୍ଷକ ହାଇକୋର୍ଟରେ ଜବାବ ରଖିଛନ୍ତି।

## ୪୯୬ କୋଟିର ଡ୍ରେନେଜ ପ୍ରକଳ୍ପ ଡିପିଆର ପ୍ରସ୍ତୁତିରେ ସରକାରୀ ନିର୍ଦ୍ଦେଶ ଅବମାନନା ନେଇ ହାଇକୋର୍ଟ କ୍ଷୁବ୍ଧ

ଆଜି ମହାନଗର ନିଗମ ପକ୍ଷରୁ କାର୍ଯ୍ୟକାରୀ ହେବାକୁ ଥିବା ୪୯୬ କୋଟି ଟଙ୍କାର ଡ୍ରେନେଜ ପ୍ରକଳ୍ପ ଡିପିଆର ପ୍ରସ୍ତୁତିରେ ସରକାରୀ ନିର୍ଦ୍ଦେଶ ଅବମାନନା କରାଯାଇଥିବା ନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଏ ସଂକ୍ରାନ୍ତରେ ସିଟି ଇଞ୍ଜିନିୟରଙ୍କ ପକ୍ଷରୁ ଦାଖଲ ସତ୍ୟପାଠକୁ ନେଇ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିବା ସହ ନଗର ଉନ୍ନୟନ ବିଭାଗରୁ ସ୍ପଷ୍ଟୀକରଣ ଲୋଡିଛନ୍ତି। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏକ ଘରୋଇ ସଂସ୍ଥା ଭିଜନ ଟେକ କନସଲଟାନ୍ସି ଲିମିଟେଡକୁ କିଭଳି ଏହି ଡିପିଆର ପ୍ରସ୍ତୁତ ପାଇଁ ଦାୟିତ୍ୱ ଦିଆଯାଇଛି। ପ୍ରକଳ୍ପର ଜଟିଳତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ମହାନଗର ନିଗମକୁ ଆଇଆଇଟି ଭୁବନେଶ୍ୱର ସହ ପରାମର୍ଶ କରି ଏହି ଡିପିଆର ପ୍ରସ୍ତୁତ ପାଇଁ ଚିଠି କରାଯାଇଥିଲା। ହେଲେ ଆଇଆଇଟି ପରିବର୍ତ୍ତେ ସମ୍ବଲପୁର ବୁର୍ଲାସ୍ଥିତ ଭିସୁଟ ସହ ପରାମର୍ଶ ପାଇଁ ସିଟି ଇଞ୍ଜିନିୟରଙ୍କ ପକ୍ଷରୁ କିଭଳି ନିଷ୍ପତ୍ତି କରାଗଲା ସେ ନେଇ ହାଇକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ସିଏମସି କମିସନର ଭର୍ଚୁଆଲରେ ହାଜର ହୋଇ ଏହି ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣିରେ ସ୍ପଷ୍ଟ କରିବେ ବୋଲି କହିଥିଲେ।

## ଯକୃତ ପ୍ରତିରୋପଣ ଚୁକ୍ତି ନିଷ୍ପତ୍ତି ସରକାରଙ୍କ ଅନୁମୋଦନ ଅପେକ୍ଷାରେ

ଏସସିବିରେ ଗତ ୨୦୨୪ ନଭେମ୍ବର ପର ଠାରୁ ଆଉ ଯକୃତ ପ୍ରତିରୋପଣ ହୋଇପାରିନଥିବା ନେଇ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ପୂର୍ବରୁ ଯେଉଁ ଏଆଇଜି ନାମକ ସଂସ୍ଥା ସହ ରାଜିନାମା ସ୍ୱାକ୍ଷର ହୋଇଥିଲା ତାହାର ଅବଧି ଶେଷ ହୋଇଥିବା ବେଳେ ନୂଆ ସଂସ୍ଥା ତାମିଲନାଡୁର ଏମଜିଏମ ସହ ଚୁକ୍ତି ପାଇଁ ପ୍ରସ୍ତାବ ରହିଛି। ଖୁବଶୀଘ୍ର ସରକାରଙ୍କ ପକ୍ଷରୁ କେଉଁ ସଂସ୍ଥା ସହ ଚୁକ୍ତି କରାଯିବ ତାହା ଅନୁମୋଦନ ଲାଭ କରିବା ପରେ ପୁନଃ ପ୍ରତିରୋପଣ ଆରମ୍ଭ ହେବ ଅଦାଲତଙ୍କୁ ସ୍ୱାସ୍ଥ୍ୟ ସଚିବ ଅବଗତ କରିଛନ୍ତି। ଅନ୍ୟପଟରେ



ଏସସିବି ଅଧୀକ୍ଷକ ଦର୍ଶାଇଛନ୍ତି ଯେ ଯକୃତ ପ୍ରତିରୋପଣ ପାଇଁ ବର୍ତ୍ତମାନ ୫ଜଣ ରୋଗୀଙ୍କ ଯାଞ୍ଚ କରାଯାଇଛି। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ମ୍ୟାଚିଂ ଡୋନର ରହିଛନ୍ତି। ଅନ୍ୟପଟରେ ପ୍ରତିରୋପଣ ପାଇଁ ଅପେକ୍ଷାରେ ଥିବା ରୋଗୀ ସେମାନଙ୍କ ଆବଶ୍ୟକ ପରୀକ୍ଷା ନିରୀକ୍ଷା ପାଇଁ ସହଯୋଗ କରୁନଥିବା କର୍ତ୍ତୃପକ୍ଷ ଦର୍ଶାଇଥିବା ବେଳେ ସେମାନଙ୍କ କାଉନସେଲିଂ କରାଯିବା ଉପରେ ଅଦାଲତ ଗୁରୁତ୍ୱାରୋପ କରିଛନ୍ତି।

## ଏସସିବିରେ ଦୁଇ ରୋଗୀଙ୍କ ଅସ୍ଥିମଜ୍ଜା ପ୍ରତିରୋପଣ ପାଇଁ ସ୍କ୍ରିନିଂ

ଅନ୍ୟପଟରେ ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ହେମାଟୋଲେଜି ବିଭାଗର ମୁଖ୍ୟଙ୍କ ଅବସର ପରେ ଅସ୍ଥିମଜ୍ଜା ପ୍ରତିରୋପଣ ବନ୍ଦ ହୋଇଥିବା ପ୍ରସଙ୍ଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅଦାଲତଙ୍କୁ ଅବଗତ କରାଇଥିଲେ ସ୍ୱାସ୍ଥ୍ୟ ସଚିବ। ଏମସର ଅବସରପ୍ରାପ୍ତ ବିଶେଷଜ୍ଞ ପ୍ରବୋଧ କୁମାର ଦାସଙ୍କୁ ଏଥିପାଇଁ ମେଣ୍ଟର ଭାବେ ନିଯୁକ୍ତି ଦିଆଯାଇଥିବା ନେଇ ଅଦାଲତ ଅବଗତ ହୋଇଥିଲେ। ଏହି ବିଭାଗରେ ରୋଗୀ ବାରଣ୍ଡାରେ ଗଡୁଡିବା ନେଇ ଆଡଭୋକେଟ କମିଟିର ରିପୋର୍ଟ ଉପରେ ଅଧୀକ୍ଷକ ଜବାବ ରଖିଥିଲେ। ବିଭାଗରେ ମୋଟ ୨୦ଟି ଶଯ୍ୟା ଥିବା ବେଳେ ଏହାକୁ ୬୦କୁ ଆଗାମୀ ଦିନରେ ବୃଦ୍ଧି କରାଯିବ। ଦୁଇ ଜଣ ରୋଗୀଙ୍କ ଅସ୍ଥିମଜ୍ଜା ପ୍ରତିରୋପଣ ପାଇଁ ସ୍କ୍ରିନିଂ କରାଯାଇଛି। ତେବେ ସେମାନେ ବାକି ଥିବା ପ୍ରକ୍ରିୟା ପୂରଣ ପାଇଁ ଧରାଛୁଆଁ ଦେଉନଥିବାରୁ ସେମାନଙ୍କୁ ପତ୍ର ଲେଖିଛନ୍ତି କର୍ତ୍ତୃପକ୍ଷ। ସେହିଭଳି ପର୍ଯ୍ୟାୟ କ୍ରମେ ବିଭାଗର ଡାକ୍ତରଙ୍କୁ ଟାଟା ମେମୋରିଆଲ ଇନିଷ୍ଟିଚ୍ୟୁଟକୁ ପ୍ରଶିକ୍ଷଣ ପାଇଁ ପଠାଯିବ ବୋଲି କୁହାଯାଇଛି।

## ସିଟି ସ୍କାନ କେନ୍ଦ୍ରରେ ଶବ୍ଦ ରେକର୍ଡିଂ ଯୁକ୍ତ ସିସିଟିଭି ଓ ଡିଜିଟାଲ ବୋର୍ଡ ଲଗାଅ

ଏସସିବି ମେଡିକାଲ କଲେଜ ହସପିଟାଲରେ ବର୍ତ୍ତମାନ ତିନୋଟି ଯାକ ସିଟି ସ୍କାନ ମେସିନ କାର୍ଯ୍ୟକ୍ଷମ ରହିଛି। ଓଏସଏମସିଏଲ ଓ ଗ୍ରୀଡକୋ ପକ୍ଷରୁ ଦୁଇଟି ଓ ବାକି ଗୋଟିଏ ନିଦାନ କେନ୍ଦ୍ରରେ ପିପିପି ଜରିଆରେ ସେବା ଯୋଗାଉଛି। ତେବେ ଆଉ ଗୋଟିଏ ୧୨୮ ସ୍ଲାଇସ ସିଟି ସ୍କାନ ମେସିନ ପାଇଁ ଓଏସଏମସିଏଲ ପକ୍ଷରୁ କ୍ରୟ ଆଦେଶ ଦିଆଯାଇଥିଲେ ସୁଦ୍ଧା ଏହାକୁ ସ୍ଥାପନ ପାଇଁ ଆବଶ୍ୟକ ସ୍ଥାନ ନଥିବାରୁ ଏହା ଦିଆଯାଇପାରିନାହିଁ। ଅନ୍ୟପଟରେ ନିଜସ୍ୱ ମେସିନ ସ୍ଥାପନ କରିବା ବଦଳରେ ପିପିପି ଜରିଆରେ ଚାଲିଥିବା ମେସିନ ପାଇଁ ଏମଓୟୁ ଚୁକ୍ତି ଅବଧିକୁ ଆଉ ଏକ ବର୍ଷ କାହିଁକି ବୃଦ୍ଧି କରାଗଲା ସେ ନେଇ ହାଇକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟରେ ସିଟିସ୍କାନ କେନ୍ଦ୍ରରେ ଅନିୟମିତତା ରୋକିବା ପାଇଁ ଶବ୍ଦ ରେକର୍ଡିଂ ଯୁକ୍ତ ସିସିଟିଭି ଲଗାଇବା ସହ ରୋଗୀଙ୍କ ନାମ ସହ ସିଟି ସ୍କାନର ଧାର୍ଯ୍ୟ ସମୟ ଡିଜିଟାଲ ଡିସପ୍ଲେ ବୋର୍ଡରେ ପ୍ରଦର୍ଶୀତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଭୋଟ ଚୋରି ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା




କଟକ,୧୪।୮ (ସମିସ): ଅଖିଳ ଭାରତୀୟ ଜାତୀୟ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ଆଜି କଟକ ନଗର କଂଗ୍ରେସ ପକ୍ଷରୁ ଭୋଟ ଚୋର-ଗାଦି ଛାଡ ପ୍ରସଙ୍ଗରେ ଏକ ମଶାଲ ଶୋଭାଯାତ୍ରା ସନ୍ଧ୍ୟାରେ ଦୋଳମୁଣ୍ଡାଇ ଛକ ଠାରୁ ବାହାରି ଗୌରୀଶଙ୍କର ପାର୍କ ଠାରେ ସମାପ୍ତ ହୋଇଥିଲା। ନିର୍ବାଚନ ଆୟୋଗ ପରି ଏକ ପବିତ୍ର ସାମ୍ବିଧାନିକ ଅନୁଷ୍ଠାନକୁ ହାତବାରିସି କରି ଏ ଦେଶର ଗଣତନ୍ତ୍ରକୁ ହତ୍ୟା କରାଯାଉଛି ବୋଲି ବିଧାୟିକା ସୋଫିଆ ଫିରଦୋସ ଓ ପୂର୍ବତନ ବିଧାୟକ ମହମ୍ମଦ ମୋକିମ କହିଥିଲେ। ଏଥିରେ ଗିରିବାଳା ବେହେରା, ନିକୁଞ୍ଜ ପସାୟତ, ବିଶ୍ୱଜିତ ଦାସ, ଶୈଳବାଳା ଜେନା, ଶରତ ଚନ୍ଦ୍ର ସେଠୀ, ସୂର୍ଯ୍ୟକାନ୍ତ ରାଉତ, କର୍ପୋରେଟର ଲିଜାରାଣୀ ରାଉତ, ଜେ କାମେଶ୍ୱର ରାଓ, ଅନିତା ନାୟକ, ଅମ୍ରିତା ଦାସ, କଳ୍ପନା ଦାସ, ଇର୍ସାଦ ଖାନ, ଜାକିର ହୁସେନ, ଚନ୍ଦନ ଦାସ, ସେକ ଆବିଦ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳ ସାହିତ୍ୟ ସମାଜ ନିର୍ବାଚନ ଅକ୍ଟୋବର ୧୨ରେ

କଟକ,୧୪।୮ (ସମିସ): ଉତ୍କଳ ସାହିତ୍ୟ ସମାଜର ଭୋଟ ଗ୍ରହଣ ଆସନ୍ତା ଅକ୍ଟୋବର ୧୨ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ ବୋଲି କାର୍ଯ୍ୟନିର୍ବାହିକା ସମିତି ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏହା ପୁନଃନିର୍ଦ୍ଧାରିତ ହୋଇଛି। ପୂର୍ବରୁ ଭୋଟ ଗ୍ରହଣ ସେପ୍ଟେମ୍ବର ୭ ତାରିଖରେ କରାଯିବ ବୋଲି ଘୋଷଣା ହୋଇଥିଲା। ମାତ୍ର ସେଦିନ ଚନ୍ଦ୍ରଗ୍ରହଣ ଓ ପରବର୍ତ୍ତୀ ସମୟରେ କଟକରେ ପର୍ବପର୍ବାଣୀ ରହିଥିବାରୁ କାର୍ଯ୍ୟନିର୍ବାହିକା ସମିତି ଏହି ନିର୍ବାଚନକୁ ଆସନ୍ତା ଅକ୍ଟୋବର ୧୨ ତାରିଖରେ କରିବାକୁ ସର୍ବସମ୍ମତିକ୍ରମେ ସ୍ଥିର କରିଛି। ଆଗାମୀ ଦିନରେ ଏହି ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ସାଧାରଣ ସଂପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଓ ସଂଗଠନ ସଂପାଦକ ଡକ୍ଟର ସୁନାମଣି ରାଉତ ଜଣାଇଛନ୍ତି।

# ଶ୍ରୀ ଶିରିଡ଼ି ସାଇବାବାଙ୍କ ଚଭାଡ଼ି ଶୋଭାଯାତ୍ରା

କଟକ,୧୪।୮ (ସମିସ): ମଧୁପାଟଣା ଶିଳ୍ପାଞ୍ଚଳସ୍ଥିତ ରୁଚି ପ୍ରୋଜିକ୍ଟ ଡିଭିଜନ ଶ୍ରୀ ଶ୍ରୀ ଶିରିଡ଼ି ସାଇ ମନ୍ଦିର ପକ୍ଷରୁ



ଗୁରୁବାର ଦିନ ବାବାଙ୍କ ପବିତ୍ର ଚଭାଡ଼ି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଧିପୂର୍ବକ ପ୍ରାତଃ ଅଭିଷେକ, ପୂଜାର୍ଚ୍ଚନା, ମଙ୍ଗଳ ଆଳତୀ ପରେ ଅପରାହ୍ନରେ ଏକ ସୁସଜ୍ଜିତ ପାଲିଙ୍କିରେ ବାବାଙ୍କ ବିଗ୍ରହ ସ୍ଥାପନ କରାଯାଇଥିଲା। ଘଣ୍ଟ ଘଣ୍ଟା, ବାଦ୍ୟ ଓ ଭଜନକୀର୍ତ୍ତନ ମଧ୍ୟରେ ଏକ ଭବ୍ୟ ଶୋଭାଯାତ୍ରାରେ ବାବାଙ୍କୁ ରୁଚି ପରିସର ସ୍ଥିତ ଶ୍ରୀ ଲକ୍ଷେଶ୍ୱର ମନ୍ଦିରକୁ ନିଆଯାଇ ବିଶେଷ ପୂଜାର୍ଚ୍ଚନା ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଏହାପରେ ଖପୁରିଆ ନୂଆପଡ଼ା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାବାଙ୍କୁ ନିଆଯାଇ ନଗର ପରିକ୍ରମା କରାଯାଇଥିଲା। ବାବାଙ୍କ ମନ୍ଦିରର ମୁଖ୍ୟ ପୂଜକ ଚିତ୍ତ ରଞ୍ଜନ ପଣ୍ଡା ଓ ଲକ୍ଷେଶ୍ୱର ମନ୍ଦିରର ମୁଖ୍ୟ ପୂଜକ ନାରାୟଣ ମହାପାତ୍ର ପୂଜାର୍ଚ୍ଚନା ସହିତ ଆଳତୀ ପ୍ରଦାନ କରିଥିଲେ। ସାଇଆଶ୍ରିତା ରଶ୍ମୀ ସାହୁ ଓ ସଙ୍ଗୀତା ସାହୁ ପ୍ରମୁଖ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଇ ପରିବାର ପକ୍ଷରୁ ଉଲ୍ଲାସ ଚନ୍ଦ୍ର ବେହୁରା, ଶିଳ୍ପା ଦାସ, ଆଦ୍ୟାଶା ପଟ୍ଟନାୟକ, ହିମାଂଶୁ ମହାପାତ୍ର ଓ ମନୋରଞ୍ଜନ ଓଝା ପ୍ରମୁଖ ଅନେକ ଭକ୍ତ ଚଭାଡ଼ି ଶୋଭାଯାତ୍ରାରେ ଯୋଗଦେଇଥିଲେ।




# ନ୍ୟୁ ଷ୍ଟିୱାର୍ଟ ସ୍କୁଲରେ ବିଦ୍ୟାର୍ଥୀ କ୍ୟାବିନେଟର ଶପଥ ପାଠ



କଟକ,୧୪।୮ (ସମିସ): ମିଶନ ରୋଡ ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲର ବିଦ୍ୟାର୍ଥୀ କ୍ୟାବିନେଟର ଶପଥ ପାଠ ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷ ରେଭେରେଣ୍ଡ ମୋଜେସ ମହାନ୍ତିଙ୍କ ପୌରହିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିବସରେ ଅଧ୍ୟକ୍ଷ ପ୍ରାରମ୍ଭିକ ପ୍ରାର୍ଥନା କରିଥିଲେ ଓ ଶିକ୍ଷୟିତ୍ରୀ ସୁସ୍ମିତା ପାତ୍ର ଉତ୍ସବର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ହେଡ଼ ବୟ ଅଭିଳାଷ ସିହ୍ନା, ହେଡ଼ ଗାର୍ଲ ଆଏଶା ବାରିକ, କ୍ରୀଡା କ୍ୟାପଟେନ ସୋଲୋମନ ସାହୁ, କ୍ରୀଡା ଉପ କ୍ୟାପଟେନ ଆଫିୟା ମହସୀନ ତଥା ଚାରି ହାଉସ ଯଥା ମଦରଟେରେସା ହାଉସ, ମଧୁସୂଦନ ଦାସ ହାଉସ, ବିଶପ ହାଉସ ଓ ସୁବାଷ ଚନ୍ଦ୍ର ବୋଷ ହାଉସର କ୍ୟାପଟେନ ଓ ଉପ କ୍ୟାପଟେନ ସହିତ ପ୍ରିଫେକ୍ଟ ମାନଙ୍କର ଚୟନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ବିଦ୍ୟାର୍ଥୀ ପରିଷଦର ସମସ୍ତ ସଦସ୍ୟଙ୍କୁ ସେମାନଙ୍କର ବିଦ୍ୟାଳୟ ପ୍ରତି କର୍ତ୍ତବ୍ୟବୋଧ ବିଷୟରେ ଅବଗତ କରାଇଥିଲେ। ହେଡ଼ ବୟ ଓ ହେଡ଼ ଗାର୍ଲ ବିଦ୍ୟାର୍ଥୀ ପରିଷଦର ସମସ୍ତ ସଦସ୍ୟଙ୍କୁ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସଂଯୋଜିକା ସୁମିତ୍ରା ପଣ୍ଡା, ଆକ୍ଟିଭିଟି ସଂଯୋଜକ ଆଲୋକ ପ୍ରକାଶ ସାହୁ, ବରିଷ୍ଠ ଶିକ୍ଷୟିତ୍ରୀ ଆଭା ବିଶ୍ୱାଳ, ସୁଲତା ବେହେରା, ରୋଜଲୀନ ନାୟକ, ମିତ୍ରାବିନ୍ଦା ସାମନ୍ତରାୟ, ମର୍ସି ରାଉତ, ଶାରୀରିକ ଶିକ୍ଷା ଶିକ୍ଷକ ଅମୂଲ୍ୟ ବେହେରା, ପ୍ରେମାଶିଷ ଜେନା ଓ ଇଫସାନ ପାଣି ପ୍ରମୁଖ ପରିଚାଳନା କରିଥିଲେ। ଉକ୍ତ ଦିବସରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ତଥା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

କଟକ,୧୪।୮ (ସମିସ): କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ହର ଘର ତ୍ରିରଙ୍ଗା ଅଭିଯାନ ଅବସରରେ ଏକ ବିଶାଳ ତ୍ରିରଙ୍ଗା




ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜାତୀୟତା ଓ ଅଖଣ୍ଡତାର ପ୍ରତୀକ ତ୍ରିରଙ୍ଗା ପ୍ରତି ସମ୍ମାନ ସହ ଦେଶର ପ୍ରଗତିର ବାର୍ତ୍ତାବହ ଜାତୀୟ ପତାକାକୁ ନେଇ ଜାତୀୟ ସଂହତି ସୃଷ୍ଟି ଲକ୍ଷ୍ୟରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନେତାଜୀ ସଂଗ୍ରହାଳୟରୁ ତ୍ରିରଙ୍ଗା ଶୋଭାଯାତ୍ରା ବାଇକ ରାଲି ଶୁଭାରମ୍ଭ କରିଛନ୍ତି। କଟକ ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ, ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସହରର ପ୍ରମୁଖ ଛକ ଓ ରାସ୍ତା ଦେଇ ଏହି ତ୍ରିରଙ୍ଗା ଶୋଭାଯାତ୍ରା ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଜିଲ୍ଲାର ବିଭିନ୍ନ କଲେଜର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଏନସିସି, ପୁଲିସ, ସେନା, ନୌସେନା, ଅଗ୍ନିଶମ ବାହିନୀ ଓ ବରିଷ୍ଠ ନାଗରିକ ଓ ବିଭିନ୍ନ ପ୍ରମୁଖ ସଂଗଠନର କର୍ମକାର୍ତ୍ତା ଯୋଗଦାନ କରିଥିଲେ।




# ରେଭେନ୍ସା ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ଗଠିତ

କଟକ,୧୪।୮ (ସମିସ): ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ୨୦୨୪ ଅନୁସାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ନୂତନ ସିଣ୍ଡିକେଟ ଗଠନ କରାଯାଇଛି। ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ରବିନାରାୟଣ କର, ଡକ୍ଟର ନାରାୟଣ ମହାନ୍ତି, ଡକ୍ଟର ସୁଶାନ୍ତ କୁମାର ଦାସ ଓ ପ୍ରଫେସର ମହେଶ୍ୱର ସାହୁଙ୍କୁ ରାଜ୍ୟପାଳ ତଥା କୁଳାଧିପତି ସିଣ୍ଡିକେଟର ସଭ୍ୟ ରୂପେ ମନୋନୀତ କରିଛନ୍ତି। ସେମାନଙ୍କ କାର୍ଯ୍ୟକାଳ ଚାରି ବର୍ଷ ରହିବ ବୋଲି ପ୍ରକାଶିତ ବିଜ୍ଞପ୍ତିରୁ ଜଣାଯାଇଛି।

# ଆସୁଛନ୍ତି ଗଜାନନ | ଥ୍ରୀ-ଡି ତୋରଣକୁ ନେଇ ଚର୍ଚ୍ଚା

କଟକ,୧୪।୮ (ସମିସ):

ପାର୍ବଣର ପ୍ରଥମ ପର୍ଯ୍ୟାୟ ଭାଦ୍ରବ ଶୁକ୍ଳ ଚତୁର୍ଥୀ ଦିନରେ ରୌପ୍ୟନଗରୀକୁ ଆସିବେ ଗଜାନନ। ପାର୍ବଣ'ର ପହିଲି ଚିଟାଉ ଧରି ହଜାର ବର୍ଷର ସହରରେ ପୂଜା ପାଇବେ ଶ୍ରୀ ଗଣେଶ...ଦୁଲୁକିବ

## ବିଶ୍ୱରୂପ କ୍ଲବ୍, ନୂଆପଡ଼ା

କଟକ। ବାଜା, ବାଣ ଓ ଆକର୍ଷଣୀୟ ଆଲୋକ ସଜ୍ଜାରେ ଝଲସି ଉଠିବ ମହାନଦୀବିହାରରୁ ମର୍କତନଗର। ମହାନଦୀ ଆଉ କାଠଯୋଡି'ର ହୃଦୟ ଚିରା ବକ୍ଷ'ରେ ଏ ସହରରେ ଶୁଭିବ 'ବକ୍ରତୁଣ୍ଡ ମହାକାୟ, ସୂର୍ଯ୍ୟକୋଟି ସମପ୍ରଭଃ.. ନିର୍ବିଘ୍ନ କୁରୁମେ ଦେବୋ, ସର୍ବକାର୍ଯ୍ୟେଷୁ ସର୍ବଦା'.. କଟକିଆ ବରାଦ ଦେଇ ନିର୍ଦ୍ଧୁମ୍ ପିଟିବେ ଶିଙ୍ଘ ବାଜା, ଦୁଲୁଦୁଲି, ମାଦଳ, ପଞ୍ଜାବୀ ବାଜା, ଘଣ୍ଟ



ସାଂଗକୁ ବ୍ୟାଣ୍ଡ ବାଜା। ମୂର୍ତ୍ତି ଗଢ଼ା ଚାଲିଲାଣି। ପୂଜାର ପୂର୍ବପ୍ରସ୍ତୁତିର ଝଲକକୁ ନେଇ ଆରମ୍ଭ ବିଶେଷଃ ଉପସ୍ଥାପନା....ଆସୁଛନ୍ତି ଗଜାନନ।

ନୂଆପଡାରେ ରହିଛି ବିଶ୍ୱରୂପ କ୍ଲବ। ୨୦୦୩ ମସିହାରୁ କ୍ଲବ ନୂଆ ଢଙ୍ଗରେ ଗଣେଶ ପୂଜା ଆୟୋଜନ କରି ଆସୁଛି। ଏହା ସହ କ୍ଲବ ପକ୍ଷରୁ ଚଳିତବର୍ଷ ଗଣେଶ ପୂଜା ପାଇଁ ମଧ୍ୟ ବିଶେଷ ଆୟୋଜନ କରାଯାଇଛି। ଏହି କ୍ଲବରେ ୧୮ ଜଣ ସଦସ୍ୟ ରହିଥିବାବେଳେ ସଭାପତି ସୋମେନ ବେଉରା ଓ ସମ୍ପାଦକ ସ୍ମୃତି ରଞ୍ଜନ ଜେନା ରହିଛନ୍ତି। ଏଠାରେ ଚଳିତବର୍ଷ ଗଣେଶ ପୂଜା ପାଇଁ କ୍ଲବ୍ ପକ୍ଷରୁ ୯ ଫୁଟ୍ ଉଚ୍ଚତାର ହାତୀ ଡିଜାଇନର ଗଣେଶ ମୂର୍ତ୍ତି ନିର୍ମାଣ କରାଯାଇ ପୂଜା କରାଯିବ। ପ୍ରଥମ କରି ୪୦ ଫୁଟ୍ ଉଚ୍ଚତାର ଥ୍ରୀ-ଡି ତୋରଣ କରାଯିବ। ଏହି ତୋରଣଟି ଐତିହାସିକ ଦୁର୍ଗର ଡିଜାଇନ ରହିଛି। ଏହା ସହ ସମଗ୍ର ଅଞ୍ଚଳକୁ ଆଲୋକମାଳାରେ ସଜାଯିବ। କ୍ଲବ ପକ୍ଷରୁ ପୂଜା ପାଇଁ ପାଖାପାଖି ୩ ଲକ୍ଷ ଟଙ୍କା ବଜେଟ୍ କରାଯାଇଛି। ଶ୍ରଦ୍ଧାଳୁଙ୍କ ପାଇଁ ଖିରି ଭୋଗ କରାଯାଇ ବଣ୍ଟାଯିବ। ୭ ତାରିଖ ଭସାଣି ଯାତ୍ରା କରାଯିବ ପ୍ରଥମେ ପ୍ରଭୁ ମେଳଣରେ ସାମିଲ ହେବେ ପରେ ବିସର୍ଜନ କରାଯିବ।





## ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ନିର୍ବାଚନ
# ପ୍ରସନ୍ନ ଅଧ୍ୟକ୍ଷ ଓ ପ୍ରିୟରଞ୍ଜନ ଉପାଧ୍ୟକ୍ଷ

ଭୁବନେଶ୍ୱର, ୧୪।୮(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ (ୟୁୟୁଟିଏ)ର ନିର୍ବାଚନ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଭାବେ ଆନ୍ଥ୍ରୋପଲୋଜୀ ବିଭାଗର ପ୍ରଫେସର ପ୍ରସନ୍ନ କୁମାର ପାତ୍ର ନିର୍ବାଚିତ ହୋଇଥିବାବେଳେ ଉପାଧ୍ୟକ୍ଷ ଭାବେ ପ୍ରଫେସର ପ୍ରିୟରଞ୍ଜନ ଦାଶ, ସମ୍ପାଦକ ଭାବେ ଡ. ଶିବ ଶଙ୍କର ମହାନ୍ତି, ଯୁଗ୍ମସମ୍ପାଦକ ଭାବେ ଡ. ତନୟା ମହାନ୍ତି ଏବଂ କୋଷାଧ୍ୟକ୍ଷ ଭାବେ ପ୍ରଫେସର ସତ୍ୟନାରାୟଣ ପାଲ୍ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ସହ କାର୍ଯ୍ୟକାରୀ ସଦସ୍ୟ ଭାବେ ଡ. କର୍ତ୍ତୀରଞ୍ଜନ ମଲ୍ଲିକ, ଡ. ପପେଶ କୁମାର ଲେଙ୍କା, ଡ. ରାକେଶ ବେହେରା ଓ ସୁଜିତ୍ କୁମାର ଆଚାର୍ଯ୍ୟ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଅନୁରୂପ ଭାବେ ଫାକଲ୍ଟି କ୍ଲବ୍ ପାଇଁ ସମ୍ପାଦକ ଭାବେ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଭାବେ ଆଶିଷ ଚନ୍ଦ୍ର ପତି ପ୍ରମୁଖ ନିର୍ବାଚିତ ହୋଇଥିବାବେଳେ କାର୍ଯ୍ୟକାରୀ ସଦସ୍ୟ ଭାବେ ୩ଜଣ ନୂତନ ଦାୟିତ୍ୱ ପାଇଛନ୍ତି। ନବ ନିର୍ବାଚିତ ସମସ୍ତ ସଦସ୍ୟ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ଡ. ମିତାଲି ଚିନିରା ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିବାବେଳେ ପ୍ରାୟ ୯୧ ପ୍ରତିଶତ ଅଧ୍ୟାପକ ମତଦାନ କରିଛନ୍ତି। ଶେଷରେ ୟୁୟୁଟିଏ ଓ ଫ୍ୟାକଲ୍ଟି କ୍ଲବ୍‌ର ସଦସ୍ୟମାନେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଭେଟି ଅଧ୍ୟାପକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିବାକୁ ନିଷ୍ପତ୍ତି ହୋଇଛି।

# ପୁଅର କଟୁରି ଚୋଟରେ ମାଆ ମୃତ





■ ନିଶା ପାଇଁ ଟଙ୍କା ନ ଦେବାରୁ ଆକ୍ରମଣ

ବାଲିଅନ୍ତା, ୧୪।୮(ସମିସ): ବାଲିଅନ୍ତା ଥାନା ଅଧୀନ ଖମଙ୍ଗଶାସନ ଗ୍ରାମରେ ଆଜି ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ନାତିର ଜନ୍ମଦିନ ପାଳନ ପୂର୍ବରୁ ପୁଅର କଟୁରି ଚୋଟରେ ମାଆର ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ରାଜକିଶୋର ସ୍ୱାଇଙ୍କ ପତ୍ନୀ ସଂଯୁକ୍ତା ସ୍ୱାଇଁ (୬୦)। ନିଶା ଖାଇବାକୁ ପଇସା ନ ଦେବାରୁ ସଂଯୁକ୍ତାଙ୍କୁ ସାନ ପୁଅ ବାଦଲ କଟୁରିରେ ବାରମ୍ବାର ଆଘାତ ଦେଇଥିଲା। ଫଳରେ ସଂଯୁକ୍ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ପରିବାର ଲୋକେ ସଂଯୁକ୍ତାଙ୍କୁ ଚିକିତ୍ସା ନେଇ ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଲେ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ହେଲେ ଡାକ୍ତର ଚିକିତ୍ସାଧୀନ ଅବସ୍ଥାରେ ସଂଯୁକ୍ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଲିଅନ୍ତା ଥାନା ପୁଲିସ ଗ୍ରାମରେ ପହଞ୍ଚି ତଦନ୍ତ କରୁଛି। ଏହା ସହିତ ବାଦଲକୁ ଘଟଣାସ୍ଥଳରୁ ଥାନାକୁ ନେଇ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁସାରେ ରାଜକିଶୋରଙ୍କର ୩ ପୁଅ। ବାଦଲ ଅବିବାହିତ। ସେ ଜଣେ ନିଶାଡି। ରାଜକିଶୋର ନିକଟରେ ଜମି ବିକ୍ରି କରିଥିଲେ। କିଛି ଟଙ୍କାରେ ଘର କାମ କରିଥିଲେ। ବଡ଼ ପୁଅ ଚନ୍ଦନଙ୍କର ପୁଅର (ନାତି) ଆସନ୍ତାକାଲି ଜନ୍ମ ଦିନ ପାଳନ ହୋଇଥାନ୍ତା। ଏନେଇ ଘର ବନ୍ଧୁବାନ୍ଧବଙ୍କ ଗହଳି ଚହଳିରେ ଫାଟି ପଡୁଥିଲା। ହେଲେ ଏହି ଖୁସି ବେଶି ସମୟ ରହିଲା ନାହିଁ। ବାଦଲ ନିଶା ଖାଇବାକୁ ସଂଯୁକ୍ତାଙ୍କୁ ଟଙ୍କା ମାଗିଥିଲେ ରାତି ପାହିଲେ ନାତିର ଜନ୍ମଦିନ ହୋଇଥିବାରୁ ସେ ଟଙ୍କା ଦେଇପାରିବେ ନାହିଁ ବୋଲି ସଂଯୁକ୍ତା କହିଥିଲେ। ଏନେଇ ଉଭୟ ସଂଯୁକ୍ତା ଏବଂ ବାଦଲଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ବାଦଲ ସଂଯୁକ୍ତାଙ୍କୁ କଟୁରୀରେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇପଡ଼ିଥିଲେ।

## ସଂକ୍ରମଣ ରୋଗ କବଳରେ ରାଜଧାନୀ
# ମଇଁଷାଖାଲ ଜଣ୍ଡିସ ତାଣ୍ଡବ; ୧୦ ଆକ୍ରାନ୍ତ

ଭୁବନେଶ୍ୱର, ୧୪।୮(ସମିସ): ସଂକ୍ରମଣ ରୋଗ କବଳରେ ରାଜ୍ୟ ରାଜଧାନୀ ଭୁବନେଶ୍ୱର। ବର୍ଷା ଦିନ ଆସିଲେ ରାଜଧାନୀରେ ବଢୁଛି ଭୟ। ପ୍ରାକ୍ ମୌସୁମୀରୁ ଆରମ୍ଭ ହୋଇଥିଲା ଝାଡ଼ାବାନ୍ତି ଭଳି ସଂକ୍ରମଣ ରୋଗ। ପରେ ଡାଇରିଆ, ଡେଙ୍ଗୁ ହେଲା। ଏବେ ସ୍ମାର୍ଟ୍ ସିଟି ବସ୍ତି ଅଞ୍ଚଳରେ ଜଣ୍ଡିସ ଆତଙ୍କ ସୃଷ୍ଟି ହୋଇଛି। ମଇଁଷାଖାଲ ରାଜୀବ ଆବାସରେ ଜଣ୍ଡିସ ବ୍ୟାପିବାକୁ ନେଇ ଚିନ୍ତାରେ ବିଏମସି। ଯାହା ସ୍ୱାସ୍ଥ୍ୟ ବିଭାଗ ଏବଂ ବିଏମ୍‌ସିର ପାରିବାର ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମଇଁଷାଖାଲରେ ସରକାରୀ ତଥ୍ୟ ଅନୁଯାୟୀ ମୋଟ୍ ୧୦ ଜଣ୍ଡିସ ଆକ୍ରାନ୍ତ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୭ଜଣ ସୁସ୍ଥ ହୋଇଥିଲା ବେଳେ ୩ଜଣ ଏବେ ମଧ୍ୟ ଚିକିତ୍ସିତ ହେଉଛନ୍ତି। ଜଣ୍ଡିସର ଦୂଷିତ ପାଣିରୁ ବ୍ୟାପିଥିବା ସନ୍ଦେହ କରି ୱାଟକୋ ପକ୍ଷରୁ ପାଣି ନମୁନା ପରୀକ୍ଷା କରାଯାଇଛି। ଦୂଷିତ ପାଣି ନୁହେଁ ଫାଷ୍ଟଫୁଡରୁ ଜଣ୍ଡିସ ବ୍ୟାପିଛି ବୋଲି ବିଏମସି ସ୍ପଷ୍ଟ କରିଛି। ସେପଟେ ଲୋକକୁ ସଚେତନ କରିବା ସହିତ ପାଷ୍ଟଫୁଡ ଯାଞ୍ଚ କରାଯାଉଛି ବୋଲି ବିଏମସି ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ଜଣ୍ଡିସ ସଂକ୍ରମଣକୁ ନେଇ କେବଳ ମଇଁଷିଆ ଖାଲ ଅଞ୍ଚଳ ନୁହେଁ ସମଗ୍ର ରାଜଧାନୀରେ ଆତଙ୍କ ସୃଷ୍ଟି ହୋଇଛି।

ନିକଟରେ ବଡଗଡ଼ ବ୍ରିଟ୍ କଲୋନୀରେ ଝାଡ଼ାବାନ୍ତି ବ୍ୟାପିଥିଲା। କଳିଙ୍ଗ ବିହାର ଗ୍ୟାଲେକ୍ସି ଆପାର୍ଟମେଣ୍ଟରେ ୨୦୦ରୁ ଊର୍ଦ୍ଧ୍ୱ ଡାଇରିଆ ରୋଗୀ ଚିହ୍ନଟ ହୋଇଥିଲେ। ଏବେ ବିଜେବି ନଗର ୫୬ ନଂ ୱାର୍ଡ ମଇଁଷାଖାଲ ରାଜୀବ ଆବାସରେ ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜଣ୍ଡିସ ବ୍ୟାପିବା ପରେ ଲୋକଙ୍କ ମନରେ ଭୟର ବାତାବରଣ ଦେଖାଦେଇଛି। ଅସ୍ୱାସ୍ଥ୍ୟକର ପରିବେଶ ସାଙ୍ଗକୁ ଦୂଷିତ ପାଣି ବ୍ୟବହାର ଯୋଗୁଁ ଏଭଳି ରୋଗ ବ୍ୟାପୁଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ମହିଁଷିଆଖାଲ ବାସିନ୍ଦା ମୀନା ରାଓ।



ରାସ୍ତାକଡ଼ରେ 'ବନ୍ଦେ ମାତରମ୍'

## ମାତିଲେ ସିନ୍ଧିଚୋର
# ୪୦ ଲକ୍ଷର ସୁନା ଓ ୫ ଲକ୍ଷ ଟଙ୍କା ଲୁଟ୍

ଭୁବନେଶ୍ୱର, ୧୪।୮ (ସମିସ): କିଛି ଦିନର ନୀରବତା ପରେ ପୁଣି ମାତିଲେ ସିନ୍ଧି ଚୋର। ଘରେ କେହି ନ ଥିବା ବେଳେ ତାଲା ଭାଙ୍ଗି ନେଇଗଲେ ସୁନାଗହଣା ଓ ଟଙ୍କା। ଖଣ୍ଡଗିରି ବାରି ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଚୋରିର ଶିକାର ହୋଇଥିବା ଦେବବ୍ରତ ମହାନ୍ତି ଭରତପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ଖଣ୍ଡଗିରି ବାରିରେ ରହୁଥିବା ଦେବବ୍ରତ ସକାଳେ ପତ୍ନୀଙ୍କ ସହ ବାହାରକୁ ଯାଇଥିଲେ। ସେହି ସମୟରେ ଦୁର୍ବୃତ୍ତ ମାନେ ତାଙ୍କ କବାଟର ତାଲା ଭାଙ୍ଗି ଘରେ ପଶିଥିଲେ। ଘର ଭିତର ଆଲମିରା ଭାଙ୍ଗି ସେଥିରେ ଥିବା ସୁନାଗହଣା ଓ ୫ ଲକ୍ଷ ଟଙ୍କା ନେଇ ଯାଇଥିଲେ। ଅପରାହ୍ଣରେ ଘରକୁ ଫେରିବା ବେଳକୁ ତାଙ୍କ କବାଟ ଖୋଲା ହୋଇଥିଲା। ଘର ଭିତରେ ସବୁ ଜିନିଷ ଏଣେତେଣେ ପଡ଼ିଥିଲା। ଆଲମିରା ଖୋଲା ହୋଇଥିବା ବେଳେ ସେଥିରୁ ସୁନାଗହଣା ଓ ନଗଦ ୫ ଲକ୍ଷ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଶ୍ରୀ ମହାନ୍ତି ଭରତପୁର ଥାନାରେ ଏତଲା ଦେଇଛନ୍ତି। ପ୍ରାୟ ୪୦ ଲକ୍ଷର ସୁନାଗହଣା ଓ ୫ ଲକ୍ଷ ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ଭରତପୁର ଥାନା ପୁଲିସ ଏକ ମାମଲା ରୁଜୁ କରିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରି ଫିଙ୍ଗରପ୍ରିଣ୍ଟ ଓ ଅନ୍ୟ ନମୁନା ସଂଗ୍ରହ କରିଛି।

# ଏକତାକୁ ସୁଦୃଢ଼ କରିବା ପାଇଁ ସମସ୍ତେ ସଂକଳ୍ପ ନିଅନ୍ତୁ: ରାଜ୍ୟପାଳ

ଭୁବନେଶ୍ୱର, ୧୪।୮(ସମିସ): ଆମ ଦେଶ ଭାରତର ବିଭାଜନ ଦୃଶ୍ୟପଟ୍ଟରେ ଘୃଣାକୁ ପ୍ରତ୍ୟାଖାନ କରି କରୁଣା, ସହନଶୀଳତାର ସହ ଏକତାକୁ ସୁଦୃଢ଼ କରିବା ପାଇଁ ସମସ୍ତେ ସଂକଳ୍ପ ନେବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଆହ୍ୱାନ ଜଣାଇଛନ୍ତି। ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ବୁଧବାର ରାଜଭବନରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ ଅବସରରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଛନ୍ତି ଯେ ଆମ ଦେଶର ଇତିହାସର ସବୁଠାରୁ ବିଭୀଷିକାମୟ ଅଧ୍ୟାୟ ମଧ୍ୟରୁ ଭାରତ ବିଭାଜନ ଅନ୍ୟତମ। ଆଜି ସ୍ମୃତି ଦିବସରେ ଆମେ କେବଳ ହରାଇଥିବା ଲୋକଙ୍କ ସ୍ମୃତି ନୁହେଁ, ବରଂ ବଂଚିଥିବା ଲୋକଙ୍କ ଦୃଢ଼ତାକୁ ମଧ୍ୟ ସମ୍ମାନ କରିବା। ଓଡ଼ିଶା ଯଦିଓ ଭୌଗୋଳିକ ଭାବେ ଏହି ବିଭାଜନର କେନ୍ଦ୍ରସ୍ଥଳରୁ ଦୂରରେ ଥିଲା, ତଥାପି ଦେଶର ଦୁଃଖରେ ସହଭାଗୀ ହୋଇଥିଲା ବୋଲି ରାଜ୍ୟପାଳ କହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ଯେତେବେଳେ ସମଗ୍ର ଦେଶ ସ୍ୱାଧୀନତାର ଆନନ୍ଦରେ ମଗ୍ନ ହେଉଥିଲା, ସେତେବେଳେ ଅନ୍ୟପାର୍ଶ୍ୱରେ ଦେଶର ସୀମାରେ ରେଖା ଟାଣିବା ପାଇଁ କାଗଜରେ କଲମ ଚାଲିଥିଲା। ସେଇ ରେଖା ଲକ୍ଷଲକ୍ଷ ଭାରତୀୟଙ୍କ ହୃଦୟକୁ ଭାଙ୍ଗିଦେଲା। ଇତିହାସର କାଳଖଣ୍ଡରେ ଗୁଞ୍ଜରିତ ହେଉଥିବା ଅଖଣ୍ଡ ଭାରତ ନାମ, ବିଭାଜିତ ଭାରତ ଭାବେ ନାମିତ ହେଲା। ଆଜିର ଦିନରେ ଗତକାଲିର କଥା ନୁହେଁ, ଆଗାମୀକୁ ସୁରକ୍ଷିତ କରିବାର ପ୍ରତିଜ୍ଞା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, ୧୯୪୭ ମସିହା ଅଗଷ୍ଟ ୧୪ରେ ବିଭାଜନ ବିଭୀଷିକାର ସ୍ମୃତି ଚାରଣ ବିନା ସ୍ୱାଧୀନତା ଦିବସ ପାଳନ ଅପୂର୍ଣ୍ଣାଙ୍ଗ ରହିବ। କାର୍ଯ୍ୟକ୍ରମରେ ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମ୍‌ପାଟି, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ନିରଞ୍ଜନ ବିଶି, ବିଧାୟକ ବାବୁ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ ସ୍ୱାଗତଭାଷଣ ଦେଇଥିବା ବେଳେ ବିଭାଜନ ସମୟରେ ବିସ୍ଥାପିତ ପରିବାରର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ବିଭାଜନ ବିଭୀଷିକା ସମ୍ପର୍କିତ ଭିଡିଓ ପ୍ରଦର୍ଶନ ଏବଂ ଜାତୀୟ ଏକତାଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# 'ରମାଦେବୀ' ବାତାବରଣକୁ ବିଜେପି କଳୁଷିତ କରୁଛି: ବିଜେଡି

ଭୁବନେଶ୍ୱର, ୧୪।୮ (ସମିସ)

ରାଜ୍ୟର ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଚାଲୁଥିବା ସମୟରେ ୟୁନିଫର୍ମରେ ଥିବା କିଛି ଛାତ୍ରୀଙ୍କୁ ନେଇ ସ୍ଥାନୀୟ ବିଜେପିର ୱାର୍ଡ ଅଫିସ୍ ପରିସରରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହାକୁ ନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ଏପରି କରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ବାତାବରଣକୁ ବିଜେପି କଳୁଷିତ କରିବାକୁ ଚେଷ୍ଟା କରୁଛି ବୋଲି କହିଛନ୍ତି ବିଜୁ ଜନତା ଦଳର ମୁଖପାତ୍ର ଇପସିତା ସାହୁ। ରାଜ୍ୟରେ ଛାତ୍ରୀ ସମାଜ ଅସୁରକ୍ଷିତ ଥିବା ବେଳେ କେଉଁ ଉଦ୍ଦେଶ୍ୟରେ ଛାତ୍ରୀମାନଙ୍କୁ ବିଜେପିର ୱାର୍ଡ କାର୍ଯ୍ୟାଳୟକୁ ଡକାଯାଇଥିଲା, ସେନେଇ କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ସେ ଦାବି କରିଛନ୍ତି।

■ ପାଠପଢ଼ା ସମୟରେ ଛାତ୍ରୀଙ୍କୁ ବିଜେପି ୱାର୍ଡ କାର୍ଯ୍ୟାଳୟକୁ କ'ଣ ପାଇଁ ନିଆଯାଇଥିଲା?
■ ଛାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ
■ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ଦିଅନ୍ତୁ

ଶ୍ରୀମତୀ ସାହୁ ବୈଠକର ଫଟୋ ଗଣମାଧ୍ୟମ ସମ୍ମୁଖରେ ଉପସ୍ଥାପନ କରି କହିଛନ୍ତି ଯେ ବୈଠକର ଅସଲ ଉଦ୍ଦେଶ୍ୟ ଜଣାନଥିଲେ ମଧ୍ୟ ବୈଠକରେ କୌଣସି ନାରୀନେତ୍ରୀ ଉପସ୍ଥିତ ନଥିଲେ। କେବଳ ନିକଟରେ ଆଇନକୁ ହାତକୁ ନେଇ ଜେଲରୁ ଫେରିଥିବା ଜଗନ୍ନାଥ ପ୍ରଧାନ ଓ ଅନ୍ୟ କିଛି ଜେଲ ଫେରନ୍ତା ବ୍ୟକ୍ତିଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା। ଏଥିରେ ଯୋଗ ଦେଇଥିବା ଛାତ୍ରୀମାନଙ୍କୁ କିଛି ମିଥ୍ୟା ପ୍ରଲୋଭନ ଦେଇ ବୈଠକକୁ ନିଆଯାଇଥିଲା ବୋଲି ଜଣାପଡ଼ିଛି। କିନ୍ତୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଜ୍ଞାତସାରରେ ସେମାନେ ଯାଇଥିଲେ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ପାଠପଢ଼ା ସମୟରେ ଛାତ୍ରୀମାନଙ୍କୁ ନେଇ ଏଭଳି ବୈଠକ ଆୟୋଜନ କରିବା ସ୍ୱାଭାବିକ ଭାବେ ବିଭିନ୍ନ ପ୍ରଶ୍ନ ସୃଷ୍ଟି କରିଛି। ଅତୀତରେ ବିଜେପିର ନେତା ଓ ଏବିଭିପିର କାର୍ଯ୍ୟକର୍ତ୍ତା ତାଙ୍କ ରାଜନୈତିକ ସ୍ୱାର୍ଥ ହାସଲ କରିବା ପାଇଁ ଭଉଣୀ ସୌମ୍ୟାଶ୍ରୀଙ୍କୁ ଦିଆସିଲି, ପେଟ୍ରୋଲ ଯୋଗାଇ ତାଙ୍କୁ ମୃତ୍ୟୁମୁଖରୁ ଠେଲିଦେଲେ। ସେଭଳି କାଣ୍ଡ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଘଟାଇବା ପାଇଁ ବିଜେପିର ଏକ ସୁଚିନ୍ତିତ ରଣନୀତି ନୁହେଁ ତ ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଛନ୍ତି।



କିଛି ଦିନ ତଳେ ରାଜ୍ୟରେ ବଢୁଥିବା ଦରଦାମ ବିରୋଧରେ ବିଜେଡି ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ସମାବେଶରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀ ଲକ୍ଷ୍ମୀପ୍ରିୟା ବିଶ୍ୱାଳ ଯୋଗ ଦେଇଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଚାପରେ ବଶବର୍ତ୍ତୀ ହୋଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ନୋଟିସ୍ ଜାରି କରିଥିଲେ। ଆଜି ଯେଉଁ ଛାତ୍ରୀମାନେ କଲେଜ ଚାଲୁଥିବା ସମୟରେ ପାଠପଢ଼ା ଛାଡ଼ି ଓ ନିଜ ସୁରକ୍ଷାକୁ ବିପନ୍ନରେ ପକାଇ ବିଜେପି ୱାର୍ଡ କାର୍ଯ୍ୟାଳୟରେ ଚାଲୁଥିବା ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ, ସେମାନଙ୍କୁ କ'ଣ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅନୁମତି ଦେଇଥିଲେ କି ବୋଲି ଲକ୍ଷ୍ମୀପ୍ରିୟା ପ୍ରଶ୍ନ କରିଥିଲେ। ବିଶ୍ୱବିଦ୍ୟାଳୟର ଅନ୍ୟତମ ଛାତ୍ରୀ ତଥା ବିଜେଡିର ସଦସ୍ୟା ଫାତିମା ଖାତୁନ୍ କହିଥିଲେ ଯେ ଆମ ବିଶ୍ୱବିଦ୍ୟାଳୟରେ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କ ମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଯୋଗୁଁ ଆମ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ମାତ୍ର ବିଜେପି ଏହି ବିଶ୍ୱବିଦ୍ୟାଳୟର ଗରିମାକୁ କ୍ଷୁଣ୍ଣ କରିବା ପାଇଁ ଯେଉଁ ରଣନୀତି ପ୍ରସ୍ତୁତ କରୁଛି, ସେଥିରେ ସଫଳ ହେବାକୁ ଦିଆଯିବ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# 'ରମାଦେବୀ'ରେ ପୁରାତନ ଛାତ୍ରୀଙ୍କ ବୈଠକ

ଭୁବନେଶ୍ୱର, ୧୪।୮(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ପୁରାତନ ଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି। ବିଭାଗୀୟ ମୁଖ୍ୟ ଡ. ସସ୍ମିତା କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ନାତକ, ସ୍ନାତୋକୋତ୍ତର ଏବଂ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିବା ଛାତ୍ରୀମାନେ ଶିକ୍ଷା ବିଭାଗ ତଥା ବିଶ୍ୱବିଦ୍ୟାଳୟ ଅନୁଭୂତିର ସ୍ମୃତିଚାରଣ କରିଥିଲେ। ବହୁ ଛାତ୍ରୀ ବିଭିନ୍ନ ଜାତୀୟସ୍ତରର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣିମ ସଫଳତା ବୋଲି ଡ. କର ମତବ୍ୟକ୍ତ କରିଛନ୍ତି। ଅଧ୍ୟାପକ ଡ. ବିଭୂତି ଭୂଷଣ ପଣ୍ଡା ଏବଂ ଡ. ଅଶୋକ କୁମାର ଦିଗଲ୍ ପ୍ରମୁଖ ବିଭାଗର ଉତ୍କୃଷ୍ଟତା ସମ୍ପର୍କରେ ଆଲୋଚନା କରିଛନ୍ତି। ସଭାକୁ ସଂଯୋଜନା କରି ଡ ସୁନନ୍ଦା କୁମାରୀ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପୁରାତନ ଛାତ୍ରୀ ଜ୍ୟୋତିର୍ମୟୀ ବେହେରା, ସୋନାଲି ଦାସ ଏବଂ ଶୁଭଶ୍ରୀ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଏମ୍‌ସରେ ଆସ୍ଥେଟିକ୍ ସର୍ଜରୀ ସମ୍ମିଳନୀ

ଭୁବନେଶ୍ୱର, ୧୪।୮ (ସମିସ): ଏମ୍ସ ଭୁବନେଶ୍ୱରରେ ଆସ୍ଥଟିକ୍ ସର୍ଜରୀ ୨୦୨୫ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ତିନିଦିନିଆ ସମ୍ମିଳନୀ ଓଡ଼ିଶା ପ୍ଲାଷ୍ଟିକ୍ ପୁନଃନିର୍ମାଣ ଏବଂ ଆସ୍ଥେଟିକ ସର୍ଜନ ଆସୋସିଏସନ୍ (ଏପିଆରଏଏସଓ), ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଆସୋସିଏସନ୍ ଅଫ୍ ଆସ୍ଥେଟିକ ପ୍ଲାଷ୍ଟିକ୍ ସର୍ଜନ୍ (ଆଇଏଏପିଏସ୍) ଏବଂ ଏମ୍ସ ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଦେଶର ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନରୁ ପ୍ରାୟ ଦେଢ଼ଶହରୁ ଅଧିକ ଖ୍ୟାତନାମା ଚିକିତ୍ସକ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ଉଦଘାଟନୀ ଉତ୍ସବରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ଡିନ୍ ଡ. ପ୍ରଶାନ୍ତ ରାଘବ ମହାପାତ୍ର, ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଏପିଆରଏଏସଓ ସଭାପତି ଡ. ରୁଚି ଗୁପ୍ତା, ଏମ୍ସ ଭୁବନେଶ୍ୱର ବର୍ଣ୍ଣ ସେଣ୍ଟର୍ ମୁଖ୍ୟ ତଥା ସମ୍ମିଳନୀର ଅର୍ଗାନାଇଜିଂ ପ୍ରେସିଡେଣ୍ଟ ଡ. ସଞ୍ଜୟ କୁମାର ଗିରି, ସଂଗଠନ ସମ୍ପାଦକ ଡ. ଉନ୍ମେଷ କୁମାର ଜେନା, ଆଇଏଏପିଏସ୍ ସଭାପତି ଡ. ମେଧା ଭାଭେ, ଉପାଧ୍ୟକ୍ଷ ଡ. ଭେଙ୍କଟ ରମଣ, ସଚିବ ଡ. ରଜତ ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ। ଦ୍ୱିତୀୟ ଏବଂ ତୃତୀୟ ଦିନରେ, ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ଡ. ମାନସ ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ସୌନ୍ଦର୍ଯ୍ୟ ଶଲ୍ୟଚିକିତ୍ସା ତାଲିମକୁ ଆଗକୁ ବଢ଼ାଇବା ପାଇଁ ସହଯୋଗ ପ୍ରୟାସକୁ ପ୍ରଶଂସା କରି ସମାବେଶକୁ ସମ୍ବୋଧିତ କରିଥିଲେ।




# ପୂଜ୍ୟପୂଜା ଓଡ଼ିଶା ପକ୍ଷରୁ ବିଦ୍ୟାଳୟ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୪।୮(ସମିସ): ପୂଜ୍ୟପୂଜା ଓଡ଼ିଶା ପକ୍ଷରୁ ନୀଳାଦ୍ରି ବିହାରସ୍ଥିତ ଶୋଭାନିଆ ଶିକ୍ଷାଶ୍ରମ ପରିସରରେ ଗୁରୁମା ମମତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତା ଓ ଆଲୋଚକ ଭାବେ ବିଦ୍ୟାଳୟର ସମ୍ପାଦକ ରମାକାନ୍ତ ମିଶ୍ର ଯୋଗ ଦେଇଥିଲେ। ନିଜ ଉପରେ ଆତ୍ମବିଶ୍ୱାସ, ଈଶ୍ୱର ବିଶ୍ୱାସ ଓ କଠିନ ପରିଶ୍ରମ ଦ୍ୱାରା କିଭଳି ଜଣେ ଜୀବନରେ ଭଲ ମଣିଷ ହେବା ସହ ଜୀବନରେ ସଫଳତା ହାସଲ କରିବା ଏବଂ ସମାଜର ମଙ୍ଗଳ ହୋଇପାରିବ ଏଥିପାଇଁ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ସସ୍ମିତା ପରିଡ଼ା, ଜୟଶ୍ରୀ ଶତପଥୀ, ଅର୍ଚ୍ଚନା ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ କୈଳାସ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମଥର ଭୁବନେଶ୍ୱରରେ ଥାଇଲାଣ୍ଡ ବେପାରୀ

ଭୁବନେଶ୍ୱର, ୧୪।୮(ସମିସ): କିଟ୍ ବିଶ୍ୱବିଦ୍ୟାଳୟର ୧୩ ନମ୍ବର କ୍ୟାମ୍ପସରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡ଼ିୟମ୍‌ରେ ଥାଇଲାଣ୍ଡ ଅନ୍ତର୍ଜାତୀୟ ସପିଙ୍ଗ୍ ଫେଷ୍ଟିଭାଲ ଆୟୋଜିତ ହୋଇଯାଇଛି। ଏହି ଫେଷ୍ଟିଭାଲରେ ୬୦ରୁ ଅଧିକ ଷ୍ଟଲ ପଡ଼ିଛି। ଏଥିରେ ଥାଇଲାଣ୍ଡ, ଉଗାଣ୍ଡା, କୋରିଆ, ଇରାନ, ଆଫଗାନିସ୍ତାନ, ମାଲେସିଆ, ଦୁବାଇ, ସିଙ୍ଗାପୁର ସହିତ ଭାରତର ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ ସହ ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ଆସି ବ୍ୟବସାୟ କରୁଛନ୍ତି। ଏହି ମେଳାରେ ସୋଫା, ଫର୍ଣ୍ଣିଚର, ଡ଼ାଇନିଙ୍ଗ୍ ସେଟ୍ ଆଦି ରହିଛି ଯାହାର ମୂଲ୍ୟ ୧ ଲକ୍ଷରୁ ଆରମ୍ଭ ହୋଇ ୪ ରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହିପରି ଇରାନର କାର୍ପେଟ ମଧ୍ୟ ରହିଛି। ଯାହାର ମୂଲ୍ୟ ୭ ହଜାରରୁ ଆରମ୍ଭ ହୋଇ ୧ ଲକ୍ଷରୁ ଅଧିକ ଟଙ୍କା ପର୍ଯ୍ୟନ୍ତ ଅଛି। ୱାଟର ଫାଉଣ୍ଟେନ୍, ବ୍ରାସ ୱାଲ ହ୍ୟାଙ୍ଗିଙ୍ଗ୍ ମଧ୍ୟ ୧୦ ହଜାରରୁ ଆରମ୍ଭ ହୋଇ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ବଡ଼ି ମସାଜ୍ ମେସିନ୍ ମଧ୍ୟ ଅଛି ଯାହାର ଦାମ୍ ୨୦ ରୁ ୨୫ ହଜାର ଟଙ୍କା ଅଛି। ବାମ୍ବୋ ପ୍ଲେଟ୍, ନେମ୍ ପ୍ଲେଟ୍ ୬ଶହ ଟଙ୍କା ରହିଛି।

ଏହିପରି ଦୁବାଇର କୁନାଫା, ବାକଲାଭ, ଡ଼େଲିଗେଟ୍ସ, ଦୁବାଇ ସ୍ପେଶାଲ, ନୁଟ୍ସ ଚକୋଲେଟ ଆଦି ରହିଛି। ଏହି ସବୁକୁ ବଡ଼ ପ୍ୟାକେଟ୍ କରି ନେଲେ ୧ ହଜାର ଟଙ୍କା ଦର ରହୁଥିବା ବେଳେ ଛୋଟ ପ୍ୟାକେଟ୍ ୫ ଶହ ଟଙ୍କା ରହିଛି। ଇରାନ୍‌ର ସାଫରନ, ମାଉଣ୍ଟେନ୍ ଗୁଜୁରାତ ରହିଛି। ଏଥିସହିତ ଆଫ୍‌ଗାନିସ୍ଥାନର ମିକ୍ସ ଡ୍ରାଏଫ୍ରୁଟ୍ସ, ପାଇନାପୁଲ, ବ୍ଲୁବେରୀ, ବ୍ଲାକ୍ ବେରୀ, ଖଜୁରୀ ଆଦି ଅନେକ ପ୍ରକାରର ଡ୍ରାଏଫ୍ରୁଟ ରହିଛି। ଯାହାର ଦାମ ୧ ହଜାର ରୁ ଆରମ୍ଭ ହୋଇ ୫ ହଜାରରୁ ଅଧିକ ଟଙ୍କା ପର୍ଯ୍ୟନ୍ତ ରହିଛି। ତତ୍ ସହିତ ଉଗାଣ୍ଡାର ଡ୍ରେସ୍, ବ୍ରେସ୍‌ଲେଟ ଆଦି ଉପଲବ୍ଧ ହେବା ବେଳେ ସିଙ୍ଗାପୁର ବ୍ୟାଗ, କୋରିଆର ଷ୍ଟେସନାରୀ ସହିତ ଥାଇଲା।ଣ୍ଡର ପଲ୍ ଅଳଙ୍କାର ଆଦି ଉପଲବ୍ଧ ହେଉଛି। ଏଥିସହିତ ରାଜସ୍ଥାନର ଆଚାର, ଜୁତୀ, କୂର୍ତ୍ତୀ ସହିତ କେରଳାର ତାଳ ଗୁଡ଼ ଆଦି ବିଭିନ୍ନ ପ୍ରକାରର ସାମଗ୍ରୀ ଉପଲବ୍ଧ ହେଉଛି। ଫେଷ୍ଟିଭାଲରେ ଏହି ଉତ୍ସବ ୮ ତାରିଖରୁ ଆରମ୍ଭ ହୋଇ ୧୭ ତାରିଖରେ ଶେଷ ହେବ।



ଏହି ମେଳା ପ୍ରଥମ କରି ଏଠାରେ ଆୟୋଜନ କରାଯାଉଛି। ଗୋଟିଏ ସ୍ଥାନରେ ସବୁ ଜିନିଷ ମିଳିଯାଉଛି। ଏକ ନୂଆ ପ୍ରକାରର ଅନୁଭୂତି ନେଇ ଲୋକମାନେ ଫେରୁଛନ୍ତି। ଆଗକୁ ଏହିପରି ମେଳା ଆୟୋଜନ କରାଯାଉ ବୋଲି ଏହି ଫେଷ୍ଟିଭାଲର ମ୍ୟାନେଜମେଣ୍ଟ ମୁଖ୍ୟ କହିଛନ୍ତି।

## ଅମଲା ସଂଘ ଓ କନିଷ୍ଠ ଶିକ୍ଷକଙ୍କ ଦାବିକୁ ସିପିଏମ୍‌ର ସମର୍ଥନ

ବାଲେଶ୍ୱର,୧୪।୮(ସମିସ): ଜିଲ୍ଲାର ଅମଲା ସଙ୍ଘ ରାଜ୍ୟ ସରକାରଙ୍କ ସହିତ ବାରମ୍ବାର ନିଜର ନ୍ୟାଯ୍ୟ ଦାବି ଉପରେ ଆଲୋଚନା କରିବା ଏବଂ ରାଜ୍ୟ ସରକାର କୌଣସି ପଦକ୍ଷେପ ନ ନେବା ଫଳରେ ବାଧ ହୋଇ ୧୧ଅଗଷ୍ଟରୁ କାମବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସେଇଭଳି ଗଣ ଶିକ୍ଷା ବିଭାଗର କନିଷ୍ଠ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ ସରକାରୀ ଶିକ୍ଷକ ଭାବେ ବିଜ୍ଞପ୍ତି ପ୍ରକାଶ ପରେ ପୁଣି ରାଜ୍ୟ ସରକାର ଏହାକୁ ପତ୍ୟାହାର କରିନେବା ଫଳରେ କନିଷ୍ଠ ଶିକ୍ଷକମାନଙ୍କର ଆନ୍ଦୋଳନ ଜାରି ରହିଛି। ଏହି ଦୁଇ ଆନ୍ଦୋଳନ ପ୍ରତି ସିପିଆଇଏମ ବାଲେଶ୍ୱର ଜିଲ୍ଲା କମିଟି ସମର୍ଥନ ଜଣାଇବା ସହିତ ଏମାନଙ୍କର ଦାବି ରାଜ୍ୟ ସରକାର ତୁରନ୍ତ ମାନିନେବାକୁ କୁହାଯାଇଛି। ରାଜ୍ୟ ସରକାର ଏହି ଦାବି ଗୁଡିକ ପୂରଣ ନ କଲେ ଜନସାଧାରଣ ରାଜ୍ୟ ସରକାର ବିରୋଧରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଆଜି ସିପିଆଇ (ଏମ) ବାଲେଶ୍ୱର ଜିଲ୍ଲା ଅଫିସରେ ହୋଇଥିବା ସାମ୍ବାଦିକ ସମିଳନୀରେ ଜିଲ୍ଲା ସମ୍ପାଦକ ଶିଶିର ହୁଇ, ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ,ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରେମରଞ୍ଜନ ପାତ୍ର, ଜିଲ୍ଲା କମିଟି ସଭ୍ୟ ଶ୍ୟାମ ସୁନ୍ଦର ଜେନା, ରାଜ କିଶୋର ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଚେତାବନି ଦେଇଛନ୍ତି।

## ନିଶା ନିବାରଣ ସଚେତନତା

ବାଲେଶ୍ୱର,୧୪।୮(ସମିସ): ଓଡ଼ିଶା ସରକାରଙ୍କ ସହଭାଗିତାରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ମିଳିତ ନିଶା ନିବାରଣ ଅଭିଯାନ ବାଲେଶ୍ୱର ପକ୍ଷରୁ ସ୍ଥାନୀୟ ସିଦ୍ଧିବିନାୟକ ପବ୍ଲିକ ସ୍କୁଲ ଠାରେ 'ମନା'ର ସଭାପତି ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦିକା ମମତା ମହାପାତ୍ର ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଉପଦେଷ୍ଟା ସୁବ୍ରତ କର ଏହି ଅବସରରେ କହିଲେ ଯେ,ଡେରିରେ ହେଲେ ମଧ୍ୟ ସରକାର ସମାଜରେ ନିଶାର କୁପ୍ରଭାବକୁ ହୃଦୟଙ୍ଗମ କରି ଏହିପରି ସଚେତନତା କାର୍ଯ୍ୟକ୍ରମ କରିବା ଦିଗରେ ଆଗ୍ରହୀ ହୋଇଛନ୍ତି। ସିଦ୍ଧି ବିନାୟକ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡା ଜୀବନରେ କୌଣସି ପ୍ରକାର ନିଶା ଗ୍ରହଣ ନ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। କଲ୍ୟାଣୀ ନନ୍ଦ,ରମେଶ ଚନ୍ଦ୍ର ଜେନା,ବେଣୁଧର ସାହୁ, ସଂଗ୍ରାମ କେଶରୀ ମିଶ୍ର ନିଶାର କୁପରିଣାମ ବିଷୟରେ ମତବ୍ୟକ୍ତ କରିଥିଲେ।

## କଂଗ୍ରେସର ମଶାଲ ଶୋଭାଯାତ୍ରା




ବାଲେଶ୍ୱର,୧୪।୮(ସମିସ): ଏଆଇସିସିର ନିଷ୍ପତ୍ତି ଓ ପିସିସିର ନିର୍ଦ୍ଦେଶ କ୍ରମେ ଭୋଟ ଚୋରି ଆନ୍ଦୋଳନକୁ ତୀବ୍ର କରିବା ପାଇଁ ଆଜି ଏକ ମଶାଲ ଶୋଭାଯାତ୍ରା ଜିଲ୍ଲା କଂଗ୍ରେସ ସଂଯୋଜକ ସଂଜୀବ ଗିରିଙ୍କ ନେତୃତ୍ୱରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରୁ ବାହାରି ଫକୀରମୋହନ ଗୋଲେଇ ନିକଟରେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବରିଷ୍ଠ କାଉନସିଲର ପଦ୍ମଲୋଚନ ଲେଙ୍କା, ଜିଲ୍ଲା ଉପସଭାପତି ଗୋପୀନାଥ ପାଢ଼ୀ, ବରିଷ୍ଠ ନେତ୍ରୀ ଅର୍ଚ୍ଚନା ନନ୍ଦୀ, ଯୁବ ନେତା ସରୋଜ ଲେଙ୍କା, କୃଷ୍ଣ ଗୋପାଳ ପଣ୍ଡା, ସୁଧାଂଶୁ ଜେନା, ଗୌତମ ସାହୁ ନାରୀ ନେତ୍ରୀ ଅଞ୍ଜଳି ପ୍ରଧାନ, ବାସନ୍ତୀ ସାମଲ, ଜ୍ୟୋତ୍ସ୍ନା ସେନାପତି, ଅସଗର ଅଲ୍ଲୀ, ବିଳାସିନୀ ବେହେରା, ଉର୍ମିଳା ମାଝୀ, ସଂଯୁକ୍ତା ମିଶ୍ର, କୁମୁଦିନୀ ଦାସ, ପୂର୍ବତନ ସଭାପତି ସର୍ବଶ୍ରୀ ରାଜୀବ ପରିଡା, ଜୟକୃଷ୍ଣ ବେହେରା, ଉପେନ୍ଦ୍ର ବେହେରା, ଜଗନ୍ନାଥ ମହାପାତ୍ର, ପପୁ ପତି, ହରିଶଙ୍କର ଜେନା, ମଦନ ଭକ୍ତା, କେଶବ ନାୟକ, କନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସେମିନାର

ବାଲେଶ୍ୱର,୧୪।୮(ସମିସ): 'କ୍ରାନ୍ତି ଠାରୁ ମୁକ୍ତି: ଅଗଷ୍ଟର ଆଶାକୁ ସ୍ମରଣ' ଶୀର୍ଷକରେ ଏକ ସେମିନାର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ସେମିନାର ଉଦଘାଟନ କରି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଉଦବୋଧନ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଡା. ସୋମା ଚାନ୍ଦ (ପୂର୍ବତନ ବିଭାଗାଧ୍ୟକ୍ଷ, ଇତିହାସ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ) ଯୋଗଦେଇ 'କ୍ରାନ୍ତି' (ବିପ୍ଳବୀୟ ଉତ୍ଥାନ) ଠାରୁ 'ମୁକ୍ତି' (ସ୍ୱାଧୀନତା) ପର୍ଯ୍ୟନ୍ତ ଭାରତ ଓ ଓଡ଼ିଶାର ଯାତ୍ରାକୁ ଉଲ୍ଲେଖ କରି, ସ୍ୱାଧୀନତା ସଂଗ୍ରାମର ଆଦର୍ଶଗୁଡ଼ିକ କିପରି ଗଣତାନ୍ତ୍ରିକ ମୂଲ୍ୟବୋଧ, ନାଗରିକ କର୍ତ୍ତବ୍ୟବୋଧ ଓ ଦେଶର ଉନ୍ନତି ଦୃଷ୍ଟିକୋଣକୁ ଆଜି ପର୍ଯ୍ୟନ୍ତ ପ୍ରଭାବିତ କରୁଛି, ସେଥିରେ ଆଲୋକପାତ କଲେ। ଡ. ଶିଖାଶ୍ରୀ ରାୟ ପ୍ରାରମ୍ଭିକ ଉପସ୍ଥାପନରେ, ଓଡ଼ିଶା ଓ ବାଲେଶ୍ୱରର ଅନେକ ଅପରିଚିତ ବ୍ୟକ୍ତିତ୍ୱ କିନ୍ତୁ ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ସାଧାରଣ ବୀରମାନଙ୍କ ଉପରେ ଆଲୋକପାତ କରିଥିଲେ। ଡକ୍ଟର ପବିତ୍ର ମୋହନ ନାୟକ, ନିଜ ଭାଷଣରେ ଅଗଷ୍ଟ ଆନ୍ଦୋଳନର ଆଜକୁ ଆଜାଦୀ କା ଅମୃତ ମହୋତ୍ସବ ସହିତ ଯୋଡ଼ିବା ସହ ଏହାର ଜାତି ଗଠନରେ ଭୂମିକା ତଥା ମହତ୍ତ୍ୱକୁ ବ୍ୟାଖ୍ୟା କରିଥିଲେ। ଇତିହାସ ଓ ପୁରାତତ୍ତ୍ୱ ବିଭାଗ, ସାମାଜିକ ବିଜ୍ଞାନ ବିଭାଗ ଓ ଏନଏସଏସର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ଅଭୟ କୁମାର ନାୟକ ପରିଚାଳନା କରିଥିଲେ ଓ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଧନ୍ୟବାଦ ଜ୍ଞାପନ କରିଥିଲେ।

# ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ଖଡ଼ଗପୁର ଡିଆରଏମ୍

ବାଲେଶ୍ୱର,୧୪।୮(ସମିସ)



ଖଡ଼ଗପୁରର ଡିଭିଜନାଲ ରେଳ ପ୍ରବନ୍ଧକ ଲଳିତ ମୋହନ ପାଣ୍ଡେ ଆଜି ଖଡ଼ଗପୁର-ବାଲେଶ୍ୱର ସେକ୍ସନରେ ବ୍ୟାପକ ଯାଞ୍ଚ କରିଛନ୍ତି। ଯାଞ୍ଚ ସମୟରେ ସେ ଜଳେଶ୍ୱର, ବେଲଦା ଏବଂ ବାଲେଶ୍ୱର ଷ୍ଟେସନରେ ଅମୃତ ଷ୍ଟେସନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଶ୍ରୀ ପାଣ୍ଡେ ଯାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ଉନ୍ନତ ସୁବିଧା ପ୍ରଦାନ କରିବା ଲକ୍ଷ୍ୟରେ ଅମୃତ ଷ୍ଟେସନ ପଦକ୍ଷେପ ଅଧୀନରେ ସମୟସୀମା ସମାପ୍ତି ଏବଂ ମାନଦଣ୍ଡ ପାଳନ ସୁନିଶ୍ଚିତ କରିବା ପାଇଁ ଚାଲୁଥିବା କାର୍ଯ୍ୟର ଗୁଣବତ୍ତା ଏବଂ ଗତିକୁ ଯାଞ୍ଚ କରିଥିଲେ। ଏହା ସହିତ ସେ ଏହି ଷ୍ଟେସନଗୁଡ଼ିକରେ ବିଭିନ୍ନ ଯାତ୍ରୀ ସୁବିଧା ସାମଗ୍ରୀ ଯାଞ୍ଚ କରିବା ସହ ରେଳ ବ୍ୟବହାରକାରୀଙ୍କ ପାଇଁ ଉନ୍ନତ ଆରାମ, ସୁବିଧା ଏବଂ ସୁଗମତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାପରେ ଶ୍ରୀ ପାଣ୍ଡେ ବେଲଦା ଏବଂ ନେକୁରସିନି ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଂ ଗେଟ ନମ୍ବର୨୬ପରିଦର୍ଶନ କରି କାର୍ଯ୍ୟକ୍ଷମ ସୁରକ୍ଷା ବ୍ୟବସ୍ଥା ଏବଂ ଭିତ୍ତିଭୂମି ରକ୍ଷଣାବେକ୍ଷଣ ସମୀକ୍ଷା କରିଥିଲେ। ସେ କେଜିପି-ବାଲେଶ୍ୱର ସେକ୍ସନର ୱିଣ୍ଡୋ ଟ୍ରେଲିଂ କରିବା ସହ ସୁରକ୍ଷା ଏବଂ ସମ୍ପତ୍ତି ରକ୍ଷଣାବେକ୍ଷଣ ସହିତ ଜଡିତ ବିଭିନ୍ନ ପାରାମିଟରର ସମୀକ୍ଷା କରିଥିଲେ।

## ଚତୁର୍ଥ ଦିନରେ ଅମଲା ସଂଘର ଧାରଣା

ବାଲେଶ୍ୱର,୧୪।୮(ସମିସ): ୧୦ଦଫା ଦାବି ନେଇ ଚଳିତ ମାସ୧୧ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମସ୍ତ ରାଜସ୍ୱ ଅମଲାମାନେ ସାମୁହିକ ଛୁଟିରେ ରହି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଛନ୍ତି। ଗୁରୁବାର ଧାରଣାର ହେଉଛି ଚତୁର୍ଥ ଦିନ। ବର୍ତ୍ତମାନ ପର୍ଯ୍ୟନ୍ତ ଜିଲ୍ଲାପ୍ରଶାସନ ପକ୍ଷରୁ କେହି ସେମାନଙ୍କ ସହ ଆଲୋଚନା କରିନଥିବା ବେଳେ ସେଠାରେ ସେମାନେ ବସିରହିଥିବା ଦେଖିବାକୁ ମିଳିଛି।

## ବାସୁଦେବପୁରରେ ଅମୃତ ସରୋବର ଉଦ୍‌ଘାଟିତ



ବାଲିଆପାଳ, ୧୪।୮ (ସମିସ): ଏହି ବ୍ଲକ ଅନ୍ତର୍ଗତ ଦେଉଳା ପଞ୍ଚାୟତର ବାସୁଦେବପୁର ନିକଟରେ ସ୍ଥାନୀୟ ବିଧାୟିକା ସୁବାସିନୀ ଜେନାଙ୍କ କର କମଳରେ ଅମୃତ ସରୋବର ନାମରେ ନାମିତ ଏକ ସୁରମ୍ୟ ପୁଷ୍କରିଣୀର ଶୁଭ ଉଦଘାଟନ ଅନୁଷ୍ଠିତ ହୋଇ ଯାଇଛି। ଗୁରୁବାର ଦିନ ଏହି ଉତ୍ସବରେ ବିଡ଼ିଓ ରାଧା ରଞ୍ଜନ ଦାସ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା ନାୟକ, ଦେଉଳା ସଦସ୍ୟା ଦୀପ୍ତିଲି ଦାସ, ବାଲିଆପାଳ ବାଘାଯତୀନ ସ୍ମୃତି ପରିଷଦର ମୁଖ୍ୟ ଅରବିନ୍ଦ ବେହେରା, ଦେଉଳା ପଞ୍ଚାୟତ ସରପଞ୍ଚ ସରୋଜ ପିଲା, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବାଲିଆପାଳ ବିଜେଡ଼ି ସଭାପତି ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ ଅଜୟ ଭୂୟାଁ ତଥା ମନ୍ମଥ ନାୟକ, ବସନ୍ତ ବାରିକ, ଅର୍ଦ୍ଧେନ୍ଦୁ ବାରିକ, ଗୋପାଳକୃଷ୍ଣ ବିଶ୍ୱାଳ, ଶ୍ରୀକାନ୍ତ ନାଥ, କମଳାକାନ୍ତ ବାରିକ, ମାନଗୋବିନ୍ଦ ବାରିକଙ୍କ ସହ ଶତାଧିକ ଅନ୍ୟ ଗ୍ରାମବାସୀଗଣ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ ବାବା ବ୍ରଜେଶ୍ୱର ମହାଦେବ ଓ ଶ୍ରୀରାଧା ମଦନମୋହନଙ୍କ ମନ୍ଦିରକୁ ଲାଗି ପ୍ରାୟ ୨୦ ଗୁଣ୍ଠ (୮୦ ଡେସିମିଲି) ଜମିରେ ଏହି ସରୋବର ପରିବ୍ୟାପ୍ତ।

## କୃଷି ମହାବିଦ୍ୟାଳୟ କ୍ରିୟାନୁଷ୍ଠାନ ସମିତିର ଜରୁରୀ ବୈଠକ



ବାଲେଶ୍ୱର,୧୪।୮(ସମିସ): ରାଜ୍ୟ ଉପମହାସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଆହ୍ୱାନରେ କୃଷି ମହାବିଦ୍ୟାଳୟ କ୍ରିୟାନୁଷ୍ଠାନ ସମିତିର ଏକ ଜରୁରୀ ବୈଠକ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଅଭୟ ଚନ୍ଦ୍ର ମିଶ୍ର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନୂଆଦିଲ୍ଲୀରେ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ସାକ୍ଷାତ କରି ବାଲେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି ରଖିଥିବା ପ୍ରକାଶ କରିଥିଲେ। ଜିଲ୍ଲାପାଳଙ୍କ ସଭାଗୃହରେ 'ଦିଶା'ର ଏକ ବୈଠକ ସରିବାରେ ବିଳମ୍ବ ହେବାରୁ ସମସ୍ତ ସଭ୍ୟ ସଭ୍ୟା ସେଠାରେ ଉପସ୍ଥିତ ରହି ବାଲେଶ୍ୱର-ଭଦ୍ରକ ସାଂସଦ ତଥା ବାଲେଶ୍ୱରର ସମସ୍ତ ୮ଜଣ ବିଧାୟକଙ୍କୁ ଭେଟି ବାଲେଶ୍ୱର ଜିଲ୍ଲାର ସରକାରୀ କୃଷିମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି ଉପସ୍ଥାପନ କରିଥିଲେ ଏବଂ ବାଲେଶ୍ୱର-ଭଦ୍ରକ ସାଂସଦଙ୍କୁ ବାଲେଶ୍ୱର ଠାରେ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ସହିତ ସେଥିପାଇଁ ଆବଶ୍ୟକ ବଜେଟ ରଖିବା ପାଇଁ ଅନୁରୋଧ କରିଥିଲେ। ବାଲେଶ୍ୱର ଜିଲ୍ଲାର ସମସ୍ତ ବିଧାୟକମାନେ ଚଳିତ ଅଧିବେଶନରେ କୃଷି ମହାବିଦ୍ୟାଳୟ ବାଲେଶ୍ୱରରେ ସ୍ଥାପନ କରିବା ପାଇଁ ଦାବି ଉଠାଇବାପାଇଁ ସେମାନଙ୍କୁ ଅନୁରୋଧ କରିଥିଲେ। ବୈଠକରେ କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, କୋଷାଧ୍ୟକ୍ଷ ଭାସ୍କର ଚନ୍ଦ୍ର ପାଢ଼ି, ନିରଞ୍ଜନ ରାଉତ, ଗୋବିନ୍ଦ ଚନ୍ଦ୍ର ଭୋଇ, ହରନାରାୟଣ ମଢୁଆଲ,ସୁରେନ୍ଦ୍ର ପ୍ରସାଦ ଦିକ୍ଷିତ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର,ସୀତାରାମ ପ୍ରଧାନ, ଅକ୍ଷୟ କୁମାର ତ୍ରିପାଠୀ,ପ୍ରଫୁଲ୍ଲ କୁମାର ଦାସ, ରବିନାରାୟଣ ଭୋଳ, କାଳନ୍ଦି ସାମଲ,ଲକ୍ଷ୍ମୀନାରାୟଣ କମିଲା,ଶ୍ୟାମସୁନ୍ଦର ଜେନା, ସରସ୍ୱତୀ ପଣ୍ଡା,ସଂଯୁକ୍ତା ବେହେରା,ସରୋଜିନୀ ନାୟକ, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ରବିକୁମାର ପାଣିଗ୍ରାହୀ, ବୈଦ୍ୟନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଜଳେଶ୍ୱର ଆଂଚଳିକ କମିଟି ବିଜୟ କୁମାର ମିସ୍ତ୍ରୀ ଧନ୍ୟବାଦ ଦେଇଥିଲେ।

## 'ଯୁବଶକ୍ତି ହିଁ ସମାଜର ମେରୁଦଣ୍ଡ'




ବାଲେଶ୍ୱର,୧୪।୮(ସମିସ): ସମାଜକୁ ସମୃଦ୍ଧ,ସଂସ୍କୃତ ଓ ମଧୁମୟ କରି ଗଢ଼ି ତୋଳିବାରେ ଯୁବସମାଜର ଏକ ପ୍ରମୁଖ ଭୂମିକା ରହିଛି। ଯୁବକମାନେ ହିଁ ସମାଜର ମେରୁଦଣ୍ଡ। ଯୁବକମାନଙ୍କୁ ଆଗକୁ ଯିବାପାଇଁ ଭରପୂର ସୁଯୋଗ ଦେବା ପାଇଁ ସରକାରୀ ଓ ବେସରକାରୀ କର୍ତ୍ତୃପକ୍ଷମାନେ ଯତ୍ନବାନ ହେବା ଉଚିତ ବୋଲି ମାନବ ଅଧିକାର ସୁରକ୍ଷା ସଂସଦ 'ମାସ' ଏବଂ ପ୍ରକାଶନ ପ୍ରତିଷ୍ଠାନ 'ବିଦ୍ୟାଭାରତୀ' ଆନୁକୂଲ୍ୟରେ ଅନୁଷ୍ଠିତ 'ଆନ୍ତର୍ଜାତିକ ଯୁବ ଦିବସ' ପାଳନ ଅବସରରେ ଅତିଥି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ବହିଘର ପରିସର ସ୍ଥିତ 'ସଂସ୍କୃତି ସଭାଗୃହ' ଠାରେ ଅଭୟ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭବେ ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର ଜେନା ଆଲୋଚନାଚକ୍ର 'ଆଜିର ଆହ୍ୱାନ: ଏକବିଶ୍ୱ-ଏକରାଷ୍ଟ୍ର'ରେ ମୁଖ୍ୟ ଆଲୋଚକ ଭାବରେ ଯୋଗଦେଇ କହିଲେ ଯେ,ଏକ ଯୁଦ୍ଧ ଓ ରକ୍ତପାତମୁକ୍ତ ବିଶ୍ୱ ଆମ ସମସ୍ତଙ୍କର କାମ୍ୟ ହେବା ଉଚିତ। ଏହି ସଭାରେ ଅନ୍ୟାନ୍ୟ ଅତିଥି ବକ୍ତା ଭାବେ ଓଏଏସ ପ୍ରୋବେସନାରୀ ଅଧିକାରୀ ଅମ୍ବିକା ଭୂୟାଁ, କପ୍ତିପଦା ଉପଖଣ୍ଡର ଆସିଷ୍ଟାଣ୍ଟ କଲେକ୍ଟର ପ୍ରବୀଣ କୁମାର,ବିଶିଷ୍ଟ ଶିଳ୍ପୀ କେଶୁଦାସ,'ସମୟର ଚକ୍ର'ର ସମ୍ପାଦକ ସର୍ବେଶ୍ୱର ଜେନା, ସାହିତ୍ୟିକ ବିଜୟ ଦାସ ଅଧିକାରୀ,କବି ପୂର୍ଣ୍ଣଚନ୍ଦ୍ର ପଣ୍ଡା ଏବଂ ନାଟ୍ୟକାର ବିଦ୍ୟାଧର ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ୧୬ ଜଣ ପ୍ରତିଭାଧରଙ୍କୁ ମୁଖ୍ୟ ଅତିଥି ଶ୍ରୀ ଜେନା ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସାଇ ସୁହାନୀ ଜେନା ଏବଂ ଆଫ୍ରିନ ଖାତୁନ ସଂଗୀତ ଗାନ କରିଥିଲେ।

● ବିଶ୍ୱ ଦୃଷ୍ଟିବାଧିତ ମହିଳା କ୍ରିକେଟ ପ୍ରତଯୋଗିତା

## ବାଲେଶ୍ୱରର ଦୁଇ ଛାତ୍ରୀଙ୍କ ବେଙ୍ଗାଲୁରୁ ଗସ୍ତ



ବାଲେଶ୍ୱର,୧୪।୮(ସମିସ): ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ଦୁଇ ଜଣ ଛାତ୍ରୀ ପାର୍ବତୀ ମାର୍ଣ୍ଡି ଓ ପଦ୍ମିନୀ ଟୁଡୁ ଭାରତୀୟ ମହିଳା ଦୃଷ୍ଟିବାଧିତ ଦଳ ଚୟନ ନିମନ୍ତେ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ଚୟନ ଶିବିରରେ ଯୋଗଦେବା ପାଇଁ ଆଜି ସେଠାକୁ ଗସ୍ତ କରିଛନ୍ତି। ଆଗାମୀ ସିଜିନରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ କପ ପାଇଁ ଏହି ଶିବିର ଅନୁଷ୍ଠିତ ହେଉଅଛି। ଓଡିଶାରୁ ମୋଟ ୮ ଜଣ ମହିଳା ଏହି ଶିବିରରେ ଯୋଗ ଦେବେ। ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ସ, ପ୍ରଶିକ୍ଷକ ପ୍ୟାରୀମୋହନ ଭୂୟାଁ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି।

## ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ସଂସ୍କୃତ ଦିବସ

ସୋର, ୧୪।୮ (ସମିସ): ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ଅଧ୍ୟକ୍ଷ ମନୋଜ ମହାନ୍ତିଙ୍କ ସଭାପତିତ୍ୱରେ ବିଶ୍ୱ ସଂସ୍କୃତ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ମହାପାତ୍ର ସଂସ୍କୃତ ଦିବସର ମହତ୍ତ୍ୱ ବିଷୟରେ ବିଭିନ୍ନ ଉଦାହରଣ ମାଧ୍ୟମରେ ବର୍ଣ୍ଣନା କରିଥିଲେ। ସଂସ୍କୃତ ଭାଷାର ଜନକ ମହର୍ଷି ପାଣିଙ୍କ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ସହ ସଂସ୍କୃତ ଭାଷା କାହିଁକି ଦେବ ଭାଷା ଓ ଏହାର ସୁରକ୍ଷା ଆମର ପ୍ରଧାନ କର୍ତ୍ତବ୍ୟ ବୋଲି ଅନ୍ୟତମ ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ ସୁରେନ୍ଦ୍ର ପ୍ରସାଦ ମଣ୍ଡଳ ନିଜ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଇତିହାସ ବିଭାଗର ମୁଖ୍ୟ ନିରଞ୍ଜନ ଜେନା ଯୋଗ ଦେଇ ସଂସ୍କୃତ ଭାଷା ସାହିତ୍ୟର ମହନୀୟତା, ସୁରକ୍ଷା ଓ ରାଷ୍ଟ୍ରୀୟ ଏକତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ରଶ୍ମିତା ନାଏକ ତଥା ବିଭାଗର ଅନ୍ୟତମ ଅଧ୍ୟାପକ ଶଶିକାନ୍ତ ମିଶ୍ର ସଂସ୍କୃତ ଦିବସ ପାଳନ ପାଇଁ ସମସ୍ତ ଆୟୋଜନ କରିବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସଭା ପ୍ରାରମ୍ଭରେ ବିଭାଗୀୟ ଛାତ୍ରୀ ପଦ୍ମିନୀ, ସୋନାଲି, ନିବେଦିତା, ସଂଜ୍ଞା ସୁଲଳିତ କଣ୍ଠରେ ଦେଶ ବନ୍ଦନା ଗାନ କରିଥିଲେ ଓ ଅଧ୍ୟାପକ ଶଶିକାନ୍ତ ମିଶ୍ର ବେଦ ପାଠ କରିଥିଲେ। ଶେଷରେ ସୋନାଲି ପ୍ରିୟଦର୍ଶିନୀ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

## ଘରେ ଘରେ ତ୍ରିରଙ୍ଗା




ବାଲିଆପାଳ, ୧୪।୮ (ସମିସ): ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀଙ୍କ ମିଳିତ ସମନ୍ୱୟରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୌରାଙ୍ଗ ରାଉତ ଉଦଘାଟନ କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏକ ବିରାଟ ପଦଯାତ୍ରାରେ ଦେଭୋଗ ଛକ ପର୍ଯ୍ୟନ୍ତ ଯାଇ ତ୍ରିରଙ୍ଗା ପତାକା ଉଡେଇବା ସହ ଜାତୀୟ ସଂଗୀତ ତଥା ଦେଶାତ୍ମବୋଧକ ସଂଗୀତ ଗାନ କରି ଲୋକମାନଙ୍କ ମନରେ ଜାତୀୟ ଚେତନା ଜାଗ୍ରତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏନ୍.ଏସ୍ .ଏସ୍ ର ପ୍ରୋଗ୍ରାମ ଅଫିସର ପ୍ରେମାନନ୍ଦ ସେଠୀ, ଏନ.ସି.ସିର କେୟାରଟେକର ପ୍ରଶାନ୍ତ କୁମାର ସାହୁ, ପୁଷ୍ପା ବିରୁଳି, ପରେଶ ଦାସ ପରିଚାଳନା କରିଥିଲେ। ରସାୟନବିଜ୍ଞାନ ବିଭାଗର ପ୍ରାଧ୍ୟାପିକ ଶାନ୍ତିଲତା ଗିରି ରାଜନୀତି ବିଜ୍ଞାନ ବିଭାଗ ର ବରିଷ୍ଠ ଅଧ୍ୟାପକ ରଞ୍ଜନ କୁମାର ପାଢ଼ୀ ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ସତ୍ୟନାରାୟଣ ସାହୁ ଉଦ୍ଭିଦ ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ଗଣେଶ ଚନ୍ଦ୍ର ସି ଗଣିତ ବିଭାଗ ର ଅଧ୍ୟାପକ ବେଣୁଧର ନାୟକ, ଦୁର୍ଗାଶଙ୍କର ନାୟକ, ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ସୁଦର୍ଶନ ରଣା, ରଣଜିତ ସାହୁ, ବିଶ୍ୱନାଥ ସାମଲ, ପ୍ରିୟରଞ୍ଜନ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ତ୍ରିରଙ୍ଗା ଶୋଭାଯାତ୍ରାରେ ଦେଶଭକ୍ତିର ନାରା



ବାଲେଶ୍ୱର,୧୪।୮(ସମିସ)

ସ୍ୱାଧିନତା ଦିବସ ଉପଲକ୍ଷେ ଜିଲ୍ଲା ପ୍ରଶାସନର ସହଯୋଗରେ ବାଲେଶ୍ୱର ପୌରପରିଷଦ ପକ୍ଷରୁ ଆଜି ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ଗାନ୍ଧୀସ୍ମୃତି ଭବନ ପରିସରରୁ ବାହାରି ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ଯାଇଥିଲା। ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗଦେଇଥିଲେ।

**ବଲାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟ:** ଏହି ମହାବିଦ୍ୟାଳୟରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଛାତ୍ରଛାତ୍ରୀ ଦେଶଭକ୍ତିର ନାରା ଦେଇ ସହର ପରିକ୍ରମା ସହ ଘରକୁ ଘର ଯାଇ ସରକାରଙ୍କ ପ୍ରଦତ୍ତ ତ୍ରିରଙ୍ଗା ପତାକା ବଣ୍ଟନ ସହ ଦେଶ ଭକ୍ତିର ବାର୍ତ୍ତା ପହଞ୍ଚାଇଥିଲେ। କଲେଜ ଅଧ୍ୟକ୍ଷ ଡ. ରତ୍ନାକର ସିଂହ, ମନୋଜ କୁମାର ନାୟକ, ଅଜୟ କୁମାର ମହାକୁଡ଼, ସୁରେନ୍ଦ୍ର ପଣ୍ଡା, ସନ୍ତୋଷ ପଣ୍ଡା, ବିଶ୍ୱଜିତ ପ୍ରଧାନ, ସଞ୍ଜୟଦେ, ନିର୍ମଳ ରାଉତ, ପ୍ରବୋଧ ପତି, ପ୍ରହ୍ଲାଦ କୁଅଁର, ସୁରୁଚି ମହାନ୍ତି, ତନୁଶ୍ରୀ ପୋଥାଳ, ନମିତା ଦତ୍ତ, ହରେକୃଷ୍ଣ ବାରିକ, ସତ୍ୟବ୍ରତ ସାମଲ, ସୁଶାନ୍ତ ଦାସ, ଦେବାଶିଷ ଦାଶ ପ୍ରମୁଖ ସହର ପରିକ୍ରମା ସମୟରେ ସହଯୋଗ କରିଥିଲେ।

**ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ:** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ମହାବିଦ୍ୟାଳୟର ପରିସରରୁ "ହର୍ ଘର୍ ତିରଙ୍ଗା" କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ବିଶାଳ "ତ୍ରିରଙ୍ଗା ପଦଯାତ୍ରା" ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ମହାବିଦ୍ୟାଳୟ ମୁଖ୍ୟ ପରିସରରୁ ଆରମ୍ଭ ହୋଇ ଷ୍ଟେସନ ଛକ ଏବଂ ପୋଲିସ ଲାଇନ୍ ଦେଇ ପୁନଃ ମହାବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଫିରୋଜ କୁମାର ପାଢ଼ୀ ଶୋଭାଯାତ୍ରାର ନେତୃତ୍ୱ ନେଇଥିବା ବେଳେ ବାଣିଜ୍ୟ ବିଭାଗମୁଖ୍ୟ ଡ. ଅଭିଜିତ ଦାସ ଏହାର ପରିଚାଳନା କରିଥିଲେ।

**ଜିଲ୍ଲା ପ୍ରଶାସନ:** ପ୍ରତି ଘରେ ତ୍ରିରଙ୍ଗା ଅଭିଯାନରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ତରଫରୁ ଅନେକ ପଦକ୍ଷେପ ନିଆଯାଉଛି। ଦୁଇ ଲକ୍ଷ ପଚାଶ ହଜାର ତ୍ରିରଙ୍ଗା ପତାକା ପ୍ରସ୍ତୁତ କରାଯାଉଛି। ଆଜି ସକାଳେ ଏକ ସାଇକେଲ ରାଲିର ଆୟୋଜନ କରାଯାଇଥିଲା।



Lunching of Zoom 125, Courtesy Soumik Hero, Jajpur Road

## ନିଶା ନିବାରଣ ସଚେତନତା ସଭା

କାଳିପଦା, ୧୪।୮ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜର ଜାତୀୟ ଯୋଜନା ପୁରୁଷ ଓ ମହିଳା ୟୁନିଟ ପକ୍ଷରୁ ଶୁକ୍ରବାର କଲେଜ ସଭା ଗୃହରେ ନିଶା ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇ ଯାଇଛି । କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଦେବବ୍ରତ ଦାସ, ସଂଗ୍ରାମ କେଶରୀ ନାୟକ, ବରିଷ୍ଠ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି, ସଂସ୍କୃତ ବିଭାଗ ମୁଖ୍ୟ ଅଧ୍ୟାପିକା ତନୁଶ୍ରୀ ନାୟକ, ଓଡ଼ିଆ ବିଭାଗ ଅଧ୍ୟାପିକା ସ୍ୱାଗତିକା ଜେନା ପ୍ରମୁଖ ଯୋଗ ଦେଇ ନିଶାର ଭୟାବହତା ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରୋଗ୍ରାମ ଅଫିସର ଅଧ୍ୟାପକ ନଗେନ୍ଦ୍ର ନାଥ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟାପିକା ମିତାରାଣୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଚନ୍ଦନେଶ୍ୱରରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳିତ

ଚନ୍ଦନେଶ୍ୱର, ୧୪।୮ ( ସମିସ) : ଭାରତୀୟ ଜନତା ପାର୍ଟି ବାଲେଶ୍ୱର( ଉତ୍ତର) ପକ୍ଷରୁ ଭୋଗରାଇର ଚନ୍ଦନେଶ୍ୱର ନୂତନ ଯାତ୍ରୀ ନିବାସ ଠାରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ଗୁରୁବାର ପାଳିତ ହୋଇ ଯାଇଛି । ଏ ନେଇ ଆୟୋଜିତ ସଭାକୁ ବାଲେଶ୍ୱର( ଉତ୍ତର) ର ସଭାପତି ପ୍ରଦୀପକୁମାର ପଣ୍ଡା ପୌରୋହିତ୍ୟ କରିଥିଲେ । ମୁଖ୍ୟଅତିଥି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଯୋଗଦେଇ ୧୮ ୫୭ ସିପାହୀ ବିଦ୍ରୋହ ପାଖରୁ ଭାରତକୁ ବିଭାଜନ ପାଇଁ ଯୋଜନା ଆରମ୍ଭ ହୋଇ ଯାଇଥିଲା । ମାତ୍ର କିଛି କାରଣରୁ ୧୯୪୭ ଅଗଷ୍ଟ ୧୪ରେ ତାହା ସମ୍ଭବ ହୋଇଥିଲା । ଏଥିପାଇଁ ଉପୁଜିଥିବା ହିଂସା, ବିଭୀଷିକା ପାଇଁ କଂଗ୍ରେସ ଦାୟୀ ବୋଲି ସେ କହିଥିଲେ । । ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ତ୍ରିରଙ୍ଗା ପତକା ଆମ ଜାତିର ଗୌରବ । ତାର ମାନକୁ ସବୁବେଳେ ଟେକ ରଖିବା ଉଚିତ ଏବଂ ହରଘର ତ୍ରିରଙ୍ଗା ଉଡାଇବାକୁ ନିବେଦନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଂଶୁମାନ ମହାନ୍ତି, ବାଲିଆପାଳର ବରିଷ୍ଠ ନେତା ରବୀନ୍ଦ୍ର ଅଣ୍ଡିଆ, କାର୍ଯ୍ୟକ୍ରମର ପ୍ରମୁଖ ପରମାନନ୍ଦ ମହାପାତ୍ର, ବସନ୍ତ ବାରିକ, ଉପସଭାପତି କମଳ ଲୋଚନ ଦାସ,ସମାଜସେବୀ ଦିଲ୍ଲୀପ କୁମାର କାମିଲା ପ୍ରମୁଖ ମଂଚାସୀନ ହୋଇ ବକ୍ତବ୍ୟ ଦେଇଥିଲେ । ଭୋଗରାଇ ବିଜେପି ନେତା ଆଶିଷ ପାତ୍ର ପ୍ରାରମ୍ଭିକ ବକ୍ତବ୍ୟ ଦେଇଥିବା ବେଳେ ଶେଷରେ ଜୟରାମପୁର ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

## କବି ଭରତ ଚନ୍ଦ୍ର ଦାଶଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ

ସିମୁଳିଆ, ୧୪।୮ (ସମିସ): ନୂଆଦିଲ୍ଲୀସ୍ଥିତ ୱାଲ୍ଡ ଚାରିଟି ୱେଲଫେୟାର ଫାଉଣ୍ଡେସନ ପକ୍ଷରୁ ରାଉରକେଲାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ କବି ଡ.ଭରତ ଚନ୍ଦ୍ର ଦାଶଙ୍କୁ ଆଜୀବନ ସାହିତ୍ୟ ସେବାପାଇଁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ସମ୍ମାନରେ ସମ୍ମାନିତ କରାଯାଇଛି । ଗତ ୧୩ ତାରିଖରେ ରାଉରକେଲା ଉଦିତ




ନଗର ପାଠାଗାର ସଭାକକ୍ଷରେ ଡ. ଦାଶଙ୍କୁ ଉତ୍ତରୀୟ, ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଉତ୍ତର ଆଧୁନିକ ରୋମାଣ୍ଟିକ୍ ଚେତନାର ଅନନ୍ୟ କାବ୍ୟଶିଳ୍ପୀ ଭାବେ ପ୍ରେମ ଓ ପ୍ରଣୟକୁ ନେଇ ପ୍ରୀତି ଧାରାରେ ୨୫ ଖଣ୍ଡ ଏକପଦୀ କବିତା ସଂକଳନ ଲେଖି କବି ଡ.ଭରତ ଚନ୍ଦ୍ର ଦାଶ ବହୁ ସମ୍ମାନ ଓ ପୁରସ୍କାର ଲାଭ କରିଛନ୍ତି । ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟଭାବେ ଡ. ଦାଶ କାର୍ଯ୍ୟ କରିଛନ୍ତି ।

## ସ୍ୱାଧୀନତା ସଂଗ୍ରାମୀଙ୍କୁ ଯଥାର୍ଥ ସମ୍ମାନ ମିଳୁ

କାଳିପଦା, ୧୪।୮ (ସମିସ): ବାଲିଆପାଳ ବ୍ଲକ ପରିସରରେ ବାଲିଆପାଳ ଅଞ୍ଚଳର



ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତି ସ୍ତମ୍ଭ ନିର୍ମାଣ କରାଯାଇ ଥିଲା । ସ୍ତମ୍ଭରେ କେତେ ଜଣ ସଂଗ୍ରାମୀ ମାନଙ୍କ ନାମ ଫଳକରେ ଲେଖା ଯାଇଥିଲା । ସମସ୍ତ ସଂଗ୍ରାମୀଙ୍କ ନାମ ଲେଖା ଯାଉ ବୋଲି ବୁଦ୍ଧିଜୀବୀ ମହଲରୁ ବ୍ଲକ ପ୍ରଶାସନକୁ କୁହାଯାଇ ଥିଲା । ତାହା ଅଦ୍ୟାବଧି ହୋଇ ପାରି ନାହିଁ । ଅନ୍ୟପକ୍ଷରେ ଯେଉଁ ସ୍ତମ୍ଭ ହୋଇ ଥିଲା ସେ ସ୍ତମ୍ଭରୁ ଏବେ ସଂଗ୍ରାମୀ ମାନଙ୍କ ନାମ ଲିଭି ଗଲାଣି । ବିଡ଼ିଓ ରାଧା ରଞ୍ଜନ ଦାସ ଏଥିପ୍ରତି ଦୃଷ୍ଟି ଦେବାକୁ ସବୁ ମହଲରୁ ଦାବି ହୋଇଛି ।

## ଶୁଦ୍ଧିକ୍ରିୟା ପାଇଁ ସହାୟତା

ଖଇରା,୧୪।୮ (ସମିସ): ଖଇରା ବ୍ଲକ ଅନ୍ତର୍ଗତ କୁରୁଣ୍ଟା ପଞ୍ଚାୟତ ମିରିପୁର ଖଇରା ଗ୍ରାମର ରମେଶ ଦଲେଇ ଗତ ୫ ତାରିଖ ରେ କୁକୁର କାମୁଡାରେ ମୃତ୍ୟୁବରଣ କରିଥିଲେ । ସେ ନିହାତି ଜଣେ ଗରିବ ଲୋକ ହୋଇଥିବା ବେଳେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ । ସ୍ୱାମୀଙ୍କ ଶୁଦ୍ଧିକ୍ରିୟା ପାଇଁ ପତ୍ନୀଙ୍କ ପାଖରେ ସମ୍ବଳ ନଥିଲା । ଏ ନେଇ ମିରିପୁର ଖଇରା ଗ୍ରାମର ଯୁବକ ମାନେ ଏକତ୍ରିତ ହୋଇ ବିଭିନ୍ନ ସାମାଜିକ ଗଣ ମାଧ୍ୟମ ସହଯୋଗ ମାଗିଥିଲେ । ଗ୍ରାମର ଯୁବକ ଗୌରାଙ୍ଗ ଧଡ଼ା, ବିଶ୍ୱନାଥ ଲେଙ୍କା, ଲକ୍ଷ୍ମୀଧର ଶିଆଳ ଓ ସୁରୂପା ନନ୍ଦ ବାରିକ ରାଜ୍ୟ ବାହାରେ ଓ ଗ୍ରାମ ର ଘରେ ଘରେ ବୋଲି ଆର୍ଥିକ ସହଯୋଗ ମାଗିଥିଲେ । ଆଜି ୫ ନଂ ଜୋନର ଜିଲ୍ଲାପରିଷଦ ମାନଶ ଦାସ, କୁରୁଣ୍ଟା ପଂଚାୟତ ସରପଞ୍ଚ ରଘୁନାଥ ଜେନା ସମେତ ଯୁବକ ମାନେ ରମେଶଙ୍କ ଘରେ ପହଁଚି ତାଙ୍କ ସ୍ତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

## ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ସୋର, ୧୪।୮ (ସମିସ): ସୋର ଥାନା ଅଞ୍ଚଳରେ ଜଣେ ଯୁବତୀକୁ ଦୁଷ୍କର୍ମ ଅଭିଯୋଗରେ ଯୁବକଙ୍କୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି । ସୋର ଥାନା ସବିରା ପଞ୍ଚାୟତ ମୁନିସବିରା ଗ୍ରାମର ଲିପା ମାଝୀ (୪୫) ଜନୈକା ଯୁବତୀଙ୍କ ଘରେ କେହି ନଥିବାର ସୁଯୋଗ ନେଇ ତାଙ୍କୁ ଦୁଷ୍କର୍ମ କରିଥିଲା । ଏ ନେଇ ଯୁବତୀଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଗତକାଲି ରାତିରେ ପୁଲିସ ଲିପାକୁ ଗିରଫ କରିଥିଲା । ଆଜି ଅପରାହ୍ଣରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି ।

# ପଞ୍ଜୀକରଣ ଅବ୍ୟବସ୍ଥା ନେଇ ବଢ଼ୁଛି ଅସନ୍ତୋଷ

ଚିନ୍ତାରେ ଚାଷୀ

ଚନ୍ଦନେଶ୍ୱର, ୧୪।୮ (ସମିସ)



ଭୋଗରାଇରେ ବିଭିନ୍ନ ସମବାୟ ସମିତିରେ ଚାଷୀ ପଞ୍ଜୀକରଣ ଅବ୍ୟବସ୍ଥାକୁ ନେଇ ବଢ଼ୁଛି ଅସନ୍ତୋଷ । ଚଳିତ ମାସ ୨୦ ତାରିଖ ପଞ୍ଜୀକରଣର ଶେଷଦିନ ହୋଇଥିବା ବେଳେ ଶୁକ୍ରବାର ଠାରୁ ରବିବାର ପର୍ଯ୍ୟନ୍ତ ତିନି ଦିନ ଛୁଟି ରହିବ । ଏଭଳି ଘଡି ସନ୍ଧି ମୁହୂର୍ତ୍ତରେ ନିୟମ କୋହଳ ନ ହେଲେ କିମ୍ବା ପଞ୍ଜୀକରଣ ଅବଧି ବୃଦ୍ଧି କରା ନ ଗଲେ ଅଧିକାଂଶ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ରହିବେ । ସବୁଠାରୁ ବଡ କଥା ହେଲା ପଞ୍ଜୀକରଣ ପୋର୍ଟାଲରେ ସର୍ଭର ଆଇଡି ସେବାରେ ସମସ୍ୟା ରହିଥିବାରୁ ଧାନ ସଂଗ୍ରହ ଆଇରିସ ସ୍କାନରରେ କିଛି ତ୍ରୁଟି ରହିଥିବା ଯୋଗୁଁ ବିଶେଷକରି ଶ୍ରଦ୍ଧାପୁର ସମବାୟ ସମିତିର ଚାଷୀ ପଞ୍ଜୀକରଣ କରି ନ ପାରି ଫେରୁଥିବା ନେଇ ଜନ ଅସନ୍ତୋଷ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି । ପଞ୍ଜିକରଣ ନିୟମକୁ ଚାଷୀଙ୍କ ମନୋବଳକୁ ଭାଙ୍ଗି ଦେଉଛି । ସରକାର ଘୋଷଣା କରିଥିବା ସରଳୀକରଣ ଫର୍ମ ଗତ ସୋମବାର ସବୁ ସମବାୟ ସମିତିରେ ପହଞ୍ଚି ଥିଲେ ମଧ୍ୟ ସେଥିରେ ଚାଷୀଙ୍କ ପାଇଁ ବିଭିନ୍ନ ସମସ୍ୟା ଉପୁଜୁଛି । ଜମି ପଟ୍ଟାରେ ଥିବା ସମସ୍ତ ଉତ୍ତରାଧିକାରୀଙ୍କୁ ସମବାୟ ସମିତିରେ ପହଞ୍ଚି ସ୍ୱୀକୃତିପତ୍ରରେ ଦସ୍ତଖତ କରିବାକୁ ପଡିବ । ଯେଉଁମାନଙ୍କର ମୃତ୍ୟୁ ହୋଇଛି କିମ୍ବା ବାହାର ରାଜ୍ୟରେ ରହି ଦାଦନ ଖଟୁଛନ୍ତି ସେମାନଙ୍କ କ୍ଷେତ୍ରରେ ସମସ୍ୟା ଦେଖାଦେଉଛି । ଅପରପକ୍ଷରେ ଲିଗାଲ ହେୟାର ବାହାର କରିବା ନାହିଁ ନ ଥିବା ସମସ୍ୟା ସୃଷ୍ଟି ହେଉଛି । ଏ ନେଇ ଚାଷୀ ପଞ୍ଜୀକରଣ କରି ନ ପାରି ହନ୍ତସନ୍ତ ହେଉଛନ୍ତି । ପଞ୍ଜିକରଣ ନିୟମ କୋହଳ ସହିତ ଅବଧି ବୃଦ୍ଧି କରିବାକୁ ସାଧାରଣରେ ଦାବି ହେଉଛି ।

# ‘ଘରେ ଘରେ ତ୍ରିରଙ୍ଗା’ ଶୋଭାଯାତ୍ରା



ଜଳେଶ୍ୱର, ୧୪।୮ (ସମିସ)

୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ "ପ୍ରତିଟି ଘରେ ତ୍ରିରଙ୍ଗା" ରାଲି ଜଳେଶ୍ୱର ପୌରପାଳିକା ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ପୌରପାଳିକା ଦ୍ୱାରା ଓ୍ୱାର୍ଡ ମାନଙ୍କରେ ସ୍ୱତନ୍ତ୍ର ସ୍ୱଚ୍ଛତା ସଚେତନତା ଅଭିଯାନ କରାଯାଇଥିଲା । ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ଝୋଟି, ଚିତା ଓ ରଂଗୋଲି କାର୍ଯ୍ୟକ୍ରମ ପୌରପାଳିକା କାର୍ଯ୍ୟାଳୟରେ ଅନୁଷ୍ଠିତ କରାଯାଇଥିଲା । ଜଳେଶ୍ୱର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱଚ୍ଛ ସାଥୀ, ସ୍ୱଚ୍ଛ କର୍ମୀ, ଜଳେଶ୍ୱର ଉଚ୍ଚ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ପୌରପାଳିକାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

**ନୀଳଗିରିରେ ୬୫୦ ଫୁଟର ତ୍ରିରଙ୍ଗା ଯାତ୍ରା:** ୭୯ ତମ ସ୍ୱାଧୀନତା ଦିବସ ଉପଲକ୍ଷେ ସ୍ୱାଧୀନତାର ସଂଘର୍ଷ, ପରାକ୍ରମ ଓ ବଳିଦାନକୁ ମନେ ପକାଇ ଗୁରୁବାର ପୂର୍ବାହ୍ନ ନୀଳଗିରିରେ ଏକ ୬୫୦ ଫୁଟର ବିଶାଳ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଯାତ୍ରା ନୀଳଗିରି ବସଷ୍ଟାଣ୍ଡ ଠାରୁ ଠାରୁ ବାହାରି ନୀଳଗିରି ବଜାର ପରିକ୍ରମା କରି ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ସମାପ୍ତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମାନ୍ୟବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ପାଖା ପାଖି ୧୫୦୦ ସଂଖ୍ୟାରେ ଛାତ୍ର, ଛାତ୍ରୀ ସହ ରାଷ୍ଟ୍ର ପ୍ରେମୀ ଭାଇ ଓ ଭଉଣୀ ମାନେ ଭାଗ ନେଇଥିଲେ । ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ନଗର ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ ଓ ଜିଲ୍ଲାପରିଷଦ ସଭ୍ୟା ୧୧ନଂ ସୁବର୍ଣ୍ଣା ମଞ୍ଜରୀ ସିଂ, ୧୨ନଂ ରଞ୍ଜିତା ସିଂ, ୨ନଂ ଉଷାରାଣୀ ରାଉଳ ଓ ୧୩ନଂ ଜିଲ୍ଲାପରିଷଦ ସଦସ୍ୟ ଗତୀକୃଷ୍ଣ ନନ୍ଦ ସହିତ କରୁଣାକର ପଣ୍ଡା, ସମର ଶଙ୍କର କାନୁନଗୋ, ଦେବାଶିଷ ଆଚାର୍ଯ୍ୟ, ଗୋପୀବଲ୍ଲଭ ରାଉତ, ତାପସ ମହାନ୍ତି, ରବି ନାୟକ, ପ୍ରଫୁଲ୍ଲ ଦଲେଇ, ମନରଞ୍ଜନ ବେହେରା, ଯୁବନେତା ଚନ୍ଦ୍ରଶେଖର ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ ।

**ବସ୍ତା ବ୍ଲକ :** ବସ୍ତା ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି । ମଣ୍ଡଳ ସଭାପତି ପ୍ରସନ୍ନ ପଣ୍ଡାଙ୍କ ଆବାହନରେ ବସ୍ତା ବ୍ଲକ ମଥାନୀ ବସଷ୍ଟାଣ୍ଡଠାରୁ ଏକ ୧୦୦ ମିଟର ର ଜାତୀୟ ପତାକା ଧରି ବିଜେପି କର୍ମୀ ମାନେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବାହାର୍ଦ୍ଦା, ଗାନ୍ଧୀ ଛକ ଦେଇ କୁଡିଆ ଶିବ ମନ୍ଦିର ପାଖରେ ପହଞ୍ଚି ଥିଲା । ଏହି ଶୋଭାଯାତ୍ରା ରେ ରାଜ୍ୟ ପରିଷଦ ସଦସ୍ୟ ରବୀନ୍ଦ୍ର କୁମାର ଜୈନ, ପୂର୍ବତନ ମଣ୍ଡଳ ସଭାପତି ରଞ୍ଜନ କୁମାର ମହାନ୍ତିଙ୍କ ସମେତ ବିଜେପି ନେତୃମଣ୍ଡଳୀଙ୍କ ମଧ୍ୟରେ ସୂର୍ଯ୍ୟ ନାରାୟଣ ସାହୁ, ରାଜେନ ପରିଡ଼ା, ଧିରେନ୍ ସେଠୀ, ଯୋଗ ଦେଇଥିଲେ ।

**ରାଜଘାଟ:** ବସ୍ତା ବ୍ଲକ ୬୦ନଂ ଜାତୀୟ ରାଜପଥର ଭେଲୋରା ଛକ ଏକ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଭେଲୋରା ବଜାର ଏବଂ ଗ୍ରାମ ଶେଷ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ବିଜେପିର ଉତ୍ତର ବାଲେଶ୍ୱର ସଭାପତି ପ୍ରଦୀପ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଜୟନ୍ତ ଭଦ୍ରଙ୍କ ପୌରହିତ୍ୟରେ କୃତିବାସ ଚନ୍ଦ, ଗୌରାଙ୍ଗ ପ୍ରଧାନ, ଚନ୍ଦନ ଦାସ, ଶିବ ଚରଣ ଦାସ, ବିଶ୍ୱଜିତ ଉପାଧ୍ୟାୟ, ଦେବେନ୍ଦ୍ର କର, ତାପସ କୁମାର ଚନ୍ଦ, ଭାଗିରଥ ଜେନା, ନରେନ୍ଦ୍ର ବେହେରା, ବିକାଶ ମୁଖୀ, ବାବୁଲି ବେହେରା, ରତିକାନ୍ତ ସାହୁ, କାର୍ତ୍ତିକ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ ।

## ଲୋକନାଥ ହାଇସ୍କୁଲରେ ସଚେତନତା କାର୍ଯ୍ୟକ୍ରମ

ଭୋଗରାଇ,୧୪।୮ (ସମିସ): ଭୋଗରାଇ ବ୍ଲକର ଆରତୀ ଫାଉଣ୍ଡେସନ ଓ ଲାଇନ କ୍ଲବ ଇଣ୍ଟରନେସନାଲ କଲମ୍ବ ସହାୟତାରେ ମହାଗବ ଲୋକନାଥ ହାଇସ୍କୁଲରେ ମାନସିକ ଚାପ ଗ୍ରସ୍ତ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ହରିହର ପାତ୍ର ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉତ୍ତର କୁମାର ଦଣ୍ଡପାଟ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାନସିକ ଚାପରୁ କେମିତି ଦୂରେଇ ରହିବେ ସେ ସଂପର୍କରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ଲାଇନ କ୍ଲବ ଇଣ୍ଟରନେସନାଲ କଲମ୍ବର ସଭାପତି ସୁଜୟ ସାଁ, ସମ୍ମାନିତ ଅତିଥି ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ସାଁ, ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିପିଏମ କବି ପ୍ରସାଦ ସାହୁ, ବିନୋଦ ବିହାରି ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦୀପକ ପାଳ, ଦିବେନ୍ଦୁ ସାଁ ପ୍ରମୁଖ ଉପସ୍ଥିତ ହୋଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ ।

## ଖୁଲୁଡ଼ା ସରପଞ୍ଚ ଅଯୋଗ୍ୟ ଘୋଷିତ

ଜଳେଶ୍ୱର, ୧୪।୮ (ସମିସ): ଜଳେଶ୍ୱର ବ୍ଲକ୍ ଖୁଲୁଡ଼ା ପଞ୍ଚାୟତ ସରପଞ୍ଚ ଜ୍ୟୋତିର୍ମୟ ଆଚାର୍ଯ୍ୟଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଛି । ବାଲେଶ୍ୱର ଜିଲ୍ଲାପାଳଙ୍କ ଚିଠି ନମ୍ବର ୧୪୨୭ ମୂଳେ ଜଳେଶ୍ୱର ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ୧୯୬୪ ର ଧାରା ୨୧ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନେବା ସହିତ ଖୁଲୁଡ଼ା ସରପଞ୍ଚ ପଦ ଆକସ୍ମିକ ଭାବେ ଖାଲି ପଡ଼ିବା ସମ୍ପର୍କରେ ଜିଲ୍ଲାପାଳ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି । ଜିଲ୍ଲାଜଜ୍ ନିର୍ବାଚନ ଅପିଲ୍ ନମ୍ବର ୫/୨୦୨୪ ସମ୍ପର୍କରେ ଏକ ଆଦେଶନାମା ଗତ ଜୁଲାଇ ମାସ ୨୯ ତାରିଖରେ ପ୍ରଦାନ କରିଛନ୍ତି । ଜିଲ୍ଲା ଜଜ୍‌ଙ୍କ ଦ୍ୱାରା ଏହି ଆଦେଶନାମା ରହିଛି ଯେ ଜଳେଶ୍ୱର ସିଭିଲ୍ ଜଜ୍(ଜୁନିୟର ଡିଭିଜନ) ଏକ ନିର୍ବାଚନୀ ମାମଲା ୨୨/୨୦୨୨ର ବିଚାର କରି ୨୦୨୪ ମସିହା ଜୁଲାଇ ମାସ ୩୧ ତାରିଖରେ ଯେଉଁ ରାୟ ଦେଇଥିଲେ ସେହି ରାୟକୁ ବାଲେଶ୍ୱର ଜିଲ୍ଲାଜଜ୍ ବଳବତ୍ତର ରଖିଛନ୍ତି । ଉକ୍ତ ଚିଠି ଅନୁଯାୟୀ ଜ୍ୟୋତିର୍ମୟ ଆଚାର୍ଯ୍ୟଙ୍କୁ ସରପଞ୍ଚ ପଦବିରେ ରହିବା ପାଇଁ ଅଯୋଗ୍ୟ ଘୋଷଣା କରାଯାଇଛି । ଖୁଲୁଡା ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ଖାଲି ପଦବୀ ପୂରଣ ପାଇଁ ଏକ ନୂତନ ନିର୍ବାଚନ କରାଯିବ । ଜିଲ୍ଲାପାଳଙ୍କ ଏହି ଚିଠି ମିଳିବା ପରେ ଆଜି ଜଳେଶ୍ୱର ବିଡିଓଙ୍କ ନିର୍ଦ୍ଦେଶରେ ଖୁଲୁଡ଼ା ପିଇଓ ଦେବୀଦତ୍ତ ବେହେରା ଶ୍ରୀ ଆଚାର୍ଯ୍ୟଙ୍କ ଘର କାନ୍ଥରେ ଏକ ଲଟ୍‌କା ଲଗାଇଛନ୍ତି ।




# ନୂତନ ଶୋରୁମ୍ ‘ବାଲେଶ୍ୱର ଟିଭିଏସ୍’ ଉଦ୍‌ଘାଟିତ



ବାଲେଶ୍ୱର,୧୪।୮ (ସମିସ): ବାଲେଶ୍ୱର ଓଟି ରୋଡ ତାମୁଲିଆ ଓଭର ବ୍ରିଜ୍ ନିକଟରେ ଟିଭିଏସ୍ କମ୍ପାନୀର ନୂତନ ଶୋ ରୁମ୍ ବାଲେଶ୍ୱର ଟିଭିଏସ୍ "ସାଇ ଅନଙ୍ଗ ଅଟୋମୋବାଇଲସ୍' ଉଦ୍‌ଘାଟିତ ହୋଇଯାଇଛି । ଟିଭିଏସ୍ ମୋଟର୍ସର ଇଷ୍ଟଜୋନ୍ ରିଜିଓନାଲ ସର୍ଭିସ ମ୍ୟାନେଜର ସମୀର କୁମାର ସିଂହ ଏହି ନୂତନ ଶୋ ରୁମକୁ ଉଦଘାଟନ କରିଥିଲେ । ଓଟିରୋଡ ଠାରେ ଥିବା ଷ୍ଟେଟ ଅଫ୍ ଦି ଆର୍ଟ ୱାର୍କସପ୍ କମ୍ପାନୀର ଏରିଆ ସେଲସ ମ୍ୟାନେଜର ଦୀପକ କୁମାର ମହାପାତ୍ର ଓ ଶୁଭଦୀପ ଗାଙ୍ଗୁଲି ଉପସ୍ଥିତ ଥିଲେ । ଅନୁରୂପ ଭାବେ ଶୋରୁମର ପାର୍ଟସ କାଉଣ୍ଟରକୁ ଟେରିଟୋରୀ ସେଲସ ମ୍ୟାନେଜର ରବିକାନ୍ତ ଆନନ୍ଦ ଓ ଟେରିଟୋରୀ ସର୍ଭିସ ମ୍ୟାନେଜର ଅସିତ ଦତ୍ତ ଶୁଭାରମ୍ଭ କରିଥିଲେ । ବାଲେଶ୍ୱର ଟିଭିଏସ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଲକ୍ଷ୍ମୀନାରାୟଣ ମହାନ୍ତି ଉତ୍ସବରେ ପୌରୋହିତ୍ୟ କରି ଗ୍ରାହକଙ୍କ ପାଇଁ ମଧ୍ୟ ଆକର୍ଷଣୀୟ ଅଫର ରହିଛି ବୋଲି କହିଥିଲେ ।



କମ୍ପାନୀର ଡିଲର ଡେଭଲପମେଣ୍ଟ ଅଫିସର ତରୁଣକାନ୍ତି ମହାନ୍ତି ଏହି ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିଲେ । ଏହି ଅବସରରେ ୨୦ ଜଣ ଗ୍ରାହକଙ୍କୁ ନୂତନ ଗାଡ଼ିର ଚାବି ପ୍ରଦାନ କରାଯାଇଥିଲା । ସଦର ବିଧାୟକ ମାନସ କୁମାର ଦତ୍ତ, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ଜ୍ଞାନ ରଞ୍ଜନ ବେହେରା, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ବାଲେଶ୍ୱର ପୌର ଅଧ୍ୟକ୍ଷା ସବିତା ସାହୁ, ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଆଲୋକ ସାହୁ, ବିଶିଷ୍ଟ ଶିଳ୍ପପତି ସଞ୍ଜୀୟ କୁମାର ଦାସଙ୍କ ସମେତ ସଞ୍ଜୀୟ କୁମାର ପାଣି, ଦୈନିକ ସମ୍ବାଦ ପତ୍ର ଆଜିକାଲିର ପ୍ରକାଶକ କିଶୋର ଦାସ ଉପସ୍ଥିତ ଥିଲେ । ପୂର୍ବରୁ ଗାଡ଼ି କିଣିଥିବା ସମସ୍ତ ଗ୍ରାହକଙ୍କ ପାଇଁ ଲକି କୁପନ ବ୍ୟବସ୍ଥା କରାଯାଇଥିଲା । ଆଜି ଲକି ଡ୍ର କରାଯାଇ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରଥମ ବିଜେତା ଭାବେ ଦେବେନ୍ଦ୍ର କୁମାର ବେହେରାଙ୍କ ବିଦେଶ ଭ୍ରମଣ ପାଇଁ ଏବଂ ଦ୍ୱିତୀୟ ବିଜେତାଙ୍କୁ କେରଳ ବୁଲିଯିବା ପାଇଁ ଶୋ-ରୁମ୍ ପକ୍ଷରୁ ଟିକଟ ପ୍ରଦାନ କରାଯାଇଥିଲା । ସେହିପରି ଅନ୍ୟ ୭ଜଣଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା । ଶୋ ରୁମ୍‌ର ନିର୍ଦ୍ଦେଶିକା ରଶ୍ମିତା ମହାନ୍ତି, ନିର୍ଦ୍ଦେଶକ ଦିବ୍ୟଜ୍ୟୋତି ମହାନ୍ତି, ଜ୍ୟୋତିରାଦିତ୍ୟ ମହାନ୍ତିଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଉଦଘାଟନ ପୂର୍ବରୁ ଏକ ବାଇକ୍ ରାଲି ଆୟୋଜିତ ହୋଇଥିଲା । ଏହା ଭିମପୁର ଛକ ନିକଟରୁ ବାହାରି ସହର ପରିକ୍ରମା କରି ଶେଷରେ ଶୋରୁମ ନିକଟରେ ପହଞ୍ଚିଥିଲା ।

## ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରତିଯୋଗିତା



ଗଁଦିଆ,୧୪।୮(ସମିସ): ଗଁଦିଆ ବ୍ଲକସ୍ତରୀୟ ସ୍ୱାଧୀନତା ପାଳନ ଉପଲକ୍ଷେ ସଦର ମହକୁମା ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାନ୍ଦାପଶିପାଟଣା ସହଦେବ ବିଦ୍ୟାପୀଠରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ କ୍ୱିଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଉପ କନିଷ୍ଠ, କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକୃତିବନ୍ଧୁ ହରିହର ସାହୁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଅନୁଶିକ୍ଷା ନିରୀକ୍ଷକ ଦଣ୍ଡଧର ସାହୁ, ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅଭିଜିତ ବେହେରା ଯୋଗଦେଇ ପ୍ରତିଯୋଗୀଙ୍କ ମୂଲ୍ୟାୟନ କରିଥିଲେ। ସହଦେବ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଗଗନ ବିହାରୀ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ନିଶାମୁକ୍ତ ଭାରତ ଅଭିଯାନ




ଗଁଦିଆ,୧୪।୮(ସମିସ): ଗଁଦିଆ ବ୍ଲକ ପିଙ୍ଗୁଆ ଡିଗ୍ରୀ କଲେଜରେ ଅଧ୍ୟାପକ ଦୀପ୍ତିରଞ୍ଜନ ମହାଳିକ, ରାମଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ନିଶାମୁକ୍ତ ଭାରତ ଅଭିଯାନ ଶପଥପାଠ ଅନୁଷ୍ଠିତ ହୋଇଛି। ପ୍ରିୟ ଅନୁଷ୍ଠାନର ନିର୍ଦ୍ଦେଶକ ଟଙ୍କଧର ବାରିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଛାତ୍ରଛାତ୍ରୀଙ୍କୁ ଶପଥପାଠ କରାଇଥିଲେ। ନିଶାମୁକ୍ତ ଭାରତ ଗଠନରେ ଯୁବଶକ୍ତିମାନେ ଆଗକୁ ଆସିବାକୁ ଆହ୍ୱାନ କରିଥିଲେ। ଏହାକୁ ପ୍ରିୟର ଇଲନପ୍ରଭା ସେନାପତି, ଅନ୍ନପୂର୍ଣ୍ଣା ଧଳ, ସୋନାଲିଧଳ, ସୌଭାଗ୍ୟଲକ୍ଷ୍ମୀ ତରାଇ, ଲକ୍ଷ୍ମୀପ୍ରିୟା ନାୟକ ପରିଚାଳନା କରିଥିଲେ।

## ଶିବିରରେ ୪୧ ୟୁନିଟ ରକ୍ତ ସଂଗୃହୀତ




ଢେଙ୍କାନାଳ,୧୪।୮(ସମିସ): ଢେଙ୍କାନାଳ କୁଞ୍ଜକାନ୍ତସ୍ଥିତ ଆଇସିଏସ୍ ଏକାଡେମୀ ପରିସରରେ ଅନୁଷ୍ଠାନର ନବମ ପ୍ରତିଷ୍ଠା ଦିବସ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୪୧ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ପୌରାଧ୍ୟକ୍ଷା ଜୟନ୍ତି ପାତ୍ର ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କାଉନସିଲର ଦୀପ୍ତିରଞ୍ଜନ ସେଠୀ, ଅଭିମନ୍ୟୁ ପଣ୍ଡା, ସନ୍ଦୀପ ଷଡ଼ଙ୍ଗୀ, ଯୁବ ସାମ୍ବାଦିକ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ପ୍ରମୁଖ ଯୋଗଦେଇଥିଲେ। ନିର୍ଦ୍ଦେଶକ ଶ୍ରୀକାନ୍ତ କୁମାର ସାହୁ, ଅଧ୍ୟକ୍ଷ ବିଜୟକୁମାର ବେହେରା ଓ ଉପାଧ୍ୟକ୍ଷ ଖୁସବୁ ଶତପଥୀ ଶିବିର ପରିଚାଳନା କରିଥିଲେ। ଅନୁଷ୍ଠାନର ଶର୍ମିଷ୍ଠା ସାହୁ, ପ୍ରିୟଙ୍କା ସାହୁ, ଲିଜା ସାହୁ, ବର୍ଷା ସାହାଣୀ, ରାଜେଶ ସାହୁ, ଗୋବିନ୍ଦ ବେହେରା, ସାଗର ମଲ୍ଲିକ, ବିଶ୍ୱଜିତ ମହାପାତ୍ର ଓ ଦୀପ୍ତିରଞ୍ଜନଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ପାନୀୟ ଜଳ ପାଇଁ ଡହଳବିକଳ ଜହ୍ନାପଡ଼ାବାସୀ



ପରଜଙ୍ଗ,୧୪।୮(ସମିସ): ଢେଙ୍କାନାଳ ଜିଲ୍ଲା ଗଡ଼ପରଜଙ୍ଗ ପଞ୍ଚାୟତ ଜହ୍ନାପଡ଼ା ଗ୍ରାମବାସୀ ପାନୀୟ ଜଳ ଟୋପେ ପାଇଁ ଡହଳବିକଳ ହେଉଛନ୍ତି। ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଦେଇ ଯାଇଥିବା ରାସ୍ତାରେ ଜହ୍ନାପଡ଼ା ଗ୍ରାମ ଅବସ୍ଥିତ। ତେବେ ଦୀପ ତଳ ଅନ୍ଧାର ପରି ଏହି ଗାଁର ଅଧିବାସୀ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି। ଏହି ଗାଁରେ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରୁଥିବା ବେଳେ ଆଜକୁ ୩ ମାସ ହେବ ପାନୀୟ ଜଳ ସମସ୍ୟା ନେଇ ଚିନ୍ତା ଘାରିଛି। ବସୁଧା ଯୋଜନାରେ ପାଣି ଟାଙ୍କି କରାଯାଇ ଗାଁକୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ତେବେ ଗତ ଜୁନ ମାସରୁ ଗ୍ରାମବାସୀ ପାଣି ମୁନ୍ଦାଏ ନ ପାଇ ଡହଳବିକଳ ହେଉଛନ୍ତି। ଏ ନେଇ ଗ୍ରାମର ଶତାଧିକ ମହିଳା ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓ ସୌଭାଗ୍ୟ କୁମାର ବେହେରାଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଏହାର ସମାଧାନ କରିବାକୁ ବିଡିଓ ବେହେରା ପ୍ରତିଶ୍ରୁତି ଦେଇଛନ୍ତି।

### ପ୍ରଶାସନ ଓ କୃଷି ଅଧିକାରୀଙ୍କୁ ସାର କଳାବଜାରୀଙ୍କ ଖୋଲା ଚ୍ୟାଲେଞ୍ଜ

# କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଚାଲିଛି ସାର କଳାବଜାରୀ

କାମାକ୍ଷାନଗର,୧୪।୮(ସମିସ)




କାମାକ୍ଷାନଗର ସହରରେ ବର୍ତ୍ତମାନ ଖୁଲମଖୁଲା ସାର କଳାବଜାରୀ ଦେଖିବାକୁ ମିଳୁଛି। ଚାଷକାମ ଜୋରସୋରରେ ଆଗେଇ ଚାଲିଥିବା ବେଳେ ଏହାର ଫାଇଦା ନେଇ ଅସାଧୁ ବ୍ୟବସାୟୀ ବିଭିନ୍ନ କିସମର ସାରକୁ ନିର୍ଦ୍ଧାରିତ ମୂଲ୍ୟଠାରୁ ଦୁଇଗୁଣ ଅଧିକରେ ବିକ୍ରି କରି ଚାଲିଛନ୍ତି। ଏ ସମ୍ପର୍କରେ ଚାଷୀମାନେ ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ପରେ କାମାକ୍ଷାନଗର ତହସିଲଦାର, ବ୍ଲକ କୃଷି ଅଧିକାରୀ ସାରଦୋକାନ ଓ ଗୋଦାମରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ବ୍ୟବସାୟୀ ଜଣକ ବିନା ବ୍ୟବସାୟ ପ୍ରମାଣପତ୍ର (ଟ୍ରେଡ୍ ଲାଇସେନ୍ସ)ରେ ନିର୍ଦ୍ଧାରିତ ମୂଲ୍ୟଠାରୁ ଦୁଇଗୁଣ ଅଧିକରେ ସାର ବିକ୍ରି କରୁଥିବା ପ୍ରଶାସନ ଜାଣିବାକୁ ପାଇଥିଲା। ଏ ସମ୍ପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପଜିଲ୍ଲାପାଳ ଦୀନମଣି ନାଏକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଚଢ଼ଉକୁ ତିନିଦିନ ବିତିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ହୁଗୁଳା ପ୍ରଶାସନର ମୁକୁଳା ଆଇନକୁ ଖାତିର ନ କରି ସାର ବ୍ୟବସାୟୀ ନିଜ ଦୋକାନ ସାମ୍ନାରେ ତାଲା ମାରି ଭିତରେ ଥିବା ଗୋଦାମରେ ସାର କଳାବଜାରୀ କରି ମାଲାମାଲ ହେଉଥିବା ବେଳେ ସାରର ଅହେତୁକ ମୂଲ୍ୟ ବୃଦ୍ଧି ଓ କଳାବଜାରୀକୁ ନେଇ ବର୍ଷଯାକର ଆହାର ପାଇଁ ଚାଷ କରୁଥିବା ଚାଷୀ ଅଣ୍ଟାରେ ପାହାର ବାଜୁଛି। ଯାହାକୁ ନେଇ ଚାଷୀଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ବାସିନ୍ଦା କ୍ଷୋଭ ପ୍ରକାଶ କରୁଥିବା ବେଳେ ପ୍ରଶାସନ ତରଫରୁ ତଦନ୍ତ ସରୁନାହିଁ କିମ୍ବା ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ରୁଆ, ବେଉଷଣ ସମୟରେ ଚାଷୀ ଏବେ ସାର ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଚଢ଼ା ଦରରେ ସାର କିଣିବାକୁ ବାଧ୍ୟ ହେଉଛି।

ସାର କଳାବଜାରୀ କରୁଥିବା ବ୍ୟବସାୟୀଙ୍କୁ ଜରିମାନା କିମ୍ବା କାର୍ଯ୍ୟାନୁଷ୍ଠାନ କ୍ଷମତା କାମାକ୍ଷାନଗର କୃଷି ଜିଲ୍ଲା ଅଧିକାରୀଙ୍କର ରହିଛି। କିନ୍ତୁ ଅଧିକାରୀ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ କାମାକ୍ଷାନଗର ଜିରିଡ଼ାମାଳୀସ୍ଥିତ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିବା ବେଳେ ସେ ଅନୁପସ୍ଥିତ ଥିବାରୁ ସହକାରୀ ଜିଲ୍ଲା କୃଷି ଅଧିକାରୀ କ୍ଷୀରୋଦିନୀ ଦେଇ ଏବେ ଦାୟିତ୍ୱରେ ଥିବା ଜଣାପଡ଼ିଥିଲା। ତେବେ ସାର କଳାବଜାରୀ ଓ ଅସାଧୁ ବ୍ୟବସାୟୀଙ୍କ ଉପରେ ପ୍ରଶାସନ ତରଫରୁ ଚଢ଼ଉ ହୋଇଥିଲା ବେଳେ ଆଜିପର୍ଯ୍ୟନ୍ତ କାହିଁକି କୌଣସି ଦଣ୍ଡବିଧାନ କରାଯାଇନାହିଁ ବୋଲି ପ୍ରଶ୍ନ କରିବାରୁ ସେ କହିଲେ, ତଦନ୍ତ ଚାଲିଛି, ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଯଦି ଚାଷ ସମୟରେ ସାର କଳାବଜାରୀ କରି ଖୋଦ ପ୍ରଶାସନର ଉଚ୍ଚ ଅଧିକାରୀଙ୍କ ସାମ୍ନାରେ ବ୍ୟବସାୟୀ ଧରା ପଡୁଛନ୍ତି, ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ କାହିଁକି। ପ୍ରଶାସନ କିମ୍ବା କୃଷି ଅଧିକାରୀ କାହା ଚାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁଣ୍ଠାବୋଧ କରୁଛନ୍ତି ନା କିଛି ଭିତିରି କଥା ପଦାରେ ପଡ଼ିବା ନେଇ ଚୁପ ରହୁଛନ୍ତି ତାହା ସନ୍ଦେହ ସୃଷ୍ଟି କରିଛି। ଏ ସବୁ ଭିତରେ ଗରିବ ଚାଷୀମାନେ ସନ୍ତୁଳି ହେଉଥିବା ବେଳେ ଅସାଧୁ ସାର ବ୍ୟବସାୟୀଙ୍କ ଉପରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହାକୁ ଅପେକ୍ଷା।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

### ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ




ଢେଙ୍କାନାଳ,୧୪।୮(ସମିସ): ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ଶତାଧିକ ଛାତ୍ରଛାତ୍ରୀ, ମହାବିଦ୍ୟାଳୟ କର୍ମଚାରୀ ସାମିଲ ହୋଇଥିଲେ। ବାଜିଚୌକରେ ସହିଦ ବାଜି ରାଉତଙ୍କୁ ଅଧ୍ୟକ୍ଷ ଡ. ସମୀର ସାହୁ ଶ୍ରଦ୍ଧାସୁମନ ଅର୍ପଣ କରି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଛାତ୍ରଛାତ୍ରୀ ତ୍ରିରଙ୍ଗା ପତାକା ଧରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହାପୁରୁଷମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ହିନ୍ଦୋଳ ମହାବିଦ୍ୟାଳୟ

ଖଜୁରିଆକଟା,୧୪।୮(ସମିସ): ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା



ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ବାଲିମି ଥାନା ପୁଲିସ ସହଯୋଗରେ ଅନୁଷ୍ଠିତ ଶୋଭାଯାତ୍ରାରେ ପ୍ରାୟ ୧୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସମେତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସାମିଲ ହୋଇ ଖଜୁରିଆକଟା ବଜାର ପରିକ୍ରମା କରିଥିଲେ। ପରେ ମହାବିଦ୍ୟାଳୟ ପରିସରରେ ସମବେତ ଛାତ୍ରଛାତ୍ରୀଙ୍କୁ ତ୍ରିରଙ୍ଗା ପଦଯାତ୍ରାର ଉଦ୍ଦେଶ୍ୟ ଓ ବିବିଧତା ମଧ୍ୟରେ ଏକତାର ବାର୍ତ୍ତା ସମ୍ପର୍କରେ ଅଧ୍ୟକ୍ଷ ଧଳ ମାର୍ଗଦର୍ଶନ କରିଥିଲେ।

## ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ

ଭୁବନ,୧୪।୮(ସମିସ): ଭୁବନରେ ପ୍ରସିଦ୍ଧ ଗଣେଶ ପୂଜା ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଭୁବନ ଏନଏସି ସଭାଗୃହରେ କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ତହସିଲଦାର ସୂର୍ଯ୍ୟଶଙ୍କର ଦାଶ, ବିଦ୍ୟୁତ୍ ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ନଳିନୀ ଶଙ୍କର ରଥ, ପୁଲିସ ଏସଆଇ, ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ବିଶ୍ୱାଳ, ମେଳଣ କମିଟି ସଭାପତି ସୁବ୍ରତ ସାହୁ, ସମ୍ପାଦକ ଜିତେନ୍ଦ୍ର ଦାସ, ବରିଷ୍ଠ ସଭ୍ୟ କାଳନ୍ଦୀ ସାହୁ ପ୍ରମୁଖ ଯୋଗଦେଇଥିଲେ।



ଆସନ୍ତା ୨୭ ତାରିଖରୁ ସେପ୍ଟେମ୍ବର ୪ ତାରିଖ ପର୍ଯ୍ୟନ୍ତ ୨୦ ମଣ୍ଡପରେ ଗଜାନନଙ୍କ ପୂଜା ହେବ। ୫ ଓ ୬ ତାରିଖ ଦୁଇଦିନ ମେଳଣ ପଡ଼ିଆରେ ଗଣେଶ ମେଳଣ ଅନୁଷ୍ଠିତ ହେବ। ୭ ତାରିଖ ମଧ୍ୟାହ୍ନରେ ମିଳିତ ଭସାଣି ଅନୁଷ୍ଠିତ ହେବ। ପୂଜା ପୂର୍ବରୁ ପେଟ୍ରୋଲ ପମ୍ପ ଛକରୁ ନୂଆ ଭୁବନ ଛକ ପର୍ଯ୍ୟନ୍ତ ରାସ୍ତା ମରାମତି ସହ ଦଶହରା ରୁଟ ରାସ୍ତା, ଡ୍ରେନ ମରାମତି, ତଳକୁ ଝୁଲି ରହିଥିବା ବିଦ୍ୟୁତ ତାରକୁ ସଜାଡ଼ିବା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଶାନ୍ତିଶୃଙ୍ଖଳା ରକ୍ଷା ସକାଶେ ପ୍ରତ୍ୟେକ ପୂଜା ମଣ୍ଡପରେ ପୁଲିସ ବାହିନୀ ମୁତୟନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶାନ୍ତି କମିଟି ସଦସ୍ୟ ଟିଟୁ ଦାସ, ମନୋରଞ୍ଜନ ବେହେରା, ମିଥୁନ ପାତ୍ର, ଜଗନ ବେଜ, ନିର୍ମଳ ଗୁରୁ, ଜୀବନଜ୍ୟୋତି ପୃଷ୍ଟି, ରାକେଶ ପୃଷ୍ଟି, ଡମ୍ବରୁଧର ପାତ୍ର, ନାରାୟଣ ନାୟକ, ରାମ ନାୟକ, ଲିଙ୍ଗରାଜ ସାହୁ, ପିଣ୍ଟୁ ଦାସ, ସିଲୁ ନାୟକ, ସୌରଭ ରାଉତ, ମିଲୁ ରାଉତ, ସତ୍ୟବ୍ରତ ନାୟକ, ସୁଶାନ୍ତ ବାରିକ, ପ୍ରଭଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମହାବିଦ୍ୟାଳୟରେ ଇନୋଭେସନ ଏବଂ ଷ୍ଟାର୍ଟଅପ୍ ପ୍ରତିଯୋଗିତା




ଢେଙ୍କାନାଳ,୧୪।୮(ସମିସ): ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇନୋଭେସନ ଏବଂ ଷ୍ଟାର୍ଟଅପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସ୍ନାତକ ଓ ସ୍ନାତକୋତ୍ତର ବିଭାଗର ୧୦ ଛାତ୍ରଛାତ୍ରୀ ଇନୋଭେସନ ଓ ଷ୍ଟାର୍ଟଅପ ସମ୍ପର୍କରେ ସେମାନଙ୍କ ଆଧୁନିକ ଚିନ୍ତାଧାରା ଉପସ୍ଥାପନ କରିଥିଲେ। ବିଚାରକ ମଣ୍ଡଳୀ ସଦସ୍ୟ ଭାବେ ମହାବିଦ୍ୟାଳୟର ବରିଷ୍ଠ ପ୍ରଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ବରାଳ, ପୁରାତନ ଛାତ୍ରସଂଘ ସଭାପତି ତଥା ଅବସରପ୍ରାପ୍ତ ବାଣିଜ୍ୟ ବିଭାଗ ପ୍ରଫେସର ଡ. ଅଭୟ କୁମାର ପଣ୍ଡା ଓ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ସଫଳ ଉଦ୍ୟୋଗପତି ଡ. ବିନୋଦ ଅଗ୍ରଓ୍ୱାଲ ପ୍ରମୁଖ ଯୋଗଦେଇଥିଲେ। ଇନୋଭେସନ ଓ ଷ୍ଟାର୍ଟଅପର ୨ ପରାମର୍ଶଦାତା ଡ. ସୌମ୍ୟା ନନ୍ଦ ଓ ଦିଲୀପ କୁମାର ନାୟକ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରତିଯୋଗିତାରେ ରାଲୀ ଚୌଧୁରୀ ଏବଂ ଶ୍ରୀୟନ ସ୍ୱରୂପ ମିଶ୍ର ପ୍ରଥମ, ପ୍ରତ୍ୟାଶା ପଟ୍ଟନାୟକ ଦ୍ୱିତୀୟ ଓ ରାଜେଶ୍ୱରୀ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କୃତୀ ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଭାରପ୍ରାପ୍ତ ଅଧିକାରୀ ଡ. ଦେବାଶିଷ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ

ପରଜଙ୍ଗ,୧୪।୮(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବାରିହାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏବିଇଓ ତଥା ବିଆରସିସି ସତ୍ୟବ୍ରତ ସାହୁ ଶିବିରକୁ ଉଦଘାଟନ କରିଥିଲେ। ଶିବିରରେ ଛାତ୍ରଛାତ୍ରୀଙ୍କ ଡାକ୍ତରୀ ପରୀକ୍ଷା କରାଯାଇ ଦିବ୍ୟାଙ୍ଗ ଚିହ୍ନଟ କରାଯାଇଥିଲା। ଉଦଯାପନୀ ଉତ୍ସବରେ ବିଇଓ ପ୍ରିୟଦର୍ଶିନୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ମୋଟ ୯୭ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ବେଳେ ଏମାନଙ୍କ ମଧ୍ୟରୁ ସ୍ୱଳ୍ପ ଦୃଷ୍ଟିବାଧିତ ୩୪ ଜଣ, ଶ୍ରବଣବାଧିତ ୧୦ ଜଣ, ବୌଦ୍ଧିକବାଧିତ ୨୪ ଜଣ ଓ ଶାରୀରିକ ଭିନ୍ନକ୍ଷମ ୨୯ ଜଣଙ୍କୁ ଡାକ୍ତର ପରୀକ୍ଷା ନିରୀକ୍ଷା କରିଥିଲେ। ବିଭିନ୍ନ ବିଭାଗରେ ଚିହ୍ନଟ ହୋଇଥିବା ୭ ଜଣଙ୍କୁ ସିପି ଚେୟାର, ୭ ଜଣଙ୍କୁ ହୁଇଲ ଚେୟାର, ୭ ଜଣଙ୍କୁ ଟିଏଲଏମ କିଟ୍ ଓ ୫ ଜଣଙ୍କୁ ଶ୍ରାବଣ ଯନ୍ତ୍ର ମୁଖ୍ୟଅତିଥି ବିଇଓ ନାୟକ ବଣ୍ଟନ କରିଥିଲେ। ବିଆରଟି ଅଶୋକ କୁମାର ପଣ୍ଡା, ସ୍ୱୟଂପ୍ରଭା ନାୟକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ଭୂତିଆଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଆଇଇଡିର ସଦସ୍ୟମାନେ ସହଯୋଗ କରିଥିଲେ।

### ● ଗାଁ ଦାଣ୍ଡରେ ଜଳ ଯୋଗାଣ ବିଭାଗ ଫାଉଣ୍ଟେନ ଶୋ’

## କାଦୁଅ ପଚପଚ ରାସ୍ତାରେ ଗ୍ରାମବାସୀଙ୍କ ଯାତାୟାତ

କାମାକ୍ଷାନଗର,୧୪।୮(ସମିସ): କାମାକ୍ଷାନଗର ବ୍ଲକ କାନପୁରା ଗ୍ରାମରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର ଫାଉଣ୍ଟେନ ଶୋ’ ଦେଖିବାକ ମିଳିଛି। ପାନୀୟ ଜଳଯୋଗାଣ ବିଭାଗ ଦ୍ୱାରା ବିଛାଯାଇଥିବା ପାଇପ୍ ଫାଟି ଉପରକୁ ପାଣି ଉଠୁଛି। ଫଳରେ କାଦୁଅ ପଚପଚ ରାସ୍ତାରେ ଯିବାଆସିବା କରୁଛନ୍ତି କାନପୁରା ଗ୍ରାମବାସୀ।



କାନପୁରା ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ମଙ୍ଗଳା ମନ୍ଦିର ନିକଟରେ ପାଇପ ଫାଟିଯାଇଛି। ଫଳରେ ଉକ୍ତ ସ୍ଥାନରେ ବର୍ଷସାରା ପାଣି ଜମିବା ସହ ରାସ୍ତା କାଦୁଅ ପଚପଚ ହୋଇଛି। ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଗ୍ରାମବାସୀ ସମେତ କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀ ବର୍ଷସାରା କାଦୁଅ ପଚପଚ ରାସ୍ତାରେ ଯିବାଆସିବା କରୁଛନ୍ତି। ଏହା କାନପୁରା ଗ୍ରାମର ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ ପାଇପ ଫାଟି ପାଣି ଜମାହେବା ଦ୍ୱାରା ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ପାଇପ ଫାଟିବା ଦ୍ୱାରା ବାହାର ଦୂଷିତ ଜଳ ଓ ବର୍ଜ୍ୟବସ୍ତୁ ପାଇପ ଭିତରେ ପଶୁଥିବାରୁ ଲୋକେ ଦୂଷିତ ଜଳ ପିଉଛନ୍ତି। ଦୀର୍ଘଦିନ ଧରି ଏହି ପାଇପ ଫାଟିଥିବା ବେଳେ ଆଜିପର୍ଯ୍ୟନ୍ତ ମରାମତି କରାଯାଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଜଳ ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପାଇପ ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### କେନାଲ ପାଣିକୁ ନାହିଁ ଭରସା

## ନିଅଣ୍ଟିଆ ବର୍ଷା ଯୋଗୁଁ ଧାନ ଚାଷ ପ୍ରଭାବିତ; ଚାଷୀ ହତାଶ



ପରଜଙ୍ଗ,୧୪।୮(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର କେତେକ ଗ୍ରାମର ଚାଷଜମିରେ କେନାଲ ପାଣି ନ ମାଡ଼ିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକର ରଙ୍ଗଥଳି କେନାଲରୁ ସବ ମାଇନର କେନାଲ କରାଯାଇଛି। ତେବେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁଁ ବର୍ତ୍ତମାନ ରଙ୍ଗଥଳି ଟେଲ ଡିଷ୍ଟ୍ରିବ୍ୟୁଟାରୀରୁ ରଙ୍ଗଥଳି ଦେଇ ଯାଇଥିବା ସବ ମାଇନର କେନାଲ ଦୀର୍ଘବର୍ଷ ଧରି ରକ୍ଷଣାବେକ୍ଷଣ ଅଭାବରୁ ଚାଷଜମିକୁ ସଠିକ ଭାବେ ପାଣି ମାଡ଼ିପାରୁନାହିଁ। ଫଳରେ ହଜାର ହଜାର ଚାଷୀଙ୍କ ଜମି ପ୍ରଭାବିତ ହୋଇଛି। ରଙ୍ଗଥଳି ଡିଷ୍ଟ୍ରିବ୍ୟୁଟାରିରୁ ସବମାଇନର କେନାଲ ବାହାରି ଝରଣବାହାଳ ପାତ୍ର ସାହି, ଗୋପାଳ ସାହି, ହରିଜନ ସାହି ଓ କୁଲେଇପାତ୍ର ସାହିର ଚାଷୀଙ୍କ ଜମିରେ ପାଣି ମାଡ଼ିବା ପାଇଁ ବନ୍ଦୋବସ୍ତ କରାଯାଇଛି। ବର୍ତ୍ତମାନ ଏହି କେନାଲରେ ପାଣି ଯାଉ ନ ଥିବାରୁ ଚାଷୀକୁଳ ହତାଶ ହୋଇପଡ଼ିଛନ୍ତି। କେନାଲ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଛି। ମରାମତି ଅଭାବରୁ ଅନାବନା ଗଛ ବୁଦାବଣରେ କେନାଲ ଅଦୃଶ୍ୟ ହୋଇଯାଇଛି। ଫଳରେ ଜମିକୁ ପାଣି ଯିବା ଅସମ୍ଭବ ହୋଇପଡ଼ିଛି। ଅନ୍ୟପଟେ ଅଞ୍ଚଳରେ ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷ ଜମି ଫାଟି ଆଁ କରିବାକୁ ବସିଲାଣି। ମୁଣ୍ଡ ଝାଳ ତୁଣ୍ଡରେ ମାରି ଧାନ ଚାଷ କରିଥିବା ଚାଷୀ ବର୍ତ୍ତମାନ ଚିନ୍ତାରେ ପଡ଼ିଛନ୍ତି। ହଜାର ହଜାର ହେକ୍ଟରରେ କରାଯାଇଥିବା ଧାନ ଚାଷ କେବଳ ସ୍ୱଳ୍ପ ବର୍ଷା ଯୋଗୁଁ ବଞ୍ଚିରହିଛି। ଚାଷୀମାନେ ନିରୁପାୟ ହୋଇ ମୁଣ୍ଡରେ ହାତଦେଇ ବସିଛନ୍ତି। ତୁରନ୍ତ କେନାଲ ମରାମତି କରି ଜମିକୁ ପାଣି ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।




# ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଯାତ୍ରା








## ■ ତାଳଚେର ମହାବିଦ୍ୟାଳୟ

ତାଳଚେର, ୧୪।୮ (ସମିସ): ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ମେଜର ସୁବ୍ରତ କୁମାର ଦାସଙ୍କ ନେତୃତ୍ୱରେ ଶୋଭାଯାତ୍ରା କଲେଜରୁ ବାହାରି ସହର ପରିକ୍ରମା କରି ପୁଣି କଲେଜରେ ପହଞ୍ଚିଥିଲା। ଏଥିରେ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ତ୍ରିରଙ୍ଗା ପତାକା ଧରି ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଯୋଗଦେଇଥିଲେ।

## ■ ନାକିଚି ଓ ଠାକୁରଗଡ଼ ମଣ୍ଡଳ ବିଜେପି

କିଶୋରନଗର/ବଇଣ୍ଡା: ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ନାକିଚି ଓ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ମଣ୍ଡଳ ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ଦଳୀୟ କର୍ମକର୍ତ୍ତାମାନେ ତ୍ରିରଙ୍ଗା ପତାକା ସହ ବାଇକ୍‌ରେ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ପୂର୍ବତନ ଆଠମଲ୍ଲିକ ବିଧାୟକ ରମେଶ ସାଏ, ଅନୁଗୋଳ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ଉପସଭାପତି ଅର୍ଜୁନ କୁମାର ସାହୁ, ଠାକୁରଗଡ଼ ମଣ୍ଡଳ ସଭାପତି ସୁଜିତ୍ କୁମାର ଦେହୁରୀ, ପରେଶ ଦେଓ, ଦିଲେଶ୍ୱର ପ୍ରଧାନ, ଅଜିତ ପ୍ରଧାନ, ବଂଶୀଧର ସେଠୀ, ବିବୁଧେନ୍ଦ୍ର ସାହୁ, ଅଲେଖ ପ୍ରଧାନ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

## ● ରେଙ୍ଗାଳି ଓ ପବିତ୍ରନଗର ମଣ୍ଡଳ ବିଜେପି

କଣିହାଁ: କଣିହାଁ ବ୍ଲକ ରେଙ୍ଗାଳି ବିଜେପି ମଣ୍ଡଳ ପକ୍ଷରୁ ବରପଦାଠାରୁ କୁଲୁମା ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭଯାତ୍ରା ଅନୁଷ୍ଠିତ ହୋଇଛି। ବାଲିପସି ପଞ୍ଚାୟତ ବାରପଦା ଗ୍ରାମ ମା' ହିଙ୍ଗୁଳାଙ୍କ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି କୁଲୁମା ଶିବ ମନ୍ଦିରଠାରେ ଶେଷ ହୋଇଥିଲା। ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇଥିଲ। ଅନ୍ୟମାନଙ୍କ ମଧ୍ୟରେ ଦଳୀୟ ନେତା ଜଗମୋହନ ପ୍ରଧାନ, ଜିଲ୍ଲା ଉପ ସଭାପତି ନୃସିଂହ ଚରଣ ବରାଳ, ପାଲଲହଡ଼ା ସଂଯୋଜକ ପ୍ରହ୍ଲାଦ ସାମଲ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଧୃବ ଚରଣ ଧୀର, ତ୍ରିପୁରାରୀ ପ୍ରଧାନ, ଟିକନ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା, ଆଶାକର୍ମୀ, ଏମବିକେ, ସିଆରପି ଓ ବିଭିନ୍ନ ସ୍କୁଲ୍ ଓ କଲେଜ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ସେହିପରି ପବିତ୍ର ନଗର ମଣ୍ଡଳ ତରଫରୁ ସିଙ୍ଗିଠାରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରିଥିଲା। ଏଥିରେ ପାଲଲହଡ଼ା ବିଧାୟକ ମହାନ୍ତି, ବିଜେପି ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ପାଲଲହଡ଼ା ସଂଯୋଜକ ପ୍ରହ୍ଲାଦ ସାମଲ, ଜିଲ୍ଲା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ, ଡିଗ୍ରୀ କଲେଜ ଅଧ୍ୟକ୍ଷ ବନୋଜ ପ୍ରଧାନ, +୨ କଲେଜ ଅଧ୍ୟକ୍ଷ ରମାକାନ୍ତ ସାହୁ, ରେଙ୍ଗାଳି ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ■ ମାଧପୁର ମଣ୍ଡଳ ବିଜେପି

କିଶୋରନଗର: ମାଧପୁର ମଣ୍ଡଳ ବିଜେପି ପକ୍ଷରୁ ମଣ୍ଡଳ ସଭାପତି ଅନ୍ତର୍ଯ୍ୟାମୀ ମହାଖୁଡ଼ଙ୍କ ନେତୃତ୍ୱରେ ମାଧପୁର ବଜାରରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥଇଲେ। ସାଂସଦଙ୍କ ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ମେହେର, ବିଜୟ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ୍ ହୋଇଥିଲେ।

## ■ କିଶୋରନଗର ବିଜେପି

କିଶୋରନଗର: କିଶୋରନଗର ଜୋନ ଅଞ୍ଚଳରେ ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସରୋଜ ସାହୁ, ମଣ୍ଡଳ ସଭାପତି ଧନୁର୍ଜୟ ପ୍ରଧାନ, ଚିତ୍ତରଞ୍ଜନ ମେହେର, ଅଜିତ ପ୍ରଧାନ, ରତ୍ନାକର ପ୍ରଧାନ ପ୍ରମୁଖ ବହୁଦଳୀୟ କର୍ମୀ ସାମିଲ ହୋଇଥିଲେ।

## ■ ଷୋଳପଦା ଡିଗ୍ରୀ ମହାବିଦ୍ୟାଳୟ

କିଶୋରନଗର/ବଇଣ୍ଡା, ୧୪।୮ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଷୋଳପଦା ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁବାର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ରମାନେ ପ୍ରତେକ ପରିବାରକୁ ଭେଟି କିପରି ଘରେ ପତାକା ଉଡ଼ାଇବେ ସେ ନେଇ ସଚେତନ କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରତିମା ବାଘ, ଅଧ୍ୟାପିକା ଡ. କଲ୍ୟାଣୀ ରୂପା ମିଶ୍ର, ସରୋଜ କୁମାର ଦାସ, ସରୋଜ ରଞ୍ଜନ ପ୍ରଧାନ, ତରୁଣ କୁମାର ପ୍ରଧାନ, ଟୁକୁନା ପ୍ରଧାନ, ସଞ୍ଜୟ ଜେନା, ପାୟଲ ପାତ୍ର, ସ୍ୱାଧୀନ ବେହେରା, ଅନ୍ନପୂର୍ଣ୍ଣା ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବଇଣ୍ଡା କଲେଜ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ଖମାରିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଅସିତ କୁମାର ଜେନା, ନିରଞ୍ଜନ ଦାସ, ସୁମିତ୍ରା ସ୍ୱାଇଁ, ହାଡ଼ିବନ୍ଧୁ ପ୍ରଧାନ, ତରଣୀସେନ ସାହୁ, ପୂଜାଲକ୍ଷ୍ମୀ ବିଶ୍ୱାଳଙ୍କ ସମେତ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

## 'ନିଶାମୁକ୍ତ ଭାରତ ଅଭିଯାନ'ର ପଞ୍ଚମ ବାର୍ଷିକୀ ପାଳନ



ଅନୁଗୋଳ, ୧୪।୮ (ସମିସ): ଅନୁଗୋଳ ଜିଲ୍ଲା ପ୍ରଶାସନ ତରଫରୁ ସମଗ୍ର ଜିଲ୍ଲାରେ ନିଶାମୁକ୍ତ ଭାରତ ଅଭିଯାନର ପଞ୍ଚମ ବାର୍ଷିକୀ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଯୁବପିଢ଼ିଙ୍କୁ ଆହ୍ୱାନ କରି ନିଶାମୁକ୍ତ ଭାରତ ଅଭିଯାନ ଅଧୀନରେ ଏକତ୍ରିତ ହେବା ସହ କେବଳ ସମୁଦାୟ, ପରିବାର, ବନ୍ଧୁମାନେ ନୁହେଁ, ନିଜେ ମଧ୍ୟ ନିଶାମୁକ୍ତ ରହିବାକୁ ପ୍ରତିବଦ୍ଧ ହେବା, କାରଣ ପରିବର୍ତ୍ତନ ନିଜରୁ ଆରମ୍ଭ ହେବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ଏଥିରେ ଜିଲ୍ଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଭିନ୍ନ ଅନୁଷ୍ଠାନରେ ନିଶାଦ୍ରବ୍ୟ ବ୍ୟବହାର ବିରୋଧରେ ଶପଥପାଠ କରାଯାଇଥିଲା। ସଚେତନତା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଥାନା, ଗ୍ରାମ ପଞ୍ଚାୟତ ଏବଂ ବିଭିନ୍ନ ଜନବହୁଳ ସ୍ଥାନରେ ପୋଷ୍ଟର ସ୍ଥାପନ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସେଲ୍‌ଫି ପଏଣ୍ଟ ବ୍ୟବସ୍ଥା କରାଯାଇଥିଲା। ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲ୍ଲା ପ୍ରଶାସନ ତରଫରୁ ନିଶାଦ୍ରବ୍ୟ ବ୍ୟବହାର ବିରୋଧରେ ପ୍ରବନ୍ଧ ଲିଖନ, ସ୍ଲୋଗାନ, ପୋଷ୍ଟର, ରଙ୍ଗୋଲି ଆଦି ପ୍ରତିଯୋଗିତା ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନୀଳାଚଳ ପଟେଲ ଓ ସହକର୍ମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜନ କରଯାଇଥିଲା।

## ଅମଲା ସଂଘ ଆନ୍ଦୋଳନକୁ ଏଆଇୟୁଟିୟୁସିର ସମର୍ଥନ



ଅନୁଗୋଳ, ୧୪।୮ (ସମିସ): ନ୍ୟାଯ୍ୟ ଦାବିରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ଆହ୍ୱାନରେ ଚାଲିଥିବା ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଅଲ୍ ଇଣ୍ଡିଆ ୟୁନାଇଟେଡ ଟ୍ରେଡ ୟୁନିୟନ ସେଣ୍ଟର (ଏଆଇୟୁଟିୟୁସି) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସମର୍ଥନ କରାଯିବା ସହ ଦାବି ପୂରଣ କରିବାକୁ ସରକାରଙ୍କ ନିକଟରେ ଦାବି କରାଯାଇଛି। ଏଆଇୟୁଟିୟୁସି ଓଡ଼ିଶା ରାଜ୍ୟ ସମ୍ପାଦକ ଜୟସେନ ମେହେର ଗୁରୁବାର ପୂର୍ବାହ୍ନରେ ରାଜସ୍ୱ ଅମଲା ସଂଘ ଅନୁଗୋଳ ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ଆନ୍ଦୋଳନସ୍ଥଳରେ ଉପସ୍ଥିତ ହୋଇ ସଂଘର ଦାବିଗୁଡ଼ିକ ନ୍ୟାୟସଙ୍ଗତ ବୋଲି ମତବ୍ୟକ୍ତ କରିଥିଲେ। ସଂଘର ନ୍ୟାଯ୍ୟ ୧୦ଦଫା ଦାବିକୁ ରାଜ୍ୟ ସରକାର ଅବିଳମ୍ବେ ପୂରଣ କରି ସରକାରୀ ଅଫିସଗୁଡ଼ିକରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂର କରିବାକୁ ଦାବି କରିଛନ୍ତି। ଏହି ଆନ୍ଦୋଳନକୁ କୃଷକ, ଶ୍ରମିକ ତଥା ଶ୍ରମଜୀବୀ ଜନସାଧାରଣ ସମର୍ଥନ କରିବା ନିମନ୍ତେ ସେ ନିବେଦନ କରିଛନ୍ତି।

## ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା



ବଇଣ୍ଡା, ୧୪।୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିର ପରିସରରେ ବୁଧବାର ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବଇଣ୍ଡା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ମଞ୍ଜରୀ ଚଟମ୍ବା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏଥିରେ ବଇଣ୍ଡା, ନାକିଚି, ବାମୁର, ରଣିଆକଟା, ଠାକୁରଗଡ଼, ପାଇକସାହି, ଅନ୍ତୁଳିଆ, ଆଠମଲ୍ଲିକ, ମାଧପୁର, ଆଦି ୯ଟି ଶିଶୁ ମନ୍ଦିରର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୋଟ ୬୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲ୍ଲା ଉପସଭାପତି ଅର୍ଜୁନ କୁମାର ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ପ୍ରଧାନଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ଉପସଭାପତି ଚୈତନ୍ୟ ବେହେରା, ସଙ୍କୁଳ ପ୍ରମୁଖ ରଜିତ କୁମାର ବିଶ୍ୱାଳ ଯୋଗଦେଇଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଜ୍ୟୋତ୍ସ୍ନାମୟୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୌରୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଞ୍ଜନ କୁମାର ପ୍ରଧାନ, ରାଜେନ୍ଦ୍ର କୁମାର ଶବର, ଲିଲି ପ୍ରଧାନ ବିଚାରକ ଭାବେ ଯୋଗଦେଇଥିଲେ। ଜୟଶ୍ରୀ ପ୍ରଧାନ, ବାପୁଜୀ ଦେହୁରି, ବିନୀତା ପ୍ରଧାନ, ଗୋଲାପ ସ୍ୱାଇଁ, ପ୍ରମୋଦିନୀ ପ୍ରଧାନ, ଚେତନା ବାରିକ, ଅମ୍ବାଳିକା ସାହୁ, ବୁଲୁ ପ୍ରସାଦ ସାହୁ, ରାମାକାନ୍ତ ସାହୁ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଔଷଧ ଓ ଯନ୍ତ୍ରପାତି ଯୋଗାଣ ସମୀକ୍ଷା ବୈଠକ

ଅନୁଗୋଳ, ୧୪।୮ (ସମିସ): ଜିଲ୍ଲା ତାଲିମ କେନ୍ଦ୍ରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନମୋହନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଔଷଧ ଓ ଯନ୍ତ୍ରପାତି ଯୋଗାଣ ପ୍ରକ୍ରିୟା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ସ୍ୱାସ୍ଥ୍ୟ ଅଧୀକ୍ଷକ (ଚିକିତ୍ସା) ଡା. ମାନସ ରଞ୍ଜନ ବିଶ୍ୱାଳ, ଡା. ବିବି ମହାନ୍ତି, ଓଏସଏମସିଏଲ ଜିଲ୍ଲା ଭଣ୍ଡାର ଅଧିକାରୀ ବରିଷ୍ଠ ଫାର୍ମାସୀ ଅଧିକାରୀ ଦୁର୍ଗାପ୍ରସାଦ ଦଳେଇ, ଜିଲ୍ଲା ଭଣ୍ଡାର ଭାରପ୍ରାପ୍ତ ମୁଖ୍ୟ ଫାର୍ମାସୀ ଅଧିକାରୀ ଏମଡି ଆସଲାମ୍, ଯୋଗାଣ-ଭାରପ୍ରାପ୍ତ ସ୍ମୃତିରଞ୍ଜନ ସାହୁ, ଯନ୍ତ୍ରପାତି ଯୋଗାଣ ଭାରପ୍ରାପ୍ତ ବିଷ୍ଣୁଚରଣ ସାହୁ, ପରିବାର କଲ୍ୟାଣ ଯୋଗାଣ ଗୁରୁଦେବ ମିଶ୍ର ଜିଲ୍ଲା କାର୍ଯ୍ୟାଳୟ ମୁଖ୍ୟ ବିଭାଗୀୟ ଅଧିକାରୀ ନଳିନୀ ରଞ୍ଜନ ପ୍ରଧାନ, ବରିଷ୍ଠ ଅଧିକାରୀ ପ୍ରଶାନ୍ତ କୁମାର ପାଣି, ଉପଖଣ୍ଡ ଚିକିତ୍ସାଳୟ ଓ ବ୍ଲକସ୍ତରୀୟ ଚିକିତ୍ସାଳୟର ଭଣ୍ଡାର ପରିଚାଳନା କାର୍ଯ୍ୟନିର୍ବାହୀ ଫାର୍ମାସୀ ଅଧିକାରୀ ବୃନ୍ଦ ଯୋଗଦେଇଥିଲେ। ଡା. ପ୍ରଧାନ ଶତପ୍ରତିଶତ ଅନଲାଇନ ମାଧ୍ୟମରେ କାର୍ଯ୍ୟ ପରିଚାଳନା, ସମସ୍ତ ଜରୁରୀକାଳୀନ ଔଷଧ, ମ୍ୟାଲେରିଆ, ମଧୁମେହ ଓ ଅନ୍ୟାନ୍ୟ ଏନସିଡି ତଥା ଥାଲାସେମିଆ ପରି ରୋଗ ଚିକିତ୍ସା ପ୍ରଣାଳୀ ଔଷଧ ଉପଲବ୍ଧ ସହ ବ୍ଲକ ସ୍ତର ପର୍ଯ୍ୟନ୍ତ କିଡ୍‌ନୀ ରୋଗୀଙ୍କ ଔଷଧ ଯୋଗାଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ପ୍ରତ୍ୟେକ ସିଏଚ୍‌ସି ତଥା ଏସଡିଏଚମାନଙ୍କ ବିଭିନ୍ନ ଔଷଧ ଯନ୍ତ୍ରପାତି ଯୋଗାଣ ସମ୍ବନ୍ଧୀୟ ସମସ୍ୟା ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରସ୍ତରୀୟ ଆଲୋଚନା ସହ ଦୁର୍ଗମ ଅଞ୍ଚଳରେ ସବୁ ପ୍ରକାର ପ୍ରାଥମିକ ଔଷଧ ଯୋଗାଣ ନିଶ୍ଚିତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।






## ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ଓ ସମ୍ପର୍କ ବୈଠକ

କିଶୋରନଗର, ୧୪।୮ (ସମିସ)




ଉରୁକୁଳା ପଞ୍ଚାୟତ ପର୍ଣ୍ଣମାଳସ୍ଥିତ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଯୁବକେନ୍ଦ୍ର, ବଣିନାଳି ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ଓ ସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଏବିଡିଓ ଦିଲୀପ କୁମାର ପ୍ରଧାନ, ଡବ୍ଲ୍ୟୁଇଓ ତ୍ରିଦେବସୁନ୍ଦର ବରାଳ, କିଶୋରନଗର ଯୋଗାଣ ନିରୀକ୍ଷକ ଋଷଭ ଚନ୍ଦ୍ର ନାୟକ, ଉରୁକୁଳା ସିଆରସିସି ଜିତୁ ସାହୁ, ସରପଞ୍ଚ ସୁରୁଚି ସମ୍ପୂର୍ଣ୍ଣା ସାହୁ, ଉରୁକୁଳା ପିଇଓ ତିଳକରାଜ ବେହେରା, ବିଲେଇନାଳୀ ପିଇଓ ରତ୍ନାକର ନାୟକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାକର ପ୍ରଧାନ, ବିଶ୍ୱ ଯୁବକେନ୍ଦ୍ର ସଭାପତି ବସନ୍ତ ପ୍ରଧାନ, ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ବୋର୍ଡ ସଭ୍ୟ ରଜନୀକାନ୍ତ ଦେହୁରୀଙ୍କ ସମେତ ବିଲେଇନାଳୀ ଓ ଉରୁକୁଳା ପଞ୍ଚାୟତର ହିତାଧିକାରୀ, ଅଙ୍ଗନବାଡ଼ି କର୍ମୀ ଯୋଗଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ସଦସ୍ୟ ସମ୍ପାଦକ ମନୋଜ କୁମାର ମହାପାତ୍ର କାର୍ଯ୍ୟକ୍ରମର ବିବରଣୀ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ। ଡବ୍ଲ୍ୟୁଇଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇଥିଲେ। ଯୋଗାଣ ନିରୀକ୍ଷକ ଋଷଭ ଚନ୍ଦ୍ର ନାୟକ ରାସନ କାର୍ଡ ବିଷୟରେ ସଚେତନ କରାଇଥିଲେ। ଏବିଡିଓ ଦିଲୀପ ପ୍ରଧାନ ସରକାରଙ୍କ ଦ୍ୱାରା ପରିଚାଳିତ ପେନସନ ଯୋଜନା, ଆବାସ ଯୋଜନା କିପରି ମିଳିପାରିବ, ଆବେଦନ ପ୍ରକ୍ରିୟା ଓ ମାଧ୍ୟମ ବିଷୟରେ ଅବଗତ କରିଥିଲେ। ସିଆରସିସି ପିଲାଙ୍କୁ ଦିଆଯାଉଥିବା ବାଧ୍ୟତାମୂଳକ ଶିକ୍ଷା ଓ ପୁଷ୍ଟିକର ଖାଦ୍ୟ ବିଷୟରେ କହିଥିଲେ। ବିଶ୍ୱ ଯୁବକେନ୍ଦ୍ରର ପୂଜା ସ୍ୱାଇଁ, ଅଭିଷେକ ମହାପାତ୍ର, ଡିପି ଦେହୁରୀ, ପପି ଦେହୁରୀ ସହଯୋଗ କରିଥିଲେ।

## ପ୍ରାଣୀ ଚିକିତ୍ସାଳୟରେ ତାଲା ପକାଇଲେ ଚାଷୀ

ଛେଣ୍ଡିପଦା, ୧୪।୮ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟରେ ତାଲା ପକାଇଲେ ଚାଷୀ। ତିନିଦିନ ହେବ ଅଭିଯୋଗ କଲେ ମଧ୍ୟ ଚିକିତ୍ସା କରୁ ନ ଥିବାରୁ ତାଲା ପକାଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଛେଣ୍ଡିପଦାର ଚାଷୀ ନରୋତ୍ତମ ପ୍ରଧାନଙ୍କର ଏକ ଗାଈ ଅସୁସ୍ଥ ଅଛି। ଗାଈର ଚିକିତ୍ସା ପାଇଁ ସେ ପ୍ରାଣୀ ଚିକିତ୍ସାଳୟକୁ ଆସି ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏପରିକି ଗତବର୍ଷ ଚିକିତ୍ସା ଅଭାବରୁ ୪ଟି ଗାଈର ମୃତ୍ୟୁ ହୋଇଥିବା ବେଳେ ପୁଣି ଗୋଟିଏ ଗାଈ ଅସୁସ୍ଥ ଥିବାରୁ ନରୋତ୍ତମ ଚିନ୍ତିତ ଅଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଚିକିତ୍ସା କରାଯାଉ ନ ଥିବାରୁ ଏହାର ପ୍ରତିବାଦରେ ନରୋତ୍ତମ ଚିକିତ୍ସାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଦୀର୍ଘ ୨ଘଣ୍ଟା ପରେ ଛେଣ୍ଡିପଦା ଥାନା ପୁଲିସ ଓ ପ୍ରାଣୀ ଚିକିତ୍ସକମାନେ ପହଞ୍ଚି ଆଲୋଚନା କରିଥିଲେ।



● ଅବ୍ୟବହୃତ ଅବସ୍ଥାରେ ବିତିଲାଣି ଅନେକ ବର୍ଷ

## ଡାହୁକା ଡାକବଙ୍ଗଳା; କୋଠରି ଅଛି ଖଟ ନାହିଁ

ନୟାଗଡ଼,୧୪।୮ (ସମିସ): ନୟାଗଡ଼ ଜିଲ୍ଲା ଡାହୁକା ଜଳସେଚନ ପ୍ରକଳ୍ପ ଜଳସେଚନ ବିଭାଗ ପାଇଁ ଲେଉଟିଆ କିଆରୀ। ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଟଙ୍କା ଡାହୁକା ପ୍ରକଳ୍ପ ନାଁରେ



ବିଲ୍ କରି ଅଧିକାରୀ ଓ କର୍ମଚାରୀ ଚଳୁ କରୁଥିବାବେଳେ ବାସ୍ତବତା କିନ୍ତୁ ଭିନ୍ନ ବୋଲି ଅଭିଯୋଗ ହୋଇଛି। ଦୀର୍ଘ ବର୍ଷ ତଳୁ ନିର୍ମାଣ ହୋଇଥିବା ଏହି ଜଳସେଚନ ପ୍ରକଳ୍ପ କେନାଲକୁ ସଠିକ୍ ଭାବେ ମରାମତି କରାଯାଉ ନ ଥିବାବେଳେ ଚାଷଜମିରେ ପାଣି ମାଡ଼ିବା ପାଇଁ ପର୍ଯ୍ୟାପ୍ତ ସୁବିଧା ନାହିଁ। ଡାହୁକା ଜଳସେଚନ ପ୍ରକଳ୍ପ ନିକଟରେ ଦୀର୍ଘବର୍ଷ ତଳେ ଡାକବଙ୍ଗଳା ଏବଂ ଶିଶୁ ଉଦ୍ୟାନ ନିର୍ମାଣ କରାଯାଇଥିଲା। ଏହି ଡାକବଙ୍ଗଳା ଗୃହ ନିର୍ମାଣ ହେବା ପରଠାରୁ ଆଜିପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ବଙ୍ଗଳା ଗୃହ ନିର୍ମାଣ ହୋଇଥିବାବେଳେ ଖଟ, ସୋଫା ଓ ଅନ୍ୟାନ୍ୟ ଆସବାବପତ୍ର ବ୍ୟବସ୍ଥା କରା ନ ଯିବା କାରଣରୁ ଏହା ଅବ୍ୟବହୃତ ଅବସ୍ଥାରେ ରହିଛି। ସ୍ଥାନୀୟ ବାସିନ୍ଦା, ଜନପ୍ରତିନିଧି ଜଳସେଚନ ବିଭାଗକୁ ବହୁଥର ଅବଗତ କରିବା ପରେ ମଧ୍ୟ ବିଭାଗ କୌଣସି ପଦକ୍ଷେପ ନେଉନଥିବା ଦେଖାଯାଇଛି। ଉକ୍ତ ଡାକବଙ୍ଗଳା ନିକଟରେ ପର୍ଯ୍ୟଟନ ସମୟରେ ଭିଡ଼ ପରିଲକ୍ଷିତ ହେଉଥିବାବେଳେ ଜଳସେଚନ ବିଭାଗ ସୁବିଧାସୁଯୋଗ ପ୍ରଦାନରେ ଅବହେଳା କରୁଛି।

## ବିଦ୍ୟାଳୟରେ ପରିମଳ ଯୋଜନା ଦିଗହରା

ଗଣିଆ,୧୪।୮ (ସମିସ): ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସୁସ୍ଥ ଭାରତ ନିର୍ମାଣ ପାଇଁ ପରିମଳ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ସରକାର ସର୍ବଶିକ୍ଷା ଯୋଜନାରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଜରିଆରେ ସମସ୍ତ ବିଦ୍ୟାଳୟରେ ପରିଶ୍ରାଗାର ଓ ଶୌଚାଳୟ



ନିର୍ମାଣ କରୁଛନ୍ତି କିନ୍ତୁ ପ୍ରକୃତରେ ଏହି ଯୋଜନା କେତେ କାର୍ଯ୍ୟକାରୀ ହେଉଛି ତାହା ତଦନ୍ତସାପେକ୍ଷ। ଗଣିଆ ବ୍ଲକର ବିଭିନ୍ନ ବିଦ୍ୟାଳୟର ଲାଗିରହିଥିବା ସମସ୍ୟା ଦେଖିଲେ ଯୋଜନା କିପରି ଚାଲିଛି ତାହା ସହଜରେ ଅନୁମାନ କରିହେଉଛି। କେତେକ ବିଦ୍ୟାଳୟରେ ତିଆରି କରାଯାଇଥିବା ପାଇଖାନା ଓ ଶୌଚାଳୟ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ତାହା ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି। ଅନ୍ୟପକ୍ଷେ ଜଳଯୋଗାଣ ବ୍ୟବସ୍ଥା ହୋଇନଥିବାରୁ ସେଗୁଡ଼ିକ କାମରେ ଲାଗୁନଥିବା ଶିକ୍ଷକଶିକ୍ଷୟିତ୍ରୀ ଅଭିଯୋଗ କରିଛନ୍ତି। ଏପରିକି ଅନେକ ବିଦ୍ୟାଳୟରେ ହାତଧୁଆ ସାବୁନ, ଫିନାଇଲ, ବ୍ଲିଚିଂ ପାଉଡର ପକାଯାଉନଥିବାରୁ ପାଇଖାନାଗୁଡ଼ିକ ବ୍ୟବହାର ନ ହୋଇ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଅନେକ ସ୍ଥାନରେ ପାଇଖାନା ନ ଥିବା ଦେଖିବାକୁ ମିଳିଛି। ଗଣିଆ ବ୍ଲକର ପାଖାପାଖି ୭୦ ଭାଗ ବିଦ୍ୟାଳୟର ଏପରି ଅବସ୍ଥା। ଅଭିଭାବକଙ୍କ ମତରେ ଏହି ଯୋଜନାର ସଫଳ ରୂପାୟଣ ପାଇଁ ଜଳ ଓ ପରିମଳ ବିଭାଗ ଏବଂ ଶିକ୍ଷା ବିଭାଗ ଉପଯୁକ୍ତ ପଦକ୍ଷେପ ନେଉନାହାନ୍ତି। ଫଳରେ ସରକାରଙ୍କର ଏହି ଯୋଜନା ଯୋଜନାରେ ସୀମିତ ରହୁଛି। ରାଜ୍ୟ ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ମତପ୍ରକାଶ ପାଇଛି।

## ସ୍ୱାଧୀନତା ଦିବସ ଉପଲକ୍ଷେ ବାଇକ୍ ରାଲି

ନୟାଗଡ଼,୧୪।୮ (ସମିସ): ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଗୁରୁବାର ସକାଳ ୮ଟାରେ ଜିଲ୍ଲା ପ୍ରଶାସନ ନୟାଗଡ଼ ତରଫରୁ ଏକ ବିଶାଳ ବାଇକ୍ ରାଲି ଯୋଗେ ସହର ପରିକ୍ରମା କରାଯାଇଛି। ଏହି ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ମିନି ଷ୍ଟାଡିୟମ୍ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଏବଂ ଜିଲ୍ଲାର ଜିଲ୍ଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ଜନସାଧାରଣ ସାମିଲ ହୋଇଥିଲେ।

## ଓଡ଼ଗାଁ କଲେଜରେ ବିଶ୍ୱ ସଂସ୍କୃତ ଦିବସ

ଓଡ଼ଗାଁ,୧୪।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ବିଭାଗୀୟ ମୁଖ୍ୟ ମୋହନ ଚନ୍ଦ୍ର ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜ କିଶୋର ସାହୁ ଅଂଶଗ୍ରହଣ କରିଥିଲେ। ବିଭାଗୀୟ ପ୍ରାଧ୍ୟାପକ ବିପିନ ମହାପାତ୍ର ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରି ସଂସ୍କୃତ ଦିବସ ସମ୍ପର୍କରେ ସୂଚନା ଦେଇଥିଲେ। ବିଭାଗର ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟି ସଂସ୍କୃତ ଭାଷାର ମହତ୍ତ୍ୱ ବିଷୟରେ ବୁଝାଇବା ସହିତ ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀମାନେ ସଂସ୍କୃତ ଭାଷାର ମହତ୍ତ୍ୱ ଉପରେ ଅଭିଭାଷଣ ରଖିଥିବାବେଳେ ସମସ୍ତଙ୍କ ସହଯୋଗରେ ସଂସ୍କୃତ ଦିବସ ସାଫଲ୍ୟ ମଣ୍ଡିତ ହୋଇଥିଲା।

## ଶରଣକୁଳରେ ହର୍ ଘର୍ ତିରଙ୍ଗା

ଶରଣକୁଳ,୧୪।୮ (ସମିସ): ଶରଣକୁଳ ବିଜେପି ମଣ୍ଡଳ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ଶରଣକୁଳ ଗ୍ରାମ ପଞ୍ଚାୟତ କଟରାଝରୀଠାରୁ ଏକ ପଦଯାତ୍ରାରେ ବାହାରି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଶୁକ୍ରବାର ୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରତ୍ୟେକ ଘରେ ତ୍ରିରଙ୍ଗା ପତାକା ଉଡ଼ାଇବା ପାଇଁ ଜାତୀୟ ପତାକା ପ୍ରଦାନ କରିଥିଲେ। ଏହି ଅବସରରେ ଶରଣକୁଳ ବଜାର ଉପରେ ଏକ ପଥପ୍ରାନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଚସ୍ପତି ଶ୍ରୀମତୀ ପାଢ଼ୀଙ୍କ ସହିତ ଶରଣକୁଳ ଗ୍ରାମ ପଞ୍ଚାୟତ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ପୂର୍ବତନ ସରପଞ୍ଚ ଲିଙ୍ଗରାଜ ପାତ୍ର, ମନୋଜ ସାହୁ, କୁଳମଣି ମାଝୀ, ଜ୍ୟୋତିର୍ମୟ ମହାନ୍ତି, ପ୍ରମୋଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ସ୍ୱାଧୀନତା ଦିବସରେ ଗାନ୍ଧୀ ଖୋଜୁଛନ୍ତି ନିଜ ପରିଚୟ

ଖଣ୍ଡପଡ଼ା,୧୪।୮ (ସମିସ)







ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡ଼ା ଗ୍ରାମ ବଡ଼ସାହି ଗାନ୍ଧୀ ଛକର ଗାନ୍ଧୀ ମୂର୍ତ୍ତି ଏବେ ତାଙ୍କର ପରିଚୟ ଖୋଜିବା ସହ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଜାତିର ପିତା ମହାତ୍ମା ଗାନ୍ଧୀ ଯିଏ ଦିନେ ଅହିଂସା ବଳରେ ଦେଶକୁ ସ୍ୱାଧୀନତା ଆଣିଥିଲେ ସେ ନିଜେ ଆଜି ପରାଧୀନ। ପ୍ରତିଟି ଭାରତୀୟଙ୍କ ହୃଦୟରେ ଗାନ୍ଧିଜୀ ବସା ବାନ୍ଧି ରହିଛନ୍ତି। କିନ୍ତୁ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଅବହେଳିତ, ଅସୁରକ୍ଷିତ ଅବସ୍ଥାରେ ପଡ଼ି ରହିଛି। କେବଳ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ପାଳନରେ ପ୍ରଶାସନିକ ଅଧିକାରୀମାନେ ପ୍ରତିମୂର୍ତ୍ତିରେ ଫୁଲମାଳ ଗଳାଇ ଫଟୋ ଉଠେଇ ବାହାବା ନେବା ପରେ ବର୍ଷ ସାରା ଭୁଲି ଯାଉଛନ୍ତି ଏହି ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ। ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ କେହି ଏହି ଗାନ୍ଧୀ ମଣ୍ଡପର ଉନ୍ନତି ପାଇଁ ଚେଷ୍ଟା କରୁ ନ ଥିବା ସ୍ଥାନୀୟ ବାସିନ୍ଦା କ୍ଷୋଭ ପ୍ରକାଶ କରିଛନ୍ତି। ଗୁରୁବାର ଏହି ପୁରାତନ ଗାନ୍ଧୀ ମଣ୍ଡପ ସତେ ଯେମିତି ଅଲୋଡ଼ା ହୋଇପଡ଼ିଛି। ଏପରିକି ମଣ୍ଡପର ଚାରିପାଖରେ ଅନାମନା ଘାସରେ ପୂର୍ଣ୍ଣ ହୋଇଥିବା ଦେଖିବାକୁ ମିଳିବା ସହିତ ଗାଈଗୋରୁ, ବିଲେଇ, କୁକୁରଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଦେଖିବାକୁ ମିଳିଛି। ସେହିପରି ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ମଧୁବନ କ୍ରୀଡ଼ାଙ୍ଗନ ଓ କଣ୍ଟିଲୋ ଗାନ୍ଧୀ ପାର୍କରେ ଥିବା ଗାନ୍ଧୀ ମୂର୍ତ୍ତି ଭଗ୍ନ ଓ ଅବହେଳିତ ଅବସ୍ଥାରେ ଥିବାବେଳେ ଏଥିପ୍ରତି କାହାର ନିଘା ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ଏସବୁ ପ୍ରତି ସ୍ଥାନୀୟ ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ବ୍ଲକ୍ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ରଘୁନାଥଙ୍କ ମନ୍ଦିରରେ ଅଣହିନ୍ଦୁ ପ୍ରବେଶ

## ତିନି ଠାକୁରଙ୍କର ହେଲା ମହାସ୍ନାନ

ଓଡ଼ଗାଁ,୧୪।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଶ୍ରୀରଘୁନାଥଜୀଉଙ୍କ ମନ୍ଦିରରେ ଅଣହିନ୍ଦୁଙ୍କ ପ୍ରବେଶ ପ୍ରମାଣ ହେବା ପରେ ଗୁରୁବାର ଅପରାହ୍ଣରେ ମନ୍ଦିରର ସମସ୍ତ ନୀତି ବନ୍ଦ ରହିବା ସହିତ ଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମନ୍ଦିର ଭିତର ବେଢ଼ା, ବାହାର ବେଢ଼ା, ରୋଷଘର ସହିତ ସମସ୍ତ ସ୍ଥାନକୁ ସୁଧ ପାଣିରେ ଧୂଆଯାଇ ଗୋବର



ପାଣି ସାଞ୍ଚନ ଓ ଚୂନ ପକାଯାଇ ଶୋଧନ ହୋଇଥିଲା। ଦର୍ଶନ ତଥା ଭୋଗ ମଣ୍ଡପରେ ମନ୍ଦିର ପୁରୋହିତ ଶେଷଦେବ ଷଡ଼ଙ୍ଗୀଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାବିଧି ଓ ସଂସ୍କାର ହୋମ ସମ୍ପନ୍ନ ହୋଇଥିଲା। ଏଥିସହିତ ତିନି ଠାକୁରଙ୍କ ମହାସ୍ନାନ ସହିତ ପାଶ୍ୱର୍ ଦେବଦେବୀଙ୍କ ସ୍ନାନ କାର୍ଯ୍ୟ କରାଯାଇଥିଲା। ସମସ୍ତ ଶୋଧନ ନୀତି ସରିବା ପରେ ପାଳିଆ ପଣ୍ଡା ଶ୍ରୀଧର ଦାଶଙ୍କ ସହ ଅନ୍ୟ ପାଳିଆ ସେବକମାନଙ୍କ ସହଯୋଗରେ ଅଧଘଣ୍ଟା ବିଳମ୍ବରେ ସନ୍ଧ୍ୟା ନୀତି ଆରମ୍ଭ ହୋଇଥିଲା।

ସୂଚନା ଥାଉକି, ବିଜେପି କେନ୍ଦ୍ରୀୟ କାର୍ଯ୍ୟକାରିଣୀ କମିଟି ସଦସ୍ୟା ତଥା ନୟାଗଡ଼ ଜିଲ୍ଲା ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ବୁଧବାର ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମରେ ଓଡ଼ଗାଁ ଆସିଥିବାବେଳେ ସାରଦା ପ୍ରସାଦ ଶତପଥୀ ଓ ଅନ୍ୟ ସମର୍ଥକମାନଙ୍କ ସହିତ ରଘୁନାଥଙ୍କ ଦର୍ଶନ ପାଇଁ ମନ୍ଦିରକୁ ଯାଇଥିଲେ। ଏନେଇ ଓଡ଼ିଶା ଛାତ୍ର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ବିଶୋଇ ଅଣହିନ୍ଦୁ ପ୍ରବେଶକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଘଟଣାର ନିନ୍ଦା କରିଛନ୍ତି। ଏହା ହିନ୍ଦୁମାନଙ୍କ ଭାବାବେଗକୁ କୁଠାରାଘାତ ବୋଲି କହିବା ସହିତ ଘଟଣାର ଅନୁସନ୍ଧାନ ପାଇଁ ଦାବି ଜଣାଇଛନ୍ତି। ସୋସିଆଲ ମିଡିଆରେ ମନ୍ଦିର ମଧ୍ୟରେ ଏହି ଫଟୋ ଭାଇରାଲ ହେବା ପରେ ପ୍ରତ୍ୟୁଷାଙ୍କ ସହିତ ଜଣେ ଅଣହିନ୍ଦୁ ମନ୍ଦିରରେ ପ୍ରବେଶ କରିଥିବା ଜଣାପଡ଼ିଥିଲା। ମନ୍ଦିର ପ୍ରଶାସନ ଏନେଇ ପ୍ରାମାଣିକ ସୂଚନା ପାଇବା ପରେ ଗୁରୁବାର ଅପରାହ୍ଣରେ ମନ୍ଦିର ଶୋଧନ ନୀତି ଅନୁଷ୍ଠିତ ହୋଇଥିଲା।

## ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆଶାକର୍ମୀଙ୍କ ଧାରଣା

ଶରଣକୁଳ,୧୪।୮ (ସମିସ): ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ଓଡ଼ିଶା ଆଶାକର୍ମୀ ୟୁନିୟନ, ଓଡ଼ଗାଁ ବ୍ଲକ୍ ତରଫରୁ ଦୁଇଦିନ ଧରି ସମସ୍ତ ଆଶାକର୍ମୀ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ନିଜର ପାରିଶ୍ରମିକ ଠିକ୍ ସମୟରେ ପାଇବା ନିମନ୍ତେ ଧାରଣାରେ ବସିଥିଲେ। ବାରମ୍ବାର ଲିଖିତ ଓ ମୌଖିକ ଅଭିଯୋଗ କରିବା ପରେ




୧୧ ତାରିଖ ଦିନ ୩୫୦୦ ଲେଖାଏଁ ଦୁଇ ମାସର ୭୦୦୦ ଟଙ୍କା କାର୍ଯ୍ୟାଳୟ ତରଫରୁ ପ୍ରଦାନ କରାଯାଇଥିବା ଜଣାଯାଇଛି। ଆଶାକର୍ମୀଙ୍କର ଦାବି ସମ୍ପର୍କରେ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଲେ ଯେ ସେମାନଙ୍କ ପ୍ରାପ୍ୟ ଆଲଟ୍‌ମେଣ୍ଟ ଅନୁଯାୟୀ କାର୍ଯ୍ୟାଳୟ ତରଫରୁ ବିଲ୍ କରାଯାଇ ଟ୍ରେଜେରୀକୁ ପଠାଇ ଦିଆଯାଇଛି। ଅବଶିଷ୍ଟ ଯାହା ଥିବ ଆଲଟ୍‌ମେଣ୍ଟ ଆସିଲା ପରେ ବିଲ୍ କରି ଦେବୁ। ଟୋକନ୍ ନଂ ୬୭୭୭/୧୧.୮.୨୫ ରିଖ ଦିନ ୩୫ ଲକ୍ଷ ୭୮ ହଜାର ୪୯୦ ଟଙ୍କାର ବିଲ୍ ଟ୍ରେଜେରୀକୁ ପଠାଯାଇଛି। ଏହା ସବୁ ଶୁଣିବା ପରେ ଆଶାକର୍ମୀମାନେ ଧାରଣାକୁ ସ୍ଥଗିତ ରଖିଥିବା ଘୋଷଣା କରିଥିଲେ।

## ନିଶାମୁକ୍ତ ଭାରତ ଅଭିଯାନ ଶପଥପାଠ

ନୟାଗଡ଼,୧୪।୮ (ସମିସ): ବୁଧବାର ନୟାଗଡ଼ ଜିଲ୍ଲାରେ ନିଶାମୁକ୍ତ ଭାରତ ଅଭିଯାନର ୫ମ ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲ୍ଲାବ୍ୟାପୀ ସମୂହ ଶପଥପାଠ ଉତ୍ସବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାବନା ସଭାଗୃହରେ ଦିନ ୧୧ଟାରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ ନିଶା ସେବନର କୁପରିଣାମ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଅବକାରୀ ଅଧୀକ୍ଷକ ଜ୍ଞାନରଞ୍ଜନ ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ଜିଲ୍ଲାର




ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହିତ ବ୍ରହ୍ମାକୁମାରୀ ଗୀତା, ଆଇଆର୍‌ସିଏର ସମସ୍ତ କର୍ମକର୍ତ୍ତା ଯୋଗଦାନପୂର୍ବକ ନିଶା ବିରୋଧରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଦିବସ ପାଳନ ଅବସରରେ ଜିଲ୍ଲାର ସମସ୍ତ ବ୍ଲକ୍ ଓ କଲେଜରେ ବିଭିନ୍ନ ରଙ୍ଗୋଲି, ଶପଥପାଠ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ନିଶାରୁ ମୁକ୍ତି ପାଇଥିବା ୩ ଜଣ ବ୍ୟକ୍ତିଙ୍କୁ ଏ ସମ୍ବନ୍ଧୀୟ ପ୍ରଚାରପ୍ରସାରରେ ସହଯୋଗ ପାଇଁ ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। ପରିଶେଷରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ ସମସ୍ତ କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କର ଏ ସଂକ୍ରାନ୍ତରେ ପ୍ରଚାରପ୍ରସାର କରିବା ପ୍ରଚେଷ୍ଟାକୁ ଧନ୍ୟବାଦ ଦେଇଥିଲେ।

## ହର୍ ଘର୍ ତିରଙ୍ଗା, ହର୍ ଘର୍ ସ୍ୱଚ୍ଛତା ଅଭିଯାନ

ନୟାଗଡ଼,୧୪।୮ (ସମିସ): ନୟାଗଡ଼ ପୌର ପରିଷଦ ତରଫରୁ ବୁଧବାର ହର୍ ଘର୍ ତିରଙ୍ଗା, ହର୍ ଘର୍ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାଉନ୍‌ସିଲର, କାର୍ଯ୍ୟାଳୟ କର୍ମଚାରୀ, ବରିଷ୍ଠ ନାଗରିକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମାର୍କେଟ୍ ଓ ସ୍ୱଚ୍ଛତା ସଂଗଠନର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏହି ଅଭିଯାନରେ ସାମିଲ୍ ହୋଇ ପ୍ରତି ଘରେ, ପ୍ରତି ଦୋକାନୀଙ୍କୁ ପତାକା ବଣ୍ଟନ କରିବା ସହିତ ସଚେତନତା ବାର୍ତ୍ତା ଓ ସ୍ଲୋଗାନ ଦେଇଥିଲେ। ପ୍ରତି ସରକାରୀ-ବେସରକାରୀ କାର୍ଯ୍ୟାଳୟ ଓ ଦୋକାନଗୁଡ଼ିକରେ ଓଡ଼ିଆରେ ନାମଫଳକ ଲେଖିବାକୁ ପରାମର୍ଶ ଦିଆଯାଇଥିଲା। ସକାଳ ୮ଟାରେ ଏହି ସଚେତନତା ରାଲି ମ୍ୟୁନିସିପାଲିଟି କାର୍ଯ୍ୟାଳୟଠାରୁ ବାହାରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା ଓ ସେଠାରୁ ମାର୍କେଟ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏ ସବୁ ରାସ୍ତାର ଉଭୟ ପାର୍ଶ୍ୱର ସ୍ଥାନଗୁଡ଼ିକ ସଫେଇ କର୍ମଚାରୀଙ୍କ ଦ୍ୱାରା ସଫେଇ କରାଯାଇଥିଲା। ଅଧ୍ୟକ୍ଷା ନିରୂପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, କାଉନ୍‌ସିଲର ଜାନକୀ ବଲ୍ଲଭ ଜେନା, ଦୀନବନ୍ଧୁ ଗୁରୁ, ସ୍ୱର୍ଣ୍ଣପ୍ରଭା ମିଶ୍ର, ମଞ୍ଜୁ ଗୁମାନ୍ ସିଂ, ଲକ୍ଷ୍ମୀଧର ମହାପାତ୍ର, ସମାଜସେବୀ ରୁଦ୍ର ପ୍ରସନ୍ନ ରଥ, ଗଦାଧର ଜେନା, ଅଖିଳ କୁମାର ସ୍ୱାଇଁ ପ୍ରମୁଖ ସାମିଲ୍ ହୋଇଥିଲେ। ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ କନିଷ୍ଠ ପରିମଳ ବିଶେଷଜ୍ଞ ଦୀପକ କୁମାର ଜେନା ଓ ତାଙ୍କ ଟିମ୍ ପୂର୍ଣ୍ଣ ସହଯୋଗ କରିଥିଲେ।

## ଧରିତ୍ରୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ କର୍ମଶାଳା



ନୟାଗଡ଼,୧୪।୮ (ସମିସ): ନୟାଗଡ଼ ଜିଲ୍ଲାସ୍ତରୀୟ ଧରିତ୍ରୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଅନ୍ତର୍ଗତ ଗ୍ରାମର ଗୋଷ୍ଠୀ ସମ୍ବଳର ସୁପରିଚାଳନା, ବିକାଶ ଓ ସୁବିନିଯୋଗର ଏକ ପ୍ରଶିକ୍ଷଣ ତଥା କର୍ମଶାଳା ନୟାଗଡ଼ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ତହସିଲ୍‌ଦାର, ଅତିରିକ୍ତ ତହସିଲ୍‌ଦାର, ସହକାରୀ ବନ ସଂରକ୍ଷକ, ବନାଞ୍ଚଳ ଅଧିକାରୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସଦର, ସମସ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ପ୍ରଶିକ୍ଷକ, ବସୁନ୍ଧରା ପ୍ରଶିକ୍ଷକ, ୧୭ଟି ଗ୍ରାମର ଗ୍ରାମ୍ୟ ଅଧିକାର କମିଟିର ସଭାପତି ଓ ସମ୍ପାଦକ ଏବଂ ସମସ୍ତ ତହସିଲ୍‌ର ଏଫ୍‌ଆର୍ ସେଲ ସଂଯୋଜକ ସହ ଏହି ଯୋଜନା ସହ ଯୋଡ଼ି ହୋଇଥିବା ଜିଲ୍ଲାର ସଂଯୁକ୍ତ ଅଧିକାରୀମାନେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନୟାଗଡ଼ ଜିଲ୍ଲା ମଙ୍ଗଳ ଅଧିକାରୀ ଚିତ୍ତରଞ୍ଜନ ବେହେରା ପରିଚାଳନା କରିଥିଲେ।

## ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ

ଗଣିଆ,୧୪।୮ (ସମିସ): କୁନି କୁନି ଛାତ୍ରଛାତ୍ରୀ ବାଣ୍ଟିଲେ ସଚେତନତାର ବାର୍ତ୍ତା। ହାତରେ ଖଣ୍ଡିଏ ଖଣ୍ଡିଏ ଜାତୀୟ ପତାକା ଧରି ଶୋଭାଯାତ୍ରା କରିବା ସହିତ ଦେଶମାତୃକା ପାଇଁ ସ୍ଲୋଗାନ ଦେଇଥିଲେ। ଗଣିଆରେ ଥିବା ବେସରକାରୀ ଇଂରାଜୀ ବିଦ୍ୟାଳୟ



ମହାନଦୀ ପବ୍ଲିକ ସ୍କୁଲର ୬/୭ ବର୍ଷର ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଗଣିଆର ବିଭିନ୍ନ ସାହି, ବଜାର ପରିକ୍ରମା କରିବା ପରେ ବଜାରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜୀବନକୁ ଠିକ୍ ଭାବେ ବୁଝିନଥିବା ଏହି କୁନି କୁନି ଛାତ୍ରଛାତ୍ରୀଙ୍କର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅୟନ ଫାଉଣ୍ଡେସନର ମୁଖ୍ୟ ଟ୍ରଷ୍ଟି ତଥା ବିଦ୍ୟାଳୟର ସମ୍ପାଦକ ପଙ୍କଜ କୁମାର ସାହୁ, ଭାରପ୍ରାପ୍ତ ଅଧ୍ୟକ୍ଷ ରଶ୍ମିରଞ୍ଜନ ଦାଶ, ମ୍ୟାନେଜର ଅଶୋକ କୁମାରଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ତଥା ଅଭିଭାବକ ଉପସ୍ଥିତ ଥିଲେ।

ଦିନ ପରେ ଦିନ ଗଡୁଛି

## ଛେନାପୋଡ଼କୁ ମିଳିଲାନି ଜିଆଇ ମାନ୍ୟତା

ନୟାଗଡ଼,୧୪।୮ (ସମିସ)

ଛେନାପୋଡ଼ କଥା ଉଠିଲେ ଆପେ ଆପେ ମନକୁ ଚାଲିଆସେ ନୟାଗଡ଼ କଥା। ନୟାଗଡ଼ର ପ୍ରସିଦ୍ଧ ମିଠା ଛେନାପୋଡ଼କୁ ନେଇ ସବୁଠି ଚର୍ଚ୍ଚା। ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ଛେନାପୋଡ଼ ପଛରେ ନୟାଗଡ଼ର ଏକ ସ୍ୱତନ୍ତ୍ର ଭୂମିକା ରହିଛି। ନୟାଗଡ଼ ମାଟିର ସୁଯୋଗ୍ୟ ସନ୍ତାନ ସୁଦର୍ଶନ ସାହୁ ପ୍ରଥମେ ଛେନାପୋଡ଼ ପ୍ରସ୍ତୁତି କରିଥିଲେ। ଏପ୍ରିଲ ୧୧ ତାରିଖ ସୁଦର୍ଶନଙ୍କ ଜୟନ୍ତୀକୁ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଉଛି। ୨୦୨୩ ଏପ୍ରିଲ ୧୧ ତାରିଖ ଛେନାପୋଡ଼ ଦିବସ ପାଳନ ଅବସରରେ ଓର୍‌ମାସ ଅଧିକାରୀ ପ୍ରବୀଣ କୁମାର ଝା ସମସ୍ତ କାଗଜପତ୍ର ସହ ଛେନାପୋଡ଼କୁ ଜିଆଇ ମାନ୍ୟତା ପାଇଁ ଆବେଦନ କରିଥିବା ନେଇ ସୂଚନା ଦେଇଥିଲେ। ଏହା ମଧ୍ୟରେ ଦେଢ଼ ବର୍ଷ ଅତିକ୍ରାନ୍ତ କରିସାରିଥିଲେ ସୁଦ୍ଧା ଛେନାପୋଡ଼କୁ ଜିଆଇ ମାନ୍ୟତା ମିଳିପାରି ନ



ଥିବା ନୟାଗଡ଼ବାସୀଙ୍କୁ ବେଶ୍ ଦୁଃଖ ଦେଇଛି।

ନୟାଗଡ଼ ଛେନାପୋଡ଼ର ଆରମ୍ଭ ବେଶ୍ ଆଲୋଚ୍ୟ ବିଷୟ। ନୟାଗଡ଼ ଜିଲ୍ଲା ଦଶପଲ୍ଲା ସାତପାଟଣା ଗ୍ରାମରେ ୧୯୩୧ ଏପ୍ରିଲ ୧୧ରେ ଜନ୍ମଗ୍ରହଣ କରିଥିବା ସୁଦର୍ଶନ ନୟାଗଡ଼ କଚେରୀ ବଜାରରେ ଏକ ଜଳଖିଆ ଦୋକାନ କରିଥିଲେ। ଥରେ ବଳକା ଛେନାକୁ କ'ଣ କରିବେ ଭାବି ଏକ ନିଆରା ମିଠା ପ୍ରସ୍ତୁତ କରିବାକୁ ବସି ପଡ଼ିଥିଲେ। ଉକ୍ତ ନିଆରା ମିଠା ଆଜି ଛେନାପୋଡ଼ ଭାବେ ପରିଚୟଲାଭ କରିଛି। ଓର୍‌ମାସ୍ ପକ୍ଷରୁ ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବା ନେଇ ଆବେଦନ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏଥିପ୍ରତି ଆନ୍ତରିକତାର ସହିତ ଉଦ୍ୟମ ହୋଇନଥିବା ଜଣାଯାଇଛି। ନୟାଗଡ଼ ଛେନାପୋଡ଼ ପ୍ରତ୍ୟେକ ଦିନ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠାଯାଉଥିବା ବେଳେ ଏହା ଏକ କୁଟୀରଶିଳ୍ପରେ ପରିଣତ ହୋଇସାରିଛି। ଛେନାପୋଡ଼ କେଜି ୧୦୦ରୁ ଆରମ୍ଭ କରି ୩୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ନୟାଗଡ଼ ମୁଖ୍ୟ ଟ୍ରାଫିକ୍ ଛକରେ ପ୍ରତ୍ୟେକ ଦିନ ଶହ ଶହ କ୍ୱିଣ୍ଟାଲ ଛେନାପୋଡ଼ ବିକ୍ରି ହେଉଥିବାବେଳେ ଭାପୁର ବ୍ଲକ୍ ଫତେଗଡ଼ଠାରେ ପ୍ରତ୍ୟେକ ଦିନ ଏକ ଟନ୍‌ରୁ ଊର୍ଦ୍ଧ୍ୱ ଛେନାପୋଡ଼ ବିକ୍ରି ହେଉଛି। ନୟାଗଡ଼ ଏବଂ ଏହାର ଆଖପାଖ ଗ୍ରାମ ତଥା ମାଛିପଡ଼ା, ସୋଲପଟା, ଇଟାମାଟି, ଖଣ୍ଡପଡ଼ା, ଭାପୁର ଆଦି ଅଞ୍ଚଳରେ ଛେନାପୋଡ଼ ପ୍ରସ୍ତୁତ କରାଯାଇ ଛୋଟ ଛୋଟ ଚଟକା ଡେକ୍‌ଚି ଏବଂ ପାତ୍ରରେ ପ୍ୟାକ୍ କରାଯାଇ ରାଜ୍ୟର ବିଭିନ୍ନ ଅଞ୍ଚଳ ଏବଂ ରାଜ୍ୟ ବାହାରକୁ ପଠାଯାଉଛି।




Lunching of Zoom 125, Courtesy Soumik Hero, Jajpur Road